DHARITRI
ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୫/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, November 15/2022 | Page 16 | ₹ 7.00 | ★★★★★★
୪୮ଶ ଭାଗ ୩୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 349 | ମୂଲ୍ୟ ₹୭/-



## ଅର୍ଜୁନ ପୁରସ୍କାର ପାଇବେ ଦୀପ୍‌ଗ୍ରେସ୍

ମହିଳା ହକି ତାରକା ଦୀପ୍ ଗ୍ରେସ୍ ଏକ୍କା ଓଡ଼ିଶାର ଦ୍ୱାଦଶ ଖେଳାଳି ଭାବେ ଅର୍ଜୁନ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

୧୬

୦୨

## ଗୌରବ ଦ୍ୱିବେଦୀ ପ୍ରସାର ଭାରତୀ ସିଇଓ

୧୯୯୫ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇଏଏସ୍ ଅଫିସର ଗୌରବ ଦ୍ୱିବେଦୀ ପ୍ରସାର ଭାରତୀର ସିଇଓ ନିଯୁକ୍ତ ହୋଇଛନ୍ତି।



# ବିହନ ସଙ୍କଟରେ ଆଳୁଚାଷୀ

**ଆଳୁ ଅଭାବ ଦୂର କରିବା ସହ ଏ କ୍ଷେତ୍ରରେ ରାଜ୍ୟକୁ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ପଟାଟୋ ମିଶନ(ଆଳୁ ମିଶନ) ୨୦୧୫-୧୬ରେ କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶାର ମାଟି ଓ ଜଳବାୟୁ ଆଳୁଚାଷ ନିମନ୍ତେ ଉପଯୋଗୀ। ହେଲେ ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ଅଭାବ, ନିର୍ଦ୍ଧାରିତ ସମୟରେ ବିହନ ଯୋଗାଣ, ଶୀତଳଭଣ୍ଡାର ଆଦି ସମସ୍ୟା ଯୋଗୁ ଏହି ମିଶନ ଏକ ପ୍ରକାର ଫେଲ୍ ମାରିଛି। ରାଜ୍ୟର ଚାଷୀମାନେ ବର୍ତ୍ତମାନ ଆଳୁଚାଷ ପାଇଁ କ୍ଷେତ ପ୍ରସ୍ତୁତ କରି ରହିଛନ୍ତି। କିନ୍ତୁ ସରକାରୀ ବିହନ ଯୋଗାଣ ନ ହେବା ଯୋଗୁ ସେମାନେ ସଙ୍କଟରେ ପଡ଼ିଛନ୍ତି।**

**ଅନିଲ ଦାସ, ଜଗନ୍ନାଥ ଧଳ, ଗିରିଧାରୀ ପରିଚ୍ଛା, ହର୍ଷବର୍ଦ୍ଧନ ବେହେରା, ବୀରେନ୍ଦ୍ର ଝାଙ୍କର**

ଭୁବନେଶ୍ୱର (ବ୍ୟୁରୋ)/କେନ୍ଦ୍ରାପଡ଼ା ଅଫିସ୍/ପାରଳାଖେମୁଣ୍ଡି (ଡି.ଏନ୍.ଏ.)/ଯାଜପୁର ଅଫିସ୍/ ବଲାଙ୍ଗୀର ଅଫିସ୍, ୧୪।୧୧

ରାଜ୍ୟ ସରକାର ଆଳୁ ମିଶନକୁ ଜୋରସୋରରେ ପ୍ରଚାର ପ୍ରସାର କଲେ। ବଜାରର ଚାହିଦା ଓ ମୂଲ୍ୟକୁ ଦେଖି ବିଭିନ୍ନ ଜିଲାରେ ଚାଷୀମାନେ ଏହି ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତେବେ ଶୀତଳଭଣ୍ଡାର ଅଭାବ ଏବଂ ଉପଯୁକ୍ତ ସମୟରେ ସରକାରୀ ବିହନ ନ ମିଳିବା ଚାଷୀମାନଙ୍କ ଏଭଳି ଉତ୍ସାହ ଆଗରେ ପ୍ରତିବନ୍ଧକ ସାଜିଛି। ଏ କ୍ଷେତ୍ରରେ କେନ୍ଦ୍ରାପଡ଼ା, ଗଜପତି, ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ।

କେନ୍ଦ୍ରାପଡ଼ା ଜିଲାରେ ସରକାରୀ ବିହନ ଯୋଗାଣ ଅଦ୍ୟାବଧି ହୋଇ ନ ଥିବାରୁ ବଜାରରୁ ଅଧିକ ଦାମ ଦେଇ ଚାଷୀମାନେ ବିହନ କିଣୁଛନ୍ତି। ଜିଲାରେ ପ୍ରତିଦିନ ୬୦୦ କୁଇଣ୍ଟାଲ ଆଳୁ ବ୍ୟବହାର ହେଉଥିଲେ ମଧ୍ୟ ପ୍ରାୟ ୭୦୦ ହେକ୍ଟର ଜମିରେ ପ୍ରତିବର୍ଷ ଆଳୁ ଚାଷ ହୋଇଥାଏ। ଚଳିତ ବର୍ଷ ୧ ହଜାର ହେକ୍ଟର ଜମିରେ ଆଳୁଚାଷ ହେବ ବୋଲି ଉଦ୍ୟାନ କୃଷି ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଛି। ହେକ୍ଟର ପିଛା ୧୫ କୁଇଣ୍ଟାଲ ହିସାବରେ ଚାଷୀଙ୍କୁ ୧୫,୦୦୦ କୁଇଣ୍ଟାଲ ବିହନ ଆବଶ୍ୟକ। ତେବେ ଅଦ୍ୟାବଧି ୧ କିଲୋଗ୍ରାମ ମଧ୍ୟ ସରକାରୀ ବିହନ ଚାଷୀଙ୍କ ନିକଟରେ ପହଞ୍ଚି ନାହିଁ। ଜିଲା କୃଷକ ସଭା ସମ୍ପାଦକ ଗୟାଧର ଧଳ କହିଛନ୍ତି, ଚଳିତବର୍ଷ ଆଳୁଚାଷକୁ ଚାଷୀ ଅଧିକ ଗୁରୁତ୍ୱ ଦେଇଛନ୍ତି। ବନ୍ୟା ଓ ଗତ ଲଘୁଚାପଜନିତ ବର୍ଷା ଖରିଫ ଚାଷକୁ ଉଜାଡ଼ି ଦେଇଛି। ଆଳୁଚାଷ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ ଚାଷୀଙ୍କୁ ଉପଯୁକ୍ତ ବିହନ ମିଳିନାହିଁ। ଚାଷୀ ଏନେଇ ଜିଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଛନ୍ତି ଏବଂ ନିରାଶ ହୋଇ ଫେରୁଛନ୍ତି। ଚାଷୀଙ୍କ ହାଡ଼ଭଙ୍ଗା ପରିଶ୍ରମ ବିହନ ବିହୁନେ ନଷ୍ଟ ☞ପୃଷ୍ଠା-୪



## ଉତ୍ପାଦନଠାରୁ ୪ ଗୁଣ ଚାହିଦା

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ରାଜ୍ୟ ପାଇଁ ବାର୍ଷିକ ପ୍ରାୟ ୧୩ ଲକ୍ଷ ମେଟ୍ରିକ୍ ଟନ ଆଳୁ ଆବଶ୍ୟକ ହେଉଛି। ହେଲେ ଉତ୍ପାଦନ ହେଉଛି ପ୍ରାୟ ୩ ଲକ୍ଷ ମେଟ୍ରିକ ଟନ୍, ଯାହାକି ଚାହିଦାର ୪ ଭାଗରୁ କମ୍। ଫଳରେ ଓଡ଼ିଶାକୁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ବିହାର, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଭଳି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ରାଜ୍ୟରେ ଉତ୍ପାଦନ ଅଭାବ ଏବଂ ଶୀତଳଭଣ୍ଡାର ଅଭାବ ଯୋଗୁ ଖାଉଟିମାନଙ୍କୁ ଶେଷରେ ଚଢ଼ାଦରରେ ଆଳୁ କିଣିବାକୁ ପଡୁଛି।

### ଦିଗହରା ଆଳୁ ମିଶନ

ରାଜ୍ୟ ସରକାର ୨୦୧୫-୧୬ରୁ ଏହି ମିଶନ ଆରମ୍ଭ କରିବା ସହ ୨୦୧୭-୧୮ ସୁଦ୍ଧା ୧୧,୨୫,୦୦୦ ମେଟ୍ରିକ ଟନ ଉତ୍ପାଦନ ଲକ୍ଷ୍ୟ ☞ପୃଷ୍ଠା-୪

## ଆମିକସ୍ କ୍ୟୁରି ନିଯୁକ୍ତ

**ସୁପ୍ରିମକୋର୍ଟରେ ଚିଟ୍‌ଫଣ୍ଡ ଦୁର୍ନୀତି**

**ନୂଆଦିଲ୍ଲୀ,୧୪।୧୧:** ଓଡ଼ିଶାର ହାଇ-ପ୍ରୋଫାଇଲ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତରେ ସହଯୋଗ ପାଇଁ ସୁପ୍ରିମକୋର୍ଟ ସୋମବାର ବରିଷ୍ଠ ଆଇନଜୀବୀ ଗୌରବ ଅଗ୍ରୱାଲଙ୍କୁ ଆମିକସ୍ କ୍ୟୁରି ରୂପେ ନିଯୁକ୍ତ କରିଛନ୍ତି। ଜମାକାରୀମାନେ ନିଜ କଷ୍ଟ ଅର୍ଜିତ ଧନ ଫେରିପାଇ ନ ଥିବାବେଳେ ଆମିକସ୍ କ୍ୟୁରିଙ୍କ ନିଯୁକ୍ତି ସେମାନଙ୍କ ମନରେ ଆଶା ସଞ୍ଚାର କରିଛି।

ଗତ ଅକ୍ଟୋବର ୧୧ରେ ସୁପ୍ରିମକୋର୍ଟ ଏକ ରିଟ୍ ପିଟିଶନ୍‌ର ଶୁଣାଣି କରି ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦିଗରେ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ରିପୋର୍ଟ ଦାଖଲ ☞ପୃଷ୍ଠା-୪




## ବର୍ଷାଙ୍କୁ ବିଜେଡି ଟିକେଟ

**ପଦ୍ମପୁର ଉପନିର୍ବାଚନ**

- ଦିବଂଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ବଡ଼ ଝିଅ
- ବରିଷ୍ଠ ଭାଜପା ନେତା ରମାରଞ୍ଜନଙ୍କ ବୋହୂ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ଲାଗି ପ୍ରବଳ ମାନସମନ୍ଥନ ପରେ ବିଜେଡି ତା'ର ପ୍ରାର୍ଥୀଙ୍କ ନାଁ ସୋମବାର ଘୋଷଣା କରିଛି। ଦଳ ପକ୍ଷରୁ ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଝିଅ ବର୍ଷା ସିଂ ବରିହାଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ଘୋଷଣା କରାଯାଇଛି। ଭଦ୍ରକ ଜିଲାର ଧାମନଗର ଉପନିର୍ବାଚନରେ ପ୍ରାର୍ଥୀ ଚୟନକୁ ନେଇ ବିଜେଡି ଦ୍ୱନ୍ଦ୍ୱରେ ପଡ଼ିଥିଲା। ଏହାସହ ଦଳ ବିପକ୍ଷରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ସେଠାରେ ବିଦ୍ରୋହୀ ପ୍ରାର୍ଥୀ ହେବା କାରଣରୁ ବିଜେଡି ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ତେଣୁ ଦଳ ଏଠାରେ ପ୍ରାର୍ଥୀ ଚୟନରେ ସାମାନ୍ୟ ଦ୍ୱନ୍ଦ୍ୱରେ ପଡ଼ିବା ପରେ କୌଣସି ପ୍ରକାରେ କଳବଳିଆ ନିଷ୍ପତ୍ତି ନେଇ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦେଇଥିବା ଚର୍ଚ୍ଚା ହେଉଛି। ହେଲେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବର୍ଷା ସିଂ ବରିହା ହେଉଛନ୍ତି ବିବାହିତା। ସେ ଉପକୂଳ ଅଞ୍ଚଳ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ☞ପୃଷ୍ଠା-୪



ବର୍ଷା ସିଂ ବରିହା

ଆଜିର ସମ୍ପାଦକୀୟ ଅଜ୍ଞାନ ଲକ୍ଷଣ

DSPL - 282

ଓଡ଼ିଶା ସରକାର
ସମବାୟ ବିଭାଗ

୬୯ତମ
ନିଖିଳ ଭାରତ ସମବାୟ ସପ୍ତାହ ୨୦୨୨
୧୪ - ୨୦ ନଭେମ୍ବର ୨୦୨୨
ରାଜ୍ୟସ୍ତରୀୟ ସମବାୟ ମହୋତ୍ସବ
୧୪ - ୧୬ ନଭେମ୍ବର ୨୦୨୨, ଉତ୍କଳ ମଣ୍ଡପ, ଭୁବନେଶ୍ୱର
ଅପରାହ୍ନ ୩ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ





୬୯ ତମ ସମବାୟ ସପ୍ତାହ ପାଳନ ଅବସରରେ ସମବାୟର ସେବା ଓ ପ୍ରତିବଦ୍ଧତା

- ରାଜ୍ୟରେ ଯୋଗାଇ ଦିଆଯାଇଥିବା ସମୁଦାୟ କୃଷି ଋଣର ୫୮ ପ୍ରତିଶତ ସମବାୟ ବ୍ୟାଙ୍କ/ସମିତି ଜରିଆରେ ପ୍ରଦାନ । ରୂପେ କିଷାନ କାର୍ଡ ଦ୍ୱାରା ଯେକୌଣସି ଏ.ଟି.ଏମ୍‌ରୁ କୃଷି ଋଣ ଉଠାଣ ସୁବିଧା
- ସରକାରଙ୍କର ସୁଧ ରିହାତି ଯୋଜନାରେ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୂର୍ଦ୍ଧ୍ୱ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାତ୍ର ୨% ସୁଧ ହାରରେ କୃଷି ଋଣ ବ୍ୟବସ୍ଥା
- ସମବାୟ ବ୍ୟାଙ୍କ / ସମିତି ମାଧ୍ୟମରେ ୨୦୨୧-୨୨ ଆର୍ଥିକ ବର୍ଷରେ ୧୦୧୨୭ ଜଣ ହିତାଧିକାରୀମାନଙ୍କୁ ୧୪୪.୩୨ କୋଟି ଟଙ୍କାର ମଧ୍ୟମ /ଦୀର୍ଘ ମିଆଦି କୃଷିଋଣ ଯୋଗାଣ
- ୨୦୨୦-୨୧ରେ ସମବାୟ ବ୍ୟାଙ୍କ / ସମିତି ମାଧ୍ୟମରେ ମିଶନଶକ୍ତି ଅନ୍ତର୍ଭୁକ୍ତ ୧୩୭୪୦ଟି SHGଙ୍କୁ ୨୨୦.୧୪ କୋଟି ଟଙ୍କା ଋଣ ପ୍ରଦାନ
- ଖରିଫ ୨୦୨୧ ବର୍ଷରେ ୨୬୬୮୬୮୧ଟି ଆବେଦନ ବାବଦକୁ ଚାଷୀମାନଙ୍କୁ ଅଦ୍ୟାବଧି ୯୫୯ କୋଟି ଟଙ୍କା ଫସଲ ବୀମା ପ୍ରଦାନ
- PACS ମାନଙ୍କୁ online କରାଯାଇ କୋର୍ ବ୍ୟାଙ୍କିଙ୍ଗ୍ ସଲ୍ୟୁସନ (ସି.ବି.ଏସ୍.) ସହିତ ସଂଯୋଗୀକରଣ । ଏ କ୍ଷେତ୍ରରେ ଓଡ଼ିଶା ଦେଶର ସର୍ବପ୍ରଥମ ରାଜ୍ୟ
- ୨୦୨୧-୨୨ ଖରିଫ ବିପଣନ ଋତୁରେ ୨୪୩୧ଟି PACS, ୫୬୧ଟି SHG ଓ ୪ ଗୋଟି ପାଣି ପଂଚାୟତ ମାଧ୍ୟମରେ ୩୮୬୨ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇ ୧୫,୧୪,୬୮୦ ଚାଷୀଙ୍କଠାରୁ ଧାନ କ୍ରୟ ବାବଦକୁ ୧୩,୭୮୧.୧୨ କୋଟି ଟଙ୍କା ପ୍ରଦାନ
- ସରକାରଙ୍କ ମୂଲ୍ୟ ସମର୍ଥନ ଯୋଜନା (Price Support Scheme)ମାଧ୍ୟମରେ ମୁଗ, ବିରି, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଞ୍ଜି ମାର୍କଫେଡ ସହାୟତାରେ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରି ଉକ୍ତ ମୂଲ୍ୟକୁ ଚାଷୀମାନଙ୍କ ବ୍ୟାଙ୍କ ଜମାଖାତାରେ ସିଧାସଳଖ ପୈଠ
- ମାର୍କଫେଡ ଦ୍ୱାରା ସାର ବିତରଣ ଏବଂ ହିସାବ ନିରୀକ୍ଷଣ ପାଇଁ SAP (ERP) ସମବାୟ ସପ୍ତାହରେ ହେବ ଉଦ୍‌ଘାଟିତ
- ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘକୁ ISO ୯୦୦୧-୨୦୧୫ certificate ପ୍ରାପ୍ତ
- ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ବୟନିକା ଏବଂ ଉତ୍କଳିକା ସଫଳ ବ୍ୟବସାୟିକ ମଡେଲ ଭାବେ ପ୍ରତିଷ୍ଠିତ
- ଓମ୍‌ଫେଡ଼ ସହଯୋଗରେ ୨୭୩କୋଟି ବିନିଯୋଗ କରାଯାଇ ୫୧ ଏକର ଜମିରେ କଟକଠାରେ ଦୈନିକ ୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ମେଗା ଦୁଗ୍ଧ ପ୍ରକ୍ରିୟାକରଣ ପ୍ରକଳ୍ପ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ
- ରାଜ୍ୟ କୃଷି ବିପଣନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ଲକ୍ଷ୍ୟରେ ଇ-ବାଣିଜ୍ୟ କାରବାର ସୁବିଧା । ଅଦ୍ୟାବଧି ୫୪ ଟି କୃଷି ବଜାରରେ ଇ-ନାମ ପ୍ଲାଟଫର୍ମର ବ୍ୟବସ୍ଥା
- ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଅଧିନରେ ଥିବା ୫୧ଟି ପଣ୍ୟାଗାରକୁ WDRA ଦ୍ୱାରା ପଂଜିକୃତ କରିବା ପାଇଁ ପଦକ୍ଷେପ ନିଆଯାଇଅଛି
- ନଭେମ୍ବର ୨୦୨୨ ସୁଦ୍ଧା ରାଜ୍ୟର ୪୯ଟି ପଣ୍ୟାଗାରର ପରିଚାଳନା ବ୍ୟବସ୍ଥା (Warehouse Management System) ଅନ୍‌ଲାଇନ ମାଧ୍ୟମରେ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା

OSCB | MARKFED | OCHC | OCCF | omfed | boyanika | Utkalika | ଟି.ଡି.ସି.ସି | ଓପୋଲଫେଡ୍ OPOLFED | SERIFED | TALAGUDA SAMABAYA | OBCFDCC | OSCSTDFCC | FISHFED | OMVSN | OSCU

OIPR-39004/13/0003/2223



ନୂତନ ତଥା ବିକଶିତ ଭାରତ ପାଇଁ ବଡ଼ ସ୍ୱପ୍ନ ଦେଖିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ପିଲାମାନଙ୍କୁ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ଭବନ କଲ୍‌ଚରାଲ ସେଣ୍ଟରରେ ବିଭିନ୍ନ ସ୍କୁଲ୍‌ର ପିଲାଙ୍କୁ ଉଦ୍‌ବୋଧନ ବେଳେ ଭାରତର ସଂସ୍କୃତି ସହ ଜଡ଼ିତ ରହିବା ଏବଂ ମାତାପିତାଙ୍କୁ ସମ୍ମାନ ଦେବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ। ସେ କହିଥିଲେ, ବାଲ୍ୟାବସ୍ଥା ଜୀବନର ସବୁଠୁ ସୁନ୍ଦର ପର୍ଯ୍ୟାୟ। ଆଜି ଆମେ ପିଲାମାନଙ୍କ ନିଷ୍ପାପ ଓ ପବିତ୍ରତାକୁ ପାଳନ କରୁଛୁ। ପ୍ରତି ନୂଆ ପିଢ଼ି ନୂଆ ସମ୍ଭାବନା ଓ ସ୍ୱପ୍ନ ଆଣିଥାଏ। ଏହା ସୂଚନା ପ୍ରଯୁକ୍ତି ବିପ୍ଳବର ନୂଆ ଯୁଗ। ତେଣୁ ନୂଆ ଭାରତ ଲାଗି ପିଲାମାନେ ସ୍ୱପ୍ନ ଦେଖନ୍ତୁ।



## ସଂକ୍ଷେପରେ

### ଗୌରବ ଦ୍ୱିବେଦୀ ପ୍ରସାର ଭାରତୀ ସିଇଓ



**ନୂଆଦିଲ୍ଲୀ,୧୪।୧୧(ପି.ଟି.):** ବରିଷ୍ଠ ଆଇଏଏସ୍ ଅଫିସର ଗୌରବ ଦ୍ୱିବେଦୀ ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର (ସିଇଓ) ଭାବେ ସୋମବାର ନିଯୁକ୍ତ ହୋଇଛନ୍ତି। ୧୯୯୫ ବ୍ୟାଚ୍ ଛତିଶଗଡ଼ କ୍ୟାଡର ଆଇଏଏସ୍ ଅଫିସର ଦ୍ୱିବେଦୀ ଏହି ପଦବୀରେ ୫ ବର୍ଷ ରହିବେ। ପୂର୍ବରୁ ସେ ସରକାରଙ୍କ ନାଗରିକ ଯୋଗାଯୋଗ ପ୍ଲାଟଫର୍ମ MyGovIndiaର ସିଇଓ ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରୁ ପ୍ରସାର ଭାରତୀ ସିଇଓ ଥିବା ଶଶୀଶେଖର ଭେମ୍ପତିଙ୍କର ୫ ବର୍ଷିଆ କାର୍ଯ୍ୟକାଳ ଶେଷ ହେବା ପରେ ଦୂରଦର୍ଶନର ମହାନିର୍ଦ୍ଦେଶକ ମୟଙ୍କ ଅଗ୍ରୱାଲଙ୍କୁ ଗତ ଜୁନ୍‌ରେ ପ୍ରସାର ଭାରତୀ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

**ନ୍ୟାଶନାଲ ହେରାଲ୍ଡ ମାମଲା**

### ଇଡିରେ ହାଜର ହେଲେ ଶିବକୁମାର



**ନୂଆଦିଲ୍ଲୀ,୧୪।୧୧(ପି.ଟି.):** ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ ସଭାପତି ଡି.କେ. ଶିବକୁମାର ସୋମବାର ଦିଲ୍ଲୀସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଛନ୍ତି। ଏହି ମାମଲାରେ ଇଡି ଦ୍ୱିତୀୟ ଥର ପାଇଁ ଶିବକୁମାରଙ୍କ ବୟାନ ରେକର୍ଡ କରିଛି। ଇଡି ଚାହିଁଥିବା ସମସ୍ତ ଦସ୍ତାବିଜ୍ ସେ ଦାଖଲ କରିଛନ୍ତି ବୋଲି କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ଶିବକୁମାର ଖବରଦାତାମାନଙ୍କୁ କହିଛନ୍ତି। ଏହି ମାମଲାରେ ଇଡି ପୂର୍ବରୁ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ପୱନ ବଂଶଲଙ୍କୁ ଜେରା କରିଥିଲା। ୟଙ୍ଗ ଇଣ୍ଡିଆରେ ଗାନ୍ଧୀ ପରିବାରର ଅଧିକ ଶେୟାର ରହିଛି।

### ଚଣ୍ଡିଗଡ଼ ବିମାନବନ୍ଦରରୁ ୫୨ ଲକ୍ଷ ଟଙ୍କାର ସୁନା ଜବତ

**ଲୁଧିଆନା,୧୪।୧୧:** ଚଣ୍ଡିଗଡ଼ର ଶହୀଦ ଭଗତ ସିଂ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସୀମାଶୁଳ୍କ ଅଧିକାରୀମାନେ ୫୨ ଲକ୍ଷ ଟଙ୍କା ମୂଲ୍ୟର ସୁନା ଜବତ କରିବା ସହ ଚୋରାଚାଲାଣ ଉଦ୍ୟମକୁ ପଣ୍ଡ କରିଦେଇଛନ୍ତି। ଏହି ଘଟଣାରେ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଛି। ଲୁଧିଆନା ସୀମାଶୁଳ୍କ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଗୋଇନ୍ଦା ସୂଚନା ଆଧାରରେ ଗତ ୧୨ ତାରିଖରେ ଦୁବାଇରୁ ଚଣ୍ଡିଗଡ଼ ଆସିଥିବା ଇଣ୍ଡିଗୋ ବିମାନର ଜଣେ ଯାତ୍ରୀଙ୍କ ଉପରେ ନଜର ରଖାଯାଇଥିଲା। ତାଙ୍କୁ ଯାଞ୍ଚ କରାଯିବାରୁ ପଗଡ଼ିରୁ ୧୨ଟି ଏବଂ ଟ୍ରାଉଜର ଅଣ୍ଟା ଓ ଜିପ୍‌ରୁ ୨ଟି ପେଷ୍ଟ ପାଉଚ୍ ମିଳିଥିଲା। ଏଥିରେ ଥିବା ସୁନା ପରିମାଣ ୧,୨୨୩ ଗ୍ରାମ, ଯାହାର ବଜାର ମୂଲ୍ୟ ୫୨,୮୮,୩୫ ଟଙ୍କା ବୋଲି ସୀମାଶୁଳ୍କ ବିଭାଗ କହିଛି।

# ପାର୍ଟନରଙ୍କୁ ୩୫ ଖଣ୍ଡ

**୨୬ ବର୍ଷୀୟା ଶ୍ରଦ୍ଧା ୱାକର ଏବଂ ୨୮ ବର୍ଷୀୟ ଅଫ୍‌ତାବ ଅମିନ୍ ପୁନାୱାଲା। ମୁମ୍ବାଇରେ ଦୁହେଁ ସହକର୍ମୀ ଥିଲେ। ପରସ୍ପରକୁ ଡେଟିଂ କରୁଥିଲେ। ସମ୍ପର୍କକୁ ଝିଅ ଘର ସ୍ୱୀକୃତି ନ ଦେବାରୁ ଉଭୟେ ଦିଲ୍ଲୀ ଯାଇ ମେହରୁଲିର ଏକ ଫ୍ଲାଟ୍‌ରେ ରହିଲେ। ମେ' ୧୮ରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଲା। ଶ୍ରଦ୍ଧାଙ୍କୁ ତାଙ୍କ ଲିଭ୍-ଇନ୍ ପାର୍ଟନର ତଣ୍ଟିଚିପି ହତ୍ୟା କଲେ। ତାଙ୍କ ଶରୀରକୁ ୩୫ ଖଣ୍ଡ କରି କାଟିଲେ। ଧରା ନ ପଡ଼ିବା ପାଇଁ ଏକ ୩୦୦ ଲିଟର ଫ୍ରିଜ୍ କିଣିଆଣିଲେ। ତା' ଭିତରେ ଖଣ୍ଡବିଖଣ୍ଡିତ ମୃତଦେହକୁ ଭର୍ତ୍ତିକରି ୧୮ ଦିନ ରଖିଲେ। ପଚା ଦେହର ଦୁର୍ଗନ୍ଧ ଯେମିତି ବାହାରକୁ ନ ଆସିବ, ସେଥିଲାଗି ସେ ଧୂପକାଠି ଓ ରୁମ୍ ଫ୍ରେସ୍‌ନର ଦେଉଥିଲେ। ଶ୍ରଦ୍ଧାଙ୍କ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ସେ ପଲିବ୍ୟାଗ୍‌ରେ ନେଇ ମେହରୁଲି ଜଙ୍ଗଲର ବିଭିନ୍ନ ସ୍ଥାନରେ ଫିଙ୍ଗିଲେ। ଏଥିପାଇଁ ଅଫ୍‌ତାବଙ୍କୁ ପ୍ରତିଦିନ ରାତି ୨ଟାରେ ଘରୁ ବାହାରିବାକୁ ପଡୁଥିଲା। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଜାତୀୟ ରାଜଧାନୀ ଦିଲ୍ଲୀର ଏହି ଅପରାଧ ଏବେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅଭିଯୁକ୍ତ ଅଫ୍‌ତାବଙ୍କୁ ପୋଲିସ ଗିରଫ କରି ସୋମବାର ୫ ଦିନିଆ ରିମାଣ୍ଡରେ ନେଇଛି।**



ଅଫ୍‌ତାବ ଅମିନ୍ ପୁନାୱାଲା



ଶ୍ରଦ୍ଧା ୱାକର

**ନୂଆଦିଲ୍ଲୀ,୧୪।୧୧**

**ଦିଲ୍ଲୀରେ ଚାଞ୍ଚଲ୍ୟ**

- ■କଲ୍ ସେଣ୍ଟରରେ ପ୍ରେମ
- ■ସମ୍ପର୍କକୁ ପରିବାରର ବିରୋଧ
- ■ମୁମ୍ବାଇରୁ ଦିଲ୍ଲୀ ଯାଇ ଅବସ୍ଥାନ
- ■ଶ୍ରଦ୍ଧାଙ୍କ ଫୋନ୍ ସୁଇଚ୍ ଅଫ୍
- ■ପୋଲିସକୁ ଜଣାଇଲେ ବାପା
- ■ଦୋଷ ମାନିଲେ ପାର୍ଟନର ଅଫ୍‌ତାବ
- ■ବିବାହ ପାଇଁ ଝଗଡ଼ା ହେଉଥିଲା
- ■୩୫ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗିଦେଇଛି



ମହାରାଷ୍ଟ୍ରର ପାଲଘର ନିବାସୀ ବିକାଶ ମଦନ ୱାକରଙ୍କ ଝିଅ ଶ୍ରଦ୍ଧା ମୁମ୍ବାଇର ଏକ ବହୁରାଷ୍ଟ୍ରୀୟ କମ୍ପାନୀର କଲ୍ ସେଣ୍ଟରରେ କାମ କରୁଥିଲେ। ସେଠାରେ ଅଫ୍‌ତାବଙ୍କ ସହ ତାଙ୍କର ପ୍ରଥମ ଦେଖା ହୋଇଥିଲା। ଦୁହେଁ କାମ କରୁଥିବାବେଳେ ପରସ୍ପରକୁ ମନ ଦେଇବସିଲେ। ଡେଟିଂ ସହ ବୁଲାବୁଲି କରୁଥିଲେ। ଉଭୟେ ଭିନ୍ନ ଧର୍ମର ହୋଇଥିବାରୁ ପରିବାର ଲୋକେ ସମ୍ପର୍କକୁ ବିରୋଧ କରିଥିଲେ। ଫଳରେ ଗତ ଏପ୍ରିଲ ଶେଷ କିମ୍ବା ମେ' ପ୍ରଥମ ସପ୍ତାହରେ ଦୁହେଁ ଦିଲ୍ଲୀ ଆସି ଏକ ଭଡ଼ାଘରେ ରହୁଥିଲେ। ମେ' ମଧ୍ୟଭାଗରେ ବିବାହକୁ ନେଇ ଦୁହିଁଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା। ତେବେ ଶ୍ରଦ୍ଧାଙ୍କ ମୋବାଇଲ ଫୋନ୍ ୨ ମାସ ହେଲା ସୁଇଚ୍ ଅଫ୍ ହୋଇଯାଇଥିବା ନେଇ ଜଣେ ବାନ୍ଧବୀ ଗତ ସେପ୍ଟେମ୍ବରରେ ତାଙ୍କ ଭାଇଙ୍କୁ ଜଣାଇଥିଲେ। ସେହି ଅବଧି ମଧ୍ୟରେ ଶ୍ରଦ୍ଧା ସୋସିଆଲ ମିଡିଆରେ ମଧ ଗୋଟିଏ ହେଲେ ପୋଷ୍ଟ କରି ନ ଥିବା ପରିବାର ଲୋକେ ଯାଞ୍ଚ କରି ଜାଣିବାକୁ ପାଇଲେ। ନଭେମ୍ବରରେ ପୀଡ଼ିତାଙ୍କ ବାପା ବିକାଶ ମଦନ ୱାକର ମୁମ୍ବାଇ ପୋଲିସ ନିକଟରେ ଝିଅ ନିଖୋଜ ଥିବା ନେଇ ଏତଲା ଦେଇଥିଲେ। ପ୍ରାଥମିକ ତଦନ୍ତରୁ ଶ୍ରଦ୍ଧାଙ୍କ ଶେଷ ଲୋକେଶନ (ଅବସ୍ଥିତି) ଦିଲ୍ଲୀ ବୋଲି ଜଣାପଡ଼ିଲା। ଏହାକୁ ଭିତ୍ତିକରି ମାମଲା ଦିଲ୍ଲୀ ପୋଲିସକୁ ହସ୍ତାନ୍ତର କରାଗଲା। ଅଫ୍‌ତାବଙ୍କ ସହ ଝିଅଙ୍କ ସମ୍ପର୍କ ନେଇ ତାଙ୍କ ବାପା ପୋଲିସକୁ ଜଣାଇବା ସହ ନିଖୋଜ ହେବା ପଛରେ ଏହା କାରଣ ହୋଇଥାଇପାରେ ବୋଲି ସନ୍ଦେହ ବ୍ୟକ୍ତ କଲେ। ଗତ ୯ ତାରିଖରେ ବିକାଶ ଦିଲ୍ଲୀ ଯାଇ ଝିଅ ରହୁଥିବା ଫ୍ଲାଟ୍‌ରେ ତାଲା ଝୁଲୁଥିବା ଦେଖିବାକୁ ପାଇଲେ। ଝିଅଙ୍କୁ ଅପହରଣ କରାଯାଇଥିବା ନେଇ ମେହରୁଲି ଥାନାରେ ସେ ଏତଲା ଦେଲେ। ଅଫ୍‌ତାବ ତାଙ୍କୁ ବାରମ୍ବାର ପିଟୁଥିବା ବିଷୟ ଶ୍ରଦ୍ଧା କହିଥିଲେ ବୋଲି ବିକାଶ ପୋଲିସକୁ ଜଣାଇଲେ। ବିକାଶଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ଅଫ୍‌ତାବଙ୍କୁ ଗିରଫ କରିଛି। ଶ୍ରଦ୍ଧା ବିବାହ ପାଇଁ ତାଙ୍କ ଉପରେ ଚାପ ପକାଉଥିବାରୁ ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗିରହୁଥିଲା ବୋଲି ପୋଲିସ ଆଗରେ ଅଫ୍‌ତାବ ମାନିଛନ୍ତି। କେବଳ ଏତିକି ନୁହେଁ, ନିଜ ଲିଭ୍-ଇନ୍ ପାର୍ଟନରଙ୍କୁ କିପରି ହତ୍ୟା କଲେ ଓ କିଭଳି ଭାବେ ତାଙ୍କ ମୃତଦେହକୁ ଫିଙ୍ଗିଲେ ସବୁ କଥା ବଖାଣିଛନ୍ତି ଅଫ୍‌ତାବ। ତାଙ୍କ ବୟାନ ରେକର୍ଡ ପରେ ପୋଲିସ ମେହରୁଲି ଜଙ୍ଗଲରୁ କିଛି ଦେହାବଶେଷ ଜବତ କରିଛି। କିନ୍ତୁ ତାହା ଶ୍ରଦ୍ଧାଙ୍କର ନା ଅନ୍ୟ କାହାର ସ୍ପଷ୍ଟ ହୋଇନାହିଁ। ଶେଫ୍ ଭାବେ ତାଲିମ ନେଇଥିବା ଅଫ୍‌ତାବଙ୍କ ଦ୍ୱାରା ବ୍ୟବହୃତ ଛୁରିର ସନ୍ଧାନ ମଧ୍ୟ ମିଳି ନାହିଁ। ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ଟୁଇଟ୍ କରି କହିଛନ୍ତି, ଆମେ କିଭଳି ସମାଜରେ ରହୁଛେ। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତାଙ୍କୁ କଡ଼ା ଶାସ୍ତି ଦିଆଯିବା ଉଚିତ।

### ତିହାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ନିଲମ୍ବିତ

**ଏଏପି ମନ୍ତ୍ରୀଙ୍କୁ ଭିଆଇପି ଚର୍ଚ୍ଚା**

**ନୂଆଦିଲ୍ଲୀ,୧୪।୧୧(ପି.ଟି.)**

ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ଏଏପି ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ସେଠାରେ ଭିଆଇପି ଅଭ୍ୟର୍ଥନା ମିଳୁଥିବା ଅଭିଯୋଗକ୍ରମେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଅଜିତ କୁମାରଙ୍କୁ ନିଲମ୍ବନ କରାଯାଇଛି। ପ୍ରାଥମିକ ତଦନ୍ତରୁ ଦିଲ୍ଲୀ ସରକାରଙ୍କ ଜେଲ ବିଭାଗରେ ଅନିୟମିତତା ଚାଲିଥିବା ଜଣାପଡ଼ିଥିଲା। ମନିଲଣ୍ଡରିଂ ମାମଲାରେ ଜୈନଙ୍କ ଜାମିନ ଆବେଦନ ବିରୋଧରେ ସ୍ୱତନ୍ତ୍ର ବିଚାରପତି ବିକାଶ ଧୁଲ୍‌ଙ୍କ ଅଦାଲତରେ ଯୁକ୍ତି ଉପସ୍ଥାପନ ବେଳେ ଇଡି ଉପରୋକ୍ତ ଅଭିଯୋଗ ଆଣିଥିଲା। ଜେଲରେ ଜୈନଙ୍କୁ ମାଲିସ୍ କରାଯିବା ସହ ସ୍ୱତନ୍ତ୍ର ଖାଦ୍ୟ ଦିଆଯାଉଥିଲା। ଗତ ମେ' ୩୦ରେ ଗିରଫ ହୋଇଥିବା ଦିଲ୍ଲୀ ମନ୍ତ୍ରୀ ଅଧିକାଂଶ ସମୟ ହସ୍ପିଟାଲରେ ରହୁଥିଲେ କିମ୍ବା ଜେଲରେ ବିଭିନ୍ନ ସୁବିଧା ଉପଭୋଗ କରୁଥିବାର ସିସିଟିଭି ଫୁଟେଜ୍ ଏଏସ୍‌ଜି ଅଦାଲତଙ୍କୁ ଦେଖାଇଥିଲେ।

### ଫୋନ୍‌ରେ ହତ୍ୟା ଧମକ ମିଳୁଛି

**୪ ଟିଆର୍‌ଏସ୍ ବିଧାୟକଙ୍କ ଅଭିଯୋଗ**

**ହାଇଦ୍ରାବାଦ,୧୪।୧୧:** ଟିଆର୍‌ଏସ୍‌ର ୪ ବିଧାୟକଙ୍କୁ କିଣିବା ପାଇଁ ଭାଜପା ଟଙ୍କା ଯାଚିଥିବା ସେମାନେ ପୂର୍ବରୁ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗକ୍ରମେ ତେଲଙ୍ଗାନା ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ଫେରାଇ ନେବା ଲାଗି ଅଜଣା ନମ୍ବରରୁ ହତ୍ୟା ଧମକ ଆସୁଥିବା ବିଧାୟକମାନେ ଅଭିଯୋଗ କରିଛନ୍ତି।

# ବଳପୂର୍ବକ ଧର୍ମାନ୍ତରୀକରଣ ଗମ୍ଭୀର ପ୍ରସଙ୍ଗ:ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୪।୧୧**



**ଦେଶର ସୁରକ୍ଷା ପ୍ରତି ବିପଦ**

**ବନ୍ଦ ଲାଗି ପଦକ୍ଷେପ ନେଉ କେନ୍ଦ୍ର**

ଧୋକା ଦେଇ, ପ୍ରଲୋଭନ ଦେଖାଇ ଏବଂ ବଳ ପ୍ରୟୋଗ କରି ଧର୍ମାନ୍ତରୀକରଣ କରାଯାଉଥିବାରୁ ସୋମବାର ସୁପ୍ରିମକୋର୍ଟ ଏହାକୁ ଅତି ଗମ୍ଭୀରତାର ସହ ନେବା ସହିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପ୍ରଥା ବନ୍ଦ ନ ହେଲେ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବା ସହ ନାଗରିକଙ୍କ ସ୍ୱାଧୀନ ଧର୍ମୀୟ ଭାବନାର ମୌଳିକ ଅଧିକାର ଉଲ୍ଲଂଘନ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ବଳପୂର୍ବକ ଧର୍ମ ପରିବର୍ତ୍ତନ ଅତି ଗମ୍ଭୀର ପ୍ରସଙ୍ଗ। ଏଭଳି କାର୍ଯ୍ୟକୁ ବନ୍ଦ କରିବା ଦିଗରେ କେନ୍ଦ୍ର ସରକାର ଆନ୍ତରିକତାର ସହ ଉଦ୍ୟମ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବଳପୂର୍ବକ ଧର୍ମ ପରିବର୍ତ୍ତନ ବନ୍ଦ ନ ହେଲେ ଅତି କଠିନ ସ୍ଥିତି ଉପୁଜିବ ବୋଲି ଅଦାଲତ ସତର୍କ କରାଇବା ସହ ସତ୍ୟପାଠ ଦାଖଲ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି।

ଧମକ ଦେଇ, ଭୟ ଦେଖାଇ, ଉପହାର କିମ୍ବା ଆର୍ଥିକ ସହାୟତାର ପ୍ରଲୋଭନ ଦେଖାଇ କପଟତାପୂର୍ଣ୍ଣ ଧର୍ମାନ୍ତରୀକରଣ କରାଯାଉଛି। ଏଭଳି ପ୍ରଥା ବନ୍ଦ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏଭଳି ଧର୍ମ ପରିବର୍ତ୍ତନ ଆଦିବାସୀ ଅଞ୍ଚଳରେ ବହୁଳ ଭାବେ ଦେଖାଯାଉଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିବାରୁ ସରକାର ତାହେଲେ କ'ଣ କରୁଛନ୍ତି ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ବଳପୂର୍ବକ ଧର୍ମାନ୍ତରୀକରଣ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ୨୨ ତାରିଖ ସୁଦ୍ଧା ସବିଶେଷ ତଥ୍ୟ ସତ୍ୟପାଠ ଜରିଆରେ ଦାଖଲ କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା

**୪ ବର୍ଷ ପରେ ମାଟିତଳୁ ମିଳିଲା ମୃତଦେହ**

**ଗାଜିଆବାଦ,୧୪।୧୧**

ଗାଜିଆବାଦରେ ଏକ ହତ୍ୟାକାଣ୍ଡର ୪ ବର୍ଷ ପରେ ପୋଲିସ ମୃତଦେହ ଠାବ କରିଛି। ୨୦୧୮ରେ ଚନ୍ଦ୍ରବୀର ନାମକ ବ୍ୟକ୍ତିଙ୍କୁ ସ୍ତ୍ରୀ ସବିତା ଓ ତାଙ୍କ ପ୍ରେମିକ ଅରୁଣ ହତ୍ୟା କରିଥିଲେ। ପ୍ରେମିକଙ୍କ ଘରେ ୭ ଫୁଟ୍ ଗଭୀର ଗାତ ଖୋଳି ସେମାନେ ମୃତଦେହ ପୋତିଦେଇଥିଲେ। ଉକ୍ତ ସ୍ଥାନକୁ କଂକ୍ରିଟ ଢଳେଇ କରି ସେହି ଘରେ ଅରୁଣ ରହୁଥିଲେ। ଚନ୍ଦ୍ରବୀରଙ୍କୁ ଅପହରଣ କରାଯାଇଥିବା ଥାନାରେ ଅଭିଯୋଗ କରି ତାଙ୍କ ଭାଇଙ୍କ ମୁଣ୍ଡରେ ଦୋଷ ଲଦିବାକୁ ସବିତା ଉଦ୍ୟମ କରିଥିଲେ। ନିକଟରେ କ୍ରାଇମ୍ ବ୍ରାଞ୍ଚ୍‌କୁ କେତେକ ସୂଚନା ମିଳିବା ପରେ ମାମଲାର ପୁନର୍ବାର ତଦନ୍ତ ଆରମ୍ଭ କରିଥିଲା। ଅରୁଣଙ୍କ ଘରୁ ମାଟି ଖୋଳି ଚନ୍ଦ୍ରବୀରଙ୍କ କଙ୍କାଳକୁ ପୋଲିସ ବାହାର କରିଛି। ଏଥିସହିତ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଓ କୁରାଢ଼ି ମଧ୍ୟ ଜବତ ହୋଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ଚନ୍ଦ୍ରବୀରଙ୍କୁ ହତ୍ୟା କରିବାର କିଛିଦିନ ପୂର୍ବରୁ ଗାତ ଖୋଳାଯାଇଥିଲା ବୋଲି ପୋଲିସ କହିଛି।

# ଲକ୍ଷ୍ମଣରେଖା ଡିଅଁ ନାହିଁ

**ନୁସା ଡୁଆ(ଇଣ୍ଡୋନେସିଆ),୧୪।୧୧**

**ତାଇୱାନ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ କହିଲେ ଜିନ୍‌ପିଙ୍ଗ**



ଇଣ୍ଡୋନେସିଆର ନୁସା ଡୁଆରେ ସୋମବାର ଆରମ୍ଭ ହୋଇଥିବା ଜି୨୦ ସମିଟ୍ ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କୁ ଭେଟି ତାଇୱାନ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ତାଇୱାନ ପ୍ରତି ବେଜିଂର ବଳପୂର୍ବକ ଏବଂ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନକୁ ବାଇଡେନ୍ ବିରୋଧ କରିଛନ୍ତି। ଜିନ୍‌ଜିଆଙ୍ଗ, ତିବ୍ବତ ଏବଂ ହଂକଂରେ ବେଜିଂର କାର୍ଯ୍ୟ ମାନବାଧିକାର ଉଲ୍ଲଂଘନ କରୁଥିବା ନେଇ ଆମେରିକା ରାଷ୍ଟ୍ରପତି ଚିନ୍ତାବ୍ୟକ୍ତ କରିଛନ୍ତି। ସୋମବାର ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ସାକ୍ଷାତ୍ ଆଲୋଚନା ହୋଇଛି। ତେବେ ଜିନ୍‌ପିଙ୍ଗ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବିକାଶ ପାଇଁ ପ୍ରତିଯୋଗିତା ନିମନ୍ତେ ବିଶ୍ୱ ବହୁତ ବଡ଼। ତେଣୁ ତାଇୱାନ ପ୍ରସଙ୍ଗରେ ଆମେରିକା ଲକ୍ଷ୍ମଣରେଖା ଅତିକ୍ରମ ନ କରିବାକୁ ସେ ଚେତାବନୀ ଦେଇଛନ୍ତି। ଆମେରିକାକୁ ଚ୍ୟାଲେଞ୍ଜ କରିବା କିମ୍ବା ବର୍ତ୍ତମାନର ଅନ୍ତର୍ଜାତୀୟ ଧାରାକୁ ବେଜିଂ ବଦଳାଇବାକୁ ଚାହେଁ ନାହିଁ ବୋଲି ଜିନ୍‌ପିଙ୍ଗ ସ୍ପଷ୍ଟ କରିଦେଇଛନ୍ତି।

'ଏକ ଚାଇନା ନୀତି'କୁ ଆମେରିକା ସମର୍ଥନ କରେ ବୋଲି ବୈଠକ ଶେଷରେ ବାଇଡେନ୍ ଖବରଦାତା ସମ୍ମିଳନୀରେ ଦୋହରାଇଛନ୍ତି। ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର ପାଇଁ ଉଦ୍ୟମ ଚଳାଇଥିବା ଦୁଇ ମହାଶକ୍ତି ସେମାନଙ୍କ ମଧ୍ୟରେ ରହିଥିବା ମତପାର୍ଥକ୍ୟ ଦୂର କରିବା ଏହି ଆଲୋଚନାର ଉଦ୍ଦେଶ୍ୟ। ଚାଇନା ସହ ନୂଆ ଶୀତଳ ଯୁଦ୍ଧ ହେବା ଆବଶ୍ୟକ ନ ଥିବା ସେ ବିଶ୍ୱାସ କରନ୍ତି ବୋଲି ବାଇଡେନ୍ କହିଛନ୍ତି। ଆଣବିକ ଯୁଦ୍ଧ ହେବା ଆଦୌ ଉଚିତ ନୁହେଁ, କାରଣ ଏହାଦ୍ୱାରା କାହାର ବିଜୟ ହେବ ନାହିଁ ବୋଲି ବାଇଡେନ୍ ଓ ଜିନ୍‌ପିଙ୍ଗ ସହମତ ହୋଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ୯ ମାସ ହେଲା ଆକ୍ରମଣ ଚଳାଇଥିବାବେଳେ ଅଣୁଅସ୍ତ୍ର ପ୍ରୟୋଗ ଧମକ ଦେଉଥିବାରୁ ଦୁଇ ନେତା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

### ଜଳବାୟୁ ପରିବର୍ତ୍ତନ ପ୍ରଦର୍ଶନ ସୂଚକାଙ୍କ: ଅଷ୍ଟମରେ ଭାରତ

**ଶର୍ମ ଏଲ୍-ଶେଖ୍,୧୪।୧୧:** ଇଜିପ୍ଟର ଶର୍ମ ଏଲ୍-ଶେଖ୍‌ରେ ଜାତିସଂଘ ପକ୍ଷରୁ ଚାଲିଥିବା ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ୨୭ତମ ସମ୍ମିଳନୀରେ ବିଶ୍ୱନେତାମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି। କୋପ୍-୨୭ ପରିପ୍ରେକ୍ଷୀରେ ସୋମବାର ନ୍ୟୁ କ୍ଲାଇମେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଜର୍ମାନ ୱାଚ୍ ପକ୍ଷରୁ ମିଳିତ ଭାବେ କ୍ଲାଇମେଟ୍ ଚେଞ୍ଜ ପରଫରମାନ୍ସ ଇଣ୍ଡେକ୍ସ ଜାରି କରାଯାଇଛି। ୧୯୯୦ ତୁଳନାରେ ୨୦୨୫ ସୁଦ୍ଧା ଅଙ୍ଗାରକାମ୍ଳ ଉତ୍ସର୍ଜନ ହ୍ରାସ କରିବାରେ କୌଣସି ଦେଶ ସଫଳ ହୋଇ ନ ଥିବାରୁ ଏହି ସୂଚକାଙ୍କର ପ୍ରଥମରୁ ତୃତୀୟ ସ୍ଥାନ ଖାଲି ରଖାଯାଇଛି। ସମୀକ୍ଷା କରାଯାଇଥିବା ୬୩ ରାଷ୍ଟ୍ର ମଧ୍ୟରେ ସବା ତଳେ ଇରାନ ରହିଛି। ଏଥିରେ ଭାରତ ଅଷ୍ଟମ ସ୍ଥାନ ଅଧିକାର କରିଛି। ୟୁରୋପୀୟ ସଂଘ (ଇୟୁ) ୧୯ତମ ସ୍ଥାନରେ ଥିବାବେଳେ ଆମେରିକା ୫୨ତମ ସ୍ଥାନକୁ ଖସିଛି। ବିଶ୍ୱର ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ଦେଶ ଚାଇନା ଏହି ତାଲିକାରେ ୫୧ତମ ସ୍ଥାନ ପାଇଛି।



ଜଳବାୟୁ ପରିବର୍ତ୍ତନ ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ବିରୋଧୀ ବିକ୍ଷୋଭ ବେଳେ ପର୍ତ୍ତୁଗାଲର ଲିସ୍‌ବନ୍‌ସ୍ଥିତ ଏକ ସ୍କୁଲରେ ବ୍ୟାରିକେଡ୍ କରାଯାଇଛି। ଏହାର ପ୍ରତିବାଦରେ ବିକ୍ଷୋଭରତ ଛାତ୍ରୀଛାତ୍ର ନିଜ ଦେହରେ କରାଇଥିବା ପେଣ୍ଟିଂ ଦେଖାଉଛନ୍ତି।

# ୨୦୨୧ରେ ଅଧିକ ଉତ୍ତପ୍ତ ଥିଲା ଏସିଆ

**ଶର୍ମ ଏଲ୍-ଶେଖ,୧୪।୧୧**

**୨୦୨୧ରେ ଏସିଆ ମହାଦେଶରେ ୧୦୦ରୁ ଅଧିକ ପାଣିପାଗଜନିତ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା। ଏଥିରେ ୪,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ଅନ୍ୟୂନ ୩୫.୬ ବିଲିୟନ ଡଲାର କ୍ଷତି ହୋଇଛି।**

ବିଶ୍ୱର ହାରାହାରି ଉତ୍ତାପଠାରୁ ଏସୀୟ ଅଞ୍ଚଳ ୨୦୨୧ରେ ଦ୍ରୁତ ଉତ୍ତପ୍ତ ହୋଇଥିଲା। ଏହାର ପରିଣାମ ସ୍ୱରୂପ ବନ୍ୟା, ଅନାବୃଷ୍ଟି ଆଦି ଭୀଷଣ ପାଗ ଯୋଗୁ ସେହିବର୍ଷ ଏସୀୟ ଅଞ୍ଚଳ ୩୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ଆର୍ଥିକ କ୍ଷତି ସହିଥିବାବେଳେ ଭାରତରେ ୭.୫ ବିଲିୟନ ଡଲାର କ୍ଷତି ହୋଇଥିବା ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲ୍ୟୁଏମ୍‌ଓ) କହିଛି। ଡବ୍ଲ୍ୟୁଏମ୍‌ଓ ପକ୍ଷରୁ ପ୍ରକାଶିତ 'ଏସିଆରେ ଜଳବାୟୁର ସ୍ଥିତି' ରିପୋର୍ଟ ଅନୁଯାୟୀ, ୨୦୨୧ରେ ଏସୀୟ ଅଞ୍ଚଳର ତାପମାତ୍ରା ୧୯୮୧-୨୦୧୦ର ହାରାହାରି ତାପମାତ୍ରାଠାରୁ ୦.୮୬ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା। ଗତବର୍ଷ ବିଶ୍ୱର ହାରାହାରି ତାପମାତ୍ରା ୧୯୮୧-୨୦୧୦ ଅବଧି ତୁଳନାରେ ୦.୪୨ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା। ୨୦୨୦ରେ ଲା ନିନା ଅଧିକ ଦିନ ରହିବା ଫଳରେ ଏସିଆରେ ତାପମାତ୍ରା ୨୦୨୧ ତୁଳନାରେ ଅଧିକ ରହିଥିଲା। ଅନ୍ୟପକ୍ଷରେ ୨୦୨୧ ଚାଇନା, ହଂକଂ ଏବଂ ବାହାରିନ୍ ପାଇଁ ସବୁଠୁ ଉତ୍ତପ୍ତ ବର୍ଷ ଥିଲା ବୋଲି ରିପୋର୍ଟରେ କୁହାଯାଇଛି।

୨୦୨୧ରେ ଏସିଆ ମହାଦେଶରେ ୧୦୦ରୁ ଅଧିକ ପାଣିପାଗଜନିତ ବିପର୍ଯ୍ୟୟ ସୃଷ୍ଟି ହୋଇ ୪,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ଅନ୍ୟୂନ ୩୫.୬ ବିଲିୟନ ଡଲାର କ୍ଷତି ହୋଇଛି। ବନ୍ୟା ଯୋଗୁ ସର୍ବାଧିକ କ୍ଷୟକ୍ଷତି ହୋଇଥିବାବେଳେ ଅନାବୃଷ୍ଟିରେ ସର୍ବାଧିକ ଲୋକ ପ୍ରଭାବିତ ହୋଇଥିଲେ। ବନ୍ୟାରେ ଚାଇନା ୧୮.୪ ବିଲିୟନ ଡଲାର କ୍ଷତି ସହିଥିବାବେଳେ ଭାରତ ୩.୨ ବିଲିୟନ ଡଲାର କ୍ଷତି ସହିଥିଲା। ବାତ୍ୟାରେ ଭାରତରେ ୪.୪ ବିଲିୟନ ଡଲାର ଆର୍ଥିକ କ୍ଷତି ହୋଇଥିବାବେଳେ ଚାଇନାର କ୍ଷତି ପରିମାଣ ଥିଲା ୩.୦ ବିଲିୟନ ଡଲାର। ସେହିବର୍ଷ ମରୁଡ଼ିଜନିତ ଆର୍ଥିକ କ୍ଷତି ପରିମାଣ ଗତ ୨୦ ବର୍ଷର ହାରାହାରିଠାରୁ ୬୩ ପ୍ରତିଶତ ଅଧିକ ଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୦୪,୪୫,୩୪୦ | ୬୬,୧୫,୭୫୯ | ୬୨,୦୧,୨୮,୫୬୪ |
| ଭାରତ | ୪,୪୬,୬୬,୯୨୪ | ୫,୩୦,୫୩୨ | ୪,୪୧,୨୬,୯୨୪ |
| ଓଡ଼ିଶା | ୧୩,୩୬,୩୪୮ | ୯୨୦୪(+୫୩) | ୧୩,୨୬,୯୯୯ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ବନ୍ୟା ବିପନ୍ନଙ୍କ ପାଇଁ 'ଆପାଦ ମିତ୍ର'

**ଯାଜପୁର ଅଫିସ,୧୪।୧୧**

**ଓଏସ୍‌ଡିଏମ୍‌ଏ ପକ୍ଷରୁ ନୂଆ ଯୋଜନା**

- ୪୪୦୦ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ ଚିହ୍ନଟ
- ୧୨ ଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ
- ପ୍ରତି ପର୍ଯ୍ୟାୟ ତାଲିମ ପାଇଁ ଖର୍ଚ୍ଚ ହେବ ୬,୨୯,୨୦୦



ଯାଜପୁର ବିରଜା ମଣ୍ଡପରେ ତାଲିମ ଗ୍ରହଣ କରିଥିବା ଆପାଦ ମିତ୍ର।

ସରକାରୀ ସହାୟତା ପହଞ୍ଚିବା ପୂର୍ବରୁ ବନ୍ୟା ବିପନ୍ନଙ୍କୁ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ (କମ୍ୟୁନିଟି ଲେଭ୍ଲ ଭଲେଣ୍ଟିୟର) ତୁରନ୍ତ ସହଯୋଗ କରିବେ। ଏଥିପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବା ଓଡ଼ିଶା ଷ୍ଟେଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି(ଓଏସ୍‌ଡିଏମ୍‌ଏ) ପକ୍ଷରୁ ଆପାଦ ମିତ୍ର ଯୋଜନା କାର୍ଯ୍ୟକାରୀ ହୋଇଛି। ଏଥିରେ ରାଜ୍ୟର ୧୬ଟି ଜିଲାର ଚିହ୍ନଟ ୪୪୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯିବ। ସୋମବାରଠାରୁ ଜିଲାସ୍ତରରେ ପ୍ରଥମ ବ୍ୟାଚ୍ ତାଲିମ ପ୍ରଦାନ ଆରମ୍ଭ ହୋଇଛି। ୧୨ ଦିନ ପର୍ଯ୍ୟନ୍ତ ପ୍ରତି ବ୍ୟାଚ୍ ତାଲିମ ପାଇଁ ୬,୨୯,୨୦୦ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ତାଲିମ ପରିଚାଳନା ପାଇଁ ଜିଲା ଜରୁରିକାଳୀନ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରତି ବ୍ୟାଚ୍ ତାଲିମ ପାଇଁ ୮ ଜଣଙ୍କୁ ତାଲିମଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହି ଯୋଜନା ସୁଚାରୁରୂପେ କାର୍ଯ୍ୟକାରୀ କରାଗଲେ ବନ୍ୟା ବିପନ୍ନମାନେ କେତେକାଂଶରେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ତେବେ ଏହି ଲୋକହିତକର ଯୋଜନା ସମ୍ପର୍କରେ ଆବଶ୍ୟକ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ବହୁ ଇଚ୍ଛୁକ ସ୍ୱେଚ୍ଛାସେବୀ ଏହି ତାଲିମରୁ ବଞ୍ଚିତ ହେବେ ବୋଲି ମତପ୍ରକାଶ ପାଇଛି।

ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡିକରେ ବନ୍ୟା ବିପ୍ଳାବ ନୂଆ କଥା ନୁହେଁ। ବର୍ଷା ଋତୁ ଆସିଲେ ନଦୀକୂଳବାସୀ ଭୟରେ କାଳାତିପାତ କରିଥାନ୍ତି। ସେଥିମଧ୍ୟରୁ ବନ୍ୟା ବିପନ୍ନ ଜିଲା ଭାବେ ଯାଜପୁର ଅନ୍ୟତମ। ଏହି ଜିଲାର ବୈତରଣୀ ଏବଂ ବ୍ରାହ୍ମଣୀ ସହ ଏହାର ଶାଖା ନଦୀରେ ୨୦୨୦ ଅଗଷ୍ଟ ଶେଷ ବେଳକୁ ହୋଇଥିବା ବନ୍ୟା ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ବନ୍ୟା ବୋଲି କୁହାଯାଉଛି। ଏଥିରେ ୧୨ ଜଣଙ୍କ ଜୀବନ ଯାଇଥିବାବେଳେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। କୃଷି କ୍ଷେତ୍ର ସମେତ ରାସ୍ତାଘାଟ, ଘରଦ୍ୱାର, ନଦୀବନ୍ଧ ଆଦି ଛାରଖାର ହୋଇଯାଇଥିଲା। ଜଳସମ୍ପଦ ବିଭାଗର ଯାଜପୁର, ଜାରକା, ଆଉଳ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ଖୋର୍ଦ୍ଧା ଓ ବାଲେଶ୍ୱର ଡିଭିଜନର ୩୬ଟି ସ୍ଥାନରେ ସମୁଦାୟ ୧୬୨୫ ମିଟର ଘାଇ ସୃଷ୍ଟି ହୋଇଥିଲା। କେବଳ ଯାଜପୁର ଜିଲାର ୨୫ଟି ସ୍ଥାନରେ ୧୩୧୦ ମିଟର ପର୍ଯ୍ୟନ୍ତ ଘାଇ ସୃଷ୍ଟି ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଥିଲା। ଏହାପରେ ବି ପ୍ରାୟ ପ୍ରତିବର୍ଷ ଛୋଟବଡ ବନ୍ୟା ଲାଗି ରହିଛି। ଏହିକ୍ରମରେ ଓଏସ୍‌ଡିଏମ୍‌ଏର ଆପାଦ ମିତ୍ର ଯୋଜନାକୁ ବନ୍ୟା ଅଞ୍ଚଳବାସୀ ସ୍ୱାଗତ କରୁଛନ୍ତି। ଉକ୍ତ ଯୋଜନାରେ ଚାଲିଥିବା ତାଲିମ ଶିବିରରେ ସ୍ୱେଚ୍ଛାସେବୀମାନେ ୧୨ ଦିନ ପର୍ଯ୍ୟନ୍ତ ରହିବେ। ପ୍ରଥମ ଦିନ ତାଲିମରେ ଶିବିରାର୍ଥୀମାନଙ୍କୁ ୟୁନିଫର୍ମ, ଟୋପି, ହୁଇସିଲ ଆଦି ପ୍ରଦାନ କରାଯିବ। ତାଲିମ ସରିବା ପରେ ଶିବିରାର୍ଥୀମାନଙ୍କୁ ଟ୍ରାଭେଲିଂ ଆଲାଉନ୍ସ ପ୍ରଦାନ କରାଯିବ। ତାଲିମ ସମୟରେ ଗାଇଡ୍‌ଲାଇନ ଅନୁସାରେ ଶିବିରାର୍ଥୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିବେ। ସଫଳତାର ସହ ତାଲିମ ଶେଷ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ଜରୁରିକାଳୀନ କିଟ୍ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କିଟ୍ ବନ୍ୟା ସମୟରେ କାମରେ ଲାଗିବ।

ଜିଲାସ୍ତରରେ ୬ରୁ ୯ ବ୍ୟାଚ୍‌ରେ ତାଲିମ ପ୍ରଦାନ କରାଯିବ। ପ୍ରତି ବ୍ୟାଚ୍‌ରେ ପ୍ରାୟ ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ଗ୍ରହଣ କରିବେ। ଏଥିରେ ୫୦ ଜଣ ୧୨ ଦିନ ପର୍ଯ୍ୟନ୍ତ ରହିବା ଖର୍ଚ୍ଚ ବାବଦକୁ ୧,୨୦,୦୦୦ଟଙ୍କା, ଖାଦ୍ୟ ପାଇଁ ୧,୬୮,୦୦୦ ଟଙ୍କା, ତାଲିମ କେନ୍ଦ୍ର ଏବଂ ସାଉଣ୍ଡ ଖର୍ଚ୍ଚ ପାଇଁ ୪୮,୦୦୦ ଟଙ୍କା, ପ୍ରମାଣପତ୍ର ବାବଦକୁ ୫,୦୦୦ ଟଙ୍କା, ଖାତା, କଲମ, ପେନସିଲ ଆଦି ବାବଦକୁ ୫,୦୦୦ ଟଙ୍କା, ବ୍ୟାଗ କିଣିବା ବାବଦକୁ ୨୪,୦୦୦ ଟଙ୍କା, ଫଟୋ ଓ ଷ୍ଟେଶନାରୀ ପାଇଁ ୮,୨୦୦ ଟଙ୍କା, ତାଲିମଦାତାଙ୍କ ଫି ୯୬ ୦୦୦ ଟଙ୍କା, ତାଲିମଦାତାଙ୍କ ଟିଏ ବାବଦକୁ ୪୦୦୦ ଟଙ୍କା, ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗ ପାଇଁ ୨୦,୦୦୦ ଟଙ୍କା, ତାଲିମ ଓ ଫାଷ୍ଟଏଡ ବାବଦକୁ ୧୦,୦୦୦ ଟଙ୍କା, ସ୍ୱେଚ୍ଛାସେବୀଙ୍କ ଟିଏ ବାବଦକୁ ୯୬୦୦୦ ଟଙ୍କା, ରାଜ୍ୟ ଓ ଜିଲାସ୍ତରରେ ନିରୀକ୍ଷଣ ପାଇଁ ୨୦,୦୦୦ ଟଙ୍କା, ଫଟୋଗ୍ରାଫି ପାଇଁ ୫ ହଜାର ଖର୍ଚ୍ଚ ହେବ। ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ଯାଜପୁର, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ନୟାଗଡ଼ ଓ ରାୟଗଡା ଜିଲାରେ ଏହି ଯୋଜନା ଆରମ୍ଭ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଆପାଦ ମିତ୍ର ଯୋଜନାରେ ସୋମବାର ବିରଜା ମଣ୍ଡପ ଠାରେ ୪୦ ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ବନ୍ୟା ସମୟରେ ଏହି ସ୍ୱେଚ୍ଛାସେବୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଜରୁରିକାଳୀନ ସୂଚନା ଦେବା ସହ ବନ୍ୟା ବିପନ୍ନଙ୍କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବେ।

# ଅଭିଯୁକ୍ତଙ୍କୁ ପୋଲିସର ଏନ୍‌କାଉଣ୍ଟର

**ରାଉରକେଲା ଅଫିସ,୧୪।୧୧**

**ଯୁବକଙ୍କୁ ଗୁଳି କରି ହତ୍ୟା ଘଟଣା**

ଜମିବାଡ଼ି ବିବାଦରୁ ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଝରିଆକୋଚା ବସ୍ତିର ବାଞ୍ଛାନିଧି ତନ୍ତୀ(୪୨)ଙ୍କୁ ଗୁଳି ମାରି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଅଜିତ ଓରାମ ଓରଫ ଚୁମକୁଙ୍କୁ ପୋଲିସ ସୋମବାର ଏନ୍‌କାଉଣ୍ଟର କରିଛି। ତାଙ୍କୁ ରାଉରକେଲା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପୋଲିସ କହିଛି। ଅଜିତଙ୍କଠାରୁ ଏକ ୯ ଏମ୍‌ଏମ୍ ପିସ୍ତଲ ସହ ୩ଟି ଅଫୁଟା ଗୁଳି ଜବତ କରାଯାଇଛି। ଅନ୍ୟପକ୍ଷେ ହତ୍ୟା ଘଟଣାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି।

ସୂଚନା ଅନୁସାରେ, ବାଞ୍ଛାନିଧି ଝରିଆକୋଚା ବସ୍ତିରେ କିଛି ଅନାବାଦି ଜାଗା ଜବରଦଖଲ କରିବାକୁ ନେଇ ବହୁବର୍ଷ ହେଲା ଅଜିତ ଓ ବାଞ୍ଛାନିଧିଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ରବିବାର ସକାଳେ ବାଞ୍ଛାନିଧି ଘର ପାଖରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇ ଯାଇଥିଲେ। ସେଥିରୁ ଗୋଟିଏ ଗୁଳି ବାଞ୍ଛାନିଧିଙ୍କ ଦେହରେ ବାଜିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ମୁଖ୍ୟ ଅଭିଯୁକ୍ତ ଅଜିତ ଜଲଦା ଫାଣ୍ଡି ଅନ୍ତର୍ଗତ ହାତିବନ୍ଧା ଜଙ୍ଗଲରେ ଲୁଚି ରହିଥିଲେ। ରଘୁନାଥପାଲି ପୋଲିସ ଓ ଝିରପାଣି ପୋଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଜଙ୍ଗଲରେ ଅପରେଶନ କରୁଥିବାବେଳେ ହଠାତ ଅଜିତ ପୋଲିସ ଉପରକୁ ଆଖିବୁଜା ଗୁଳି ଚାଳନା କରିଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ଅଜିତଙ୍କ ଡାହାଣ ଗୋଡରେ ଗୁଳି ବାଜିଥିଲା। ଫଳରେ ସେ ଦୌଡି ନ ପାରି ଜଙ୍ଗଲ ମଝି ରାସ୍ତାରେ ପଡିଯାଇଥିଲେ। ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆରିଜିଏଚ୍‌ରେ ଭର୍ତ୍ତି କରିଛି। ସେଠାରେ ପୋଲିସ ହେପାଜତରେ ତାଙ୍କର ଚିକିତ୍ସା କରାଯାଉଛି।




# ମୁଖ୍ୟମନ୍ତ୍ରୀଙ୍କ ନାମରେ ଜମି ଦୁର୍ନୀତି ମାମଲା

**କଟକ ଅଫିସ,୧୪।୧୧:** ଭୁବନେଶ୍ୱର ଭୀମପୁର ମୌଜାରେ ଥିବା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨ ଏକର ୧୩୩ ଡେସିମିଲ ଜମିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଭଉଣୀ ଗୀତା ମେହେଟାଙ୍କ ନାମରେ ବେଆଇନ ଭାବେ ପଟ୍ଟାଭୁକ୍ତ କରାଯାଇଛି। ଏହି ଜମି ଦୁର୍ନୀତି ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏୟାରପୋର୍ଟ ଥାନାରେ ଏତଲା ଦିଆଯାଇଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ପରିଷଦ ଏନେଇ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପୋଲିସକୁ ମାମଲା ରୁଜୁ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନରେ ଅନୁରୋଧ କରାଯାଇଥିବା ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ମାମଲାରେ ପ୍ରମୁଖ ଶାସନ ସଚିବ, ଗୃହ ବିଭାଗ, ଭୁବନେଶ୍ୱର ଡିସିପି ଏବଂ ଏୟାରପୋର୍ଟ ଥାନାର ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

# କ୍ରେନ୍ ଅପରେଟରଙ୍କୁ ଗୁଳି

**କାରଣ ଅସ୍ପଷ୍ଟ, ତଦନ୍ତ ଜାରି**

**ଢେଙ୍କାନାଳ ଅଫିସ,୧୪।୧୧:** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଟାଟାଷ୍ଟିଲ୍ ମେରାମଣ୍ଡଳୀ ନିକଟ ତାଳବାହାଲି ରାସ୍ତାପାର୍ଶ୍ୱରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଜଣେ କ୍ରେନ୍ ଅପରେଟରଙ୍କୁ ଗୁଳିମାଡ଼ ହୋଇଛି। ଏଥିରେ ଗୁରୁତର ହୋଇଛନ୍ତି ଟାଟାଷ୍ଟିଲ୍ କମ୍ପାନୀରେ ନିୟୋଜିତ ଠିକାସଂସ୍ଥା ରାକେଶ କଶ୍ୟପ ଆଣ୍ଡ୍ କମ୍ପାନୀର ରବି କୁମାର। ତାଙ୍କର ବାମପଟ ମୁଣ୍ଡ ଓ ଆଖିପତାକୁ ଗୁଳି ବାଜିଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ କିଏ ଏବଂ କେଉଁ କାରଣରୁ ତାଙ୍କୁ ଗୁଳମାଡ଼ କରିଛି ତାହା ଅସ୍ପଷ୍ଟ ରହିଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ରବି କୁମାର ମଧ୍ୟାହ୍ନ ୧୨ଟାରେ କମ୍ପାନୀରୁ କାମସାରି ମୁଖ୍ୟ ଫାଟକ ପାର୍ଶ୍ୱ ତଳବାହାଳି ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ କେହି ଜଣେ ତାଙ୍କୁ ଅତି ନିକଟରୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ରବି କୁମାର ରାସ୍ତାରେ ପଡ଼ିଥିବା ସୂଚନା ପାଇ ଠିକାସଂସ୍ଥା ପକ୍ଷରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଗୁଳିମାଡ଼ର କାରଣ ଅସ୍ପଷ୍ଟ ଥିବାବେଳେ ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚି ପାରିନାହିଁ। ଅନ୍ୟପଟେ ଚିକିତ୍ସା ସମୟରେ ରବି କୁମାରଙ୍କ ମୁଣ୍ଡରେ ଗୁଳି ରହିଥିବା ଜଣାପଡ଼ିଛି। ତାଙ୍କର ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ କଣ୍ଟାବଣିଆ ଥାନାରେ ନଂ. ୧୨୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡ଼ିଛି।




# ପିଏମ୍‌ବିଆଇ ଅଧିକାରୀଙ୍କୁ ଉଠାଇଲା ସିବିଆଇ

**ବ୍ରହ୍ମପୁର ଅଫିସ,୧୪।୧୧**

**ବ୍ରହ୍ମପୁରରେ ଜନଔଷଧି କେନ୍ଦ୍ର ପାଇଁ ଲାଞ୍ଚ**

ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରପାଇଁ ଜନୈକ ନୋଡାଲ ଅଫିସର ଲାଇସେନ୍ସ ଦେବାକୁ ଜଣେ ଦୋକାନୀଙ୍କୁ ଲାଞ୍ଚ ମାଗିଥିଲେ। ଏହାକୁ ଆଧାରକରି ବ୍ରହ୍ମପୁରରେ ସୋମବାର ସିବିଆଇ ଚଢ଼ାଉ କରିଛି। କେନ୍ଦ୍ର ସରକାରଙ୍କ ଫାର୍ମାସ୍ୟୁଟିକାଲ୍ ଆଣ୍ଡ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ(ପିଏମ୍‌ବିଆଇ)ର ନୋଡାଲ ଅଫିସର୍ ସ୍ୱରୂପ ପଣ୍ଡାଙ୍କୁ ଉଠାଇ ନେଇଥିବା ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରପାଇଁ ଲାଇସେନ୍ସ ପ୍ରଦାନ କରିବା ନିମନ୍ତେ ଲାଞ୍ଚ ନେଉଥିବା ଅଭିଯୋଗରେ ସିବିଆଇ ତାଙ୍କୁ ଧରିଥିବା ସୂଚନା ମିଳିଛି। ସିବିଆଇ ଟିମ୍ ନୋଡାଲ ଅଫିସର୍ ସ୍ୱରୂପଙ୍କୁ ଭୁବନେଶ୍ୱର ନେଇ ସେଠାରେ ଜେରା କରିବ ବୋଲି ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଖୋଲାଯାଇ ଜେନେରିକ୍ ଔଷଧ ପ୍ରଦାନ କରାଯାଉଛି।

ପ୍ରକାଶ ଯେ, ଜନଔଷଧି କେନ୍ଦ୍ର କରିବାପାଇଁ କୁକୁଡ଼ାଖଣ୍ଡିର ନାଇଡୁ ଦିବାକର ଆବେଦନ କରିଥିଲେ। ଏଥିପାଇଁ ପିଏମ୍‌ବିଆଇର ନୋଡାଲ ଅଫିସର୍ ତାଙ୍କୁ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଏନ. ଦିବାକର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସେ ନେଇ ସିବିଆଇ ଟିମ୍ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ସିବିଆଇ ଭୁବନେଶ୍ୱର ୟୁନିଟର ଏକ ଟିମ୍ ବ୍ରହ୍ମପୁର ଆସିଥିଲା। ଅଧିକାରୀ ଏ.କେ. ନନ୍ଦଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହରିକୃଷ୍ଣନଗରରେ ରହୁଥିବା ନୋଡାଲ ଅଫିସର୍ ସ୍ୱରୂପଙ୍କ ଘରେ ଚଢ଼ାଉ କରିଥିଲା। ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଟିମ୍ ତାଙ୍କୁ ଉଠାଇ ଭୁବନେଶ୍ୱର ନେଇଥିବା ସୂଚନା ମିଳିଛି। ଏ ନେଇ ସିବିଆଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ୪ ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ



ଧନଙ୍କ ମୃତଦେହ ଶ୍ମଶାନକୁ ନିଆଯାଉଛି।

**ମାଥିଲି,୧୪।୧୧ (ଡି.ଏନ.ଏ.)**

**ମାଲିପଦର ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା**

କୋରାପୁଟ ଜିଲା ମାଲିପଦର ଜଙ୍ଗଲରେ ଗତ ୧୦ ତାରିଖରେ ହୋଇଥିବା ଏନକାଉଣ୍ଟରରେ ମାଲକାନଗିରି ଜିଲାର ମୃତ ଧନ କମାରଙ୍କ ପରିବାର ଲୋକେ ଓ ସର୍ଗିଗୁଡ଼ା ଗ୍ରାମବାସୀ ନ୍ୟାୟ ପାଇଁ ରବିବାରଠାରୁ ମାଲକାନଗିରି-ଜୟପୁରକୁ ସଂଯୋଗ କରୁଥିବା ୩୨୬ ନଂ. ଜାତୀୟ ରାଜପଥର କଟାମେଟା ଗ୍ରାମ ନିକଟରେ ରାସ୍ତା ଅବରୋଧ କରିଥିଲେ। ସାମାଜିକ କର୍ମୀ ଶରତ ବୁରୁଦା ମଧ୍ୟ ଆନ୍ଦୋଳନକାରୀଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଯେତେ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଆନ୍ଦୋଳନରୁ ହଟି ନ ଥିଲେ। ରାତିରେ ମଧ୍ୟ ଗ୍ରାମବାସୀ ଧାରଣା ଜାରି ରଖିଥିଲେ। ଭୋର ୪ଟାରେ ମାଲକାନଗିରି ପୋଲିସ ସାମାଜିକ କର୍ମୀ ବୁରୁଦା, ଧନ ଧରମା, ସନ୍ତୋଷ କାଲାକୁରା ଓ ବନମାଳି କାଲାକୁରାଙ୍କୁ ଉଠାଇ ନେଇଥିଲା। ସୋମବାର ସେମାନଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କ ବିରୋଧରେ ପୋଲିସ ଦଫା ୩୪୧, ୧୪୭, ୭୪୬, ୨୯୪, ୩୫୩, ୫୦୬, ୧୪୯ ଲଗାଇଥିବା ଜଣାପଡ଼ିଛି।

ଧନଙ୍କ ସମ୍ପର୍କୀୟ, ଗ୍ରାମବାସୀ ଏବଂ ଶରତ ବୁରୁଦାଙ୍କୁ ମାଲକାନଗିରି ପୋଲିସ ଉଠାଇ ନେଇଥିବା ଜଣାପଡ଼ିଛି। ଗତକାଲି ମାଲକାନଗିରି ପୋଲିସ ସର୍ଗିଗୁଡା ଗ୍ରାମରେ ପହଞ୍ଚି ପରିବାର ତଥା ଗ୍ରାମବାସୀଙ୍କୁ ମୃତଦେହ ଆଣିବା ପାଇଁ ବୁଝାଇଥିଲା। ମାତ୍ର ଧନ ମାଓବାଦୀ ନୁହନ୍ତି, ଜଣେ ଶ୍ରମିକ। ତାଙ୍କୁ ନ୍ୟାୟ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ଅନ୍ୟପକ୍ଷରେ ସୋମବାର ଧନଙ୍କ ମୃତଦେହ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ନିଜ ଗ୍ରାମ ସର୍ଗିଗୁଡ଼ାରେ ପହଞ୍ଚିଛି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ମରଶରୀରକୁ ଶ୍ମଶାନକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଧନଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଧନଙ୍କ ୧୦ ବର୍ଷର ପୁଅ ରହିଛି। ମୋ ବାପା ମାଓବାଦୀ ନୁହନ୍ତି, ପୋଲିସ ତାଙ୍କୁ ଗୁଳି କରି ମାରି ଦେଇ ମାଓବାଦୀ ଆଖ୍ୟା ଦେଇଛନ୍ତି ବୋଲି ସେ କହିଛନ୍ତି।

## ମାଓବାଦୀଙ୍କ କୋରାପୁଟ, ମାଲକାନଗିରି ବନ୍ଦ ଡାକରା

**ମାଲକାନଗିରି,୧୪।୧୧ (ଡି.ଏନ.ଏ./ସ୍ୱ.ପ୍ର.)**

କୋରାପୁଟ ଜିଲା ମାଲିପଦର ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟଣାରେ ଯବାନଙ୍କ ଗୁଳିରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ କୁହାଯାଉଥିବା ବେଳେ ସୋମବାର ଏହାକୁ ବିରୋଧ କରି ମାଓବାଦୀ ସଙ୍ଗଠନ ମୁହଁ ଖୋଲିଛି। ସଙ୍ଗଠନ ପକ୍ଷରୁ ଏହା ଏକ ମିଥ୍ୟା ଏନକାଉଣ୍ଟର। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମାଓବାଦୀ ସଙ୍ଗଠନ ଏକ ପ୍ରେସ ବିଜ୍ଞପ୍ତିରେ ଦାବି କରିଛି। ଏନେଇ ଆସନ୍ତା ୧୮ ତାରିଖରେ ମାଲକାନଗିରି ଓ କୋରାପୁଟ ଜିଲା ବନ୍ଦ ଡାକରା ଦିଆଯାଇଛି ବୋଲି ମାଲକାନଗିରି-କୋରାପୁଟ ସୀମା ମାଓବାଦୀ ଡିଭିଜନ କମିଟିର ସଚିବ ରାକେଶ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି ଯେ, ମାଲିପଦରଠାରେ ପୋଲିସର ମିଥ୍ୟା ଏନକାଉଣ୍ଟରରେ ୨ଜଣ ନିରୀହ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହାକୁ ମାଓବାଦୀ ସଙ୍ଗଠନ ଦୃଢ଼ ନିନ୍ଦା କରୁଛି। ଏହାର ତୁରନ୍ତ ତଦନ୍ତ ସହ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବାକୁ ସେ ଦାବି କରିଛନ୍ତି। ଗତ ୧୦ ତାରିଖରେ ବୈପାରିଗୁଡା ଥାନା ମାଲିପଦର ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କୁ ଦେଖି ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ଏହାର ପାଲଟା ଜବାବ ଦେଇଥିଲା।



**ଆଜିର ମନ୍ତବ୍ୟ**

"ରାଜନୈତିକ ଲାଭ ପାଇଁ ଦେଶର ମର୍ଯ୍ୟାଦା ହାନି କରୁଥିବା ମନ୍ତବ୍ୟ ଦେଇ ବିରୋଧୀ ଦଳଗୁଡ଼ିକ ବିବାଦ ବଢ଼ାଇବା ଦୁର୍ଭାଗ୍ୟଜନକ ଓ ବିସ୍ମୟକର।

– ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି କଂସା**
**ଆମକୁ ଦେଖିଲେ ମୁରୁକି ହସା।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ଜୀବନ ହାହୁତାଶମୟ। କେବେ ଖାଇବାକୁ ମୁଠେ ଦାନା ନ ଥାଏ ତ କେବେ ପିନ୍ଧିବାକୁ ଖଣ୍ଡେ କନା ମିଳି ନ ଥାଏ। ଗରିବ ତଥା ଅଭାବ ଶ୍ରେଣୀର ବ୍ୟକ୍ତି ତୋରାଣି ପିଇ ଦଣ୍ଡେ ଜିଇ ଜୀବନ ଅତିବାହିତ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତେ ଯେ ମାଇଲା,**
**ତୁ ତାକୁ ନ ମାର,**
**ତାକୁ ମାରୁଥିବ ଆନ;**
**ଦେଖୁଥିବ ତୋର ଦୁଇ ନୟନ,**
**ଶୁଣୁଥିବ ଦୁଇ କାନ।**

ଯିଏ ଅନ୍ୟାୟରେ ଆଘାତ ଦିଏ ତା'ର ପରିଣତି ସେ ଦିନେ ନା ଦିନେ ଭୋଗ କରିଥାଏ। ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତି ସହିପାରି ନ ଥାନ୍ତି। ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

### ବିହନ ସଙ୍କଟରେ...

ହୋଇଯାଉଛି। ବଜାରରେ ବିହନ କିଲୋ ୪୫ ଟଙ୍କା ଥିବାବେଳେ ସରକାରୀ ବିହନ କିଲୋ ପ୍ରତି ୧୧.୨୫ ପଇସାରେ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମର ଚାଷୀ ସୁନାକର ରାଉତ କହିଛନ୍ତି, ଆଳୁ ଦରରେ ଏବେ ପକ୍ଷୀ ଲାଗିଛି। ପ୍ରତିଦିନ ଦାମ ଅଧିକ ହେଉଛି। ଏଥିପାଇଁ ଚାଷୀ ଆଳୁ ଲଗାଇବା ପାଇଁ କ୍ଷେତ ପ୍ରସ୍ତୁତିକୁ ଶେଷ ପର୍ଯ୍ୟାୟରେ ରଖିଥିଲେ ମଧ୍ୟ ବିହନ ମିଳୁନାହିଁ। ବଜାର ଆଳୁବିହନ ଉପରେ ଭରସା ନ ଥିବାବେଳେ ୧୩ ଏକର ଜମିରେ ଆଳୁଚାଷ କରିବେ ବୋଲି ସେ କହିଛନ୍ତି। କୃଷକ ନେତା ବିଧୁଭୂଷଣ ମହାପାତ୍ର କୁହନ୍ତି, ୨୦୧୫ରେ ରାଜ୍ୟରେ ଆଳୁ ନ ମିଳିବା ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିବର୍ଷ ସରକାର ଆଳୁମିଶନ କାର୍ଯ୍ୟକାରୀ କଲେ। ଇତିମଧ୍ୟରେ ୭ ବର୍ଷ ପୂରଣ ହେବ। ଆଳୁବିହନ ନ ଥିବା ବେଳେ ଜିଲାରେ ଶୀତଳଭଣ୍ଡାର ଗଠନ ସମ୍ପର୍କରେ କୌଣସି ସୂଚନା ନାହିଁ। ଶୀତଳଭଣ୍ଡାର ନ ଥିଲେ ଆଳୁ ସଂରକ୍ଷଣ ଅସମ୍ଭବ। ତୁରନ୍ତ ଆଳୁ ବିହନ ଚାଷୀଙ୍କୁ ଯୋଗାଣ ସହିତ ଶୀତଳଭଣ୍ଡାର ସ୍ଥାପନ ସମ୍ପର୍କରେ ଜିଲା ପ୍ରଶାସନ ନିଷ୍ପତ୍ତି ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ସୁକୁମାର ଦତ୍ତ କହିଛନ୍ତି, ବିହନ ପାଇଁ ଇଣ୍ଡେଣ୍ଟ ଯାଇଛି। ଜିଲାକୁ ବିହନ ଆସି ନାହିଁ। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବିହନ ପହଞ୍ଚିବ ବୋଲି ଉପନିର୍ଦ୍ଦେଶକ ଦତ୍ତ ପ୍ରକାଶ କରିଛନ୍ତି।

ଗଜପତି ଜିଲାରେ ଚାଷୀମାନେ ଧାନ, ମାଣ୍ଡିଆ, ବାଜରା, ମୁଗ, ବିରି, କାନ୍ଦୁଲ ସାଙ୍ଗକୁ ବିଭିନ୍ନ ଫଳ ପରିବା ଚାଷ କରିଥାନ୍ତି । ଗତ ଦୁଇ ବର୍ଷ ହେଲା ଚାଷୀଙ୍କୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ଉତ୍ପାଦନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବାପରେ ଏହି ଚାଷ ପ୍ରତି ଉତ୍ସାହ ବଢ଼ିଛି। ଆଳୁ ଉତ୍ପାଦନ ନିମନ୍ତେ ଜିଲାର ବିଭିନ୍ନ ଅଞ୍ଚଳର ମାଟି ବେଶ୍ ଅନୁକୂଳ। ଗତବର୍ଷ ଜିଲାରେ ୧୦୫ ହେକ୍ଟର ଜମିରେ ଆଳୁଚାଷ କରାଯାଇଥିଲା। ନଭେମ୍ବର ଶେଷ ସୁଦ୍ଧା ବିହନ ରୁଆଯାଇଥିଲା। ହେକ୍ଟର ପିଛା ୧୫ କୁଇଣ୍ଟାଲ ବିହନ ଆବଶ୍ୟକ ହେଉଥିବା ବେଳେ ଅମଳ ୧୨ରୁ ୧୩ ଟନ ମଧ୍ୟରେ ହୋଇଥିଲା। କିନ୍ତୁ ଚଳିତବର୍ଷ ନଭେମ୍ବରର ୨ ସପ୍ତାହ ବିତିଗଲାଣି, କିନ୍ତୁ ଚାଷୀଙ୍କ ପାଖରେ ସରକାରୀ ବ୍ୟବସ୍ଥାରେ ବିହନ ପହଞ୍ଚି ପାରିଲା ନାହିଁ। ଜିଲାରେ ମୁଖ୍ୟତଃ ମୋହନା ବ୍ଲକରେ ୬୦ରୁ ୭୦ ହେକ୍ଟର ଜମିରେ ଆଳୁଚାଷ କରାଯାଉଛି। ଏହାବାଦ ଆର.ଉଦୟଗିରି ବ୍ଲକରେ ୧୫ ହେକ୍ଟର, ଗୁମ୍ମା ବ୍ଲକରେ ୧୬ ହେକ୍ଟର, ନୂଆଗଡ଼ ବ୍ଲକରେ ୧୫ ହେକ୍ଟର, ଗୋସାଣି ବ୍ଲକରେ୧୦ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ଆଳୁଚାଷ କରାଯାଉଛି। ଚଳିତବର୍ଷ ମଧ୍ୟ ୧୧୬ ହେକ୍ଟର ଜମିରେ ଆଳୁଚାଷ କରିବା ପାଇଁ ଲକ୍ଷ୍ୟ ରଖିଛି ଉଦ୍ୟାନ କୃଷି ବିଭାଗ। ଚାଷୀମାନେ ମଧ୍ୟ କ୍ଷେତ ପ୍ରସ୍ତୁତ କରି ରହିଛନ୍ତି। କିନ୍ତୁ ସରକାରୀ ବିହନ ପହଞ୍ଚି ପାରିନାହିଁ। ବଜାରରୁ କିଲୋଗ୍ରାମ ପିଛା ୪୭ ଟଙ୍କା ଦରରେ ବିହନ କିଣି ଆଣି ଚାଷ କରିବା ଚାଷୀଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏଭଳିସ୍ଥଳେ ଆଳୁ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ରଖିବା ବୃଥା ବୋଲି ଚାଷୀମାନେ କହୁଛନ୍ତି। ଗୁମ୍ମା ବ୍ଲକ ଉଖୁରା ପଞ୍ଚାୟତ ରେଢ଼ାଲ ଗ୍ରାମର ଚାଷୀ ବାବିଲ ରଇତ ଏବଂ ତାରଭା ପଞ୍ଚାୟତ ତାରଭା ଗ୍ରାମର ଚାଷୀ ସୁଜନ ଭୂୟାଁ କହିଛନ୍ତି ଯେ, ଯଦି ବିହନ ମିଳିବାରେ ଅଧିକ ବିଳମ୍ବ ହୁଏ, ତେବେ ଆଳୁଚାଷରୁ କୌଣସି ଫାଇଦା ମିଳିବନି। କାରଣ ମାଟିର ଆର୍ଦ୍ରତା ରହିବନି। ମୁଖ୍ୟତଃ ଜିଲାରେ ଜଳାଭାବ ସମସ୍ୟା ରହୁଥିବାରୁ ମାଟି ଶୁଷ୍କ ହୋଇଗଲେ ଆଳୁ ଚାଷ ପାଇଁ ତାହା ଅନୁକୂଳ ହେବ ନାହିଁ ବୋଲି ସେ କହିଛନ୍ତି। ଉଦ୍ୟାନ କୃଷି ବିଭାଗ ଅଧିକାରୀ ସୁଶାନ୍ତ କୁମାର ଦାସ ଚାଷୀଙ୍କୁ ଚଳିତବର୍ଷ ଆଳୁ ବିହନ ଯୋଗାଇବା ବିଳମ୍ବ ହୋଇଥିବା ସ୍ୱୀକାର କରିଛନ୍ତି। ଏନେଇ ସେ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ଚାଷୀଙ୍କୁ ବିହନ ଯୋଗାଇ ଦିଆଯିବ ବୋଲି ଦାସ କହିଛନ୍ତି ।

ଆଳୁ ହେଉଛି ଅଧିକ ଖିଆଯାଉଥିବା ପରିବା। ହେଲେ ନିଅଣ୍ଟିଆ ଆଳୁଚାଷ ସହ ଆବଶ୍ୟକ ଶୀତଳଭଣ୍ଡାରର ଅଭାବରୁ କିଲୋ ପ୍ରତି ୧୫ ଟଙ୍କା ସ୍ଥଳେ ଲୋକେ ୨୦ରୁ ୨୫ ଟଙ୍କା ମଧ୍ୟରେ କିଣୁଛନ୍ତି। ଯାଜପୁର ଜିଲାରେ ୨୦୨୨-୨୩ ବର୍ଷ ରବିଋତୁରେ ୨୦୦ ହେକ୍ଟର ଜମିରେ ଆଳୁଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ହେକ୍ଟର ପିଛା ୧୫ କୁଇଣ୍ଟାଲ ଅନୁସାରେ ୩୦୦୦ କୁଇଣ୍ଟାଲ ବିହନର ଆବଶ୍ୟକତା ରହିଛି। ଯାଜପୁର ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ କାର୍ଯ୍ୟାଳୟରୁ ଆସନ୍ତା ୧୫ ତାରିଖ ସୁଦ୍ଧା ଆଳୁ ବିହନ ଯୋଗାଇ ଦେବାକୁ ଓଡିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଗତ ୫ ତାରିଖରେ ଅନୁରୋଧ କରାଯାଇଛି। କିନ୍ତୁ ଚାଷୀମାନେ ଆଳୁଚାଷ କରିବାକୁ ସଜବାଜ ହେଉଥିବାବେଳେ ସରକାରୀ ବିହନ ଏଯାଏ ପାଇ ନଥିବା ସୂଚନା ମିଳିଛି। ରସୁଲପୁର ବ୍ଲକ ଭଗୀରଥପୁରର ଆଳୁଚାଷୀ ବାସନ୍ତୀ ବେହେରା କୁହନ୍ତି, ସରକାରୀ ସହାୟତା ମିଳବା ଆଶା ଦିଶୁ ନାହିଁ। ତେଣୁ ନିଜ ଜମିରେ ଆଳୁଚାଷ କରିବାକୁ ବଜାରରୁ ୫୦ କେଜି ଆଳୁ ପ୍ୟାକେଟକୁ ୪୬୦ ଟଙ୍କାରେ କିଣି ଆଣି ଗଜା କରିଛୁ। ସିଂହାପୁର ଗ୍ରାମର ଚାଷୀ ଜୟନ୍ତ ରାଉତ କୁହନ୍ତି, ଆଳୁଚାଷ ପାଇଁ ଜମି ତିଆରି କରି ଅପେକ୍ଷାରେ ରହିଛୁ, କିନ୍ତୁ ଏଯାଏ ସରକାରୀ ଆଳୁ ବିହନ ମିଳିପାରିନାହିଁ। ୧୫ ତାରିଖ ସୁଦ୍ଧା ଆଳୁ ମିଳିଯିବ ବୋଲି ବିଭାଗ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷେ ଯାଜପୁର ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ଆଳୁଚାଷ ପାଇଁ ଚାଷୀମାନଙ୍କୁ ସଚେତନ କରାଯାଉଛି। ଏଥିପାଇଁ ଆବଶ୍ୟକ ବିହନ ଯୋଗାଇ ଦେବାକୁ ଓଡ଼ିଶା ରାଜ୍ୟ ବିହନ ନିଗମ ଲିଃ ପରିଚାଳନା ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଛି। ଯେଉଁମାନେ ଆଳୁଚାଷ କରିବାକୁ ଆଗ୍ରହୀ ସେମାନଙ୍କୁ ରିହାତିରେ ବିହନ ଯୋଗାଇ ଦିଆଯିବ।

ବଲାଙ୍ଗୀର ଜିଲାରେ ୨୦୨୧-୨୨ ବର୍ଷରେ ୧୨୦ ହେକ୍ଟର ଜମିରେ ଆଳୁଚାଷ ହୋଇଥିଲା। ଚଳିତବର୍ଷ ଅର୍ଥାତ୍ ୨୦୨୨-୨୩ ପାଇଁ ଜିଲାରେ ସରକାରୀ ଭାବେ ୨୦୫ ହେକ୍ଟର ଜମିରେ ଆଳୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଆଗଲପୁର ବ୍ଲକ୍ ଅନ୍ତର୍ଗତ ରିନବଚନ ଗ୍ରାମ ଆଳୁଚାଷ ପାଇଁ ସୁବିଖ୍ୟାତ। ଏହି ଗାଁରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଷୀମାନେ ନିଜସ୍ୱ ଉଦ୍ୟମରେ ପାରମ୍ପରିକ ଆଳୁଚାଷ କରିଆସୁଛନ୍ତି। ପୂର୍ବରୁ ଏହି ଗାଁରେ ୪ ଶହରୁ ଊର୍ଦ୍ଧ୍ୱ ଏକର ଜମିରେ ଆଳୁଚାଷ ହେଉଥିଲା। ତେବେ ପାଣି ଅଭାବ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ବହୁ ଚାଷୀ ଚାଷ ଛାଡ଼ିଦେଇଥିଲେ। ତେବେ ସରକାରୀ ପ୍ରୋତ୍ସାହନ ମିଳିବା ପରେ ପୁଣି ଥରେ ଆଳୁଚାଷ ବୃଦ୍ଧି ପାଇଛି। ଏହି ଗାଁର ଚାଷୀ ନିର୍ମଳ ସାହୁ କହିଛନ୍ତି ଯେ, ତାଙ୍କ ପରିବାର ପୁରୁଷାନୁକ୍ରମେ ଚାଷ କରିଆସୁଛନ୍ତି। ଗତବର୍ଷ ସରକାରୀ ପ୍ରୋତ୍ସାହନ ରାଶି ମିଳିଥିଲା। ବୀମା ମଧ୍ୟ କରାଯାଇଥିବାରୁ ଜଳବାୟୁ ପରିବର୍ତ୍ତନ କାରଣରୁ ଆଳୁଚାଷ ନଷ୍ଟ ହେଲେ କ୍ଷତିପୂରଣ ମିଳୁଛି। ମାତ୍ର ଶୀତଳଭଣ୍ଡାର ସୁବିଧା ନଥିବାରୁ ଚାଷୀ ଆଳୁ ଉପାର୍ଜନ କଲା ପରେ ଅତ୍ୟନ୍ତ କମ୍ ମୂଲ୍ୟରେ ଆଳୁ ବିକ୍ରି କରିଦେଉଛନ୍ତି। ଚାଷୀଙ୍କୁ ଉଚିତ୍ ମୂଲ୍ୟ ମିଳୁନାହିଁ। ସରକାର ଜିଲାର ବିଭିନ୍ନ ଅଞ୍ଚଳରେ ଶୀତଳଭଣ୍ଡାର ବ୍ୟବସ୍ଥା କଲେ ଚାଷୀ ଲାଭବାନ ହୁଅନ୍ତେ। ଆଳୁଅମଳ ପରେ ଶୀତଳଭଣ୍ଡାରରେ ସାଇତି ରଖି ଚଢ଼ାଦର ସମୟରେ ବିକ୍ରି କଲେ ଉଭୟ ଚାଷୀ ଏବଂ ଉପଭୋକ୍ତା ଲାଭବାନ ହୁଅନ୍ତେ। ଏହାସହିତ ପାଣି ଅଭାବ ସମୟରେ ପାଣି ବ୍ୟବସ୍ଥା ଏବଂ ସରକାରୀ ସ୍ତରରେ ଆଳୁ କିଣିବା ବ୍ୟବସ୍ଥା ହେଲେ ଆଳୁଚାଷୀ ଆହୁରି ଲାଭବାନ ହୁଅନ୍ତେ ବୋଲି ସାହୁ କହିଛନ୍ତି। ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ କହିଛନ୍ତି, ଜିଲାର ୧୪ ବ୍ଲକର ଅଗ୍ରଣୀ ଏବଂ ଆଗ୍ରହୀ ଚାଷୀଙ୍କୁ ଆଳୁଚାଷ କରିବା ପାଇଁ ବିଭିନ୍ନ ସରକାରୀ ବ୍ୟବସ୍ଥା କରାଯାଇଛି। ପ୍ରୋତ୍ସାହନ ରାଶି ଭାବେ ହେକ୍ଟର ପିଛା ଆଳୁଚାଷୀଙ୍କୁ ୫ ହଜାର ୮ ଶହ ଟଙ୍କା ଦିଆଯାଉଛି।

### ଉତ୍ପାଦନଠାରୁ ୪ ଗୁଣ...

ରଖାଯାଇଥିଲା। ତେବେ ସରକାରୀ ଉଦାସୀନତା ଯୋଗୁ ଏହି ମିଶନ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ତ ଦୂରର କଥା ଏକ ପ୍ରକାର ପଥଭ୍ରଷ୍ଟ ହୋଇପଡ଼ିଛି। ବିଧାନସଭାରେ କୃଷିମନ୍ତ୍ରୀ ଦେଇଥିବା ତଥ୍ୟାନୁଯାୟୀ, ଏହି ମିଶନ ଫେଲ ହୋଇଥିବା ଜଳ ଜଳ ଦିଶୁଛି। ୨୦୧୬-୧୭ରେ ଏହି ମିଶନ ଅଧୀନରେ ୨୫,୧୮୫ ହେକ୍ଟର ଜମିରେ ଆଳୁଚାଷ ହୋଇଥିଲା। ସେଥିରୁ ୩,୦୨,୦୦୦ ମେଟ୍ରିକ ଟନ ଆଳୁ ଉତ୍ପାଦନ ହୋଇଥିଲା। ସେହିପରି ୨୦୧୭-୧୮ରେ ୨୫,୦୯୦ ହେକ୍ଟରରେ ଚାଷ ହୋଇଥିବା ବେଳେ ୨,୯୮ ୦୦୦ ମେଟ୍ରିକ ଟନକୁ ଖସି ଆସିଥିଲା। ୨୦୧୮-୧୯ରେ ଆଳୁଚାଷ ଜମି ପରିମାଣ ୨୪,୬୮୭ ହେକ୍ଟରକୁ କମି ଯାଇଥିଲା। ସେହିବର୍ଷ ୨,୯୦,୦୦୦ ମେଟ୍ରିକ ଟନ ଉତ୍ପାଦନ ହୋଇଥିଲା। ୨୦୧୯-୨୦ରେ ୨୪,୭୧୪ ହେକ୍ଟର ଜମିରୁ ୨,୯୪,୦୦୦ ମେଟ୍ରିକ ଟନ ଉତ୍ପାଦନ ହୋଇଥିଲା। ସେହିପରି ୨୦୨୦-୨୧ରେ ୨୬,୦୦୦ ହେକ୍ଟର ଜମିରୁ ୩,୦୯,୦୦୦ ମେଟ୍ରିକ ଟନ ଆଳୁ ଉତ୍ପାଦନ ହୋଇଥିଲା। ତେବେ ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଶୀତଳଭଣ୍ଡାର ନ ଥିବା ଯୋଗୁ ମିଶନ ବାଟବଣା ହୋଇଥିବା କୁହାଯାଉଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ମୋଟ ୧୨୮ ଶୀତଳ ଭଣ୍ଡାର ରହିଛି। ସେଥିରୁ ମାତ୍ର ୪୯ଟି କାର୍ଯ୍ୟକ୍ଷମ ରହିଛି। ୨୦୧୪ ସାଧାରଣ ନିର୍ବାଚନ ବେଳେ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ବିଜେଡି ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଥିଲା। ଏ ପର୍ଯ୍ୟନ୍ତ ତାହା ପୂରଣ ହୋଇ ପାରିଲା ନାହିଁ। ରାଜ୍ୟରେ କେତେଜଣ ଯୁବ ଉଦ୍ୟୋଗୀ ଶୀତଳଭଣ୍ଡାର ପ୍ରତିଷ୍ଠା କରିଥିଲେ ମଧ୍ୟ ପ୍ରୋତ୍ସାହନ ଅଭାବରୁ ସେଥିରୁ ଅଧିକାଂଶ ବନ୍ଦ ହୋଇଯାଇଛି। ଓଡ଼ିଆ ଭାଷାରେ ଆଳୁକୁ ଶୂନ ବୋଲି ଧରାଯାଏ। ଆଳୁ ମିଶନ ଏବେ ଶୂନ ଅବସ୍ଥାକୁ ଚାଲିଯାଇଛି। ଏ ସମ୍ପର୍କରେ ମତାମତ ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ଅରବିନ୍ଦ ପାଢୀଙ୍କୁ ମୋବାଇଲ ନମ୍ବର ୯୪୩୭୦୧୫୮୬୯ରେ ଯୋଗଯୋଗ କରାଯାଇଥିଲା। ମାତ୍ର ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ଅନ୍ୟ ପକ୍ଷରେ ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ରୋହିତ ଲେଙ୍କାଙ୍କୁ ମଧ୍ୟ ୭୭୫୦୦୦୫୯୦୯ରେ ଯୋଗାଯୋଗ କରାଯାଇଥିଲା। ସେ ମଧ୍ୟ କୌଣସି ଉତ୍ତର ଦେଇ ନ ଥିଲେ।

# ନବୀନ ନିବାସ ସମ୍ମୁଖରୁ ଦମ୍ପତିଙ୍କୁ ଉଠାଇ ନେଲା ପୋଲିସ



## ଦଳିତ ପରିବାରଙ୍କୁ ନିର୍ଯାତନା ଘଟଣା

- ଯାଜପୁର ଏସ୍‌ପିଙ୍କୁ ବଦଳି, କୋରେଇ ଥାନା ଅଧିକାରୀଙ୍କୁ ଗିରଫ ଦାବି
- ଅଧିକାରୀ ଦାବିପତ୍ର ଗ୍ରହଣ କଲେ, ନବୀନଙ୍କ ସାକ୍ଷାତ ମିଳିଲା ନାହିଁ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ଯାଜପୁର ଜିଲା କୋରେଇ ଥାନାଧିକାରୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ଏକ ଦଳିତ ପରିବାର ନ୍ୟାୟ ପାଇଁ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ମଧ୍ୟାହ୍ନରେ ନିର୍ଯାତିତ ସ୍ୱାମୀ ବଳରାମ ଜେନା ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିଲେ। ପୋଲିସ ସେମାନଙ୍କୁ ନବୀନ ନିବାସ ନିକଟରୁ ଉଠାଇ ନେଇଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, କୋରେଇ ଥାନାଧିକାରୀଙ୍କୁ ଗିରଫ ଏବଂ ଯାଜପୁର ଏସ୍‌ପିଙ୍କ ବଦଳି ଦାବି ନେଇ ବଳରାମ ଓ ଗୀତାଞ୍ଜଳି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନବୀନ ନିବାସଠାରେ ପହଞ୍ଚିଥିଲେ। ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଜଣେ ଅଧିକାରୀ ଗ୍ରହଣ କରିଥିଲେ। ହେଲେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ହେଲେ ସେଠାରେ ନିୟୋଜିତ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଛାଡି ନ ଥିଲେ। ଏହି ଦମ୍ପତି ମୁଖ୍ୟମନ୍ତ୍ରୀଙ୍କୁ ନ ଭେଟିବା ପର୍ଯ୍ୟନ୍ତ ସ୍ଥାନ ଛାଡି ଯିବେ ନାହିଁ ବୋଲି ଜିଦ୍ ଧରି ସେଠାରେ ବସି ରହିଥିଲେ। ଏହି ଖବର ପାଇ ଏୟାରପୋର୍ଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଘୋଷାରି ଘୋଷାରି ଉଠାଇ ନେଇଥିଲା ବୋଲି ସେଠାରେ ଉପସ୍ଥିତ ସାମାଜିକ କର୍ମୀ ମନୋରଞ୍ଜନ ଜେନା କହିଛନ୍ତି। ଶେଷରେ ପୋଲିସ ଅପରାହ୍ନ ୨ଟାରେ ଉଭୟଙ୍କୁ ଛାଡି ଦେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୦ ତାରିଖ ରାତିରେ ଟ୍ରାକ୍ଟର ଡ୍ରାଇଭର ବଳରାମ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଘରେ ପଶି କେତେଜଣ ବ୍ୟକ୍ତି ମାଡ଼ ମାରି କୋରେଇ ଥାନା ପୋଲିସ ଜିମା ଦେଇଥିଲେ। ଥାନାରେ ବିନା ଏତଲାରେ ବଳରାମଙ୍କୁ ୫ଦିନ ଅଟକ ରଖି ଥାନା ଅଧିକାରୀ ସିସି କ୍ୟାମେରା ବୁଲାଇ ତାଙ୍କୁ ପିଟିଥିଲେ। ଏ ନେଇ ସେପ୍ଟେମ୍ବର ୧୩ରେ ଯାଜପୁର ଏସ୍‌ପି ରାହୁଲ ପି.ଆର୍‌ଙ୍କୁ ଜଣାଇବା ପରେ ବଳରାମଙ୍କୁ ଛଡ଼ା ଯାଇଥିଲା। ମାତ୍ର ଅପହରଣକାରୀ ଓ ଥାନା ଅଧିକାରୀଙ୍କ ନାମରେ ଶାରୀରିକ ନିର୍ଯାତନା ମାମଲା ପାଇଁ ସେହି ମାସ ୨୫ରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣିରେ ଗୀତାଞ୍ଜଳି ଅଭିଯୋଗ କରିଥିଲେ। ଏହାପରେ ସେପ୍ଟେମ୍ବର ୨୭ରେ କୋରାଇ ଥାନାଧିକାରୀ ଶ୍ରବଣ କୁମାର ମହାରଣା ନିଜ ନାମରେ ନିଜେ ଥାନାରେ ଏକ ମାମଲା(ନଂ.୩୧୯/୨୨) ରୁଜୁ କରିଥିଲେ। ଇତିମଧ୍ୟରେ ଥାନାର ସିସିଟିଭି କ୍ୟାମେରାରେ ଥିବା ତଥ୍ୟକୁ ନଷ୍ଟ କରାଯାଇଛି ବୋଲି ନିର୍ଯାତିତ ପରିବାର ଅଭିଯୋଗ ଆଣିଛନ୍ତି। କୌଣସି ନ୍ୟାୟ ନ ମିଳିବାରୁ ଅକ୍ଟୋବର ୧୨ରେ ଡିଜିପି ଅଫିସ ଯାଇ ଆଇଜିଙ୍କୁ ସାକ୍ଷାତ କରି ସବୁକଥା ଜଣାଇଥିଲେ। ଏହାପରେ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ମୁଖ୍ୟ ଅଭିଯୁକ୍ତ ଥାନା ଅଧିକାରୀ ମହାରଣାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏହାପରେ ଅକ୍ଟୋବର ୨୨ରେ ଆମ୍ବେଡ୍‌କର-ଲୋହିଆ ବିଚାର ମଞ୍ଚ ପକ୍ଷରୁ ଏସ୍‌ପି ଅଫିସକୁ ଘେରାଉ କରାଯାଇଥିଲା। ଶେଷରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଆମ୍ବେଡ୍‌କର ଲୋହିଆ ବିଚାର ମଞ୍ଚର ରାଜ୍ୟ ନେତା ମନୋରଞ୍ଜନ ଜେନା, ଭୀମ୍ ସେନା, ରାଜ୍ୟ ଉପସଭାପତି ଆର୍ତ୍ତତ୍ରାଣ ମଲ୍ଲିକ, କ୍ଷୀରୋଦ ଦାସ, ଦୁଃଖୀନ ଜେନା, ସହଦେବ ଜେନା ପ୍ରମୁଖ ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡିଜିପିଙ୍କୁ ରିପୋର୍ଟ ମଗାଯାଇଛି ବୋଲି ସୂଚନା ଦେଇଥିବା ପ୍ରକାଶ କରିଛନ୍ତି।



ମାସକୁ ୯ହଜାର ଟଙ୍କା ଦରମା ପ୍ରଦାନ, ଚାକିରି ସ୍ଥାୟୀ କରାଯିବା ସହ ୫ ଦଫା ଦାବି ନେଇ ରାଜ୍ୟ ପାଚିକା ସହାୟିକା ମହାସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

### ବର୍ଷାଙ୍କୁ ବିଜେଡି...

ଭାଜପା ନେତା ରମାରଞ୍ଜନ ବଳିଆରସିଂଙ୍କ ବୋହୂ। ତେଣୁ ବିଜେଡି ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ସ୍ମୃତିସୌରଭ ବଳିଆରସିଂଙ୍କ ସ୍ତ୍ରୀ ବର୍ଷା ସିଂ ବରିହା ହେଉଛନ୍ତି ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ। ସ୍ମୃତି ରଞ୍ଜନ ହେଉଛନ୍ତି ରମାରଞ୍ଜନଙ୍କ ପୁଅ। ରମା ରଞ୍ଜନ ଏବେ ଭାଜପାରେ ସକ୍ରିୟ ଅଛନ୍ତି। ତେବେ ଏଭଳି ସ୍ଥିତିରେ ମଧ୍ୟ ବିଜେଡି ବହୁ ଭାବିଚିନ୍ତି ବରିହାଙ୍କ ପରିବାରରୁ ପ୍ରାର୍ଥୀ ଦେବାକୁ ଯାଇ ବର୍ଷାଙ୍କୁ ବାଛିଛି। ତେବେ ବର୍ଷା ପ୍ରାର୍ଥୀ ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବିଜେଡି ତାଙ୍କୁ ପ୍ରାର୍ଥୀ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ। ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଆସ୍ଥା ଓ ଭରସା ରଖିଥିବାରୁ ଖୁସି ଲାଗୁଛି। ପରିବାରରୁ ଯାହାକୁ ବି ଟିକେଟ ମିଳିଥିଲେ ଖୁସି ହୋଇଥାଆନ୍ତେ। ବାପାଙ୍କ କାମ ଦେଖି ତାଙ୍କୁ ଟିକେଟ ମିଳିଛି। ବାପାଙ୍କଠାରୁ ପିଲାବେଳୁ ବହୁତ କିଛି ଦେଖିକି ଶିଖିଛନ୍ତି। ଏହାକୁ ଉପଯୋଗ କରି ଲୋକଙ୍କ କାମ କରିବେ। ବିଧାୟିକା ହେଲେ ପ୍ରଥମେ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେବେ। ସରକାରଙ୍କ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବେ। ପଦ୍ମପୁରକୁ ଜିଲା ମାନ୍ୟତା ଦେବା ଲାଗି ବିଜେଡି ସମର୍ଥନ ଦେଇଥିବା ସେ କହିଛନ୍ତି।

ବର୍ଷା ଆସନ୍ତା ୧୬ ତାରିଖରେ ତାଙ୍କ ନାମାଙ୍କନପତ୍ର ଦାଖଲ କରିବେ। ହେଲେ ରମାରଞ୍ଜନଙ୍କୁ ନେଇ ସେ ଟିକେ ହେଲେ ମଧ୍ୟ ମୁହଁ ଖୋଲିନାହାନ୍ତି। ରମାରଞ୍ଜନ ଏନେଇ କହିଛନ୍ତି, ସେ ଭାଜପାର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା। ଆଗକୁ ମଧ୍ୟ ସେ ଭାଜପା ପାଇଁ ହିଁ ଶୃଙ୍ଖଳିତ ସଦସ୍ୟ ଭାବେ ସମସ୍ତ ଦାୟିତ୍ୱ ତୁଲାଇବେ। ବୋହୂ ଶାସକ ଦଳ ଟିକେଟ ପାଇବା ପରେ ଏହା ତାଙ୍କ ରାଜନୈତିକ ଦାୟିତ୍ୱ ପରିଚାଳନାରେ କୌଣସି ପ୍ରଭାବ ପକାଇବ ନାହିଁ। ରାଜନୀତିରେ ଏଭଳି ଅନେକ ଉଦାହରଣ ରହିଛି। ବାପା ଚାଲିଯିବା ପରେ ବଡ଼ ଝିଅ ଭାବେ ତାଙ୍କର ଯାହା ଦାୟିତ୍ୱ ତାହାକୁ ତୁଲାଇବାକୁ ସେ ଯାଇଛନ୍ତି। ସେଠାରେ ଖୁବ୍ ଜୋର୍‌ରେ ଲଢ଼େଇ ହେବ। ସୂଚନାଯୋଗ୍ୟ ଯେ, ବିଜେଡି ପ୍ରାର୍ଥୀତ୍ୱକୁ ନେଇ ଦଳ ଭିତରେ ଦ୍ୱନ୍ଦ୍ୱ ରହିଥିବା କଥା ରବିବାର ଜଣାପଡ଼ିଥିଲା। ବରିହାଙ୍କ ପରିବାର ବାହାରୁ ପ୍ରାର୍ଥୀ ଦେବାକୁ ଦଳ ଚିନ୍ତା କରୁଥିବା ବେଳେ ବିଂଝାର ଜାତିର ଶତାଧିକ ଲୋକ ବସ୍ ଯୋଗେ ରବିବାର ନବୀନ ନିବାସ ଆସି ବରିହା ପରିବାରରୁ କାହାକୁ ହେଲେ ପ୍ରାର୍ଥୀ କରାଯାଉ ବୋଲି ଦାବି କରିଥିଲେ। ଏହାର ଦିନକ ପରେ ଦଳ ବର୍ଷାଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପଟେ ପୂର୍ବରୁ ଭାଜପା ପ୍ରଦୀପ ପୁରୋହିତ ଏବଂ କଂଗ୍ରେସ ସତ୍ୟ ଭୂଷଣ ସାହୁଙ୍କୁ ଏଠାରେ ପ୍ରାର୍ଥୀ କରିଛି। ତେବେ ପ୍ରଦୀପ ପୁରୋହିତ ସୋମବାର ସମସ୍ତ ପ୍ରକାର ପ୍ରସ୍ତୁତି ଶେଷକରି ନାମାଙ୍କନ ଦାଖଲ କରିବାକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ରାଜ୍ୟ ସରକାର ଚାଷୀଙ୍କ ସମସ୍ୟା ସମାଧାନ କରି ନ ଥିବା ଦର୍ଶାଇ ଫେରି ଆସିଛନ୍ତି। ତେବେ ପ୍ରଦୀପ ନାମାଙ୍କନ ଦାଖଲ ନ କରିବା କଥାକୁ ନେଇ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି।

### ଆମିକସ୍ କ୍ୟୁରି...

କରିବାକୁ ଓଡ଼ିଶା ସରକାର ସମେତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ନର୍ଦ୍ଦେଶ ଦେଇଥିଲେ। ଜମା ଟଙ୍କା ଫେରସ୍ତରେ ଅହେତୁକ ବିଳମ୍ବ ହେଉଥିବାରୁ ଜଷ୍ଟିସ୍ ଏମ୍.ଆର୍. ଶାହ ଏବଂ କ୍ରିଷ୍ଣାମୁରାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ବର୍ତ୍ତମାନ ଯାଏ ହୋଇଥିବା ଅଗ୍ରଗତି ସମ୍ପର୍କରେ ୨୫ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଏହାର ଶୁଣାଣି ବେଳେ ସିବିଆଇ ରିପୋର୍ଟ ଦାଖଲ ପାଇଁ ଅଧିକ ସମୟ ମାଗିଥିଲା। ଏହି ବହୁ କୋଟି ଟଙ୍କା ଦୁର୍ନୀତି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧ରେ କରାଯିବ। ସୋମବାର ଶୁଣାଣି ବେଳେ ଆବେଦନକାରୀ ପିନାକ ପାଣି ମହାନ୍ତିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ, ଅବେଦନକାରୀଙ୍କ ପୃଷ୍ଠଭୂମି ଅତ୍ୟନ୍ତ ସନ୍ଦେହଜନକ ରହିଛି। ପିଟିଶନର୍ ଏହି ମାମଲାକୁ ବ୍ଲାକ୍‌ମେଲ କରିବା ପାଇଁ ଏକ ଅସ୍ତ୍ର ଭାବେ ବ୍ୟବହାର କରିପାରନ୍ତି। ସେ ମାମଲା ହାତକୁ ନେବାବେଳେ ଏକଥା ଜାଣି ନ ଥିଲେ। ତେଣୁ ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଆମିକସ୍ କ୍ୟୁରିଙ୍କୁ ନିଯୁକ୍ତ କରାଯାଉ। ଅତିରିକ୍ତ ସୋଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାରତୀ କହିଥିଲେ, କେନ୍ଦ୍ର ସରକାର ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ଚାହୁଁଛନ୍ତି। ତେବେ ସିବିଆଇ ଏବଂ ଇଡି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବାରୁ ଦୁଇ ଏଜେନ୍ସିର ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ କିଛି ସମୟ ଦିଆଯାଉ ବୋଲି ସେ କହିଥିଲେ। ପ୍ରକାଶ ଯେ, ୨୦୧୪ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଓଡ଼ିଶାରେ ସକ୍ରିୟ ଥିବା ୪୪ଟି ଚିଟ୍‌ଫଣ୍ଡ ସଂସ୍ଥା ବିରୋଧରେ ତଦନ୍ତ ଜାରି ରଖିଛି। ପୂର୍ବରୁ ରାଜ୍ୟ ସରକାର ମଧ୍ୟ ଏକ ତଦନ୍ତ କମିଶନ ଗଠନ କରିଛନ୍ତି। ଇତିମଧ୍ୟରେ ପିନାକ ପାଣି ମହାନ୍ତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ପଶ୍ଚିମବଙ୍ଗ, ତ୍ରିପୁରା, ଆସାମ ଓ ଓଡ଼ିଶା ଚିଟ୍‌ଫଣ୍ଡ ଦୁର୍ନୀତିରେ ସର୍ବାଧିକ ପ୍ରଭାବିତ ହୋଇଥିବା ରାଜ୍ୟ। ଏହି ୪ ରାଜ୍ୟର ଲୋକଙ୍କଠାରୁ ପ୍ରାୟ ୧୦,୦୦୦ କୋଟିଟଙ୍କା ସଂଗ୍ରହ କରାଯାଇଛି। ବିଶେଷକରି ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କଠାରୁ ଏହା ଆଦାୟ କରାଯାଇଛି। ତଦନ୍ତ କମିଶନ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଯୋଗ ଗ୍ରହଣ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆର୍ଥିକ ସ୍ଥିତି ଦୁର୍ବଳ ରହିବା କାରଣରୁ ନିରୁତ୍ସାହିତ ହୋଇ କାମ କରିବେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସମସ୍ୟା ଭିତରେ ଉବୁଟୁବୁ ହେବେ। ଅବଶ୍ୟ ଆଲୋଚନା ପରିସର, ସଭାସମିତିରେ, କଳାସାହିତ୍ୟରେ, ଗବେଷଣା କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି। ଆଶା କରିଥିବା କାମ ହାସଲ କରିବାର ପ୍ରୟତ୍ନ କରିବେ।

**ବୃଷ** – ବୁଧ ଓ ଶୁକ୍ରଙ୍କ ରାଶି ପ୍ରତି ଦୃଷ୍ଟି ହେତୁ ଆର୍ଥିକ ସ୍ଥିତିରେ ଉନ୍ନତି ସାଙ୍ଗକୁ ଯାତ୍ରା ପ୍ରୀତିପ୍ରଦ ରହିବ । ଦୀର୍ଘଦିନରୁ ଦୂରେଇଯାଇଥିବା ବନ୍ଧୁଟି ପୁନଶ୍ଚ ଫେରି ଆସିବାର ଉପକ୍ରମ କରିବ। ପାରିବାରିକ ସ୍ତରରେ ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ। ଯାନବାହନ, ଜମିଜମା, ପ୍ରେସ୍, ପବ୍ଲିକେଶନ ସ୍ତରରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ।

**ମିଥୁନ** – ଆଜି ଧନାଧିପ ସ୍ୱଗୃହସ୍ଥ ଯୋଗୁ ମିଠାକଥା କହି ବନ୍ଧୁ ମନ ତୋଷିବେ। ଘରର ବରାଦ ଅନୁଯାୟୀ ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣି ପାରନ୍ତି। ପ୍ରକାଶନ, ସଙ୍ଗଠନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାରୁ ସାମୟିକ ଚିନ୍ତିତ ରହିପାରନ୍ତି।

**କର୍କଟ** – ଷଷ୍ଠାଧିପଙ୍କୁ ଶନିଙ୍କ ଦୃଷ୍ଟି ରହିଥିବାରୁ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଆକସ୍ମିକ ଭାବରେ କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଅର୍ଥ ଆବଶ୍ୟକ ହୋଇପାରେ । ସାମାଜିକ ସ୍ତରରେ ନିଜ ଲୋକଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** – କର୍ମଭାବରେ ବକ୍ରୀ ମଙ୍ଗଳ ରହିଥିବାରୁ ଅନାବଶ୍ୟକ ଭାବେ ବହୁତ ଖର୍ଚ୍ଚ କରିବାକୁ ବାଧହେବାରୁ ମନ ଭଲ ରହିବ ନାହିଁ। ଅଫିସ୍‌ରେ ଅଟକି ରହିଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହେବାର ଆଶା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ଚିନ୍ତାର କାରଣ ହୋଇପାରେ।

**କନ୍ୟା** – ବୁଧ ତୃତୀୟସ୍ଥ ଯୋଗୁ ଯାହା ପାଇବା କଥା ଆଶାନୁରୂପ ପାଇପାରିବେ ନାହିଁ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ କ୍ରମାଗତ ଭାବେ ସମସ୍ୟା ଲାଗିରହିବ। ବିଭିନ୍ନ ବାଧା, ବିଘ୍ନ ଓ ସମସ୍ୟା ହେତୁ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ଅବଶ୍ୟ ସନ୍ତୁଷ୍ଟ ରହିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ଚନ୍ଦ୍ରଙ୍କ ଅବସ୍ଥିତି ଆପଣଙ୍କୁ ଗୌରବାନ୍ୱିତ କରାଇବ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ଆତ୍ମୀୟଙ୍କ ସ୍ୱାର୍ଥ ହାସଲ ନ ହୋଇପାରିବା କାରଣରୁ ସେମାନେ ସମାଲୋଚନା କରିପାରନ୍ତି। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କାଠିକର ପାଠ ହେବ।

**ବିଛା** – ବୁଧଙ୍କ କୁପ୍ରଭାବରୁ ନିଜର ପରି ଅଭିନୟ କରୁଥିବା ବ୍ୟକ୍ତିଟି ପ୍ରତି ବିରକ୍ତିଭାବ ପ୍ରକାଶ ପାଇବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରକାଶନ, ପ୍ରଶାସନିକ ସ୍ତରରେ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ । ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ** – ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ନିମ୍ନ ରକ୍ତଚାପ ସାଙ୍ଗକୁ ଉଦାସୀନତା ଅନୁଭବ କରିବେ। ବନ୍ଧୁଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପାରସ୍ପରିକ ଉତ୍ତମ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଠିକ୍ ରହିବ। ହୋଟେଲ, ଦୋକାନ, ବ୍ୟବସାୟ, ବାଣିଜ୍ୟ ପ୍ରଭୃତିରେ ସୁଫଳ ଅବଶ୍ୟ ପାଇବେ।

**ମକର** – କର୍ମକ୍ଷେତ୍ରରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ କଥା ଆପଣଙ୍କ ବ୍ୟକ୍ତିତ୍ୱକୁ ଶୀର୍ଷ ସ୍ଥାନକୁ ନେଇଯିବ । ଆଜି କାମ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ଅଘଟଣ ଘଟିପାରେ। ଘରୋଇ ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହମତିରେ କରିବା ଭଲ। ଅର୍ଥ ସମ୍ପର୍କ, ଅତିଥି ଚର୍ଚ୍ଚା, ଯାତ୍ରା, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ନିଶ୍ଚିତ।

**କୁମ୍ଭ** – ମୁଖଭାବରେ ବୃହସ୍ପତି ଯୋଗୁ ସମସ୍ୟା ବିଜଡ଼ିତ ପରିସ୍ଥିତିରେ ମଧ୍ୟ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସୁଧାରି ନେବେ। ନିଜର ପ୍ରାଧାନ୍ୟ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସତ୍‌ସଙ୍ଗ ପ୍ରତି ମନ ବଳିବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ପରିବହନ, ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନକରି ଖୁସି ହୋଇପାରନ୍ତି।

**ମୀନ** – ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ବିତର୍କ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁ ଶୁଭଙ୍କରୀ ହେବ। ହଠାତ୍ ହଜି ଯାଇଥିବା ବ୍ୟକ୍ତି, ଚୋରିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଲଜ୍ଜିତ ହେବା ଆଶଙ୍କା ରହିଛି ।

ଆଜି ନଭେମ୍ବର ୧୫ ତାରିଖ, ମାର୍ଗଶିର କୃଷ୍ଣ ସପ୍ତମୀ ମଙ୍ଗଳବାର, ମାସାନ୍ତ, ବିର୍ସା ମୁଣ୍ଡା ଜୟନ୍ତୀ, ଜନଜାତି ଗୌରବ ଦିବସ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୮ ଗତେ, ଘ.୦୬।୧୪ ମଧ୍ୟେ, ଘ. ୦୮।୪୪ ଗତେ, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୦ ମଧ୍ୟେ ରାହୁକାଳ।

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। **–ଶ୍ରୀଅରବିନ୍ଦ**



# ଅଜ୍ଞାନ ଲକ୍ଷଣ

ନଭେମ୍ବର ୧୧ରେ ଆମେରିକାର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୬୨ ପଇସା ବୃଦ୍ଧି ପାଇ ୮୦ ଟଙ୍କା ୭୮ ପଇସାରେ ରହିଥିଲା। ଏହା ପରେ କେନ୍ଦ୍ର ସରକାରଙ୍କ ବିତ୍ତୀୟ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ କହିବା ଆରମ୍ଭ କରିଦେଲେ ଯେ, ଭାରତୀୟ ମୁଦ୍ରାର ମୂଲ୍ୟ ସୁଧୁରିବା ଆରମ୍ଭ କଲା। କେବଳ ସେତିକି ନୁହେଁ, ସେମାନେ ଏହା ମଧ୍ୟ ଦାବି କଲେ ଯେ ଆମେରିକୀୟ ଡଲାର ବ୍ୟତୀତ ବ୍ରିଟେନ୍‌ର ପାଉଣ୍ଡ ଷ୍ଟର୍ଲିଂ, ୟୁରୋପୀୟ ସଂଘର ୟୁରୋ, ଜାପାନର ୟେନ୍ ଭଳି ଅନ୍ୟାନ୍ୟ ଶକ୍ତିଶାଳୀ ମୁଦ୍ରା ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟବୃଦ୍ଧି ହେଉଛି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଏଥିସହିତ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ମଧ୍ୟ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ କହିପକାଇଲେ କୌଣସି ସଙ୍କଟ ସମୟର ମୁକାବିଲା ଲାଗି ଫୋରେକ୍ସ ରିଜର୍ଭ ବା ବୈଦେଶିକ ମୁଦ୍ରା ଭଣ୍ଡାର ରହିଛି। ଯେତେବେଳେ ଆବଶ୍ୟକ ହେଉଛି ଏହି ମୁଦ୍ରା ଭଣ୍ଡାରକୁ ବ୍ୟବହାର କରାଯାଉଛି। ଏହା କହିବା ବେଳେ ଆର୍‌ବିଆଇ ଗଭର୍ନର କହିଥିଲେ ଯେ, ଏତେ ଅସୁବିଧା ସତ୍ତ୍ୱେ ଭାରତର ଆର୍ଥିକ ସ୍ଥିତି ବେଶ୍ ସୁଦୃଢ଼ ରହିଛି। ଶକ୍ତିକାନ୍ତଙ୍କ ଏହି ଦୁଇ ପ୍ରକାର କଥା ଭିତରେ ସେ କିଭଳି ନିଜକୁ ଭୁଲ ପ୍ରମାଣିତ କରୁଛନ୍ତି ତାହା ସ୍ପଷ୍ଟ ଅନୁମେୟ। ଗୋଟିଏ ପଟେ ସେ କହୁଛନ୍ତି ସଙ୍କଟ ସମୟରେ ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବ୍ୟବହାର କରାଯାଉଛି। ଅର୍ଥାତ୍ ଭାରତୀୟ ଅର୍ଥନୀତି ନିଶ୍ଚିତ ଭାବେ ଦୁଃସ୍ଥିତି ଦେଇ ଗତି କରୁଛି। ଯଦି ଦେଶର ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଯାଇଥିବାରୁ ସେ ରିଜର୍ଭକୁ ଉପଯୋଗ କଲେଣି, ସେହି ସମୟରେ ଭାରତର ଅର୍ଥବ୍ୟବସ୍ଥା ସୁଦୃଢ଼ ରହିଛି ବୋଲି କହିବା ହାସ୍ୟାସ୍ପଦ ମନେହେଉଛି। ୧୪ ନଭେମ୍ବର ଅପରାହ୍ନ ୪ଟା ସୁଦ୍ଧା ଭାରତୀୟ ମୁଦ୍ରାର ମୂଲ୍ୟ ୪୮ ପଇସା କମି ଡଲାର ତୁଳନାରେ ବିନିମୟ ମୂଲ୍ୟ ୮୧ ଟଙ୍କା ୨୬ ପଇସାରେ ପହଞ୍ଚିଛି। ଅର୍ଥାତ୍ ପୁଣି ଭାରତୀୟ ମୁଦ୍ରାର ମାନ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ପରିସଂଖ୍ୟାନକୁ ଦେଖିଲେ ନଭେମ୍ବର ୪ ସୁଦ୍ଧା ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୫୨୯.୯୯୪ ବିଲିୟନ ଡଲାର ରହିଥିଲା। ଗତବର୍ଷ ଅକ୍ଟୋବରରେ ଏହାର ପରିମାଣ ୬୪୫ ବିଲିୟନ ଡଲାର ଥିଲା। ଅର୍ଥାତ୍ ଏହି ସମୟ ମଧ୍ୟରେ ୧୧୫.୦୦୬ ବିଲିୟନ ଡଲାର ହ୍ରାସ ପାଇଛି। ତେଣୁ ଭାରତର ଆର୍ଥିକ ସ୍ଥିତି ଭଲ ରହିଛି ବୋଲି କହିବା ଅପରିପକ୍ୱତାର ପରିଚୟ ହୋଇଥାଇପାରେ କିମ୍ବା ଜାଣିଶୁଣି ନାଗରିକଙ୍କୁ ଅସତ୍ୟ ତଥ୍ୟ ଦିଆଯାଉଛି। କରଦାତାଙ୍କ ଅର୍ଥରେ ସରକାରଙ୍କ ଦ୍ୱାରା ଅବସ୍ଥାପିତ ହୋଇଥିବା ଦେଶର କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ନିଶ୍ଚିତ ଭାବେ ଜାଣିଛନ୍ତି ଯେ ରେପୋ ରେଟ୍ ଗତ ୬ ମାସ ମଧ୍ୟରେ ତାଙ୍କରି ଦ୍ୱାରା ୪ ଥର ବୃଦ୍ଧି କରାଯାଇଛି। ଫଳରେ ଋଣ କରିଥିବା ମଧ୍ୟବିତ୍ତ ବର୍ଗ ସୁଧ ଦେଇ ନୟାନ୍ତ ହେଉଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଅତ୍ୟଧିକ ବୃଦ୍ଧି ପାଇବା ଯୋଗୁ ସାଧାରଣ ନାଗରିକଙ୍କ ପକ୍ଷେ ଦୈନିକ ଚଳିବା କଷ୍ଟକର ହୋଇପଡ଼ିଛି।

> କଷ୍ଟ କିମ୍ବା ଅନିବାର୍ଯ୍ୟ କାରଣ ଉପୁଜିଲେ ରିଜର୍ଭ ତେଲରେ ଗାଡ଼ି ଚଳାଯାଏ। କିନ୍ତୁ ସବୁବେଳେ ମୁଣ୍ଡରେ ତେଲ ପକାଇବାର ଚିନ୍ତା ରହିଥାଏ। ଆଜିର ଭାରତୀୟ ଅର୍ଥନୀତି ନାଲି ରିଜର୍ଭରୁ ତେଲ ପୋଡ଼ିଲାଣି। ଅର୍ଥାତ୍ ଅତିଶୀଘ୍ର ବିରାଟକାୟ ସମସ୍ୟା ଆସିଯିବ।

ମୋଟର ସାଇକେଲର ତେଲ ମିଟରରେ ଏକ ନାଲି ରଙ୍ଗର ଅଂଶ ଦେଖିବାକୁ ମିଳିଥାଏ। ତାହା ହେଉଛି ଗାଡ଼ିର ତେଲ ଟାଙ୍କିରେ ରିଜର୍ଭ ପହଞ୍ଚିବାର ସୂଚନା। ସାଧାରଣ ବୁଦ୍ଧି ଥିବା ଚାଳକ କଣ୍ଟା ନାଲି ଛୁଇଁବା ମାତ୍ରକେ ଟାଙ୍କିକୁ ଯାଇ ତେଲ ଭରିଥାଏ। କଷ୍ଟ କିମ୍ବା ଅନିବାର୍ଯ୍ୟ କାରଣ ଉପୁଜିଲେ ରିଜର୍ଭ ତେଲରେ ଗାଡ଼ି ଚଳାଯାଏ। କିନ୍ତୁ ସବୁବେଳେ ମୁଣ୍ଡରେ ତେଲ ପକାଇବାର ଚିନ୍ତା ରହିଥାଏ। ଆଜିର ଭାରତୀୟ ଅର୍ଥନୀତି ନାଲି ରିଜର୍ଭରୁ ତେଲ ପୋଡ଼ିଲାଣି। ଅର୍ଥାତ୍ ଅତିଶୀଘ୍ର ବିରାଟକାୟ ସମସ୍ୟା ଆସିଯିବ। ସେଭଳି ସ୍ଥିତିରେ ଜନସାଧାରଣଙ୍କୁ ସତ୍ୟ କହି ସତର୍କ କରାଯିବା ପରିବର୍ତ୍ତେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ରାଜନୈତିକ ଉଦ୍ଦେଶ୍ୟ ରଖି ଦେଶବାସୀଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଥିବା ଭଳି ମନେହେଉଛି। ଏଠାରେ ଦୋହରାଇ ଦିଆଯାଇପାରେ ଯେ, ଶକ୍ତିକାନ୍ତ ଯେତେବେଳେ ଆର୍ଥିକ ବ୍ୟାପାର ସଚିବ ଥିବା ବେଳେ ବିମୁଦ୍ରୀକରଣ କରାଯାଇଥିଲା। ସେହି ଗୋଟିଏ ବିରାଟକାୟ ତ୍ରୁଟି ଯୋଗୁ ଦେଶ ଆଜିପର୍ଯ୍ୟନ୍ତ ଆଣ୍ଠେଇ କରି ରହିଛି। ତଥାପି ଡିଜିଟାଲ ଅର୍ଥନୀତି ଭଳି ବ୍ୟବସ୍ଥାକୁ ଜବରଦସ୍ତ ଚଳାଇବାର ଉଦ୍ୟମ କରୁଥିବା ହେତୁ ରିଜର୍ଭ ବ୍ୟାଙ୍କ ଦ୍ୱାରା ଦେଶର କ୍ଷତି ଏବେ ମଧ୍ୟ କରାଯାଉଛି। ରିଜର୍ଭ ବ୍ୟାଙ୍କର ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କର ଅସତ୍ୟ ଉଚ୍ଚାରଣ ଅଜ୍ଞାନ ଲକ୍ଷଣ ଦର୍ଶାଉଛି।



# କବି, କବିତା ଓ ମାନସିକ ଚାପ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

କବି ଜଣେ ସୃଜନଶୀଳ ସ୍ରଷ୍ଟା। ତା' ସୃଷ୍ଟି ଲାଗି ସେ ନିୟୋଜିତ କରିଥିବା ସକାରାତ୍ମକ ଭାବାବେଗର ଭୌତିକ ରୂପ ହେଲା କବିତା, ଯାହା ମାଧ୍ୟମରେ ସେ ସ୍ପର୍ଶକରେ ପାଠକର ଭାବପ୍ରବଣତାକୁ। ଏହା ତାହାକୁ କଳୁଷମୁକ୍ତ ତଥା ଉଦ୍ବେଳିତ କରେ। ଫଳରେ ତା' ମନରେ କବି ଉଭା ହୁଏ ମହାମାନବର ରୂପ ନେଇ–ଯେପରି ଅଟନ୍ତି କାଳି ଦାସ ବା ଉପେନ୍ଦ୍ର ଭଞ୍ଜ ଅଥବା ଗଙ୍ଗାଧର ମେହେର ଓ ରାଧାମୋହନ ଗଡ଼ନାୟକ ତଥା ଅନ୍ୟମାନେ। ତାଙ୍କ ପ୍ରତି ପାଠକଙ୍କ ଶ୍ରଦ୍ଧା ଓ ଭକ୍ତି କିପରି ବିସ୍ମୟକର ରୂପ ନେଇପାରେ ତାହାର ଏକ ଚିତ୍ତାକର୍ଷକ କାହାଣୀ ଏଠାରେ ଉପସ୍ଥାପିତ କରାଗଲା। ଏହାର ନାୟକ ହେଲେ ଫ୍ରାନ୍ସର ମହାନ୍ କବି ସ୍ୱର୍ଗତ ଆର୍ଥର ରିମ୍ବାଉଡ୍। ତାଙ୍କର ମୃତ୍ୟୁ ଘଟିସାରିଲାଣି ଆଜକୁ ପ୍ରାୟ ୧୩୦ ବର୍ଷ ପୂର୍ବେ। ସେ ଦେଶର ଚାର୍ଲେଭିଲେ-ଭେଜିଏରସ୍ ସହରରେ ରହିଛି ତାଙ୍କର ସମାଧି।

ସେଠାକୁ ପ୍ରତି ସପ୍ତାହରେ ପ୍ରାୟ ୨/୩ ଥର ଡାକବାଲା ଆସିଥାଏ ଅନେକଗୁଡ଼ିଏ ଚିଠି ନେଇ ଏବଂ ସେଠାରେ ଥିବା ହଳଦିଆ ରଙ୍ଗର ଚିଠିବାକ୍ସଗୁଡ଼ିକରେ ତାହାକୁ ପକାଏ। ସମାଧିସ୍ଥଳର ରକ୍ଷକ ସେଗୁଡ଼ିକୁ ସାଇତି ରଖେ। ପ୍ରତିବର୍ଷ କବିଙ୍କ ଶ୍ରାଦ୍ଧଦିବସ ଉପଲକ୍ଷେ ଆୟୋଜିତ ଉତ୍ସବରେ ତହିଁରୁ କେତେକ ବାଛି ପାଠ କରାଯାଏ। ତନ୍ମଧ୍ୟରୁ ଅଧିକାଂଶରେ ଥାଏ ତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଏବଂ ତହିଁରେ ଉଦ୍ଧାର କରାଯାଇଥାଏ ଚିଠିରେ ଲେଖକଙ୍କ ମନକୁ ଅତି ନିବିଡ଼ ରୂପେ ଛୁଇଁଥିବା କବିତାର କିଛି ଅଂଶ। ଆଉ କେତେକରେ ସେମାନେ ଲେଖିଥାନ୍ତି ନିଜ ନିଜ ଜୀବନ ପ୍ରତି ତାଙ୍କର ଆଭିମୁଖ୍ୟ, ଭଲମନ୍ଦ ଅନୁଭୂତି ଏବଂ ଗୋପନୀୟ କଥା। ୨୦୧୯ରେ ଏହି ଅବସରରେ ଅନୁଷ୍ଠିତ ଏକ ମନସ୍ତାତ୍ତ୍ୱିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏପରି ଚିଠି ଲେଖିବା ଦ୍ୱାରା ତାହାର ଲେଖକଙ୍କ ମନରୁ ଅପସରିଯାଏ ଦୁଶ୍ଚିନ୍ତା ଏବଂ ହ୍ରାସ ପାଏ ମାନସିକ ଚାପ।

ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ପ୍ରାୟ ୩୫/୪୦ ଶତାଂଶ ଲୋକ ଭିନ୍ନ ଭିନ୍ନ ମାତ୍ରାରେ ମାନସିକ ଚାପର ସମ୍ମୁଖୀନ। ସ୍ୱିଡେନ୍, ଆମେରିକା, ବ୍ରାଜିଲ୍ ଓ ରୁଷିଆ ଭଳି ଦେଶଗୁଡ଼ିକର ଏହା ଯଥାକ୍ରମେ ୪୬, ୪୨, ୪୦ ଓ ୩୮ ହେଲାବେଳେ ଆମ ଦେଶରେ ୨୮ ଏବଂ ଚାଇନାରେ ୨୨ ଶତାଂଶ। ଏହାକୁ ଏବେ ବିଶ୍ୱର ତୃତୀୟ 'ବ୍ୟାଧିଜନିତ ବୋଝ' ଭାବେ ଗଣାଯାଉଛି। ତେବେ ୨୦୩୦ ବେଳକୁ ଏହାର ସ୍ଥାନ ପ୍ରଥମରେ ରହିବ ବୋଲି ମନେକରାଯାଏ। ପରିଣାମ ସ୍ୱରୂପ, ଉତ୍କଟ ହେବାରେ ଲାଗିଛି ମସ୍ତିଷ୍କ ବିକୃତି, ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଇତ୍ୟାଦି ଏବଂ ବଢ଼ି ଚାଲିଛି ଆତ୍ମହତ୍ୟା, ହତ୍ୟା, ବଳାତ୍କାର। ଅଧିକ ଧୂମପାନ ଓ ନିଶାଦ୍ରବ୍ୟ ସେବନ ତଥା ପାରିବାରିକ ଓ ସାମାଜିକ ସମ୍ପର୍କ ଦୁର୍ବଳ ହେବା ଆଦି ମୂଳରେ ମଧ୍ୟ ଏହା ବିଦ୍ୟମାନ ବୋଲି ମନୋବିଜ୍ଞାନୀମାନଙ୍କ ମତ। ତେଣୁ ଏଥିରୁ ସେମାନେ ମୁକ୍ତିର ମାର୍ଗ ନିରୂପଣରେ ଲାଗିଛନ୍ତି। ଅତଏବ ଜଣାପଡ଼ିଛି ଯେ, କିଛି ଲେଖି ବସିବାର ମାନସିକ ଚାପ ଦୂରକାରୀ ପ୍ରଭାବ ରହିଛି। ତାହା ଚିଠିଟିଏ ହେଉ ଅଥବା କବିତାଟିଏ। ଏହା ଆମ ନକାରାତ୍ମକ ଅନୁଭୂତିକୁ ଶବ୍ଦ ଆକାରରେ ନିଷ୍କାସିତ ହେବାକୁ ଦେଇ ଆମ ବିଶୃଙ୍ଖଳିତ ଚିନ୍ତାଧାରାକୁ ଶୃଙ୍ଖଳିତ ତଥା ସ୍ୱଚ୍ଛ ହେବାକୁ ଏବଂ ମନକୁ ଶାନ୍ତ ହେବାରେ ସାହାଯ୍ୟ କରେ ବୋଲି ୨୦୧୯ ରେ ଏକ ମନୋବିଜ୍ଞାନ ପତ୍ରିକାରେ ସୂଚନା ଦେଇଛନ୍ତି କେତେଜଣ ଆମେରିକୀୟ ମନସ୍ତତ୍ତ୍ୱବିତ୍।



ଚିଠିଟିଏ ଲେଖିବସିଲେ ଆମେ ତହିଁରେ ମୁକ୍ତ ଭାବେ ପ୍ରକାଶ କରିପାରୁ ନିଜ ମନର କଥା। ଅତଏବ ତାହାର ବୋଝ ହାଲୁକା ହୋଇଯାଏ। କୌଣସି ପ୍ରିୟ ପରିଜନଙ୍କୁ ତାହା ସମ୍ବୋଧିତ ହୋଇଥିଲେ ଏ ପ୍ରଭାବ ସ୍ୱଭାବତଃ ଅଧିକ ହୁଏ। ଆମ ମନକୁ ଛୁଉଁଥିବା କବିତାର କବି ହେଲେ ଆମ ପ୍ରବଣତାକୁ ଅତି ନିବିଡ଼ ଭାବେ ସ୍ପର୍ଶ କରୁଥିବା ମଣିଷ। ଅତଏବ ତାଙ୍କୁ ସମ୍ବୋଧନ କରି ଲେଖାଯାଉଥିବା ଚିଠିରେ ଥାଏ ଆମ ଭାବର ଆବେଗ। ସମ୍ଭବତଃ ତାହା ହିଁ ଘଟୁଛି ଉପରୋକ୍ତ ଫରାସୀ କବିଙ୍କୁ ତାଙ୍କ ମୃତ୍ୟୁପରେ ମଧ୍ୟ ତାହା ଲେଖୁଥିବା ପାଠକମାନଙ୍କ କ୍ଷେତ୍ରରେ।

ଆମ ଲୋକେ ପ୍ରଚଣ୍ଡ ଈଶ୍ୱରବିଶ୍ୱାସୀ। ଦୁଃଖ ସମୟରେ ସେମାନେ ତାଙ୍କୁ ପ୍ରାର୍ଥନା କରନ୍ତି ସେଥିରୁ ଉଦ୍ଧାର କରିବା ପାଇଁ। ଏହାକୁ ଚିଠି ଆକାରରେ ଲେଖି ପକାଇଲେ ମାନସିକ ଚାପ ଅଧିକ ମାତ୍ରାରେ ହ୍ରାସ ପାଏ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ ବୋଲି କହୁଛନ୍ତି ଆମେରିକାର ଷ୍ଟାନ୍ ଫୋର୍ଡ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍‌ମାନେ। ଏପରି କି ମନଧ୍ୟାନପୂର୍ବକ ପ୍ରାର୍ଥନା କିମ୍ବା କବିତା ପାଠକଲେ ମଧ୍ୟ ଏ ପ୍ରକାର ସୁଫଳ ମିଳେ ବୋଲି ସେମାନଙ୍କ ମତ। ସେହିପରି ପ୍ରାକୃତିକ ଦୃଶ୍ୟ, ନିଜ ପରିବେଶ ଓ ସାମାଜିକ ବ୍ୟବସ୍ଥା କିମ୍ବା ପ୍ରେମ ଜୀବନକୁ ନେଇ ମଧ୍ୟ କବିତାଟିଏ ନଚେତ୍ ବିବରଣୀଟିଏ ଲେଖିଲେ ବିପର୍ଯ୍ୟସ୍ତ ଭାବପ୍ରବଣତା ସଜାଡ଼ି ହୋଇଯାଏ। ଆମେ ତହିଁରେ ଯେତେ ନିମଜ୍ଜିତ ହୋଇପାରିବା ତାହାର ପରିଣାମ ସେତେ ସକାରାତ୍ମକ ହେବ।

କବିତା ମନକୁ ଚାପମୁକ୍ତ କରିବାର ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ ବୋଲି ବିଗତ ୨୦୨୧ ମାର୍ଚ୍ଚ ୧୬ରେ ଜାତିସଂଘର ୟୁନେସ୍କୋ ଦ୍ୱାରା ପାଳନ କରାଯାଇଥିବା 'ବିଶ୍ୱ କବିତା ଦିବସ' ଅବସରରେ ମତ ପ୍ରକାଶ ପାଇଥିଲା। କାରଣ ଏହା ହେଲା କବିଙ୍କର ଶକ୍ତିଶାଳୀ ଅନୁଭୂତିର ସ୍ୱତଃସ୍ଫୂର୍ତ୍ତ ପ୍ରବାହ। ଏଣୁ ତହିଁରେ ମନ ମଧ୍ୟରୁ ଚାପ ସହଜରେ ଧୋଇ ହୋଇଯାଏ। ପୁନଶ୍ଚ ଗପଟିଏ ଲେଖିବା ଅଧିକାଂଶ ଲୋକଙ୍କ ପକ୍ଷେ କଷ୍ଟକର। କିନ୍ତୁ ସବୁ ଲୋକ ଜୀବନର କୌଣସି ନା କୌଣସି ସମୟରେ, କୌଣସି ନା କୌଣସି ପ୍ରକାର କବିତା ସୃଷ୍ଟି କରିଥାନ୍ତି–ତାହା ପ୍ରେମର ଭାବପ୍ରବଣତାରେ ହେଉ କିମ୍ବା କୌଣସି ଆତ୍ମୀୟସ୍ୱଜନଙ୍କୁ ହରାଇ ମନ ଛଟପଟ ହେଲାବେଳେ ହେଉ। ତେଣୁ ସାରା ବିଶ୍ୱରେ ରଚିତ ହୋଇଥିବା ଅଧିକାଂଶ କାବ୍ୟକବିତା ହୋଇଛି ପ୍ରେମ କିମ୍ବା ଧର୍ମକୁ ଆଧାର କରି।

କବିତା ଏକ ସୂକ୍ଷ୍ମକଳା। କିନ୍ତୁ ଏହା ବହନ କରିଥାଏ ଶକ୍ତିଶାଳୀ ଏବଂ ଅର୍ଥପୂର୍ଣ୍ଣ ସଙ୍କେତ। ବିଶ୍ୱର ଯେକୌଣସି ଭାଷା ହେଉ, ତା'ର ଇତିହାସ କବିତା ସହ ବହୁଳଭାବେ ଜଡ଼ିତ। ରୋମାନ୍ ବା ଗ୍ରୀକ୍ ଭାଷାରେ ରଚିତ ଇଲିଆଡ୍ ବା ଓଡିଷି ଏବଂ ଭାରତୀୟ ଭାଷାରେ ରଚିତ ରାମାୟଣ ଓ ମହାଭାରତ ଭଳି ଜନପ୍ରିୟ ମହାକାବ୍ୟମାନ ଛନ୍ଦ କବିତା ଆକାରରେ ହିଁ ରଚନା କରାଯାଇଛି। ଆମ ମାତୃଭାଷାରେ ଘରେ ଘରେ ପାଠ ହେଉଥିବା ଭାଗବତକୁ ମଧ୍ୟ ଏହାର ରଚୟିତା ପ୍ରାତଃସ୍ମରଣୀୟ ବୈଷ୍ଣବ କବି ଜଗନ୍ନାଥ 'ଗୀତ ପ୍ରବନ୍ଧ' ରୂପେ ଅଭିହିତ କରିଛନ୍ତି। ସେହିପରି କାଳି ଦାସଙ୍କ ଯୁଗରୁ ବୈଷ୍ଣବ ପାଣିଙ୍କ ପର୍ଯ୍ୟନ୍ତ ନାଟକଗୁଡିକ ମୁଖ୍ୟତଃ ରଚିତ ହୋଇଆସିଛି ଏହାରି ମାଧ୍ୟମରେ। ସେପ୍ରକାର ବହୁ ଗୀତିନାଟ୍ୟ ଏବେ ମଧ୍ୟ ଜନପ୍ରିୟ ହୋଇ ରହିଛି । କାରଣ, ଏସବୁ ପ୍ରକୃତରେ ଭାବପ୍ରବଣତାର ସ୍ୱତଃସ୍ଫୂର୍ତ୍ତ ପ୍ରବାହ । ଅତଏବ ଜନମନକୁ ସହଜରେ ଛୁଇଁବା ପାଇଁ ଏବଂ ତାହାକୁ ସାଂସାରିକ ଜୀବନର ଚାପରୁ ମୁକ୍ତ କରିବା ଲାଗି କବିତାର ବିକଳ୍ପ କେବେ ନ ଥିଲା, ଏବେ ନାହିଁ କିମ୍ବା ଭବିଷ୍ୟତରେ ବାହାରିପାରିବ ନାହିଁ ।

ଆମ ଦୁଃଖ, ରାଗ, ଭୟ ଆଦି ନକାରାତ୍ମକ ଭାବପ୍ରବଣତାକୁ ପ୍ରରୋଚିତ କରେ 'ଆଡ୍ରେନାଲ' ଗ୍ରନ୍ଥିରୁ କ୍ଷରିତ ହେଉଥିବା 'ଷ୍ଟେରଏଡ୍' ଜାତୀୟ ହରମୋନ୍ 'କୋର୍ଟିସଲ'। ଫଳରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦିଏ ଓ ଏସବୁ ମାନସିକ ଚାପ ବୃଦ୍ଧି କରେ। ୨୦୧୯ରେ ଚାଇନାର କେତେକ ମନସ୍ତତ୍ତ୍ୱବିତ୍ ଦେଇଥିବା ସୂଚନା ଅନୁସାରେ, କବିତାଟିଏ ଲେଖିବାରେ ମନଦେଲେ କିମ୍ବା ମନଧ୍ୟାନ ସହିତ ତାହା ପାଠ କଲେ ଶରୀର ମଧ୍ୟରେ ଏହି ହରମୋନ୍‌ର କ୍ଷରଣ ଧୀରେ ଧୀରେ ହ୍ରାସ ପାଇବାକୁ ଲାଗେ । ଅତଏବ ମନ ଚାପମୁକ୍ତ ହୁଏ ।

**ଉଷା ନିବାସ, ୧୨୪/୭୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**



# କନା ଚୋରକୁ କି କାନୁନ

ଡ. ଗୌରହରି ରାଉତ

କର୍ମକ୍ଷେତ୍ରରେ ସଚ୍ଚୋଟତା ଦେଖାଉଥିବା ବାବୁମାନେ ଏ କନାଚୋରି ଅଭ୍ୟାସରୁ ମୁକୁଳି ପାରନ୍ତି ନାହିଁ। ଏହା ଏକ ସ୍ୱାଭାବିକ କଥା। ନିଜ ଗାଡ଼ିରୁ କନାଟିଏ ଚୋରି ହେଲେ ବାବୁଙ୍କର ଆଉ ଚାରା କ'ଣ? ଅଗତ୍ୟା କାହାର ନା କାହାର ଗାଡ଼ିରୁ ସେ କନା ଉଠାଇବାକୁ ବାଧ ହେବେ; ଏହା ଦୋଷାବହ କି? କେଜାଣି ସମ୍ବିଧାନର ନିୟମ କାନୁନ ଭିତରେ ଏହା ଯାଏ କି ନା! ଏଠି ଆଉ ଗୋଟେ ପ୍ରସଙ୍ଗ ଆଡ଼କୁ ଆମେ ଆପଣଙ୍କୁ ନେଉଛୁ। ଶିକ୍ଷକମାନଙ୍କର ଖୋଇ ହେଲା– ନିଜ ପକେଟ୍‌ରେ କଲମ ନ ଥିଲେ ଆଉ କେଉଁ ଶିକ୍ଷକ ବନ୍ଧୁ କିମ୍ବା ଛାତ୍ର ଛାତ୍ରୀଙ୍କ କଲମ ମାଗିଆଣି ଲେଖୁଲେଖୁ ଅଜାଣତରେ ସେ କଲମଟି ନିଜ ବାମ ପାଖ ଛାତି ପକେଟରେ ଗୁଞ୍ଜି ହୋଇଯାଏ, ଯେ କେହି ନ ମାଗିଲା ପର୍ଯ୍ୟନ୍ତ ଶିକ୍ଷଙ୍କ ପକେଟରୁ ଆଉ ତାହା ବାହାରେ ନାହିଁ। ଘରେ ଯାଇ ଦେଖିଲା ବେଳକୁ କାହାର କଲମଟିଏ ରହିଯାଇଛି ନିଜ ପକେଟରେ– ତାହା ବି ତାଙ୍କର ମନେ ନ ଥାଏ। ସେହିପରି ନିଜ କଲମ ବି କେତେବେଳେ ଆଉ କେଉଁ ଶିକ୍ଷକ ବନ୍ଧୁଙ୍କ ପାଖକୁ ଯାଇ ଆଉ ଫେରେନି। ଶିକ୍ଷକଙ୍କର ଏ ପ୍ରକାର ପର କଲମ ହାତେଇବା ବିରୋଧରେ ଯେମିତି କିଛି କାନୁନ ବ୍ୟବସ୍ଥା ନାହିଁ, ସେମିତି ବାବୁଙ୍କର ଏଭଳି କନାଚୋରି ବିପକ୍ଷରେ କିଛି କଟକଣା ନାହିଁ। ଧରାଯାଉ ଗାଡ଼ିରୁ ଚୋରି ହୋଇଯାଇଥିବା କନାର ମାଲିକ ଥାନାରେ ଏଫ୍‌ଆଇଆର ଦେଲେ, ଥାନାବାବୁ କ'ଣ ଏଭଳି ମାମଲାକୁ ଗ୍ରହଣ କରି ଛାନ୍‌ଭିନ୍ ଆରମ୍ଭ କରିବେ? ସିନେମା ହଲ୍‌ର ପାର୍କିଂସ୍ଥଳୀ, ଯାତ୍ରା ଓ ମେଳାର ପାର୍କିଂସ୍ଥଳୀ, ମାର୍କେଟ ପ୍ଲେସର ପାର୍କିଂସ୍ଥଳୀ ଏବଂ ସର୍ବୋପରି ବସ୍‌ଷ୍ଟାଣ୍ଡ/ ଷ୍ଟେଶନ୍‌ର ପାର୍କିଂସ୍ଥଳୀରେ ଏଭଳି ଚୋରି ଦେଖିବାକୁ ମିଳୁଛି।

ସୁତରାଂ କହିବା ବାହୁଲ୍ୟ– ଏ କନାଚୋରି ଘଟଣା ଆମ ମେଟ୍ରୋ ସହରମାନଙ୍କର ଏକ ସାଧାରଣ ଘଟଣା ହୋଇଗଲାଣି। ଦୁଇଚକିଆ ଯାନର ପାର୍କିଂ ସ୍ଥାନରେ ଏ କନାଚୋରି ଚାଲିଥିଲେ ବି ନା ଏଥିପାଇଁ ଗାଡ଼ି ଜଗୁଆଳି କିଛି କରିପାରେ ନା ପୁଲିସ ବାବୁମାନେ କିଛି କରିପାରନ୍ତି। ପୁରୁଣା/ପାମ୍ପରା କନାର ମହତ୍ତ୍ୱ ଜାଣିଲେ ତ? ଅଳିଆଗଦାରେ ଫୋପଡ଼ା ହେବା ଯୋଗ୍ୟ ଏ କନାସବୁ ଯେତେବେଳେ ଦୁଇଚକିଆ ଯାନରେ ସ୍ଥାନ ପାଆନ୍ତି, ସେମାନଙ୍କ ଗଉଁ ବଢ଼ିଯାଏ। କୋଟ୍ ଟାଇ ପିନ୍ଧିଥିବା ବାବୁମାନେ ଯେତେବେଳେ ଆଗପଛ, ବାଏଁ ଡାଏଁ ଦେଖି ଆଉ କାହା ଗାଡ଼ିରୁ ତାକୁ ସାଦରେ ଉଠାଇ ନିଅନ୍ତି, କନା ଖଣ୍ଡକର ଛାତି କୁଣ୍ଢେମୋଟ ହୋଇଯାଏ। ଯା' ହେଉ କେଉଁ ଅଳିଆଗଦାକୁ ଯାଇଥା'ନ୍ତା, ସେଠି ପୋଡ଼ା ଯାଇଥା'ନ୍ତା କି ପୋତା ଯାଇଥାନ୍ତା। ହେଲେ ଏତେ ବଡ଼ବଡ଼ ବାବୁମାନେ ଯେତେବେଳେ ତା' ଉପରେ ଲୋଭ ଦୃଷ୍ଟି ପକାଉଛନ୍ତି ଏହା କି କମ୍ କଥା?



ଆପଣ ନିଜେ ଭେଜା ଖଟେଇ କୁହନ୍ତୁ ତ କନାର ମହିମା ଅପାର ନା ନାହିଁ? ଏମିତି ଗୋଟେ ଘଟଣା ଆମର ମନେପଡୁଛି। ବର୍ଷାମାଡ଼ରେ ଓଦା ହୋଇଥିବା ଗାଡ଼ି ପୋଛିବାକୁ ଯେତେବେଳେ ଗାଡ଼ିରେ ଗୋଞ୍ଜିଥିବା କନା ଆମେ ଖୋଜୁ, ତାହା ଆଉ ନ ମିଳେ। ତହୁଁ କରିବୁ କ'ଣ? ସବୁ ଗାଡ଼ିକୁ ଅଣ୍ଡାଳି ଅଣ୍ଡାଳି ଗଲା ବେଳକୁ ଦଶ ବାରଟା ଗାଡ଼ି ପରେ ଅନ୍ୟ ଏକ ଗାଡ଼ିରୁ ତାହା ଆମେ ଠାବକଲୁ ଓ ଆମ କନାକୁ ସେଠୁ ଆଣିଲୁ। ଏଭଳି ବାବୁମାନଙ୍କୁ ଆପଣ କ'ଣ କହିବେ? ଏମିତି କେତେଥର ଆମେ କନାଚୋରିର ଶିକାର ହେଇଛୁ। ଗାଡ଼ି ପୋଛିବାକୁ ଆମ ଦୁଇଚକିଆ ଯାନରେ ଯେତେ କନା ରଖିଲେ ବି କେଉଁ ଗହଳିଆ ପାର୍କିଂ ସ୍ଥାନରେ ତାହା ଚୋରି ହୋଇଯାଇଥାଏ ଯେ ଅସଲ ସମୟରେ ମିଳେନି। ତହୁଁ ଆମେ ଆର କୌଶଳକୁ ଆପଣେଇ ଗାଡ଼ିଟିକୁ ଚକ୍ ଚକ୍ କରୁ। ଏ ଚୋରି କର୍ମଟା ଧର୍ତ୍ତବ୍ୟ ଅପରାଧ ନୁହେଁ। ମୋ ଗାଡ଼ିର କନା କେହି ଚୋରି କଲେ ମୁଁ କିଆଁ ଛାଡ଼ିବି? ସୁତରାଂ ଆଉ କାହା ଗାଡ଼ି ଅଣ୍ଡାଳିବାକୁ ପଡ଼ିବ ନଇଲେ ଗାଡ଼ି ଅପରିଷ୍କାର, ତା' ସହ ସାହେବୀ ପୋଷାକ ବି ଅସନା ହେବାର ସମ୍ଭାବନା ଅଛି।

ଯାହା ତ ଥିଲା, ହେଲେ ଆଜିକାଲିର ସ୍ୱଚ୍ଛତା ମିଶନ୍‌ରେ କନାର ମହତ୍ତ୍ୱ ଆହୁରି ବଢ଼ିଯାଇଛି ଆଜ୍ଞା। ଯେତେବେଳେ ଚାରିଆଡ଼େ ସ୍ୱଚ୍ଛତାର ହୁରି ପଡ଼ିଛି, ସେତେବେଳେ ଏଇ ପାମ୍ପରା କନାର ଚାହିଦା ବି ବଢ଼ିଛି। ସ୍ୱଚ୍ଛ ଯାନ ଆଉ ସ୍ୱଚ୍ଛ ପୋଷାକ ପାଇଁ ଏବେ ଏହା ଅପରିହାର୍ଯ୍ୟ ହୋଇ ପଡ଼ିଛି। ହେ ବାବୁମାନେ, ଗାଡ଼ିରେ ତୁମେ ଯେତେ କନା ରଖିଲେ ମଧ୍ୟ ତାହା ଚୋରି ହେବ ହିଁ ହେବ। ଏ ଚୋରି ପାଇଁ ଥାନାଠାରୁ ଆରମ୍ଭ କରି କୋର୍ଟ କଚେରି କେଉଁଠି ହେଲେ କାନୁନ ନାହିଁ। ତେଣୁ ତୁମର କନା ଖଣ୍ଡେ କେହି ନେଇଗଲେ ତୁମେ ବି ଆଉ କାହା ଗାଡ଼ି ଉଣ୍ଡି ସେଠୁ କନାଟିଏ ଚୋରିକର। ଆମ ଗାଡ଼ି ପରିଷ୍କାର ହେବା ଦରକାର, ପୋଷାକ ପରିଷ୍କାର ହେବା ଦରକାର।

ଏଥର ମୁଣ୍ଡ ଥୟ କରି କହିଲେ, ସତରେ କ'ଣ କେବେ ଆପଣଙ୍କ ଦୁଇଚକିଆ ଯାନରୁ କନା ଚୋରି ହେଇନି? ଆପଣ ବି କ'ଣ ନିଜ ଗାଡ଼ି ପୋଛିବାକୁ କେବେ ଆଉ କାହା ଗାଡ଼ିରୁ କନା ଚୋରି କରିନାହାନ୍ତି? ନିୟମ କରି ରାଣପକାଇ କୁହନ୍ତୁ ତ !

**୮୨୦, ପ୍ରଶାନ୍ତି ବିହାର, ଭୁବନେଶ୍ୱର**
**ମୋ: ୮୭୬୩୮୫୩୨୪୪**

## ଏଇ ଭାରତରେ

ଜଳ ସଙ୍କଟର ଭୟାବହତା ଭଲଭାବେ ହୃଦୟଙ୍ଗମ କରିଛନ୍ତି ୮୭ ବର୍ଷୀୟ ଆବିଦ୍ ଶୁର୍ତି। ସେ ଜଳ ସଂରକ୍ଷଣର ନୂଆ ବାଟ ଆପଣାଇ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। 'ଡ୍ରପ୍ ଡେଡ୍ ଫାଉଣ୍ଡେଶନ'ଗଠନ କରି ତା' ମାଧ୍ୟମରେ ଟ୍ୟାପ୍ ଲିକେଜ୍ ସମସ୍ୟାକୁ ମାଗଣାରେ ମରାମତି କରୁଛନ୍ତି। ଏବେ ସୁଦ୍ଧା ୨୦ ମିଲିୟନ ଲିଟର ପାଣି ବଞ୍ଚାଇବାକୁ ସେ ସକ୍ଷମ ହୋଇଛନ୍ତି। ୨୦୦୭ରେ ପ୍ରକାଶିତ ଏକ ଖବରକାଗଜ ରିପୋର୍ଟ ପଢ଼ି ଏଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ, ଲିକିଂ ଟ୍ୟାପ୍‌ରୁ ପ୍ରତି ସେକେଣ୍ଡରେ ପଡୁଥିବା ପାଣି ଟୋପାର ପରିମାଣ ୧ମାସରେ ୧୦୦୦ ଲିଟରରୁ ଅଧିକ ହୋଇଥାଏ। ଏଣୁ ଲିକେଜ୍ ଯୋଗୁ ଅଧିକ ପରିମାଣ ପାଣି ନଷ୍ଟ ହେବା ଓ ମୁମ୍ବାଇରେ ଲୋକମାନେ ଭୋର ୪ଟାରୁ ଉଠି ପାଣି ପାଇଁ ଧାଡ଼ି ଲଗାଉଥିବା ସ୍ଥିତି ତାଙ୍କୁ ୱାଟର ଲିକେଜ୍ ବନ୍ଦ କରିବାକୁ ପ୍ରେରିତ କରିଥିଲା। ବୟସର ଅପରାହ୍ନରେ ସେ ଥକି ନ ପଡ଼ି ପ୍ରତି ରବିବାର ମୁମ୍ବାଇର ମୀରା ରୋଡ୍‌ରେ ଯେକୌଣସି ଏକ ବିଲ୍ଡିଂକୁ ଯାଇ ଲିକେଜ୍ ସମ୍ପର୍କିତ ତଥ୍ୟ ସଂଗ୍ରହ କରନ୍ତି ଓ ସୋମବାରରେ ତାହାକୁ ମରାମତି କରୁଛନ୍ତି। ତା'ପର ରବିବାରରେ ସେ ପୁଣି ସେଠାରେ ପହଞ୍ଚି ମରାମତିକୁ ଯାଞ୍ଚ କରିବା ସହ ଅନ୍ୟ ଗୃହର ଲିକେଜ୍ ମରାମତି ପାଇଁ ନୂଆ ତାଲିକା ପ୍ରସ୍ତୁତ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୯୭**

- ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ତରଫରୁ ଅଣାଯାଇଥିବା ଏକ ବିଦେଶ ସହାୟତା ବିଲ୍ ଆମେରିକାର ପ୍ରତିନିଧି ସଭାରେ କାଟ୍ ଖାଇଯାଇଛି।
- ଅରୁଣାଚଳ ପ୍ରଦେଶର ଲୁଙ୍ଗାରଠାରେ ସାମରିକ ବାହିନୀର ଏକ ହେଲିକପ୍ଟର ପାହାଡ଼ରେ ଧକ୍କା ଖାଇ ତଳକୁ ଖସିପଡ଼ିବା ଫଳରେ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଏନ୍. ଭି.ଏନ୍. ସୋମୁଙ୍କ ମୃତ୍ୟୁ।
- କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର କେନ୍ଦ୍ରୀୟ ବୋର୍ଡ ସଦସ୍ୟ ପି.ବି. ଢ଼ୁଗଲଙ୍କ ୫୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ତଥାପି କାହିଁ ତ ନ ଲଭେ ପରାଣ ତୃପତି
ସବୁ ପାଇ
ବୁଝାଇ ନିଜକୁ କରିଥିଲି କେତେ ଯୁକତି
ମନେ ନାହିଁ।

–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | 4 | | | | 3 | 6 | | |
| | 9 | | | | 7 | | | |
| | 7 | | | | 1 | | | 2 |
| | | | | | | | 5 | |
| | | 3 | 9 | 1 | 6 | | | |
| | | | 5 | | | | 4 | 1 |
| | | | | | | 8 | 1 | |
| | | | 3 | 7 | 5 | | | |
| | 6 | 9 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 3 | 5 | 7 | 8 | 2 | 9 | 4 |
| 9 | 4 | 5 | 2 | 6 | 3 | 7 | 1 | 8 |
| 8 | 7 | 2 | 9 | 1 | 4 | 5 | 3 | 6 |
| 1 | 2 | 4 | 3 | 8 | 7 | 9 | 6 | 5 |
| 7 | 8 | 9 | 6 | 2 | 5 | 1 | 4 | 3 |
| 5 | 3 | 6 | 4 | 9 | 1 | 8 | 2 | 7 |
| 3 | 5 | 1 | 7 | 4 | 9 | 6 | 8 | 2 |
| 4 | 6 | 8 | 1 | 5 | 2 | 3 | 7 | 9 |
| 2 | 9 | 7 | 8 | 3 | 6 | 4 | 5 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଡାକବାଜି ଯନ୍ତ୍ର,ଚାନ୍ଦା ଆଦାୟ ବନ୍ଦ ହେଉ

ମହାଶୟ,
ଅବସର ପରେ ଗାଁରେ ରହିବାକୁ ଆସି ହଟହଟା ହେବାକୁ ପଡୁଛି। ୩୫ ବର୍ଷ ପୂର୍ବେ ଛାଡ଼ିଥିବା ଗାଁ ଆଉ ନାହିଁ । ପ୍ରତିଦିନ ଡାକବାଜି ଯନ୍ତ୍ର(ଲାଉଡ୍‌ସ୍ପିକର)ର ଉଚ୍ଚଧ୍ୱନି ଯନ୍ତ୍ରଣା ବଢ଼ାଉଛି। ମନ୍ଦିରଠୁ ଆରମ୍ଭକରି ପ୍ରତି ଘରେ ଏକୋଇଶିଆ, ଜନ୍ମଦିନ ଏମିତିକି ଶୁଦ୍ଧିକ୍ରିୟା ଏଭଳି ଯନ୍ତ୍ରଣା ଦେଉଛି ଯେ ଘଡ଼ିଏ ଶାନ୍ତିରେ ରହିବା ସମ୍ଭବପର ହେଉନାହିଁ। ଆମ ପିଲାବେଳେ ଉତ୍ସବରେ ଅଳ୍ପ ସମୟ ପାଇଁ ଡାକବାଜି ଯନ୍ତ୍ର ବାଜୁଥିଲା। ଏବେ ତ ପ୍ରତି ମନ୍ଦିରରେ ଦିନରାତି ଉଚ୍ଚ ସ୍ୱରରେ ଏହା ବାଜୁଛି। କେହି ଶୁଣୁ ନ ଶୁଣୁ ଗାଁଗଣ୍ଡାରେ ବାଜୁଛି। ଯଦି କେହି ଅଭିଯୋଗ କଲେ ଏ ବୁଢ଼ାଦଳ ବିରୋଧୀ କହି ଗାଁଟୋକା ତାଚ୍ଛଲ୍ୟ କରୁଛନ୍ତି। ପୋଲିସକୁ ଅଭିଯୋଗ କରିବା ଅର୍ଥ ନିଜର ଆତ୍ମସମ୍ମାନ ହରାଇବା ସାର। ଜିଲାପାଳଙ୍କୁ ଲେଖିଲେ ବି କିଛି ଫଳ ମିଳୁନାହିଁ । ଚାନ୍ଦା ଆଦାୟ ଆଉ ଏକ ସମସ୍ୟା। ଗାଁରେ ରହୁଛ ତ ଚାନ୍ଦା ଦିଅ ନ ହେଲେ ଗେଟ୍ ଭାଙ୍ଗିଦେବୁ। ସବୁ ପୂଜାପାର୍ବଣରେ ଚାନ୍ଦା କିପରି ,କେମିତି ଓ କେଉଁଠି ଖର୍ଚ୍ଚ ହୁଏ କଟକିଆଙ୍କୁ ବେଶ୍ ଜଣା। ଏବେ ଗାଁ ବି ସେଇ ରାସ୍ତାରେ। ଏହାର ନିରାକରଣ ଜରୁରୀ।

**–ଡ. ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ାଜୟପୁର, କଟକ**

## ଭିକାରିଙ୍କୁ ଥଇଥାନ କରାଯାଉ

କଟକ ସହରରେ ଭିକାରିମାନଙ୍କ ଥଇଥାନ ପାଇଁ ଦୁଇଟି କେନ୍ଦ୍ର ସ୍ଥାପନ କରାଯାଇଛି। ସହର ଉପକଣ୍ଠ ବୟାଳିଶ ମୌଜା ଏବଂ ଦରଖାପାଟଣାରେ ଏହା ଅଛି। ଖରା, ବର୍ଷା ଓ ଶୀତରୁ ସୁରକ୍ଷିତ ଭାବେ ରଖାଯାଉଛି। କିନ୍ତୁ କେତେକ ସ୍ଥାନରେ ସେମାନେ ଭିକ୍ଷାବୃତ୍ତି କରୁଛନ୍ତି। ଖାଦ୍ୟପେୟ ଓ ଅର୍ଥବ୍ୟବସ୍ଥା ଥିବାରୁ ସମସ୍ତଙ୍କୁ ପ୍ରଶାସନ ତରଫରୁ ଏକତ୍ର କରି ରଖାଯାଉ। ସେହିପରି ରାତ୍ରି ଆଶ୍ରୟସ୍ଥଳୀ ବ୍ୟବହାର ହେଉ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର,କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶିଶୁ ଦିବସରେ ପୋଷାକ ବଣ୍ଟନ**

ବୋଲଗଡ଼,(ଡି.ଏନ୍.ଏ.): ବୋଲଗଡ ବ୍ଲକ୍ ଅନ୍ତର୍ଗତ ଟିକାଟାଳ ସ୍ୱାମୀ ବିବେକାନନ୍ଦ ସଂସ୍କୃତ ବିଦ୍ୟାପୀଠରେ ଶିଶୁ ଦିବସ ପାଳନ ଅବସରରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନପଣ୍ଡିତ ବିମ୍ବାଧର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବୋଲଗଡ ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ପବିତ୍ର ମୋହନ ମାଝୀ, ଅତିଥିଭାବେ ସମିତି ସଭ୍ୟ ସଞ୍ଜୟ କୁମାର ଗୁମାନସିଂହ, ସାଧନ କେନ୍ଦ୍ର ସଂଯୋଜକ ଗଙ୍ଗାଧର ବେହେରା, ନଳିନୀ ସାହୁ, ସସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ୟୁନିଫର୍ମ ସହ ଜୋତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ସ୍ଥାୟୀ ପ୍ରଧାନପଣ୍ଡିତ ନିଯୁକ୍ତି ପାଇଁ ଦାବି ହୋଇଥିଲା। ବିମ୍ବାଧର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଧମକ ଦେଇ ଟଙ୍କା ଆଦାୟ କରୁଥିଲେ କିନ୍ନର: ୩ ଗିରଫ



ଭୁବନେଶ୍ୱର,୧୪।୧୧(ବ୍ୟୁରୋ): ରେଳଷ୍ଟେସନ ନିକଟରେ ଯାତ୍ରୀଙ୍କଠାରୁ ଜୋର ଜବରଦସ୍ତି ଟଙ୍କା ଆଦାୟ କରି ହଇରାଣ କରୁଥିବା ୩ଜଣ କିନ୍ନରଙ୍କୁ ଖାରବେଳ ନଗର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପିଙ୍କି କର(୪୨), ଆଲିଆ ବେହେରା(୨୩) ଓ ଲିପ୍ସା ଟୁଡୁ(୨୦)। ସମସ୍ତେ ଖଣ୍ଡଗିରି ଥାନା କୋଲଥିଆରେ ରୁହନ୍ତି। ଜାମିନ ନାମଞ୍ଜୁର ହୋଇବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ମାଷ୍ଟରକ୍ୟାଣ୍ଟିନ ଜୟ ନାରାୟଣ ପାର୍କ ନିକଟରେ ଗତ କିଛିଦିନ ହେବ ୩ଜଣ କିନ୍ନର ଏକଜୁଟ ହୋଇ ଜୋରଜବରଦସ୍ତ ଟଙ୍କା ମାଗୁଥିଲେ। ଯିଏ ଟଙ୍କା ନ ଦେଲା ତାକୁ ମାଡ଼ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଥିଲେ। ଖାଲି ସେତିକି ନୁହେଁ, ଟ୍ରେନରେ ଆସୁଥିବା ଅନେକ ଯୁବକଙ୍କୁ ଟାର୍ଗେଟ କରୁଥିଲେ। ଯିଏ ଟଙ୍କା ନଦିଏ ତାହେଲେ ଯୌନ ଶୋଷଣ କେଶ୍‌ରେ ଫସାଇ ଦେବାକୁ ଧମକ ଦିଅନ୍ତି । ଏନେଇ ଅଭିଯୋଗ ହେବା ପରେ ଖାରବେଳ ନଗର ଥାନା ପୋଲିସ ଘଟଣାସ୍ଥଳକୁ ଯାଇ କିନ୍ନରଙ୍କୁ ଉପରେ ନଜର ରଖିଥିଲେ। ପୋଲିସ ଉପସ୍ଥିତିରେ ସେମାନେ ସେହିପ୍ରକାର ଧମକଚମକ ଦେଇ ଟଙ୍କା ମାଗିବାରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

### ୨ ଆନ୍ତଃରାଜ୍ୟ ଲୁଟେରା ଗିରଫ, ମୋବାଇଲ ଜବତ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ): ଚୋରା ମୋବାଇଲକୁ କମ୍ ଟଙ୍କାରେ ବିକ୍ରି ପାଇଁ ଯୋଜନା କରୁଥିବା ୨ ଅନ୍ତଃରାଜ୍ୟ ଲୁଟ୍ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ ମହାରାଷ୍ଟ୍ରର ମୁରେସ ଅରୁଣ ପାୱାର, ଅମିତ ଶରମିତ ଭୋସ୍ଲେ । ତାଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ କରାଯାଇଛି । ଏନେଇ ପୋଲିସ ମାମଲା (ନଂ ୪୨୨/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା । ସୂଚନାନୁସାରେ ରସୁଲଗଡ ଛକରେ ଅଭିଯୁକ୍ତଦ୍ୱୟ ଚୋରା ମୋବାଇଲ ଫୋନ କମ୍ ମୂଲ୍ୟରେ ବିକ୍ରି କରିବା ନିମନ୍ତେ ଗ୍ରାହକ ଖୋଜୁଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା।

### କାର କାଚ ଭାଙ୍ଗି ଲୁଟ୍ ଘଟଣା,ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ୩ଟି କାର କାଚ ଭାଙ୍ଗି ଲୁଟ ଘଟଣାରେ ପୋଲିସ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେ ହେଲେ ନୀଳାଦ୍ରିବିହାର ଅଞ୍ଚଳରେ ରହୁଥିବା ଶିବରାଜ କୁମାର ବେଶ୍ର ଓରଫ ବାବୁ। ତାଙ୍କଠାରୁ ସମସ୍ତ କାଗଜପତ୍ର ଜବତ କରାଯାଇଛି। ସୂଚନାଯୋଗ୍ୟ, ବିଡିଏ କଲୋନୀରେ ରହୁଥିବା ୩ଟି କାର୍‌ର କାଚ ଭାଙ୍ଗି ବିଭିନ୍ନ କାଗଜପତ୍ର ସହିତ ଗାଡ଼ିରେ ଥିବା ମ୍ୟୁଜିକ୍ ସିଷ୍ଟମ ଓ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ମୈତ୍ରେୟୀ ଲେଖିକା ସଂଗଠନର ମାସିକ ଆସର

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ): ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଦ୍ଦଶତମ ମାସିକ ଆସର ଆଭାସୀ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଲକ୍ଷ୍ମୀ-ଏକ ବିଦ୍ରୋହର ସ୍ୱର' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲେଖିକା ତଥା ଔପନାସିକା ପ୍ରବୀଣା ମହାନ୍ତି ଯୋଗଦେଇ ବଳରାମ ଦାସଙ୍କର 'ଲକ୍ଷ୍ମୀପୁରାଣ' ଉପରେ ଆଲୋକପାତ କରିଥିଲେ। ଏହା କିପରି ଉତ୍କଳୀୟ ସଂସ୍କୃତିରେ ନାରୀର କୋମଳ ବିଦ୍ରୋହର ସ୍ୱରକୁ ମହିମାମଣ୍ଡିତ କରିଛି ସେ ନେଇ ବ୍ୟାଖ୍ୟା କରିଥିଲେ। ନାରୀ କୋମଳ ହୃଦୟର ଅଧିକାରିଣୀ ହେଲେ ମଧ ସ୍ଥଳ ବିଶେଷରେ ସିଏ ଅନ୍ୟାୟ, ଅନାଚାର ବିରୋଧରେ ବିଦ୍ରୋହର ସ୍ୱର ମଧ ଉତ୍ତୋଳନ କରିପାରେ। ଲକ୍ଷ୍ମୀମନ୍ତ ହେବାର ଅର୍ଥ କେବଳ ଧନଧାନ୍ୟରେ ନୁହେଁ, ବରଂ ମାନସିକତାରେ ଧନୀ ହେବା ବୋଲି ସେ କହିଥିଲେ। ଜୟଶ୍ରୀ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରି ଲକ୍ଷ୍ମୀପୁରାଣ ଉପରେ ବକ୍ତବ୍ୟ ରଖିଥିଲେ। ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ପ୍ରଥମ କବିତା ସଂକଳନ 'ଅନନ୍ୟା'ର ସମୀକ୍ଷା କରାଯାଇଥିଲା। ପ୍ରଭାତୀ ମଞ୍ଜରୀ ବେହେରା ମଞ୍ଚ ସଞ୍ଚାଳନା କରିଥିଲେ।

# ଲକ୍ଷେ ଦୀପରେ ଝଲସିବ ବଡ଼ଦାଣ୍ଡ

### ୨୩ ତାରିଖ ସକାଳେ ଅଗ୍ନିହୋତ୍ରୀ ଯଜ୍ଞ, ସନ୍ଧ୍ୟାରେ ଦୀପାଞ୍ଜଳି

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଗତବର୍ଷ ସିଂହଦ୍ୱାରଠାରୁ ଶରଧାବାଲି ଯାଏ, ନୃସିଂହ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ବିଶ୍ୱବାସୀଙ୍କ ମଙ୍ଗଳ କାମନା ପାଇଁ ୧ଲକ୍ଷ ଦୀପ ଜଳାଯାଇଥିଲା। ଚଳିତ ବର୍ଷ ମଧ ମହାମାରୀମୁକ୍ତ ବିଶ୍ୱ ଏବଂ ଜଗତ୍‌କଲ୍ୟାଣ ପାଇଁ ବଡ଼ଦାଣ୍ଡରେ ଦେବ ଦୀପାବଳି ସନ୍ଧ୍ୟାରେ ପୁନର୍ବାର ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନଭେମ୍ବର ୨୩ ବୁଧବାର ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀପ ଲଗାଯିବ। ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର, ଭୁବନେଶ୍ୱର, ଛତିଶା ନିଯୋଗ ଓ ପୁରୀର ସ୍ୱେଚ୍ଛାସେବୀ ସଂଗଠନ ସମୂହ ତଥା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ଭବନଠାରେ ଆୟୋଜିତ ସମ୍ମିଳନୀରେ ଦୀପଦାନ କାର୍ଯ୍ୟକ୍ରମର ଅଧ୍ୟକ୍ଷ ତଥା ସ୍ନାୟୁରୋଗ ବିଶେଷଜ୍ଞ ଡା. ଅଶୋକ କୁମାର ମହାପାତ୍ର, ଉପାଧ୍ୟକ୍ଷ ଶଙ୍କର ପରିଡ଼ା ଏବଂ ଦୀପଦାନ କମିଟିର ବରିଷ୍ଠ ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏହି ସୂଚନା ଦେଇଛନ୍ତି। ଛତିଶା ନିଯୋଗର ସେବାୟତମାନଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର ଭିତରୁ ଦୀପ ଆସି ବଡ଼ଦାଣ୍ଡରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦୀପଦାନ କାର୍ଯ୍ୟକ୍ରମ ପାଇଁ ୫୦ଟିଣ ଘିଅ ଓ ୧୦୦ ଟିଣ ତେଲ ବ୍ୟବହାର କରାଯିବ। ବିଭିନ୍ନ ମହାମାରୀରୁ ମାନବଜାତିକୁ ରକ୍ଷାକରିବା ପାଇଁ ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ପୁରୀ ବଡ଼ଦାଣ୍ଡସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟ ରାଣୀସତୀ ମଣ୍ଡପଠାରେ ଶ୍ରୀଅଚ୍ୟୁତାୟ ନମଃ, ଶ୍ରୀଅନନ୍ତାୟ ନମଃ ଏବଂ ଶ୍ରୀଗୋବିନ୍ଦାୟ ନମଃ ମନ୍ତ୍ର ୧୦୮ଥର ଜପ କରିବା ସହିତ ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ। ଏଥିସହ ଉକ୍ତ ଦିନ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରରେ ଦୀପଦାନ କରିବାକୁ କାର୍ଯ୍ୟକ୍ରମ ସଭାପତି ରମେଶ କୁମାର କେଜିରୱାଲ୍, ବରିଷ୍ଠ ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସମ୍ମିଳନୀରେ ଜଗନ୍ନାଥ ସଂସ୍କୃତି ଗବେଷକ ହରିହର କାନୁନ୍‌ଗୋ, ବିଶିଷ୍ଟ ସାମାଜିକକର୍ମୀ ସୁଦର୍ଶନ ପ୍ରଧାନ, ସେଣ୍ଟର ପରିଚାଳନା ଟ୍ରଷ୍ଟି ତଥା ଦୀପଦାନ କମିଟିର ଆବାହକ ଭାବଗ୍ରାହୀ ଶାନ୍ତି, ସଭାପତି ରତିକାନ୍ତ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଦୀପାଞ୍ଜଳି କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବରେ ନିର୍ମିତ ମାଟି ଦୀପର ଉନ୍ମୋଚନ ଅନୁଷ୍ଠାନର ଅଧ୍ୟକ୍ଷ ମହାପାତ୍ର ଏବଂ ଅତିଥିଙ୍କ ଦ୍ୱାରା ହୋଇଯାଇଛି। ଏହି ଦୀପ ତୈଳଚିତ୍ର ଶିଳ୍ପୀ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ସୁନାରାମ ସିଂହଙ୍କ ଦ୍ୱାରା ଡିଜାଇନ୍ କରାଯାଇଛି।

## ସରିଲା କଳାକାର ଚୟନ ପ୍ରକ୍ରିୟା



କାର୍ଯ୍ୟକ୍ରମରେ ଜଣେ କଳାକାର କଳା ପ୍ରଦର୍ଶନ କରୁଛନ୍ତି।

ବୋଲଗଡ଼,୧୪।୧୧(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ନିମନ୍ତେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ କଳାକାର ଚୟନ ପ୍ରକ୍ରିୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ୧୪୭ ପଞ୍ଜୀକୃତ କଳାକାରଙ୍କ ମଧ୍ୟରୁ ୧୨୯ ଜଣ ଯୋଗଦେଇ ସଂକୀର୍ତ୍ତନ, ଦଣ୍ଡନାଚ, ରାମଲୀଳା, ଖଞ୍ଜଣି, ପାଇକ ଆଖଡ଼ା, ଗୌଡ଼ବାଡ଼ି ଖେଳ, ଆଲ୍‌ବମ ସିରିଏଲ ଯାତ୍ରା କଳାକାର, ଏକକ କଳା, ଲୋକକଳା, ପ୍ରବଚନ, ଢୋଲମହୁରି, ଦାସକାଠିଆ, ଧୁଡୁକି, ଭଜନ, ଭାଗବତ, ଭାରତଲୀଳା, ନାଟ୍ୟରୂପ ସଜ୍ଜା, ପାଲା ଆଦି କଳାରେ ନିଜର ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଚୟନ ପୂର୍ବରୁ ସମସ୍ତଙ୍କର ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। କଳାକାରମାନେ ବିଚାରକ ମଣ୍ଡଳୀ ଆଗରେ କଳା ପରିବେଷଣ କରିଥିଲେ। ଏବିଡିଓ ଡ. ରତିରଞ୍ଜନ ମିଶ୍ର, ବ୍ଲକ ସାମାଜିକ ଶିକ୍ଷା ଅଧିକାରୀ କାମଦେବ ନାୟକ ପ୍ରମୁଖଙ୍କ ସହ ବ୍ଲକର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ଭାବେ ପାଲାରେ ମୁରଲୀଧର ବେହେରା, ସଂକୀର୍ତ୍ତନରେ ବିଶ୍ୱନାଥ ପ୍ରଧାନ ଓ ମାୟାଧର ହୋତା, ପାଇକ ଆଖଡ଼ାରେ ନବକିଶୋର ସିଂ, ପ୍ରବଚନରେ ଗଣେଶ୍ୱର ସ୍ୱାଇଁ ଓ ଅନ୍ୟାନ୍ୟ ବିଭାଗରେ କୃଷ୍ଣଚନ୍ଦ୍ର କହଲସିଂ, ଗୋବିନ୍ଦ କହଲସିଂ ପ୍ରମୁଖ ଯୋଗଦେଇଥିଲେ। ବିଚାରକଙ୍କ ଦ୍ୱାରା ଚୟନ ହୋଇଥିବା କଳାକାରଙ୍କ ନାମ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ନିମନ୍ତେ ଜିଲାପାଳଙ୍କ ନିକଟକୁ ପଠାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## 'ଗୀତାଞ୍ଜଳି'ର ୧୫ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ୧୫ତମ ସାଂସ୍କୃତିକ ବାର୍ଷିକ ଉତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ସଭାପତି ଡ. ସୁଭାଷ ଚନ୍ଦ୍ର ମୁଖାର୍ଜୀ, ସାଧାରଣ ସମ୍ପାଦକ ତପନ କୁମାର ରାହା ପ୍ରମୁଖ ଯୋଗଦେଇଥିଲେ। ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୀରବଚ୍ଛିନ୍ନ ଭାବେ 'ଗୀତାଞ୍ଜଳି' ବିଭିନ୍ନ କାର୍ଯ୍ୟ କରିଆସିଛି ବୋଲି ଅତିଥିମାନେ ମତ ରଖିଥିଲେ। ସମାଜକୁ ଭାଇଚାରାର ଏକ ବାର୍ତ୍ତା ପ୍ରଦାନ କରିବା ଉଦ୍ଦେଶ୍ୟରେ 'ଗୀତାଞ୍ଜଳି' ପକ୍ଷରୁ ସଂଗୀତ ଓ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡ. ସଜଲେନ୍ଦୁ ମାଲକାର ଓ ସସ୍ମିତା ପାତ୍ରଙ୍କୁ 'ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ସଙ୍ଗୀତ ସନ୍ଧ୍ୟାରେ ବହୁ ଉଚ୍ଚକୋଟିର କଳାକାର ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୧ଲକ୍ଷ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ଦେବା ଲକ୍ଷ୍ୟ

### ଡ୍ରୋନ୍ ସର୍ଭେ ପାଇଁ କ୍ଷେତ୍ରକର୍ମୀଙ୍କ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ଓଡ଼ିଶା ସରକାରଙ୍କର ଫ୍ଲାଗସିପ୍ କାର୍ଯ୍ୟକ୍ରମ ଜାଗା ମିଶନ୍ ଅଧୀନରେ ହିତାଧିକାରୀଙ୍କୁ ରାଜ୍ୟର ବିଭିନ୍ନ ମହାନଗର ନିଗମ ତଥା ସହରାଞ୍ଚଳରେ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଧ ଏନେଇ ତତ୍ପରତା ପ୍ରକାଶ ପାଇଛି। ସୋମବାର କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସଭାପତିତ୍ୱରେ ଡ୍ରୋନ୍ ସର୍ଭେ ଜନିତ କ୍ଷେତ୍ରକର୍ମୀଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମର ସମସ୍ତ ୱାର୍ଡ଼ ଅଫିସର, କମ୍ୟୁନିଟି ଅର୍ଗାନାଇଜର୍, ଜୋନାଲ୍ କମ୍ୟୁନିଟି ଅର୍ଗାନାଇଜର୍, ଅମିନ, ଜାଗା କୋର୍ଡିନେଟର୍ ପ୍ରମୁଖଙ୍କ ନିମନ୍ତେ ଏହି ପ୍ରଶିକ୍ଷଣ କରାଯାଇଥିଲା।

ବିଏମ୍‌ସିର ୩ ଜୋନ୍‌ରେ ୪୩୬ଟି ବସ୍ତି ସହରାଞ୍ଚଳ ବସ୍ତିରେ 'ଅର୍ବାନ ସ୍ଲମ ହାଉସ୍ ହୋଲ୍ଡ ଏରିଆ' (ଉଷା) ସର୍ଭେ କରିବା ପୂର୍ବରୁ ଡ୍ରୋନ୍ ସର୍ଭେ କରିବାର ବ୍ୟବସ୍ଥା ଜାଗା ମିଶନ ଧାର୍ଯ୍ୟ କରିଛି। ଏହାକୁ ଭିତ୍ତି କରି ଓଡ଼ିଶା ସରକାରଙ୍କ ତରଫରୁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରତ୍ୟେକ ବସ୍ତିରେ ଡ୍ରୋନ୍ ସର୍ଭେ ହୋଇ ବ୍ୟକ୍ତିଗତ ଘରଗୁଡ଼ିକର ନକ୍ସା ଚିତ୍ର ଉତ୍ତୋଳନ କରାଯିବ। ଏହାକୁ ଭିତ୍ତିକରି ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ନିମନ୍ତେ 'ଉଷା' ସର୍ଭେ କରାଯିବ। ସର୍ଭେ ନିୟମ ଅନୁସାରେ ନିର୍ଦ୍ଦିଷ୍ଟ ବସ୍ତିର ସ୍ଲମ୍ ଡୁଏଲର୍ସ ଆସୋସିଏଶନ୍ (ଏସ୍‌ଡିଏ)ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସମ୍ପୃକ୍ତ ୱାର୍ଡ଼ ଅଫିସର, କମ୍ୟୁନିଟି ଅର୍ଗାନାଇଜର୍, ଗୋଷ୍ଠୀ ସଞ୍ଚାଳନ ପ୍ରକ୍ରିୟାକୁ ଆଗେଇ ନେବେ। ଜାଗା ମିଶନ ଅନ୍ତର୍ଭୁକ୍ତ ହୋଇଥିବାବେଳେ ପ୍ରତ୍ୟେକ ବସ୍ତିରେ ଗୋଟିଏ ଲେଖାଏଁ ଏସ୍‌ଡିଏ ରହିଛି। ଦକ୍ଷିଣ-ପୂର୍ବ ଜୋନ୍‌ରେ ୧୩୯ଟି ଏସ୍‌ଡିଏ, ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୧୪୨ଟି ଏସ୍‌ଡିଏ ଏବଂ ନର୍ଥ ଜୋନ୍‌ରେ ୧୫୫ଟି ଏସ୍‌ଡିଏ ରହିଛି। ଏହି ସମସ୍ତ ଏସ୍‌ଡିଏରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରକୁ ଜାଗା ମିଶନ ଅଧୀନରେ ଭୂମି ଅଧିକାର ପ୍ରମାଣପତ୍ର ଦେବାର ଲକ୍ଷ୍ୟ ରଖାଯାଇଛି। ସର୍ଭେ ପରେ ଭୂମି ଅଧିକାର ପ୍ରମାଣପତ୍ର ପାଇ ସମ୍ପୃକ୍ତ ହିତାଧିକାରୀ ଆବାସ ଯୋଜନାରେ ଘର କରିବାର ଯୋଗ୍ୟତା ମଧ ହାସଲ କରିପାରିବେ। ପ୍ରତ୍ୟେକ ହିତାଧିକାରୀ ପରିବାରଙ୍କୁ ମୌଳିକ ଭାବେ ୩୦ବର୍ଗମିଟରରୁ ୪୫ ବର୍ଗମିଟର ପରିସୀମାର ଭୂମି ଅଧିକାର ପ୍ରମାଣପତ୍ର ଦିଆଯିବାର ବ୍ୟବସ୍ଥା ରହିଛି। ଭୁବନେଶ୍ୱରରେ ପ୍ରଥମକରି ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଛି। ମଙ୍ଗଳବାରଠାରୁ ଅନ୍ୟ ସହରରେ ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ କରାଯିବ। ପ୍ରଶିକ୍ଷଣରେ ବିଏମ୍‌ସି ଅତିରିକ୍ତ କମିଶନର ତଥା ଜାଗା ମିଶନ୍‌ର ନୋଡାଲ୍ ଅଫିସର ଲକ୍ଷ୍ମୀକାନ୍ତ ସେଠୀ ସଂଯୋଜନା ଅଧିକାରୀ ଭାବେ ରହିଥିବା ବେଳେ ଟାଟାଷ୍ଟିଲ୍ ଫାଉଣ୍ଡେଶନ୍‌ର ରାଜ୍ୟ ମୁଖ୍ୟ ଅମ୍ବିକା ନନ୍ଦ, ଅତିରିକ୍ତ ସଚିବ ଜାଗା ମିଶନ୍ ସୌରେନ୍ଦ୍ର ରାଉତ, ଉପନିର୍ଦ୍ଦେଶକ ଜାଗା ମିଶନ୍ ସଞ୍ଜୟ କୁମାର ରାଉତ, ବିଏମ୍‌ସି ଉପ ଆୟୁକ୍ତ ହାଉସିଂ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରମୁଗ୍ଧ କଲା କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ, ବେହେଲା ବାଦନ

### ସରିଲା ରାଜାରାଣୀ ସଙ୍ଗୀତ ମହୋତ୍ସବ

ପୁରୁଣା ଭୁବନେଶ୍ୱର, ୧୪।୧୧(ଡି.ଏନ୍.ଏ.)



ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଓ ବେହେଲା ବାଦନ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଚାଲିଥିବା ରାଜାରାଣୀ ସଙ୍ଗୀତ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଓ କର୍ଣ୍ଣାଟକୀ ବେହେଲା ବାଦନରେ ରାଜାରାଣୀ ମନ୍ଦିର ପରିସର ମୁଖରିତ ହୋଇଉଠିଥିଲା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତର ଗାୟକ ଡ.ଏମ୍.ବାଲମୁରଲୀ କ୍ରୀଷ୍ଣନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ପ୍ରଥମ କାର୍ଯ୍ୟକ୍ରମ। ସଙ୍ଗୀତର ବିଭିନ୍ନ ବିଭବକୁ ଉଚ୍ଚସ୍ୱରରେ ଗାନ କରି ଉପସ୍ଥିତ ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତାଙ୍କୁ ବେହେଲାରେ କାର୍ତ୍ତିକ ଏବଂ ମୃଦଙ୍ଗମ୍‌ରେ ପତ୍ରି ସତିଶ୍ କୁମାର ସହଯୋଗ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମରେ ଥିଲା ଯୁଗ୍ମ ବେହେଲା ବାଦନ। ବିଖ୍ୟାତ କର୍ଣ୍ଣାଟକୀ ବେହେଲା ବାଦକ ଆକ୍କାରାୟୀ ଭଗିନୀଦ୍ୱୟ ଏସ୍. ଶୁଭଲକ୍ଷ୍ମୀ ଓ ଏସ୍. ସ୍ୱର୍ଣ୍ଣଲତା। ପ୍ରଥମେ ସେମାନେ ରାଗ କନକାଙ୍ଗୀ ଓ ଅଦିତାଳ ଉପରେ ଆଧାରିତ କର୍ଣ୍ଣାଟକୀ ଶୈଳୀରେ ବେହେଲା ବାଦନ କରିଥିଲେ। ପରେ ଯୁଗଳବନ୍ଦୀରେ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତକୁ ବେହେଲା ଦ୍ୱାରା ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ମୃଦଙ୍ଗମ୍ କୁଲର୍ ଜୟଚନ୍ଦ୍ର ରାଓ ଏବଂ ଘଟମ୍‌ରେ ଗରିଧର ଉଡୁପା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀର ସଭାପତି ଅରୁଣା ମହାନ୍ତି, ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଚିବ କ୍ଷୀରୋଧ ପଟ୍ଟନାୟକ ଯୋଗଦେଇଥିଲେ। ଡ. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଶିଶୁଙ୍କୁ ଗଢ଼ିବାରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ





କାର୍ଯ୍ୟକ୍ରମରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୪।୧୧:** ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗମା ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ମାମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତାମାଳାରେ ଆଦ୍ୟାଶା ଦିକ୍ଷୀତ, ପ୍ରିୟଦର୍ଶିନୀ ପାଇକରାୟ, ଚିତ୍ରକଳାରେ ରଞ୍ଜିତ ବଡ଼ଜେନା, କୌତୁକ ପୋଷାକ ପ୍ରତିଯୋଗିତାରେ ଯୋଷିକା ଜାଗୃତି, ଦର୍ଷିତା ମହାରଥୀ, ସାଇ ପ୍ରୀୟଂଶି ପ୍ରିୟଦର୍ଶିନୀ, ଶ୍ରୀୟନ୍ସି ହରିଚନ୍ଦନ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ସୁମିତ୍ରା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ପରିବେଷିତ ହୋଇଥିଲା।

ସେହିପରି ମଳିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟର ଖୋର୍ଦ୍ଧା ଶାଖା ପକ୍ଷରୁ ଏଥିରେ ସହଯୋଗ ଶିଶୁ ଦିବସ ଉତ୍ସବ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିଶୁ ଦିବସକୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଲୋହିତ ନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ଅତିଥିଭାବେ ମଳିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ସାମ୍ବାଦିକ ଅନସର୍ ଅଲ୍ଲୀ, ନାରାୟଣ ମହାନ୍ତି, ଶୁଭଲକ୍ଷ୍ମୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୬ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ଓୟୁଜେ ସଂଘ ପକ୍ଷରୁ ବିସ୍କୁଟ ଏବଂ ଚକ୍ଲେଟ୍ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଥିଲା।





ଆଶା ପ୍ଲେ ସ୍କୁଲର ପିଲାମାନେ ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

**ଜଟଣୀ,(ଡି.ଏନ୍.ଏ.):** ଜଟଣୀ ରାମଚନ୍ଦ୍ରପୁରସ୍ଥିତ ଆଶା ପ୍ଲେ ସ୍କୁଲ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପିଲାମାନେ ଭାଇନେଇ କଳା ଏବଂ ପ୍ରତିଭା ପ୍ରଦର୍ଶନ କରିଥିଲେ। ସ୍କୁଲର ସହ ସଂସ୍ଥାପକ ପ୍ରଦୀପ୍ତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗନ୍ନାଥ ଦାସ ଯୋଗଦେଇ କାର୍ଯ୍ୟକ୍ରମର ମୂଲ୍ୟବୋଧ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ପ୍ରିନ୍ସପାଲ ବିଜୟିନୀ ଦାଶ, ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ କାନୁନଗୋ, ଦିପ୍ତିମୟୀ ମଙ୍ଗରାଜ, ପୂଜା ସମାନ୍ତରା, ଅଂଶୁମାନ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳାରେ ସହଯୋଗ କରିଥିଲେ।

ସେହିପରି ପୂର୍ବତଟ ରେଲୱେ ଭରତ ସ୍କାଉଟ୍ସ ଏବଂ ଗାଇଡ୍ସ ଖୋର୍ଦ୍ଧା ରୋଡ୍ ଦ୍ୱାରା ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତଟ ରେଳ ମହିଳା କଲ୍ୟାଣ ସଙ୍ଗଠନର ସଭାପତି ଶୁଭଲକ୍ଷ୍ମୀ ଜେନା ଯୋଗଦେଇଥିଲେ। ସଙ୍ଗଠନ ଉପସଭାପତି ସୀମା ପାନୱାର, ପଲ୍ଲବୀ ଚୌହାନଙ୍କ ସମେତ ସଙ୍ଗଠନର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କାଉଟ୍ସ ଏବଂ ଗାଇଡ୍ସ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି ରଞ୍ଜନ ଦାସ ଏବଂ ସସ୍ମିତା ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଯାଁଳା,(ଡି.ଏନ୍.ଏ.): ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ଦିବସ ପାଳିତ ହୋଇଯାଇଛି। କୁନି ପିଲାମାନେ ବିଭିନ୍ନ ବେଶରେ କେନ୍ଦ୍ରକୁ ଆସିଥିଲେ। ପିଲାମାନଙ୍କୁ ନୂଆ ପୋଷାକ, ପେନସିଲ, ରବର ଏବଂ ବିସ୍କୁଟ ବଣ୍ଟନ କରାଯାଇଥିଲା। ୱାର୍ଡମେମ୍ବର ମଧୁସ୍ମିତା ସେଠୀ, ଏଏନ୍‌ଏମ୍ ଲକ୍ଷ୍ମୀପ୍ରିୟା ପରିଡା ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀ କଳ୍ପନା ଦାଶ ଓ ସହାୟିକା ପାଲେଇ ପରିଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ନିରାକାରପୁରସ୍ଥିତ ବେଦଶାଳାରେ ଶିଶୁ ଦିବସ ପାଳନ କରାଯାଉଛି।

**ନିରାକାରପୁର,(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ନିକଟ ଶ୍ରୀଦେବ୍ୟୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବରଦଶାଳାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ କୃପାସିନ୍ଧୁ ପଣ୍ଡା, ବେଦ ଗୁରୁ ତପନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କ ଭବିଷ୍ୟତ କିପରି ଉଜ୍ଜ୍ୱଳ ହେବ ସେ ବିଷୟରେ ଅଆଲୋକପାତ କରିଥିଲେ। ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଥିବା ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଟ୍ଟଯାଶୀ ଧନ୍ୟବାଦ ଦେଇଥିଲେ। ସେହିପରି କ୍ଷେତ୍ରବାସୀ ସରକାରୀ ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାଶଙ୍କ ପୌରୋହିତ୍ୟରେ ଶିଶୁଦିବସ ପାଳିତ ହୋଇଥିଲା। ଆର୍ଯ୍ୟବିହାରସ୍ଥିତ ଶିଶୁ ବିଦ୍ୟାମନ୍ଦିର, ବଡପୋଖରିଆ ପଞ୍ଚାୟତରେ ଥିବା ଷ୍ଟେଟ୍ ଓଡିଶା ବ୍ରିଗେଡୟର ସ୍କୁଲ ଏବଂ ସ୍ଥାନୀୟ ଡିଏଭି ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଥିଲା।

**ବାଣପୁର,(ଡି.ଏନ୍.ଏ.):** ବାଣପୁର ମାତୃନୀଳୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ର ପରିସରରେ ତାଲୁକା ଆଇନସେବା ଓ ଶିଶୁ ଦିବସ ଆଇନଜୀବୀ ଶେଷଦେବ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଣପୁର ତାଲୁକା ଆଇନସେବାର ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ମନୋରଞ୍ଜନ ମିଶ୍ର, ଅତିଥିଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗର ବିଚାରପତି ସ୍ନାତକୀ ଦାଶ, ଆଇନଜୀବୀ ଗୌରୀ ଶଙ୍କର ଷଡ଼ଙ୍ଗୀ, ଆଇନଜୀବୀ ବିପ୍ଳବ ମୁଦୁଲି ପ୍ରମୁଖ ଯୋଗଦେଇ, ଦେଶ ଗଠନରେ ଶିଶୁଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ପ୍ରଣତୀ ମହାରଣା ଓ ଅରୋଜୋତୀ ଦାସ ମାତୃ ସଙ୍ଗୀତ ଗାନକରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରତିଭାଧାରୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଣପୁର ଓକିଲ ସଂଘର ଆଇନଜୀବୀ ଅଜିତ କୁମାର ବାରିକ, ଏସ୍ ଜୟକିଷାନ ଯୋଗଦେଇଥିଲେ। ଅଧକ୍ଷ ସଞ୍ଜୟ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

## ସମବାୟ ସପ୍ତାହ ପାଳିତ

ବାରଙ୍ଗ,୧୪।୧୧(ଡି.ଏନ୍.ଏ.): ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଆୟୋଜିତ ୬୯ତମ ସମବାୟ ସପ୍ତାହକୁ ମେଣ୍ଢାଶାଳ ସେବା ସମବାୟ ସମିତି ସୋମବାର ପାଳନ କରିଛି। ଏହି ଅବସରରେ ସକାଳେ ସମିତି ଏବଂ ଶାଖା ପରିସରରେ ସମବାୟ ପତାକା ଉତ୍ତୋଳନ କରାଯାଇଥିଲା। ସମିତି ସଭାପତି ମହେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସସ୍ମିତା ନାୟକ, ସନ୍ତୋଷ ମଙ୍ଗରାଜ, ମୁରଲୀଧର ମହାନ୍ତି, ରାଜଖାନଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାଜଧାନୀରେ ମାଙ୍କଡ଼ ଆତଙ୍କ, ୩ ଆହତ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ) ରାଜଧାନୀରେ ଦିନକୁ ଦିନ ମାଙ୍କଡ ଆତଙ୍କ ବଢ଼ି ଚାଲିଛି। କାହା ଘରେ ପଶି ଖାଦ୍ୟ ଖାଇବା ସହ ଲୋକଙ୍କୁ ଗୋଡ଼ାଇ କାମୁଡୁଛି। ସୋମବାର ସକାଳେ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୧ ମାର୍କେଟ ବିଲ୍ଡିଂର ବଜରଙ୍ଗ ଭେଣ୍ଡିଂ ଜୋନ୍‌ରେ ଏକ ମାଙ୍କଡ ହଠାତ୍ ପହଞ୍ଚି ଉତ୍ପାତ କରିଥିଲା। ଲୋକଙ୍କୁ ଗୋଡ଼ାଇ କାମୁଡିବା ଦେଖି କେତେଜଣ ବ୍ୟବସାୟୀ ତାକୁ କଦଳୀ ଓ ଅନ୍ୟାନ୍ୟ ସାମଗ୍ରୀ ଖାଇବାକୁ ଦେଇଥିଲେ। ହେଲେ ମାଙ୍କଡ଼ଟିର ଉଗ୍ର ରୂପ କମି ନ ଥିଲା। ମାଙ୍କଡ଼ କାମୁଡ଼ାରେ ୩ଜଣ ବ୍ୟବସାୟୀ ଆହତ ହୋଇଛନ୍ତି। ସମସ୍ତ ବ୍ୟବସାୟୀ ଏକାଠି ହୋଇ ବାଡ଼ି ଧରି ଗୋଡ଼ାଇବାରୁ ମାଙ୍କଡ଼ଟି ଗଛ ଉପରକୁ ଚାଲିଯାଇଥିଲା। ହେଲେ ସେଠାରେ ଭୟର ବାତାବରଣ ସୃଷ୍ଟି ହେବା ସହ ଲୋକଙ୍କ ଭିଡ ଜମିଥିଲା। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମାଙ୍କଡ଼ଟିକୁ ଧରିବାକୁ ଉଦ୍ୟମ କରିଥିଲା। ହେଲେ ମାଙ୍କଡ଼ ଧରାଦେବା ପରିବର୍ତ୍ତେ ବନ କର୍ମଚାରୀଙ୍କୁ ମଧ କାମୁଡିବାକୁ ଗୋଡ଼ାଇଥିଲା। ଏମିତି ୩ ଘଣ୍ଟାର ଛକାପଞ୍ଝା ପରେ ବନ କର୍ମଚାରୀମାନେ ଜାଲ ସାହାଯ୍ୟରେ ମାଙ୍କଡ଼କୁ କାବୁ କରିବା ପରେ ଜଙ୍ଗଲରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

### ହେତୁବାଦୀଙ୍କ ଗାଡ଼ି ପୋଡ଼ିଦେଲେ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ): ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଏକ ଦୋକାନ ଆଗରେ ରଖାଯାଇଥିବା ଗୋଟିଏ ଗାଡ଼ିକୁ କେହି ଦୁର୍ବୃତ୍ତ ପୋଡ଼ିଦେଇଛନ୍ତି। ଗାଡିର ମାଲିକ ଜଣେ ହେତୁବାଦୀ ବୋଲି ସୂଚନା ମିଳିଛି । ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲେ ମଧ ଦୋକାନର କର୍ମଚାରୀ କେହି ଜାଣିନଥିବା କହିଛନ୍ତି।

# ଲକ୍ଷେ ଦୀପରେ ଝଲସିବ ବଡ଼ଦାଣ୍ଡ

## ୨୩ ତାରିଖ ସକାଳେ ଅଗ୍ନିହୋତ୍ରୀ ଯଜ୍ଞ, ସନ୍ଧ୍ୟାରେ ଦୀପାଞ୍ଜଳି

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଗତବର୍ଷ ସିଂହଦ୍ୱାରଠାରୁ ଶରଧାବାଲି ଯାଏ, ନୃସିଂହ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ବିଶ୍ୱବାସୀଙ୍କ ମଙ୍ଗଳ କାମନା ପାଇଁ ୧ଲକ୍ଷ ଦୀପ ଜଳାଯାଇଥିଲା। ଚଳିତ ବର୍ଷ ମଧ ମହାମାରୀମୁକ୍ତ ବିଶ୍ୱ ଏବଂ ଜଗତକଲ୍ୟାଣ ପାଇଁ ବଡ଼ଦାଣ୍ଡରେ ଦେବ ଦୀପାବଳି ସନ୍ଧ୍ୟାରେ ପୁନର୍ବାର ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନଭେମ୍ବର ୨୩ ବୁଧବାର ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀପ ଲଗାଯିବ। ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର, ଭୁବନେଶ୍ୱର, ଛତିଶା ନିଯୋଗ ଓ ପୁରୀର ସ୍ୱେଚ୍ଛାସେବୀ ସଂଗଠନ ସମୂହ ତଥା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ଭବନଠାରେ ଆୟୋଜିତ ସମ୍ମିଳନୀରେ ଦୀପଦାନ କାର୍ଯ୍ୟକ୍ରମର ଅଧ୍ୟକ୍ଷ ତଥା ସ୍ନାୟୁରୋଗ ବିଶେଷଜ୍ଞ ଡା. ଅଶୋକ କୁମାର ମହାପାତ୍ର, ଉପାଧ୍ୟକ୍ଷ ଶଙ୍କର ପରିଡ଼ା ଏବଂ ଦୀପଦାନ କମିଟିର ବରିଷ୍ଠ ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏହି ସୂଚନା ଦେଇଛନ୍ତି। ଛତିଶା ନିଯୋଗର ସେବାୟତମାନଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର ଭିତରୁ ଦୀପ ଆସି ବଡ଼ଦାଣ୍ଡରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦୀପଦାନ କାର୍ଯ୍ୟକ୍ରମ ପାଇଁ ୫୦ଟିଣ ଘିଅ ଓ ୧୦୦ ଟିଣ ତେଲ ବ୍ୟବହାର କରାଯିବ। ବିଭିନ୍ନ ମହାମାରୀରୁ ମାନବଜାତିକୁ ରକ୍ଷାକରିବା ପାଇଁ ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ପୁରୀ ବଡ଼ଦାଣ୍ଡସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟ ରାଣୀସତୀ ମଣ୍ଡପଠାରେ ଶ୍ରୀଅଚ୍ୟୁତାୟ ନମଃ, ଶ୍ରୀଅନନ୍ତାୟ ନମଃ ଏବଂ ଶ୍ରୀଗୋବିନ୍ଦାୟ ନମଃ ମନ୍ତ୍ର ୧୦୮ଥର ଜପ କରିବା ସହିତ ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ। ଏଥିସହ ଉକ୍ତ ଦିନ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରରେ ଦୀପଦାନ କରିବାକୁ କାର୍ଯ୍ୟକ୍ରମ ସଭାପତି ରମେଶ କୁମାର କେଜିରୱାଲ୍, ବରିଷ୍ଠ ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସମ୍ମିଳନୀରେ ଜଗନ୍ନାଥ ସଂସ୍କୃତି ଗବେଷକ ହରିହର କାନୁନ୍‌ଗୋ, ବିଶିଷ୍ଟ ସାମାଜିକକର୍ମୀ ସୁଦର୍ଶନ ପ୍ରଧାନ, ସେଣ୍ଟର ପରିଚାଳନା ଟ୍ରଷ୍ଟି ତଥା ଦୀପଦାନ କମିଟିର ଆବାହକ ଭାବଗ୍ରାହୀ ଶାନ୍ତି, ସଭାପତି ରତିକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଦୀପାଞ୍ଜଳି କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବରେ ନିର୍ମିତ ମାଟି ଦୀପର ଉନ୍ମୋଚନ ଅନୁଷ୍ଠାନର ଅଧ୍ୟକ୍ଷ ମହାପାତ୍ର ଏବଂ ଅତିଥିଙ୍କ ଦ୍ୱାରା ହୋଇଯାଇଛି। ଏହି ଦୀପ ତୈଳଚିତ୍ର ଶିଳ୍ପୀ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ସୁନାରାମ ସିଂହଙ୍କ ଦ୍ୱାରା ଡିଜାଇନ୍ କରାଯାଇଛି।

# ଅନ୍ତର୍ଜାତୀୟ ପ୍ରସ୍ତର ମେଳାରେ ଓଡ଼ିଶା ପୁରସ୍କୃତ




ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ରାଜସ୍ଥାନ ସରକାରଙ୍କ ପକ୍ଷରୁ ରାଜସ୍ଥାନର ଜୟପୁରସ୍ଥିତ ସୀତାପୁର ଶିଳ୍ପାଞ୍ଚଳରେ ଏକାଦଶ ଅନ୍ତର୍ଜାତୀୟ ଭାରତ ପ୍ରସ୍ତର ମେଳା (ଇଣ୍ଡିଆ ଷ୍ଟୋନ୍ ମାର୍ଟ-୨୦୨୨) ଗତ ୧୦ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଓଡ଼ିଶା ଷ୍ଟଲ୍‌କୁ ଦ୍ୱିତୀୟ ପୁରସ୍କାର ମିଳିଛି।
ଏହି ମେଳାରେ ଓଡ଼ିଶାର ୮ଜଣ ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ଯୋଗଦେଇ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଓଡ଼ିଶାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଏମାନଙ୍କୁ ମନୋନୀତ କରାଯାଇଥିଲା। ସରକାରଙ୍କ ତରଫରୁ ଗସ୍ତ ଖର୍ଚ୍ଚ, ଦୈନିକ ଭତ୍ତା ପ୍ରଦାନ ସହିତ ମାଗଣା ସାମଗ୍ରୀ ପରିବହନ ବ୍ୟବସ୍ଥା ଇତ୍ୟାଦି ସୁବିଧା କରାଯାଇଥିଲା। ଏହି ମେଳାରେ ମୋଟ ୪୨ ଲକ୍ଷ ଟଙ୍କାର ସାମଗ୍ରୀ ବିକ୍ରିସହିତ ପ୍ରାୟ ୭୦ ଲକ୍ଷ ଟଙ୍କାର ବ୍ୟବସାୟିକ ଅନୁସନ୍ଧାନ ହୋଇଥିବା ଜଣାପଡ଼ିଛି। ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି, ହସ୍ତଶିଳ୍ପ ବିକାଶ ଅଧିକାରୀ ଅଭିଷେକ ଚୌଧୁରୀ ସେଠାରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ। ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ରାଜସ୍ଥାନର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଶକୁନ୍ତଳା ରାୱତଙ୍କଠାରୁ ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ସମ୍ମାନ ଗ୍ରହଣ କରିଥିଲେ।

# ପିଲାଙ୍କ ମନରେ ଉତ୍ସାହ ଭରିଲେ ଶିକ୍ଷୟିତ୍ରୀଶିକ୍ଷକ




ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଲୟୋଲା ସ୍କୁଲ ପରିସରରେ ସୋମବାର ଶିଶୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ରେକ୍ଟର ଫାଦର ଅଗଷ୍ଟିନ୍, ଅଧ୍ୟକ୍ଷ ଫାଦର ଭିକ୍ଟର ମିସ୍ କୁଇଥ୍, ଉପାଧ୍ୟକ୍ଷ ସିଷ୍ଟର ଏସ୍ଥର ଟୋପୋ(ଜୁନିୟର), ନନ୍ଦୀତା ପଟ୍ଟନାୟକ(ସିନିୟର), ଫାଦର ଜର୍ଜ ଥାନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁମଧୁର ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀଶିକ୍ଷକମାନେ ନୃତ୍ୟ ପରିବେଷଣ କରି ପିଲାଙ୍କ ମନରେ ଉତ୍ସାହ ଭରିଥିଲେ। ବିଦ୍ୟାଳୟ କର୍ମଚାରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଥିଲା କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ। ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଫୁଟବଲ୍, ଥ୍ରୋ ବଲ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ବିଜୟଲାଭ କରିଥିଲେ।

## 'ଛାତ୍ରୀଛାତ୍ର ହେଉଛନ୍ତି ଗୋଲାପ ଫୁଲର ପାଖୁଡ଼ା'

ବାଲିଅନ୍ତା,୧୪।୧୧(ଡି.ଏନ୍.ଏ.)

ସ୍ଥାନୀୟ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ସୋମବାର ଶିଶୁ ଦିବସ ପାଳନ ଅବସରରେ ଶିଶୁ ମହୋତ୍ସବ ଶେଫାଳି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପାହାଳ ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲର ପାଖୁଡା ସହିତ ତୁଳନା କରିଥିଲେ। ତେଣୁ ଛାତ୍ରୀଛାତ୍ରମାନେ ଜୀବନର ଲକ୍ଷ୍ୟ ଜଣେ ଜଣେ ଭଲ ମଣିଷ ହେବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ୪ନଂ. ୱାର୍ଡ କର୍ପୋରେଟର ସୁକୁମାର ସାହୁ, ସେୱାର ସଭ୍ୟ ଜମ୍ବୁଧର ଜେନା, ଶିକ୍ଷା ମନ୍ଦିର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ଶିକ୍ଷକ ହେମନ୍ତ ନାୟକ ସଭା ପରିଚାଳନା କରିଥିଲେ।

# ବିଜେଇଏମ୍ ସ୍କୁଲରେ ଶିଶୁଦିବସ ପାଳିତ



ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ (ବିଜେଇଏମ୍)ରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ୧୩୩ତମ ଜନ୍ମଦିବସ ଲପଲକ୍ଷେ ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ରଘୁନାଥ ମିଶ୍ର ଯୋଗଦେଇ ନେହେରୁଙ୍କ ଆଦର୍ଶ ଓ ଜୀବନୀକୁ ଆଲୋଚନା ପୂର୍ବକ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟକ୍ଷା ସନ୍ଧ୍ୟା ଜେନା ନେହେରୁଙ୍କ ଜୀବନର କଥା ସହ ଛାତ୍ର ଓ ଶିକ୍ଷାଦାତାଙ୍କ ସମ୍ପର୍କ ବିଷୟରେ କହିଥିଲେ। ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଯୋଗଦେଇ ପିଲାମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଭିତରେ ଥିବା ସୃଜନଶୀଳ କ୍ଷମତା ସମାଜ ପରିବର୍ତ୍ତନ କରିପାରିବ ବୋଲି କହିଥିଲେ। ପର୍ଯ୍ୟବେକ୍ଷିକା ଶିବାନୀ ପଟ୍ଟନାୟକ ଶିଶୁ ଦିବସର ମାହାତ୍ମ୍ୟ ବୁଝାଇ ପିଲାମାନଙ୍କ ଉତ୍ତମ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷିକା ସ୍ମିତା ମହାନ୍ତି, ସୁଚରିତା ଦାସ, ପରିଚାଳନା କମିଟିର ସଦସ୍ୟବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା ଉପସ୍ଥିତ ରହି ନେହେରୁଙ୍କର ଶିଶୁସମାଜ ପ୍ରତି ଅବଦାନକୁ ଆଲୋଚନା କରିଥିଲେ। ଶିଶୁ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, କୌତୁକ ପୋଷାକ, ବକ୍ତୃତା, ଶିଶୁ ପ୍ରତିଭା ପ୍ରଦର୍ଶନ, ଖାଦ୍ୟ ମେଳା ସହ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏସ୍.ଆର୍. ରଙ୍ଗନାଥନଙ୍କୁ ପୁଷ୍ପ ପ୍ରଦାନ ପୂର୍ବକ ଜାତୀୟ ଗ୍ରନ୍ଥାଳୟ ସପ୍ତାହ ଉଦ୍‌ଘାଟିତ ହୋଇଥିଲା।

# ସିସିଡବ୍ଲୁଡି ଓ ଆକ୍ସନ୍‌ଏଡ୍‌ର ପକ୍ଷରୁ ଶିଶୁଦିବସ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ସ୍ଥାନୀୟ ରୋଟାରୀ କ୍ଲବ ସଭାକକ୍ଷରେ ସିସିଡବ୍ଲୁଡି ଓ ଆକ୍ସନ୍‌ଏଡ୍‌ର ମିଳିତ ଆନୁକୂଲ୍ୟରେ ଶିଶୁଦିବସ ପାଳିତ ହୋଇଯାଇଛି। ଶିଶୁର ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରିବା ଓ ପ୍ରତ୍ୟେକ ଶିଶୁମାନଙ୍କ ପାଇଁ ସୁରକ୍ଷିତ ପରିବେଶ ଗଢ଼ିତୋଳିବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏ ଅବସରରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଶରତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୋଣଠେସା ହୋଇ ରହିଯାଉଥିବା ଶିଶୁମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଓ ପ୍ରତ୍ୟେକ ଶିଶୁମାନଙ୍କୁ ଶିକ୍ଷାଭିମୁଖୀ କରାଯିବା ଦରକାର ବୋଲି ମୁଖ୍ୟ ଅତିଥି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ପତ୍ରକାର ସୁରେନ୍ଦ୍ର ପାତ୍ର, ଆକ୍ସନ୍‌ଏଡ୍‌ର ଶୁଭେନ୍ଦୁ କୁମାର ରାୟ, ବି.ଏନ୍ ଦୁର୍ଗା, ସ୍ୱାତୀ ତନୟା ମିଶ୍ର, ଶିଶୁ ପ୍ରତିନିଧି ସନ୍ଧ୍ୟାରାଣୀ ସାହୁ ଯୋଗଦେଇ ଶିଶୁ ଅଧିକାର ସୁରକ୍ଷା ଉପରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପୌରୋହିତ୍ୟ କରି ଶିଶୁଦିବସ ପାଳନର ତାତ୍ପର୍ଯ୍ୟ ଓ ଶିଶୁର ସର୍ବାଙ୍ଗୀନ ଉନ୍ନତି ଉପରେ ଆଲୋକପାତ କରିଥିଲେ । ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କଲ୍ୟାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁସଂଘର ପ୍ରତିନିଧିମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# 'ଶିଶୁଙ୍କ ସୁରକ୍ଷା ଶିଶୁ ଦିବସର ମୂଳ ଆଧାର ହେଉ'

ବାଲିପାଟଣା,୧୪।୧୧(ଡି.ଏନ୍.ଏ.)

ଭାଷଣ ନୁହେଁ, ଶିଶୁମାନଙ୍କର ସୁରକ୍ଷା ହିଁ ଶିଶୁ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲେ ଦେଶର ବିକାଶ ହୋଇପାରିବ ବୋଲି ବନମାଳୀପୁର ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ମୁରଲୀଧର ସାହୁ କହିଛନ୍ତି। ସୋମବାର ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିର ସଭାଗୃହରେ ଆୟୋଜିତ ଶିଶୁ ଦିବସ ଅବସରରେ ମୁଖ୍ୟ ଅତିଥିଭାବେ ସାହୁ ଯୋଗଦେଇ ଏହା କହିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ ଯୋଗଦେଇ କହିଥିଲେ, ଶିଶୁ ସମାଜର ଶୃଙ୍ଖଳିତ ସୈନିକ। ଆଗାମୀ ଭବିଷ୍ୟତଙ୍କୁ ସରସ ସୁନ୍ଦର କରି ଗଢ଼ିଲେ ଦେଶର ବିକାଶ ହେବ। ଅଧ୍ୟକ୍ଷା ପିତ୍ର ଦାସ ଓ କୁକୁନ ଓଝା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସୁକାନ୍ତି ତ୍ରିପାଠୀ, ମିତାଲି ସ୍ୱାଇଁ, ଲିପିକା ପ୍ରଧାନ, ମଧୁସ୍ମିତା ଜେନା, ଗଙ୍ଗାରାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଛାତ୍ରୀଛାତ୍ର ବିଜ୍ଞାନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଶୀଳନ କରନ୍ତୁ'




ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ସମୂହର ପ୍ରତିଷ୍ଠାତା ସ୍ୱର୍ଗତ ଚନ୍ଦ୍ରଶେଖର ପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ରସୁଲଗଡ଼ସ୍ଥିତ ସ୍କୁଲ ପରିସରରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୂର୍ଯ୍ୟପ୍ରକାଶ ପତି ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ୟୁନିଟ୍-୪ ଭେଙ୍କଟେଶ୍ୱର ସ୍କୁଲ୍‌ର ପ୍ରଶାସକ ଶକ୍ତି ପ୍ରକାଶ ପତି, ପୁରୁଣା ଭୁବନେଶ୍ୱରସ୍ଥିତ ସ୍କୁଲ୍ ପ୍ରଶାସକ ହିମାଂଶୁ ଶେଖର ପତି ଏବଂ ମିନ୍‌ଚିନ୍‌ପାଟନାସ୍ଥିତ ସ୍କୁଲ୍ ମ୍ୟାନେଜର ବସନ୍ତ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ପରିଚାଳନା ସଦସ୍ୟ ଶଶାଙ୍କ ଶେଖର ପତି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିବା ସହ ପିଲାମାନେ ଉନ୍ନତି ପଥରେ ଅଗ୍ରସର ହେବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ନିଜର ଧୀଶକ୍ତିବଳରେ ବିଜ୍ଞାନର ସୂକ୍ଷ୍ମାତିସୂକ୍ଷ୍ମ ଅନୁଶୀଳନକୁ ସମୀକ୍ଷା ପୂର୍ବକ କରିବା ଆବଶ୍ୟକ ଓ ପ୍ରୟୋଗାତ୍ମକ ଉଦ୍ଭାବନ, ଆବିଷ୍କାର ଓ ପ୍ରଯୁକ୍ତିବିଦ୍ୟାର ନୂତନ କ୍ଷେତ୍ରକୁ ନେଇ ସମାଜ ଆଗକୁ ବଢ଼ିଥାଏ ବୋଲି ଅତିଥିମାନେ କହିଥିଲେ। ଆୟୋଜିତ ପ୍ରଦର୍ଶନୀରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀର ପିଲାମାନେ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରେ ବନ୍ୟାଜଳର ସୁନିୟନ୍ତ୍ରଣ, ଜଳବିଦ୍ୟୁତ୍ ପ୍ରକଳ୍ପ, ବାୟୁ ବିଶୁଦ୍ଧୀକରଣ ପ୍ରକ୍ରିୟା, ରାସ୍ତାକଡ଼ରେ ଜଳୁଥିବା ବିଦ୍ୟୁତ୍ ଶକ୍ତିର ସଂରକ୍ଷଣ, ଭୂମିକମ୍ପର ଅନୁଧ୍ୟାନ ଓ ପୂର୍ବାଭାସ ଏବଂ ସ୍ୱଳ୍ପ ଖର୍ଚ୍ଚରେ ମହାକାଶ ଯାତ୍ରା ଇତ୍ୟାଦି ପ୍ରକଳ୍ପ ସ୍ଥାନ ପାଇଥିଲା।

# ଶିକ୍ଷା ଗ୍ରହଣ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ

## ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ଶିଶୁ ଦିବସ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ସୋମବାର ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ନୀଳାଦ୍ରିବିହାରର ଆଶା କିରଣ ଅନାଥ ଆଶ୍ରମର ୨୧ଜଣ ପିଲା ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ମିଶି ଶିଶୁଦିବସ ପାଳନ କରିଥିଲେ। ସେମାନଙ୍କ ପାଇଁ ବିଭିନ୍ନ ନାଚ, ଗୀତ ଓ ଖେଳର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେମାନଙ୍କୁ ନୂତନ ଡ୍ରେସ ସହ ଅନେକ ଉପହାର ପ୍ରଦାନ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ସାଇ ଆଙ୍ଗନରେ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରକାରର କୌତୂହଳପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେହିପରି ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲରେ ଶିଶୁଦିବସ ପାଳିତ ହୋଇଥିଲା। ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଆଶା କିରଣ ଅନାଥ ଆଶ୍ରମର ପିଲାମାନଙ୍କୁ ଉତ୍ତମ ଶିକ୍ଷାଗ୍ରହଣ କରି ଆତ୍ମନିର୍ଭରଶୀଳ ହୋଇ ଜଣେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ।

# ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ-ଯୁବ ମହୋତ୍ସବ ଆରମ୍ଭ




ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ସ୍ୱାଭିମାନ ପକ୍ଷରୁ ୨୧ତମ ଅନ୍ତର୍ଜାତୀୟ ଶିଶୁ ଓ ଯୁବ ମହୋତ୍ସବ 'ଅଞ୍ଜଳି' ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ଏକ ହୋଟେଲରେ ମାସ୍କଟ 'ଜନି'ର ଉନ୍ମୋଚନ କରାଯାଇଥିବାବେଳେ ବିଭିନ୍ନ ଜିଲାରେ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବ ଓଡ଼ିଶାର ୩୦ ଜିଲା ସମେତ ଭାରତ ୧୦ ରାଜ୍ୟ ଓ ୭ ଦେଶରେ ଡିସେମ୍ବର ୧୪ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଦିବସରେ ପିଲାମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବେ ବୋଲି ସ୍ୱାଭିମାନର ମୁଖ୍ୟ ଶୃତି ମହାପାତ୍ର କହିଛନ୍ତି। ସମସ୍ତ ପୃଷ୍ଠଭୂମି ଓ ବର୍ଗର ପିଲାଙ୍କ ମଧ୍ୟରେ ରହିଥିବା ବ୍ୟବଧାନକୁ ଦୂର କରି ବିଶେଷକରି ଦିବ୍ୟାଙ୍ଗ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି।




ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ଆଶା କିରଣ ଅନାଥ ଆଶ୍ରମର ୨୧ଜଣ ପିଲା ସ୍କୁଲର ଛାତ୍ରୀଛାତ୍ରଙ୍କ ସହ ମିଶି ଶିଶୁଦିବସ ପାଳନ କରୁଛନ୍ତି।




ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଭୁବନେଶ୍ୱର ପକ୍ଷରୁ ସୋମବାର ଅନୁଷ୍ଠିତ ଶିଶୁ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।




ସାଲିଆସାହିସ୍ଥିତ ଆଦିବାସୀ ଗ୍ରାମରେ କମିଶନରେଟ ପୋଲିସ ପକ୍ଷରୁ ଶିଶୁଦିବସ ପାଳନ ଅବସରରେ ଶିଶୁମାନଙ୍କ ସହିତ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂ ଏବଂ ଅନ୍ୟ ଅଧିକାରୀମାନେ

## ଅର୍ଦ୍ଧନିର୍ମିତ ଘରୁ ଗଳିତ ମୃତଦେହ ଜବତ

ଚୌଦ୍ୱାର,(ଡି.ଏନ୍.ଏ.): କଖଡ଼ି ପ୍ରାଥମିକ ବିଦ୍ୟାଳୟର ଏକ ଅର୍ଦ୍ଧନିର୍ମିତ ଘରୁ ଜଣେ ବ୍ୟକ୍ତିଙ୍କର ଗଳିତ ମୃତଦେହକୁ ସୋମବାର ପୋଲିସ ଜବତ କରିଛି। ମୃତକ ହେଲେ କଖଡ଼ି ଶବର ସାହିର ବୀରବର ଘଡ଼େଇ (୫୨)। ପରିବାର ଲୋକଙ୍କ କହିବା ଅନୁଯାୟୀ, ବୀରବର ଶୁକ୍ରବାର କଖଡ଼ିର କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଦେଖିବାକୁ ଆସି ଘରକୁ ଫେରି ନଥିଲେ। ଖୋଜାଖୋଜି କରି ନ ପାଇବାରୁ ତାଙ୍କ ପୁଅ ବୁବୁନା ଟିପିଏମ୍ ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ୍ ଏସ୍‌ଂକ୍ରାନ୍ତରେ ୩୦/୨୨ରେ ମାମଲା ରୁଜୁକରି ତଦନ୍ତ କରିଥିଲା। ସୋମବାର ସକାଳେ ସ୍ଥାନୀୟ ସ୍କୁଲ ପରିସରରୁ ପଚା ଗନ୍ଧ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ୧୦୬୫୨ରୁ ୬୭୯୧ ମାମଲା ଫଇସଲା

**କଟକ ଅଫିସ, ୧୪।୧୧:** କଟକ ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ଆନୁକୂଲ୍ୟରେ ଜିଲା ଓ ଦୌରା ଜଜ୍ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ଅଧକ୍ଷତାରେ ଜିଲା କୋର୍ଟର ବିଚାରପତିମାନେ ନିଜ କୋର୍ଟରେ ଥିବା ମକଦ୍ଦମା ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ମୋଟ ୧୦୬୫୨ ମାମଲାରୁ ୬୭୯୧ଟି ଫଇସଲା କରାଯାଇଥିଲା। ଏଥିସହ ୨୦,୩୭,୨୫,୪୬୨ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ସ୍ଥିରୀକୃତ ହୋଇଥିଲା। ଏଥିରେ ପ୍ରାକ୍ ବିବାଦୀୟ ମକଦ୍ଦମା, ମୋଟରଯାନ ଦୁର୍ଘଟଣାଜନିତ ମକଦ୍ଦମା, ବିଦ୍ୟୁତ୍ ଅଧିନିୟମଜନିତ ମକଦ୍ଦମାର ଫଇସଲା କରାଯାଇଥିଲା। ଏହି ଅବସରରେ ବିଚାରପତି ଯଶୱନ୍ତ ସିଂ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦୀପ୍ତ କୁମାର ଆଚାର୍ଯ୍ୟ ସମସ୍ତ କୋର୍ଟ ପରିଦର୍ଶନ କରିଥିଲେ। ଉକ୍ତ ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ପରିଚାଳନା କରିଥିଲେ।

### ଜନସମ୍ପର୍କ ପଦଯାତ୍ରା

**ବଡ଼ମ୍ବା,୧୪।୧୧(ଡି.ଏନ.ଏ.):** ବଡମ୍ବା ବିଜେଡି ତରଫରୁ ବ୍ଲକ ଅନ୍ତର୍ଗତ ସାନବରସିଂହ ପଞ୍ଚାୟତରେ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ଉପ ସଭାପତି ତଥା ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପଦଯାତ୍ରାରେ ବଡମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲାପରିଷଦ ସଭ୍ୟା ଜୟଶ୍ରୀ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମିଶ୍ର ସାନବରସିଂହ ଗ୍ରାମରେ ହେବାକୁ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ବିରମାଟି ଗାଡ଼ିଆ କୋଠାଘର,ମିଶନ ଶକ୍ତି ନୂତନ ଗୃହର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସଦାନନ୍ଦ ସ୍ୱାଇଁ, ସମିତି ସଭ୍ୟା ସୁନିତା ପ୍ରଧାନଙ୍କ ସମେତ ଏସ୍‌ଏଚଜିର ସଦସ୍ୟାମାନେ ସାମିଲ ହୋଇଥିଲେ।

### ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ତିଗିରିଆ,୧୪।୧୧(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁରସ୍ଥିତ ଆର.ପି ଆବାସିକ ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟରେ ସୋମବାର ପ୍ରଥମ ବର୍ଷ ଶିକ୍ଷାର୍ଥୀଙ୍କୁ ମହାବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରଜ୍ଞାପାରମିତା ମିଶ୍ର ଅଧକ୍ଷତା କରି ନୂତନ ଶିକ୍ଷାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଉପାଧକ୍ଷ କାହ୍ନୁ ନାୟକଙ୍କ ସମେତ ରସାୟନ ବିଭାଗ ଅଧାପକ ଜ୍ଞାନରଞ୍ଜନ ସ୍ୱାଇଁ, ପଦାର୍ଥ ବିଜ୍ଞାନ ଅଧାପକ ଈଶ୍ୱର କୁମାର ପ୍ରଧାନ, ଉଦ୍ଭିଦ ବିଜ୍ଞାନ ଅଧାପିକା ନର୍ମଦା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

### ଇମ୍ଫା ଚୌଦ୍ୱାର ଶାଖାକୁ କଳିଙ୍ଗ ସୁରକ୍ଷା ସମ୍ମାନ

**ଚୌଦ୍ୱାର,୧୪।୧୧(ଡି.ଏନ୍.ଏ.):** ଇମ୍ଫା ଶିଳ୍ପ ଗୋଷ୍ଠୀର ଚୌଦ୍ୱାରସ୍ଥିତ କାରଖାନାରେ ସୁରକ୍ଷା ଓ ନିରାପତ୍ତା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଉଥିବାରୁ ଜାତୀୟ ସୁରକ୍ଷା କମିଟି ତରଫରୁ ଏହି ଶିଳ୍ପକୁ ମର୍ଯ୍ୟାଦାପୂର୍ଣ୍ଣ କଳିଙ୍ଗ ନିରାପତ୍ତା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ପିପୁଲସ୍ ରିପବ୍ଲିକ୍ ଅଫ୍ ଚାଇନାର ଜନସନ୍ ଜେନେରାଲ ଝିଲୀୟାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଏମ୍‌ପି ଜୁଏଲ ଓରାମ୍, ଜାତୀୟ ସୁରକ୍ଷା କମିଟି ଅଧକ୍ଷ ବିନୋଦ କୁମାର, କାରଖାନା ସେବା ଓ ଶ୍ରମ ସଂସ୍ଥାନର ମହାନିର୍ଦ୍ଦେଶକ ଡ.ଆର.କେ. ଏଲାଙ୍ଗୋଭାନ୍, ଭୁବନେଶ୍ୱର ଜୋନ୍ ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଣେନ୍ଦୁ ମଣ୍ଡଳ,କେ.ମୁର୍ଗାସନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଇମ୍ଫାର ଉପ ସଭାପତି ବିନୟ ଅଗ୍ରୱାଲା ଶକ୍ତି ନିରାପତ୍ତା ପାଇଁ ସ୍ୱର୍ଣ୍ଣ ଫଳକ ସମ୍ମାନ ଗ୍ରହଣ କରିଥିଲେ। ଅନ୍ୟତମ ଉପ ସଭାପତି ଦୀପକ ମହାନ୍ତି ଫେରୋ ଆଲଏଜ୍ କାରଖାନା ନିରାପତ୍ତା ପାଇଁ ପ୍ଲାଟିନମ୍ ଫଳକ ଗ୍ରହଣ କରିଥିଲେ ବୋଲି ଇମ୍ଫାର ଲୋକ ସମ୍ପର୍କ ଡିଜିଏମ୍ ଧ୍ରୁବଚରଣ ରାଉତ ସୂଚନା ଦେଇଛନ୍ତି।

# ୫ ପଞ୍ଚାୟତର ବିଭିନ୍ନ ଯୋଜନାରେ ଦୁର୍ନୀତି

- ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ
- ୨୪ରେ ଯୁବ ସଂଗଠକ ଅଭୟ ବାରିକଙ୍କ ବ୍ଲକ ଘେରାଉ ଡାକରା

**ମଙ୍ଗୁଳି,୧୪।୧୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକର ୫ଟି ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନା ଅନୁଯାୟୀ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏପରିକି ଏହି ଦୁର୍ନୀତିନେଇ ପଞ୍ଚାୟତବାସୀଙ୍କ ପକ୍ଷରୁ ବାରମ୍ବାର ବ୍ଲକ ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ମଧ୍ୟ ଅଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଶେଷରେ ସୋମବାର ବ୍ଲକର ଯୁବ ସଂଗଠକ ଅଭୟ ବାରିକଙ୍କ ନେତୃତ୍ୱରେ ୫ ପଞ୍ଚାୟତର ଶତାଧିକ ଲୋକ ଆସି ଦୁର୍ନୀତି ସମ୍ପର୍କରେ ଏକ ଦାବିପତ୍ର ଅତିରିକ୍ତ ବିଡିଓଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ବ୍ଲକ ଅଧୀନ ମହିଷାଲଣ୍ଡା, ବ୍ରହ୍ମପୁର, ମଙ୍ଗରାଜପୁର, ବଡ଼ସାମନ୍ତରାପୁର, ଶଙ୍କରପୁର ଆଦି ୫ ପଞ୍ଚାୟତରେ ୨୦୧୭ରୁ ୨୦୨୧ ମଧ୍ୟରେ ସରକାରୀ କାର୍ଯ୍ୟଗୁଡ଼ିକରେ ଦୁର୍ନୀତି ହୋଇଥିବା ନେଇ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ଜଣାପଡିଥିଲା। ସ୍ୱଚ୍ଛ ଭାରତ ଯୋଜନାରେ ଉପଭୋକ୍ତାଙ୍କୁ ପାଇଖାନାରେ


ଏବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ନିର୍ମାଣରେ ଦୁର୍ନୀତି, କାଜୁ ଜଙ୍ଗଲ ନାଁରେ ଚାରା ନ ଲଗାଇ ଟଙ୍କା ହାତେଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା, ପୋଖରୀ ନ ଖୋଳି ବିଲ୍ କରିଥିବା ଜଣାପଡ଼ିଛି। ଏ ନେଇ ଯୁବ ସଂଗଠକ ଅଭୟ କୁହନ୍ତି, ୨୦୨୧ ଡିସେମ୍ବର ୧୨ରେ ବିଡିଓ ଆଶୁତୋଷ ମିଶ୍ରଙ୍କ ନିକଟରେ ୫ ପଞ୍ଚାୟତରେ ଦୁର୍ନୀତି ନେଇ ଲିଖିତ ଅଭିଯୋଗ କରିଥିଲୁ। ବିଡିଓ ମାସେ ମଧ୍ୟରେ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଅଭିଯୋଗକୁ ୧୦ ମାସ ବିତିଯାଇଥିଲେ ମଧ୍ୟ ତଦନ୍ତ କଲେ ନାହିଁ। ଏହାପରେ ପୁନଶ୍ଚ ଚଳିତବର୍ଷ ଅକ୍ଟୋବର ୨୧ରେ ୫ ପଞ୍ଚାୟତର ଲୋକ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଶାଶ୍ୱତ ଜେନାଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାପରେ ବି କୌଣସି ଦୃଷ୍ଟି ଦିଆ ନ ଯିବାରୁ ସୋମବାର ପୁଣି ପଞ୍ଚାୟତବାସୀ ଦାବିପତ୍ର ଦେଇଛନ୍ତି। ତେବେ ବ୍ଲକ ପ୍ରଶାସନ ତରଫରୁ ଏକ ତଦନ୍ତ ରିପୋର୍ଟ ଦିଆଯାଇଛି, କିନ୍ତୁ ସେ ରିପୋର୍ଟ ଯେଉଁ କାଜୁ ଜଙ୍ଗଲରେ ୨୧୬ଟି ଚାରା ବର୍ତ୍ତମାନ ଅଛି ଲେଖାଅଛି, ତାହା ବାସ୍ତବରେ ୧୦/୧୫ଟି ଚାରା ଅଛି, ସେହିପରି ଅନେକ ତଥ୍ୟ ରିପୋର୍ଟ ଥିଲେ ମଧ୍ୟ ବାସ୍ତବରେ ଠିକ୍ ନ ଥିବା ଦେଖିବାକୁ ମିଳିଛି। ଦାବିପତ୍ର ପ୍ରଦାନ ବେଳେ କେଦାରନାଥ ଦାସ, ଯଶବନ୍ତ ରାଉତ, ଅଜୟ ଖିଲାର, ମନୋଜ ବାନାରା, ସୁକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ମଲ୍ଲିକ, ସୁନୀଲ ସୁତାର, ମନୋଜ ରାଉତ, ଗଗନ ବାରିକ, ନିରାକାର ସାହୁ, ନିବାସ ମଲ୍ଲିକ, ନିବାସ ଜେନା, ଶିବ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଗଲେ ୫ ପଞ୍ଚାୟତର ଲୋକ ୧୪ତାରିଖରେ ବ୍ଲକ ଘେରାଉ କରିବେ ବୋଲି ଅଭୟ ଡାକରା ଦେଇଛନ୍ତି। ଏ ନେଇ ବିଡିଓ ଆଶୁତୋଷ ମିଶ୍ର କହିଛନ୍ତି, ଅଭିଯୋଗର ଏକ ତଦନ୍ତ ରିପୋର୍ଟ ଦିଆଯାଇଛି, କିନ୍ତୁ ଉକ୍ତ ରିପୋର୍ଟରେ ସେମାନେ ସନ୍ତୁଷ୍ଟ ନାହାନ୍ତି। ସେଥିପାଇଁ ସାନି ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ୧୧ ଚୋରା ବାଇକ୍ ସହ ୪ ମୋବାଇଲ ଜବତ: ୪ ଗିରଫ


ଜବତ୍ ବାଇକ ସହ ଅଭିଯୁକ୍ତମାନେ।

**କଟକ ଅଫିସ, ୧୪।୧୧**

ଲାଲବାଗ ଥାନା ପୋଲିସ ୧୧ଟି ଚୋରା ବାଇକ ସହ ୪ଟି ମୋବାଇଲ ଫୋନ୍ ସୋମବାର ଜବତ କରିଛି। ଏଥିସହ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗତସିଂହପୁର ଥାନା ଅନ୍ତର୍ଗତ ମରିଚପଡ଼ାର ଧନେଶ୍ୱର ସିଂହ, ମାର୍କଣ୍ଡପୁର ଗ୍ରାମର ଜୟନ୍ତ କୁମାର ଦାସ, ଶରତ କୁମାର ବେହେରା ଏବଂ ଶାଳଗାଁ ଗ୍ରାମର ରଞ୍ଜିତ ସ୍ୱାଇଁ। ଏ ନେଇ ଲାଲବାଗ ଥାନାରେ ଏକ କେସ୍ (ନଂ. ୨୭୩/୨୦୨୨) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଲାଲବାଗ ଥାନା ଏସ୍‌ଆଇ ଅବିନାଶ ରାଉତ ଅନ୍ୟ କର୍ମଚାରୀଙ୍କ ସହିତ ରବିବାର ସନ୍ଧ୍ୟାରେ ଡିପିଓଗଡ଼ା ନିକଟରେ ମୋଟରଯାନ ଯାଞ୍ଚ କରୁଥିଲେ। ଏହି ସମୟରେ ଜୟନ୍ତ ଓ ରଞ୍ଜିତ ଦୁଇଟି ଚୋରା ବାଇକ ଚଳାଉଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଉଭୟଙ୍କୁ ପଚରାଉଚୁରା କରାଯିବା ପରେ ସେମାନଙ୍କ ନିକଟରେ ଅଧିକ ଚୋରା ବାଇକ ଥିବା ସ୍ୱୀକାର କରିଥିଲେ। ଏହି କାର୍ଯ୍ୟରେ ସାମିଲ ଥିବା ଅନ୍ୟ ସହଯୋଗୀମାନଙ୍କ ନାମ ମଧ୍ୟ ଦୁହେଁ ପ୍ରକାଶ କରିଥିଲେ। ସେମାନଙ୍କ ସୂଚନାକୁ ଭିତ୍ତି କରି ପୋଲିସ ମୋଟ ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହେବା ସହ ୪ଟି ମୋବାଇଲ ଫୋନ୍ ଓ ୧୧ଟି ଚୋରା ବାଇକ ଜବତ କରିଥିବା ଡିସିପି ପିନାକ ମିଶ୍ର କହିଛନ୍ତି।

# ପାରମ୍ପରିକ ନାଚ ଗୀତରେ ଦର୍ଶକ ବିମୋହିତ



କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

**ଖୁଣ୍ଟୁଣୀ,୧୪।୧୧(ଡି.ଏନ.ଏ)**

**ଖୁଣ୍ଟୁଣୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଖୁଣ୍ଟୁଣୀ-ରମ୍ପେଇ ଯୁବକ ସଂଘ ପକ୍ଷରୁ ଆୟୋଜିତ ସ୍ଥାନୀୟ ଯାତ୍ରା ପଡ଼ିଆରେ ଚାଲିଥିବା ଏକାଦଶ 'ଖୁଣ୍ଟୁଣୀ ମହୋତ୍ସବ'ର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଗ୍ରାମ କମିଟି ତଥା ମହୋତ୍ସବ କମିଟିର ଉପଦେଷ୍ଟା ବିପିନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟଅତିଥି ଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ରାଜସ୍ୱ, ଦେବସ୍ୱ, ବ୍ରହ୍ମସ୍ୱ ଲୁଣ୍ଠନ ପଛରେ ନ ପଡ଼ି ସ୍ୱାଭିମାନର ସହିତ ବଞ୍ଚିବାର କଳାକୁ ଯୁବପିଢି ଆପଣାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଠଗଡ଼ ବ୍ଲକ ସ୍ତରରେ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ପ୍ରତିପାଦିତ କରିଥିବା ୫୦ଜଣ ବିଦ୍ୟାର୍ଥୀଙ୍କୁ ଆୟୋଜକ ଖୁଣ୍ଟୁଣୀ-ରମ୍ପେଇ ଯୁବକ ମହାସଂଘ ପକ୍ଷରୁ ମୁଖ୍ୟଅତିଥିଙ୍କୁ ମାନପତ୍ର ଦେଇ ବାଲୁଙ୍କେଶ୍ୱର ମେଧାବୃତି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଖୁଣ୍ଟୁଣୀ ସରପଞ୍ଚ କୈଳାସ ଦାସ ଅୟୋଜକ ସଂଘର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଖୁଣ୍ଟୁଣୀ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ, ଓଡ଼ିଶୀ, ସମ୍ବଲପୁରୀ, ନୃତ୍ୟଗୀତ ଏବଂ ଆଦିବାସୀ ପାରମ୍ପରିକ ନୃତ୍ୟର ତାଳେ ତାଳେ ଦର୍ଶକମାନେ ବିମୋହିତ ହୋଇଥିଲେ। ସନ୍ଧ୍ୟାରେ ଖୁଣ୍ଟୁଣୀ, ଡାଳଭାଗ ଓ ଭୋଗରା ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଗ୍ରୁପ ଡ୍ୟାନ୍ସ, ରାଣିବଣିଆ ଆଦିବାସୀ ସାଂସ୍କୃତିକ ସଂଘର ଚିତ୍ତାକର୍ଷକ ଆଦିବାସୀ ନୃତ୍ୟ ସହିତ କଟକର ରକ ଡ୍ୟାନ୍ସ ଗ୍ରୁପର ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଦର୍ଶକ ଦୋଳିର ମଜା ନେବା ସହ ମିନା ବଜାରରୁ କିଣାକିଣି ପାଇଁ ବିଭିନ୍ନ ଷ୍ଟଲରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଥିଲା।

# ସିଏମ୍‌ସି କଲ୍ ସେଣ୍ଟର ଉଦ୍‌ଘାଟିତ

**କଟକ ଅଫିସ,୧୪।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ବିକାଶ ଭବନସ୍ଥିତ କାର୍ଯ୍ୟାଳୟରେ ନୂତନ ଭାବେ ଏକ କଲ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ମେୟର ସୁବାସ ସିଂ ଏହି ସେଣ୍ଟରଟିକୁ ଉଦ୍‌ଘାଟନ କରିଥିଲେ। ଏହି କଲ୍ ସେଣ୍ଟର ମାଧ୍ୟମରେ ସହରର ଜନତାଙ୍କୁ ବିଭିନ୍ନ ସେବାଗୁଡିକ ସହଜରେ ଉପଲବ୍ଧ କରାଯାଇପାରିବ। ପୂର୍ବରୁ ସିଏମ୍‌ସି ପକ୍ଷରୁ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଲୋକଙ୍କ ଅଭିଯୋଗ ପଞ୍ଜିକୃତ କରାଯାଇ ବିଭିନ୍ନ ବିଭାଗକୁ ଏହାର ସମାଧାନ ପାଇଁ ଅବଗତ କରାଯାଉଥିଲା। ବର୍ତ୍ତମାନ ଲୋକେ କଲ ସେଣ୍ଟର ଦ୍ୱାରା ଅଭିଯୋଗ ଦାଖଲ କରିବେ। ଯାହାକି କମ୍ପ୍ୟୁଟରରେ ଅନ୍‌ଲାଇନ୍ ଦ୍ୱାରା ତୁରନ୍ତ ପଞ୍ଜୀକରଣ କରାଯାଇ ତ୍ୱରିତ୍ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଜଣାଇଦିଆଯିବ ଏବଂ ଅଭିଯୋଗକାରୀଙ୍କୁ ଏ ସମ୍ପର୍କରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଯିବ। ଅଭିଯୋଗକାରୀ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ୧୮୦୦୩୪୫୬୭୨୮ ଫୋନ ନମ୍ବର ବ୍ୟବହାର କରିବେ। ଏହି କଲ୍ ସେଣ୍ଟର ଦିନରାତି ୨୪ ଘଣ୍ଟା କାର୍ଯ୍ୟ କରିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି। ଉତ୍ସବରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

# ନିତା ଫୁଟବଲ ଏକାଡେମୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଖୁଣ୍ଟୁଣୀ,୧୪।୧୧(ଡି.ଏନ୍.ଏ.)**

ନିତା ଫୁଟବଲ ଏକାଡେମୀ ପକ୍ଷରୁ ଖୁଣ୍ଟୁଣୀସ୍ଥ ରାଧାଦାମୋଦରପୁରରେ ଥିବା ଧବଳେଶ୍ୱର ବୈଷୟିକ ଶିକ୍ଷାନୁଷ୍ଠାନ ପରିସରରେ ଏକ ମହିଳା ଫୁଟବଲ ପ୍ରଶିକ୍ଷଣ ଶିବିର ଖୋଲାଯାଇଛି। ଶିବିରକୁ ଓଡ଼ିଶା ଫୁଟବଲ ଆସୋସିଏଶନ(ଓଫା) ସମ୍ପାଦକ ଆଶୀର୍ବାଦ ବେହେରା ଉଦ୍‌ଘାଟନ କରିଥିଲେ। ଉତ୍ସବରେ ନିତା ଫୁଟବଲ ଏକାଡେମୀ ତଥା ଡିଆଇଇପି ଓ ଡିଆଇଟିସି ମ୍ୟାନେଜିଂ ଟ୍ରଷ୍ଟି ସୁବ୍ରତ କୁମାର ଦାସ ଅଧ୍ୟକ୍ଷତା କରି ରାଜ୍ୟର ବିଭିନ୍ନ ଜିଲାରୁ ଚୟନ ହୋଇଥିବା ୨୫ଜଣ ବାଳିକାଙ୍କୁ ଏଠାରେ ପ୍ରଶିକ୍ଷଣ ଦେଇ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ନିତା ଏକାଡେମୀ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ପ୍ରଶିକ୍ଷଣ ନେଉଥିବା ସମସ୍ତ ବାଳିକାଙ୍କ ରହିବା ଖାଇବା ଶିକ୍ଷା ସାଙ୍ଗକୁ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ମାଗଣା ରଖାଯାଇଛି। ଏହି ସଭାରେ ଓଡ଼ିଶା ଅଲମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଉପସଭାପତି ବିନୟ ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇପ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏକାଡେମୀର ଟ୍ରଷ୍ଟି ଆଦିତ୍ୟ ପ୍ରସାଦ ସ୍ୱାଇଁ, ଅଶୋକ ଭୋଳ, କ୍ରୀଡାବିତ ଭକ୍ତବଳ୍ଲଭ ଦାସ, ଦିଲୀପ ସାହୁ, ଅରୁଣ ପରିଡା, ସତ୍ୟବ୍ରତ ଷଡଙ୍ଗୀ, ଅନୁପମା ମହାନ୍ତି, ବିଶ୍ୱପ୍ରିୟା ଜେନା, କୋଷାଧକ୍ଷ ଦେବକୀ ନନ୍ଦନ ମହାନ୍ତି, ରମଣୀ ରଞ୍ଜନ ମହାନ୍ତି ଓ ମୁଖ୍ୟ ପ୍ରବନ୍ଧକ ସନମୟ ବସୁ, ପରାମର୍ଶଦାତା ମହମ୍ମଦ ସୟଦ ଜବର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଓଫାର ସମ୍ପାଦକ ବେହେରା ନୂତନ ଜର୍ସିକୁ ଉନ୍ମୋଚନ କରି ଖେଳ ସାମଗ୍ରୀ ବଣ୍ଟନ କରିଥିଲେ।

# ସମବାୟ ସପ୍ତାହ ପାଳନ


ସମବାୟ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ତିଗିରିଆ,୧୪।୧୧(ଡି.ଏନ.ଏ)**

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସେବା ସମବାୟ ସମିତିରେ ସୋମବାରଠାରୁ ସପ୍ତାହେ ବ୍ୟାପୀ ସମବାୟ ସପ୍ତାହ କାର୍ଯ୍ୟକମ ଆରମ୍ଭ ହୋଇଛି। ସମିତି ସଭାପତି ଧ୍ରୁବଚରଣ ଦାସ ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତିର ଉପସଭାପତି ପୁଷ୍ପଲତା ନାୟକ ଯୋଗଦେଇ ସମବାୟ ସପ୍ତାହ ପାଳନର ଆବଶ୍ୟକତା ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ ଚନ୍ଦନ ଜେନା, ସହସମ୍ପାଦକ ଜିତେନ୍ଦ୍ର ବେହେରା, ରବୀନ୍ଦ୍ର ନାୟକ, ସାହାଦତ୍ତ ଖାଁ, ପୀତବାସ ବେହେରା ଉପସ୍ଥିତ ଥିଲେ।

# ଜନଶୁଣାଣି ଶିବିରରେ ୧୩୪ ଅଭିଯୋଗ

**ସାଲେପୁର,୧୪।୧୧(ଡି.ଏନ.ଏ)**

ସାଲେପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମାତ୍ର କୌଣସି କାରଣରୁ ଶିବିରରେ ଜିଲାପାଳ ଯୋଗଦେଇ ପାରି ନ ଥିଲେ। ଅତିରିକ୍ତ ଜିଲାପାଳ ଶିବୋ ଟପୋ ଶିବିରରେ ଯୋଗଦେଇ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୧୩୪ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୧୧୩ ବ୍ୟକ୍ତିଗତ ଓ ୨୦ ସାମୁହିକ ଅଭିଯୋଗ ହୋଇଥିଲା। ଏହି ଅବସରରେ ଯୋଗାଣ ଓ ଖାଉଟି କଲ୍ୟାଣ, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପ୍ରାଣୀ ସମ୍ପଦ ବିକାଶ, ସାମାଜିକ କଲ୍ୟାଣ, ସାମାଜିକ ସୁରକ୍ଷା, ରାଶନ କାର୍ଡ, ଭିନ୍ନକ୍ଷମ, ମହିଳା ସଶକ୍ତୀକରଣ ଓ ଶିଶୁ ବିକାଶ ଉପରେ ସାମୁହିକ ଅଭିଯୋଗ ହୋଇଥିଲା। ଏହାବ୍ୟତୀତ ବିଭିନ୍ନ ଭତ୍ତା ଯୋଜନାରେ ଅନେକ ଅଭିଯୋଗ ହୋଇଥିଲା। ଏହି ଅବସରରେ ୧୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତ,ତହସିଲଦାର ଶିବ ମଲ୍ଲିକ,ଏସଡିପିଓ ବିମଳ ପ୍ରସାଦ ବାରିକ, ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଯନ୍ତ୍ରୀମାନେ ସାମିଲ ହୋଇଥିଲେ।

# ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେବା ମାତାପିତା, ଶିକ୍ଷକଙ୍କ ଦାୟିତ୍ୱ

**କଟକ ଅଫିସ,୧୪।୧୧**

**ଡ୍ରିମ୍‌ସ ବିଦ୍ୟାଳୟରେ ଶିଶୁ ଦିବସ**

ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଜୟଶ୍ରୀ ଅଡିଟୋରିୟମରେ ଶିଶୁ ଦିବସ ସୋମବାର ପାଳିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରି କହିଥିଲେ, ପିଲାମାନେ ଦେଶର ଭବିଷ୍ୟତ। ସେମାନଙ୍କ ପ୍ରତିଭାକୁ ଚିହ୍ନି ପ୍ରେରଣା ଦେବା ମାତାପିତା ଓ ଶିକ୍ଷୟତ୍ରୀ ଶିକ୍ଷକଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳାରାମ କର, ସମ୍ମାନିତ ଅତିଥି ନିର୍ଦ୍ଦେଶକ ଲୋକନାଥ ବେହେରା, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଯୋଗଦେଇ ପଣ୍ଡିତ ନେହେରୁଙ୍କ ଜୀବନୀ ଓ କାର୍ଯ୍ୟବଳୀ ଉପରେ ଆଲୋକପାତ କରିଥିଲେ। ପରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପାଧକ୍ଷ ଡ. ଅଜିତ୍ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ଅଧକ୍ଷ ଦିଲୀପ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସେହିପରି କଳିଙ୍ଗ ବିକାଶ ମିଶନ, ଶ୍ରୀମା ସରସ୍ୱତୀ ଶିଶୁମନ୍ଦିର ଏବଂ ଉତ୍କଳ ବିଦ୍ୟା ଗୌରବ ପରିଷଦ ମିଳିତ ସହଯୋଗରେ କଟକ ଟାଉନ ହଲ୍‌ସ୍ଥିତ କର୍ମବୀର ଗୌରୀ ଶଙ୍କର ରାୟ ସମ୍ମିଳନୀ କକ୍ଷରେ କଟକ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନମିତା ପଣ୍ଡାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଡା. ରବି ରଞ୍ଜନ ସାହୁ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି କର୍ପୋରେଟର ଇତିଶ୍ରୀ ଦାସ, କର୍ପୋରେଟର ବନଲତା ପ୍ରଧାନ ଏବଂ ଶିକ୍ଷାବିତ୍ ଡ. ବସନ୍ତ ମଞ୍ଜରୀ ନନ୍ଦ ଏବଂ ଅଧାପକ ଡ. କ୍ଷୀରୋଦ ସାହୁ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଜାତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୩ ଆହତ

**ନରସିଂହପୁର, ୧୪।୧୧ (ସ୍ୱ.ପ୍ର)**

**ନରସିଂହପୁର କଲେଜରେ ଉତ୍ତେଜନା**




ନରସିଂହପୁର ମହାବିଦ୍ୟାଳୟରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୩ ଜଣ ଛାତ୍ର ଆହତ ହୋଇଥିବା ବେଳେ ସମ୍ପୃକ୍ତ ମହାବିଦ୍ୟାଳୟରେ ଉତ୍ତେଜନା ଲାଗିରହିଛି। ମହାବିଦ୍ୟାଳୟରେ ପଢୁଥିବା ଅଲରା ଏବଂ ପାଇକପଡ଼ା ଗ୍ରାମର ଛାତ୍ରମାନଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ଦୁଇଦିନ ତଳେ ଅଲରା ଗ୍ରାମର କିଛି ଛାତ୍ର ନରସିଂହପୁର ଛାଡ଼ଖାଇ ଯାତ୍ରାରେ ଜଳଖିଆ ଖାଉଥିବା ବେଳେ ପାଇକପଡ଼ା ପାଟଣା ଗ୍ରାମର କିଛି ଛାତ୍ର ସେହି ଷ୍ଟଲକୁ ଖାଇବା ପାଇଁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କମେଣ୍ଟ ମରାମରି ହୋଇଥିଲା। ଏହାକୁ କେନ୍ଦ୍ରକରି ଅଲରା ଗ୍ରାମର ଛାତ୍ରମାନେ ପ୍ରତିଶୋଧ ପରାୟଣ ହୋଇଥିଲେ। ସୋମବାର କଲେଜ ଫାଟକ ସମ୍ମୁଖରେ ଅଲରା ଗ୍ରାମର ଛାତ୍ରମାନେ ଜଗି ରହିଥିଲେ। ପାଇକପଡ଼ା ଗ୍ରାମର ଛାତ୍ରମାନେ କଲେଜ ବାହାରକୁ ଆସିବା ପରେ ଅଲରା ଗ୍ରାମର ଛାତ୍ରମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ପାଇକପଡ଼ା ଗ୍ରାମର ସାଗର ସେଠିଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଅନ୍ୟ ଦୁଇଜଣ ଛାତ୍ର ଆହତ ହୋଇଥିଲେ। ଆକ୍ରମଣ କରିଥିବା ଛାତ୍ରମାନେ ଘଟଣା ସ୍ଥଳରୁ ପଳାଇଥିଲେ। ତେବେ ଉଭୟ ପକ୍ଷର ଅଣଛାତ୍ରମାନେ ଖବର ପାଇ ମହାବିଦ୍ୟାଳୟ ନିକଟରେ ରୁଣ୍ଡ ହୋଇଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ବଢ଼ିଥିଲା। ଖବର ପାଇ ଥାନା ଅଧିକାରୀ ଅଭୟ କୁମାର ବେହେରା, ତହସିଲଦାର ଆଲୋକ ରଞ୍ଜନ ଦେହୁରୀ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଗୁରୁତର ଆହତ ହୋଇଥିବା ଛାତ୍ର ସାଗର ସେଠି ଥାନାରେ ଅଭିଯୋଗ କରିଥିଲେ। ତେବେ ଛାଡ଼ଖାଇ ଯାତ୍ରା ଚାଲିଥିବାରୁ ବ୍ୟସ୍ତତା କାରଣରୁ ମାମଲା ରୁଜୁ କରାଯାଇନାହିଁ ବୋଲି ଥାନା ଅଧିକାରୀ ବେହେରା କହିଛନ୍ତି। ତେବେ ଅଭିଯୋଗକୁ ଭିତ୍ତିକରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାବିଦ୍ୟାଳୟର ଅଧକ୍ଷ ଉମାକାନ୍ତ ସାହୁ କହିଛନ୍ତି। ସ୍ଥାୟୀ ସମାଧାନ ନିମନ୍ତେ ଏକ ଅଭିଭାବକ ମଣ୍ଡଳୀସ୍ତରୀୟ ଆଲୋଚନା ଓ ଶାନ୍ତି କମିଟି ଗଠନ କରାଯାଇ ଛାତ୍ରୀଛାତ୍ରଙ୍କୁ ନିରାପଦ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା ହେବା ଜରୁରୀ ବୋଲି ମାନବାଧିକାର କର୍ମୀ ଜ୍ଞାନରଞ୍ଜନ ନାୟକ କହିଛନ୍ତି।







କଟକ ବାଲିଯାତ୍ରା ତଳ ପଡ଼ିଆରେ ଜଣେ ବାଳିକା ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁଛନ୍ତି।



ବାଲିଯାତ୍ରା ତଳପଡ଼ିଆର ଓରମାସ୍ ଷ୍ଟଲରେ ପର୍ଯ୍ୟଟକଙ୍କ ଗହଳି।

# ହର ହର ଶମ୍ଭୁରେ କମ୍ପିଲା ମଞ୍ଚ

**କଟକ ଅଫିସ,୧୪।୧୧**

ବାଲିଯାତ୍ରାର ସପ୍ତମ ଦିନରେ ବେଶ୍ ଜମିଥିଲା ସଂସ୍କୃତି କାର୍ଯ୍ୟକ୍ରମ। ତେବେ ସୋମବାର ଓଲିଉଡ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏହି ସନ୍ଧ୍ୟାକୁ ଆହୁରି ରଙ୍ଗାରଙ୍ଗ କରିଥିଲେ। ବୈଷ୍ଣବ ପାଣି ମଞ୍ଚରେ ହ୍ୟୁମାନ ଦର୍ଶକଙ୍କୁ ଭେଟି ଦେଇଥିଲେ ଗୋଟିଏ ପରେ ଗୋଟିଏ ସୁନ୍ଦର ଗୀତ। ପ୍ରଥମେ ସେ ମା' ଗୀତରୁ ନିଜର ଗୀତ ଗାଇବା ଆରମ୍ଭ କରିଥିଲେ। ଯାହା ଉପସ୍ଥିତ ଦର୍ଶକଙ୍କ ମନକୁ ବହୁତ ଛୁଇଁଥିଲା। ଏହାପରେ ଲଗାତର ରୋମାନ୍ସ ଓ ଡ୍ୟାନ୍ସ ଗୀତ ଗାଇଥିଲେ ହ୍ୟୁମାନ। ହ୍ୟୁମାନଙ୍କ ପରେ ମଞ୍ଚକୁ ଆସିଥିଲେ କଣ୍ଠଶିଳ୍ପୀ ସ୍ମିତା ପଣ୍ଡା। ଶିବଙ୍କୁ ସମର୍ପିତ କରି ସେ ହର ହର ଶମ୍ଭୁରୁ ନିଜ ଗୀତ ଆରମ୍ଭ କରିଥିଲେ। ଆଉ ତାଙ୍କ ଗୀତରେ ଦୁଲୁକିଥିଲା ଗଣକବି ବୈଷ୍ଣବ ପାଣି ମଞ୍ଚ। ଏହାପରେ ସେ ବିଭିନ୍ନ ସମ୍ବଲପୁରୀ ଗୀତ ଗାଇଥିଲେ। ହେଲେ ତାଙ୍କର ଜୟ ଗଡ଼ଗଡ଼େଶ୍ୱର ନାରା ଦର୍ଶକଙ୍କୁ ତାଙ୍କ ସହ ଯୋଡ଼ିଦେଇଥିଲା। ତେବେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଅନ୍ୟ ଏକ ଆକର୍ଷଣ ଥିଲା ପଶ୍ଚିମବଙ୍ଗର ନ୍ରିତୋ ରାଙ୍ଗଗ୍ରୁପର ଲୋକ ନୃତ୍ୟ। ସେହିପରି ଏହି ସନ୍ଧ୍ୟାରେ ବିଭିନ୍ନ ଗ୍ରୁପ ପକ୍ଷରୁ ବିହୁ, କୁଚିପୁଡ଼ି, ମରାଠି ନୃତ୍ୟ ପରିବେଷଣ ହୋଇଥିଲେ। ଅପରପକ୍ଷେ ଅକ୍ଷୟ ମହାନ୍ତି ମଞ୍ଚ ଓଲିଉଡ କଣ୍ଠଶିଳ୍ପ ବିଷ୍ଣୁ ମୋହନ କବି ଏହି ସନ୍ଧ୍ୟାକୁ ଆହୁରି ରଙ୍ଗିନ କରିଥିଲେ।



## ଓଡ଼ିଆ ସଙ୍ଗୀତ, କଳାକାରଙ୍କୁ ଗୁରୁତ୍ୱ ଦିଆଯାଉଛି

କୋଭିଡ୍ କାରଣରୁ ପ୍ରାୟ ଦୁଇରୁ ଅଢ଼େଇ ବର୍ଷ ସବୁକିଛି ବନ୍ଦଥିଲା। ବାଲିଯାତ୍ରା ଐତିହାସିକ ପରମ୍ପରା ରହିଛି। ପୁରୁଣା ବାଲିଯାତ୍ରା ଆଉ ବର୍ତ୍ତମାନର ବାଲିଯାତ୍ରା ମଧ୍ୟରେ ବହୁତ ଫରକ୍ ରହିଛି। ବର୍ତ୍ତମାନ ଏହା ବହୁତ ଉନ୍ନତଧରଣର ହୋଇଛି। ଏଥିରେ ଓଡ଼ିଆ ସଙ୍ଗୀତ ଓ ଓଡ଼ିଆ କଳାକାରଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ପୃଥିବୀ ପ୍ରସିଦ୍ଧ ବାଲିଯାତ୍ରା ଆମର।

**-ସ୍ମିତା ପଣ୍ଡା, କଣ୍ଠଶିଳ୍ପୀ**



## ବିଭିନ୍ନ ପ୍ରକାରର ସମ୍ବଲପୁରୀ ଶାଢ଼ି

ଉପର ପଡ଼ିଆର ରାଜ୍ୟ ହସ୍ତତନ୍ତ ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବୁଣାକାରଙ୍କ ସାମଗ୍ରୀ ଦେଖିବାକୁ ମିଳିଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଶାଢ଼ି ଖୁବ୍ ଆକର୍ଷଣୀୟ ଲାଗୁଛି। ସମ୍ବଲପୁର, ସୋନପୁର, ବୌଦ୍ଧ ଆଦି ସ୍ଥାନରୁ ବୁଣାକାର ଏଠାରେ ନିଜର ଷ୍ଟଲ ପକାଇଛନ୍ତି। ଏଠାରେ ୩ ହଜାର ଟଙ୍କାରୁ ଆରମ୍ଭ କରି ଏକ ଲକ୍ଷ ଟଙ୍କା ମୂଲ୍ୟର ଶାଢ଼ି ରହିଛି।





## ଆଇଏନ୍ଏସ୍ ବିକ୍ରାନ୍ତ ଡେମୋ ଦେଖିବାକୁ ଭିଡ଼

ଐତିହାସିକ ବାଲିଯାତ୍ରାରେ ଅନେକ ନୂଆ ଜିନିଷ ଦେଖିବାକୁ ମିଳୁଛି। ବାଲିଯାତ୍ରାରେ ଏଥର ଯୋଡ଼ିହୋଇଛି ଯୁଦ୍ଧ ଇତିହାସର କାହାଣୀ। ଚଳିତବର୍ଷ ବାଲିଯାତ୍ରାରେ ଭାରତୀୟ ନୌସେନାର ପରାକାଷ୍ଠା, ନୌସେନା ଜାହାଜ ଆଇଏନ୍ଏସ୍ ବିକ୍ରାନ୍ତର ଏକ ପ୍ରତୀକାତ୍ମକ ଜାହାଜ ସ୍ଥାନ ପାଇଛି, ଯେଉଁଠି ଯୁବପିଢ଼ି ଜାହାଜ ଭିତରେ ବୁଲି ଏହାର ଇତିହାସ ବିଷୟରେ ଜାଣିବାକୁ ପାଉଛନ୍ତି। କଟକ ଇନ୍ କଟକ ପରିସରରେ ଏହାକୁ ସ୍ଥାନିତ କରାଯାଇଛି।

## ଆୟୁର୍ବେଦିକ ସାମଗ୍ରୀ ବିକି ଲକ୍ଷପତି ଲୁତ୍ଫା

ଦିନେ ନିଜର ପରିବାର ଭରଣପୋଷଣ ପାଇଁ ସଂଗ୍ରାମ କରୁଥିଲେ। ବୈଦ୍ୟ ପେଶାରେ ମାସକୁ ମାତ୍ର ୨ରୁ ୩ହଜାର ଟଙ୍କା ରୋଜଗାର କରିପାରୁଥିଲେ। ଏହି ସମୟରେ ରୋଜଗାରର ବାଟ ଦେଖାଇଲା ଓରମାସ୍। ଓରମାସ୍ ସହଯୋଗରେ ଆୟୁର୍ବେଦିକ ସାମଗ୍ରୀ ବିକ୍ରି କରି ଏବେ ମାସକୁ ଦେଢ଼ ଲକ୍ଷରୁ ୨ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ସାଲେପୁର ଅଞ୍ଚଳର ଲୁତ୍ଫା ଜହ୍ରିନା। ସେ ଚଳିତ ବାଲିଯାତ୍ରାରେ ଏକ ଷ୍ଟଲ ଖୋଲି ଆୟୁର୍ବେଦିକ ସାମଗ୍ରୀ ବିକ୍ରି କରୁଛନ୍ତି। ଏଠାରେ ସାମଗ୍ରୀ ନେବାକୁ ଲୋକଙ୍କ ଭିଡ଼ ଜମୁଛି।





ବାଲିଯାତ୍ରା ଗାନ୍ଧୀ ଶିଳ୍ପ ବଜାରରେ ଏକ ଷ୍ଟଲରେ ଥିବା ଚମଡ଼ା ନିର୍ମିତ କଣ୍ଢେଇଗୁଡିକୁ ଜଣେ ଯୁବତୀ ଫଟୋ ଉଠାଉଛନ୍ତି।

## ଆକର୍ଷଣ ସାଜିଲା ଜାଲା କାରିଗରି

ବାଲିଯାତ୍ରା ତଳପଡ଼ିଆରେ ଦେଖିବାକୁ ମିଳୁଛି ଏକ ସ୍ୱତନ୍ତ୍ର କାରିଗରି। ଯାଜପୁର ଜିଲା ଗୋପାଳପୁର ଅଞ୍ଚଳର କାରିଗର ବିପିନ୍ ବିହାରୀ ଚାନ୍ଦ ନେଇକି ଆସିଛନ୍ତି ହାତ ତିଆରି ଜଲ ସାମଗ୍ରୀ। ଏହି ଜାଲାର ସ୍ୱତନ୍ତ୍ରତା ହେଉଛି ଏହାର ଭିନ୍ନ ଚିତ୍ରକଳା ଓ କପଡ଼ା ଉପରକୁ ଏହା ଖିଦଡ଼ ଲାଗିଥାଏ। ଜାଲା କାରିଗରମାନେ ଟସର, ମଠା ଆଦି କପଡ଼ାରେ ଶାଢ଼ି, ସ୍କାର୍ଫ, ଚୁଡ଼ିଦାର ଆଦି ବିକ୍ରି ପାଇଁ ରଖିଛନ୍ତି, ଯାହାର ମୂଲ୍ୟ ୫୦୦ରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।





ବାଲିଯାତ୍ରା ତଳ ପଡ଼ିଆରେ ଗଣକବି ବୈଷ୍ଣବପାଣି ମଞ୍ଚରେ ତ୍ରିଧାରା ଭୁବନେଶ୍ୱର ପକ୍ଷରୁ ପରିବେଷିତ ଓଡ଼ିଶୀ ନୃତ୍ୟ।

## ବାଲିଯାତ୍ରା ଗ୍ରାମୀଣ କାରିଗରଙ୍କ ପାଇଁ ପ୍ରଶିକ୍ଷଣ ମଞ୍ଚ

ବାଲିଯାତ୍ରାରେ ସୋମବାର କଟକ ଓରମାସ୍ ପକ୍ଷରୁ ଗ୍ରାମୀଣ କାରିଗରଙ୍କ ପ୍ରଶିକ୍ଷଣ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ପାର୍କଲିଂ ରଙ୍ଗ ଓ ଗ୍ଲିଟର ବ୍ୟବହାର କରି କାରିଗରମାନେ ନିଜ ଉତ୍ପାଦକୁ ଅଧିକ ଆକର୍ଷଣୀୟ ଓ ବିକ୍ରୟଯୋଗ୍ୟ କରିବା ପାଇଁ ବିଭିନ୍ନ କୌଶଳ ବିଷୟରେ ତାଲିମ ଦିଆଯାଇଥିଲା। କର୍ମଶାଳାରେ ଡିଆର୍ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର ଯୋଗଦେଇ ଜ୍ଞାନକୌଶଳ ମାଧ୍ୟମରେ ଅଧିକ ନୂତନ ଏବଂ ରଚନାତ୍ମକ ଉତ୍ପାଦ ବିକଶିତ କରିବାକୁ କହିଥିଲେ। ଏଥିସହ କିଛି ବଡ଼ ହାସଲ କରିବା ନିମନ୍ତେ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସେହିପରି କଟକ ଓରମାସ୍‌ର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ବିପିନ ରାଉତ ଯୋଗଦେଇ କାରିଗରମାନେ ଆଗକୁ ଆସି ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଅନନ୍ୟ ଡିଜାଇନ୍‌ର ସାମଗ୍ରୀ ପ୍ରସ୍ତୁତ କରିବାକୁ ଉତ୍ସାହିତ କରିଥିଲେ। ବିଶେଷକରି ବେତ ଓ ବାଉଁଶ ଉତ୍ପାଦ ପ୍ରସ୍ତୁତ ପାଇଁ ବିଭିନ୍ନ ସାମଗ୍ରୀ ବ୍ୟବହାର କରିବାକୁ କହିଥିଲେ। ଏଥିସହ ଚଳିତବର୍ଷର ପଲ୍ଲିଶ୍ରୀ ମେଳା କେବଳ ବ୍ୟବସାୟର ମଞ୍ଚ ନୁହେଁ ବରଂ କାରିଗରଙ୍କ ନିମନ୍ତେ ପ୍ରଶିକ୍ଷଣର ଏକ ମଞ୍ଚ ବୋଲି ମତ ଦେଇଥିଲେ। ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଉତ୍ପାଦିତ ସାମଗ୍ରୀ ବିକ୍ରି କରିଥିବା କାରିଗରମାନେ ଯୋଗଦେଇ ନିଜ ଅଭିଜ୍ଞତା ବଖାଣି ଥିଲେ। କର୍ମଶାଳାରେ ପିଡିଲାଇଟ୍ ଲିମିଟେଡ୍‌ର ମାର୍କେଟିଂ ମ୍ୟାନେଜର, ହସ୍ତତନ୍ତ, ବେତ -ବାଉଁଶ, ଟେରାକୋଟା ଏବଂ ମାର୍ବଲ କ୍ଲଷ୍ଟର କାରିଗରମାନେ ଉପସ୍ଥିତ ଥିଲେ।

**ଓରମାସ୍ ପକ୍ଷରୁ କର୍ମଶାଳା**





ଓରମାସ୍ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥି ଓ କାରିଗର।

## ଆଜି ବିଶ୍ୱ ରେକର୍ଡ ପାଇଁ କାଗଜ ଡଙ୍ଗା ତିଆରି

ବାଲିଯାତ୍ରା ପଡ଼ିଆ କଟକ ଇନ୍ କଟକ କନସେପ୍ଟରେ ସିଏମ୍‌ସି ପକ୍ଷରୁ ବାଲିଯାତ୍ରା ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଲିଯାତ୍ରା ଦୁଇଦିନ ବଢ଼ାଇବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। କମିଶନର ନିଖିଲ ପବନ କଲ୍ୟାଣ ସିଂ କହିଲେ ବାଲିଯାତ୍ରାର ୬ ଦିନ ଶୃଙ୍ଖଳା ସହିତ ବିନା ଧୂଳିଧୂସରରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇପାରିଛି। ଆଗକୁ ୩ ଦିନ ଥିବା ଯାତ୍ରା କିପରି ଭାବରେ ସଫଳତାର ସହିତ ସମ୍ପୂର୍ଣ୍ଣ ହୋଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଐତିହାସିକ କଟକ ବାଲିଯାତ୍ରାକୁ ଗିନିଜ ୱାର୍ଲଡ ବୁକ୍‌ରେ ସ୍ଥାନିତ କରିବାକୁ ସିଏମ୍‌ସି ପକ୍ଷରୁ ମଙ୍ଗଳବାର ବାରବାଟୀ ଷ୍ଟାଡିୟମରେ ୧୦ ହଜାର କାଗଜ ଡଙ୍ଗା ୧୫ ମିନିଟ ମଧ୍ୟରେ ତିଆରି କରାଯିବ। ପ୍ରାୟ ୪ ହଜାରରୁ ଅଧିକ ଛାତ୍ରୀଛାତ୍ର ଏହି ଡଙ୍ଗା ତିଆରି କରିବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ବାଲିଯାତ୍ରା ପଡ଼ିଆରେ କେମିକାଲ ସ୍ପ୍ରେ ଜରିଆରେ ଦିନକୁ ୩ ଥର ସଫେଇ ହେଉଥିବାରୁ ଧୂଳି ହ୍ରାସ ପାଇଛି। ଶେଷରେ ଡେପୁଟି ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ




**ଝାଁଳା,୧୪।୧୧(ଡି.ଏନ୍.ଏ.):** ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ଦୁଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଝାଁଳା ସ୍ଥିତ ଓଗାଳପଡ଼ା ବିଦ୍ୟାଳୟ ନିକଟରେ ଫୁଟ ଓଭରବ୍ରିଜ୍, କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଭେହିକିଲ ଅଣ୍ଡରପାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ସୁଦୀପ୍ତ ରାୟଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସ୍ଥାନୀୟ ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଝାଁଳାର ପୂର୍ବତନ ସରପଞ୍ଚ ପ୍ରଦୋଷ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨ ଲୁଟେରା ଗିରଫ

**ଝାଁଳା,୧୪।୧୧(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ପୋଲିସ ସୋମବାର ୨ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ମଶାଣିଆର ସତ୍ୟବ୍ରତ ରଣା (୧୯) ଓ ରାକେଶ ନାଟୁଆ (୧୯)। ସୂଚନା ମୁତାବକ, କିଛିଦିନ ପୂର୍ବେ ବାଦଲ ଝାଁଳା ନିକଟରେ ଥିବା ଏକ ଫାଇନାନ୍ସ କମ୍ପାନୀରେ ଇଣ୍ଟରଭ୍ୟୁ ଦେବାକୁ ଆସିଥିଲେ। ଇଣ୍ଟରଭ୍ୟୁ ପରେ ଘରକୁ ଫେରିବା ବେଳେ ପିତାପଲ୍ଲୀ ନିକଟରେ ୨ଜଣ ଦୁର୍ବୃତ୍ତ ପଲସରରେ ଆସି ତାଙ୍କୁ ଅଟକାଇବା ସହ ଛୁରି ଦେଖାଇ ଭୟଭୀତ କରାଇଥିଲେ। ଏପରିକି ଦୁର୍ବୃତ୍ତମାନେ ଏକ ସୁନାଚେନ, ୭୦୦ଟଙ୍କା ଥିବା ଏକ ପର୍ସ, ଗୋଟିଏ ମୋବାଇଲ ଫୋନ, ଏଟିଏମ କାର୍ଡ ଓ କାଗଜପତ୍ର ଥିବା ଏକ ବ୍ୟାଗ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ବାଦଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଥିଲା। ଦୁର୍ବୃତ୍ତମାନେ ପିତାପଲ୍ଲୀ ଛକ ନିକଟରେ ଛିଡ଼ା ହୋଇଥିବା ବେଳେ ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ପୋଲିସ ପଲସର ବାଇକ୍ ସହିତ ଚୋରି ସାମଗ୍ରୀ ଜବତ କରିଛି।

### ସୁରେନ୍ଦ୍ରନାଥଙ୍କ ବିୟୋଗରେ ସ୍ମୃତି ସଭା

**ଜଟଣୀ,୧୪।୧୧(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରା ଗ୍ରାମର ଅଧିବକ୍ତା ସୁରେନ୍ଦ୍ରନାଥ ନାୟକଙ୍କ ଦଶାହ ଅବସରରେ ବନମାଳୀ ଶତପଥୀ ପାଠାଗାର ପକ୍ଷରୁ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ନାୟକ ଜଣେ ପରୋପକାରୀ, ସ୍ପଷ୍ଟବାଦୀ ଅଧିବକ୍ତା ଭାବେ ପରିଚିତ ଥିଲେ। ବନମାଳୀ ଶତପଥୀ ପାଠାଗାର ପ୍ରତିଷ୍ଠାତା ସୀତାକାନ୍ତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ଜଟଣୀ ବରିଷ୍ଠ ନାଗରିକ ସମିତି ସଭାପତି ପ୍ରହ୍ଲାଦ ସାହୁ, ପାଠାଗାର ସମ୍ପାଦକ ଅକ୍ଷୟ ମହାନ୍ତି, ଅଧିବକ୍ତା ଅକ୍ଷୟ ଦାସ, ନୌସର ଅଲି, ଦୁଲାଲ ରଞ୍ଜନ ସର୍ବଜ୍ଞ, ପ୍ରଫୁଲ୍ଲ ବିଶ୍ୱାଳ, ପୁରୁଷୋତ୍ତମ ଅଗ୍ରୱାଲ, ସାରଙ୍ଗ ବେହେରା, ଜଗଦୀଶ ମହାପାତ୍ର, ଦେବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ଏଥିସହ ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

# ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୪।୧୧**

- ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ
- ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ଲୋକନାଥ ଦେବଙ୍କ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମର ଜଣେ ବ୍ୟକ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ତଦନ୍ତ କରାଯାଇ ଦୁର୍ନୀତିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ଲୋକନାଥ ଦେବଙ୍କ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଅମୃତ ସରୋବର ନାମରେ ପୋଖରୀ ଖନନ ହେବା ସହ ଗରିବ ଲୋକଙ୍କୁ ଜବ୍ କାର୍ଡ ମାଧ୍ୟମରେ କାମ ଯୋଗାଇଦେବା ମୂଳ ଲକ୍ଷ୍ୟ ଥିବା ବେଳେ ନିୟମ ଉଲ୍ଲଂଘନ କରାଯାଇ ମେଶିନ ଦ୍ୱାରା ପୋଖରୀ ଖୋଳିବା ସହ ଦୁଇଜଣ ବ୍ୟକ୍ତିଙ୍କ ନାମରେ ଥିବା ଏକ ପୋଖରୀ ଖନନ ଚାଲିଛି। ଏପରି କି ଗତ ଜୁନ୍ ୧୫ ପରେ ପୋଖରୀ ଖୋଳା ନିୟମ ନ ଥିବା ବେଳେ ଏହାକୁ ମଧ୍ୟ ଉଲ୍ଲଂଘନ କରାଯାଇଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ଠିକ୍ ଭାବେ ତଦନ୍ତ କରାଯିବା ଲାଗି ଗତ ଅଗଷ୍ଟ ୧ରେ ଜିଲାପାଳଙ୍କୁ ଦରଖାସ୍ତ ମାଧ୍ୟମରେ ଅବଗତ କରାଯାଇଥିଲା। ଏପରି କି ପ୍ରଧାନମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ, ଡିଜି ଭିଜିଲାନ୍ସକୁ ମଧ୍ୟ ଜଣାଇଥିଲେ। ସେହିପରି ଦେଉଳି ପଞ୍ଚାୟତର ଲିଙ୍ଗରାଜ ହାଇସ୍କୁଲ ଖେଳପଡ଼ିଆ ଡଙ୍ଗରପଡ଼ା, ପଞ୍ଚାୟତ ଅଫିସ ପରିସରରେ ମେଶିନ ମାଧ୍ୟମରେ ମୋରମ୍ ଫିଲିଙ୍ଗ୍ କରାଯାଉଛି। ଗୋଡ଼ା ଲୋକନାଥ ଦେବଙ୍କ ପୋଖରୀ ପୁନରୁଦ୍ଧାର କରି ମେଶିନ ମାଧ୍ୟମରେ ୪ଟି ରାସ୍ତା ନିର୍ମାଣ ହୋଇଛି। ମଶାଣି ରାସ୍ତା, କହରାଝିର ରାସ୍ତା, ଗୋହିରୀ ରାସ୍ତା, ରାଜକିଶୋର ବେହେରାଙ୍କ ଘର ରାସ୍ତାକୁ ମେଶିନ ଦ୍ୱାରା ନିର୍ମାଣ କରାଯାଇ ବିଲ୍ କରି ନେଇଛନ୍ତି। ତଦନ୍ତ କରାଯାଇ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।




**ଗମ୍ଭାରୀମୁଣ୍ଡା:** ବାଣପୁର ଓକିଲ ସଂଘର ୪୩ତମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ଏବଂ ଆଇନ୍‌ଜୀବୀ।

## ଓକିଲ ସଂଘର ବାର୍ଷିକ ଉତ୍ସବ

**ଗମ୍ଭାରୀମୁଣ୍ଡା,୧୪।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଓକିଲ ସଂଘର ୪୩ତମ ବାର୍ଷିକ ଉତ୍ସବ ସୋମବାର ସ୍ଥାନୀୟ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଣପୁର ବିଚାର ବିଭଗୀୟ ଅଦାଲତର ବରିଷ୍ଠ ଦେୱାନୀ ବିଚାରପତି ମନୋରଞ୍ଜନ ମିଶ୍ର ଯୋଗଦେଇଥିବା ବେଳେ ଅତିଥିଭାବେ ବାଣପୁର ଜେଏମଏଫସି ସ୍ନାତକୀ ଦାସ, ଚିଲିକା ଜେଏମଏଫସି ବିକାଶ ଗୋଏଲ ଯୋଗଦେଇଥିଲେ। ଓକିଲ ସଂଘର ସଭାପତି ପ୍ରଭାତ କୁମାର ପଟ୍ଟଯୋଶୀ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଜଗନ୍ନାଥ ଭୋଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି ପଦ୍ମଜା ପଟ୍ଟନାୟକ, ସହ ସମ୍ପାଦକ ନରେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରୀ କମିଟିର ସଦସ୍ୟ ଦେବବ୍ରତ ବଡ଼ଜେନା, କୁଳମଣି ବେହେରା, ସନ୍ତୋଷ ପାତ୍ର ଯୋଗଦେଇଥିବା ବେଳେ ଆଇନଜୀବୀ ରଞ୍ଜନ କୁମାର ବେଦମତ୍ତା ମଞ୍ଚ ପରିଚାଳନା କରିଥିଲେ। ଚିଲିକା ଓକିଲ ସଂଘର କର୍ମକର୍ତ୍ତା ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଆନ୍ଦୋଳନରୁ ଓହରିଲା ଟାଙ୍ଗୀ ଓକିଲ ସଂଘ

**ଟାଙ୍ଗୀ(ଖୋର୍ଦ୍ଧା),୧୪।୧୧(ଡି.ଏନ୍.ଏ.)**

ଟାଙ୍ଗୀରେ ଓକିଲ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଦୀର୍ଘ ୨୩ ଦିନ ଧରି ଚାଲିଆସୁଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଟାଙ୍ଗୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଇନଜୀବୀଙ୍କ ଆନ୍ଦୋଳନ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ସତ୍ୟପାଠ ଉପସ୍ଥାପନ କରିଥିଲେ। ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ଏହାକୁ ଗୁରୁତ୍ୱ ଦେଇ ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲକୁ ଚିଠି ନଂ.୬୫୩୨, ତା୧୩।୧୧।୨୨ରେ ନିର୍ଦ୍ଦେଶନାମା ପଠାଇବା ପରେ ରାଜ୍ୟ ବାର କାଉନସିଲ ଚିଠି ନଂ.୩୬୬୫ରେ ଟାଙ୍ଗୀ ଓକିଲ ସଂଘକୁ କାର୍ଯ୍ୟବନ୍ଦରୁ ନିବୃତ ରହିବାକୁ ଜଣାଇବା ସହ ଆନ୍ଦୋଳନ ଜାରି ରଖିଲେ ଆନ୍ଦୋଳନରେ ସାମିଲ ଥିବା ସମସ୍ତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଚିଠି ପାଇବା ପରେ ଟାଙ୍ଗୀ ଓକିଲ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ ଚିଠି ମାଧ୍ୟମରେ ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ ତଥା ଜେଏମ୍‌ଏଫ୍‌ସି ନ୍ୟାୟାଧୀଶଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଇନଜୀବୀମାନେ ଆନ୍ଦୋଳନରେ ସାମିଲ ହେବା ଦ୍ୱାରା ୩୨୧୬ ଘଣ୍ଟା କାର୍ଯ୍ୟ ନଷ୍ଟ ହୋଇଛି। ଟାଙ୍ଗୀରେ ଗତ ଅକ୍ଟୋବର ୨୨ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲା। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ନ୍ୟାୟାଳୟକୁ ସାମୟିକ ଭାବେ ଖୋର୍ଦ୍ଧା ଦୌରାଜଜ୍ କୋର୍ଟ ପରିସରରେ ଚାଲୁ ରଖିବାକୁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଗତ ୯ ତାରିଖରୁ ଖୋର୍ଦ୍ଧାରେ ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ ଚାଲୁ ରହିଛି। ଆନ୍ଦୋଳନ ପ୍ରତ୍ୟାହାର ପରେ ପୁଣି ଟାଙ୍ଗୀରେ କୋର୍ଟ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜନଶୁଣାଣି ଶିବିରରେ ୭୯୬ ଅଭିଯୋଗ

**ବାଣପୁର/ଗମ୍ଭାରୀମୁଣ୍ଡା, ୧୪।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବାଣପୁର ଏନ୍‌ଏସି ଓ ବ୍ଲକର ମୋଟ୍ ୭୯୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୭୯୪ଟି ବ୍ୟକ୍ତିଗତ ଓ ଦୁଇଟି ସାମୂହିକ ଅଭିଯୋଗ ରହିଥିଲା। ଦୁଇଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣେ ହିତାଧିକାରୀଙ୍କ ପାଇଁ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଜଲାପାଳ ଅନୁମୋଦନ କରିଥିବା ଜଣାପଡ଼ିଛି। ଶିବିରରେ ବାଣପୁର ଏବିଡିଓ ସୀମାଦ୍ରି ପାତ୍ର, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଏବଂ ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ ହିତାଧିକାରୀଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏବଂ ବାଣପୁର ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

## ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ: ସେମିରେ ତଲଖେତା

**ବେଗୁନିଆ,୧୪।୧୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ତଲଖେତା ଶବରପଲ୍ଲୀ ସ୍ପୋର୍ଟିଂ କ୍ଲବ ୧-୦ ଗୋଲରେ ଶରଧାପୁର ଏସ୍‌ଏସ୍‌ଏ ଫୁଟ୍‌ବଲ କ୍ଲବକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚ୍ ଶେଷହେବାର ୩ ମିନିଟ୍ ପୂର୍ବରୁ ବିଜୟୀ ଦଳର ୮ନଂ. ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ରଣବିଜୁଳି ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉପଦେଷ୍ଟା ଦୟାନ ଖାନ୍‌ଙ୍କ ନେତୃତ୍ୱରେ ବିଦେଶୀ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଏସ୍. ଜାନି, ମନୋରଞ୍ଜନ ଖୁଣ୍ଟିଆ, ପ୍ରଫୁଲ୍ଲ ବେହେରା ସହଯୋଗୀ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ।

# ସାମୁଦ୍ରିକ କଇଁଛ ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ।

**କୃଷ୍ଣପ୍ରସାଦ,୧୪।୧୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ନୂଆପଡ଼ା ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବନରକ୍ଷୀ ସୁନୀଲ କୁମାର ଲେଙ୍କା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ସାତପଡ଼ା ରେଞ୍ଜର ଶରତ ଜାନି, ରମ୍ଭା ରେଞ୍ଜର ନୃସିଂହ ଚରଣ ବେହେରାଙ୍କ ସମେତ ୩ଟି ରେଞ୍ଜ୍‌ର ସମସ୍ତ ବନପାଳ, ବନରକ୍ଷୀ ଓ ସୁରକ୍ଷାକର୍ମୀ ଯୋଗଦେଇଥିଲେ। ସାମୁଦ୍ରିକ କଇଁଛମାନଙ୍କର ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଡା. ସତ୍ୟରଞ୍ଜନ ବେହେରା, ଡା. ଶିବପ୍ରସାଦ ପରିଡ଼ା, ସମନ୍ୱୟ ଅଧିକାରୀ ସ୍ୱାଧୀସିଂଧୁରା ବେହେରା ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚିଲିକା ନୂଆପଡ଼ା ବନପାଳ ମୀନା କୁମାରୀ ନାୟକ, ବନପାଳ ବିଶ୍ୱନାଥ ଟୁଡୁ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଭଜନ ପ୍ରତିଯୋଗିତା

**କୃଷ୍ଣପ୍ରସାଦ,୧୪।୧୧(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିଭାବେ ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ଅଧିକାରୀ ଦେବାଶିଷ ପାତ୍ର, ବୋଇତ ବନ୍ଦାଣ ପରିଚାଳନା କମିଟି ସଭାପତି ବାଉରିବନ୍ଧୁ ଦଳେଇ, ଏସ୍‌ଆଇ ନାରାୟଣ ପ୍ରଧାନ, ସସ୍ମିତା ପଲେଇ ମେଡିକାଲ ଆସିଷ୍ଟାଣ୍ଟ ଭୁବନେଶ୍ୱର, କନ୍ଦାଖାଇ କଲେଜ ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ସମେତ ବହୁ ବ୍ୟକ୍ତି ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ। କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ପରେ ବ୍ଲକସ୍ତରୀୟ ଭଜନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୬୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ।

# ୬ ଗାଡ଼ି ଜବତ, ୪ ଗିରଫ







**ବେଗୁନିଆ,୧୪।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳର ବେଆଇନ ଖଣିରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହ ୪ଟି ମିନିଟ୍ରକ୍, ଗୋଟିଏ ଜେସିବି ଓ ଟ୍ରାକ୍ଟର ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବରପଦା ଗ୍ରାମର ସୁଶାନ୍ତ ରଣସିଂହ ଏବଂ ବାଲିପାଟଣା ଗ୍ରାମର ସ୍ୱପ୍ନେଶ୍ୱର ବେହେରା, ବେଗୁନିଆ ଥାନା ବାରବାଟୀ ଗ୍ରାମର ଅର୍ଜୁନ ପାଇକରାୟ ଏବଂ ଗଡ଼ମାଣତୀର ଗ୍ରାମର ଗୋବିନ୍ଦ ମାର୍ଥା। ସୂଚନା ମୁତାବକ, ବେଗୁନିଆ ତହସିଲ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ବଢ଼ିଚାଲିଛି। ଏହାକୁ ରୋକିବା ପାଇଁ ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ,ଏସ୍‌ଆଇ ମାଧବାନନ୍ଦ ବସ୍ତିଆଙ୍କ ସମେତ ପୋଲିସ କର୍ମଚାରୀ ଏବଂ ଏକ ପ୍ଲାଟୁନ ଫୋର୍ସ ନେଇ ବିଭିନ୍ନ ବେଆଇନ ଖଣିରେ ଚଢ଼ାଉ କରାଯାଇଥିଲା। ଡିଙ୍ଗରସ୍ଥିତ ବେଆଇନ ମାଙ୍କଡ଼ା ଖଣିରେ ଚଢ଼ାଉ କରାଯାଇ ୪ଟି ମିନିଟ୍ରକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯୫/୨୨)ରୁଜୁ ହୋଇଛି। ସେହିପରି ଗଡ଼ମାଣତୀର ନିକଟରୁ ଗୋଟିଏ ଜେସିବି ଓ ଟ୍ରାକ୍ଟର ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୯୬/୨୨) ରୁଜୁକରି ତଦନ୍ତ ଚଳାଇଛି।

# ୮ରୁ ରାଜସୁନାଖଳା ମହୋତ୍ସବ କାଉଁରୀ

**ବୋଲଗଡ଼,୧୪।୧୧(ଡି.ଏନ୍.ଏ.)**




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ରାଜସୁନାଖଳା ମହୋତ୍ସବ କମିଟି ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ୮ରୁ ଆରମ୍ଭ ହେବ ରାଜସୁନାଖଳା ମହୋତ୍ସବ କାଉଁରୀ-୨୦୨୨। ଏହି ମହୋତ୍ସବ ୫ ଦିନ ଅର୍ଥାତ୍ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତବର୍ଷଗୁଡ଼ିକ ଅପେକ୍ଷା ଚଳିତବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ମହୋତ୍ସବ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ଓ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି। ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଦର୍ଶକମାନେ କିପରି ମୀନା ବଜାର, ରାମଦୋଳି ଏବଂ ପଲ୍ଲିଶ୍ରୀ ମେଳାର ମଜା ଉଠାଇପାରିବେ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କମିଟି ଉପାଧ୍ୟକ୍ଷ ପ୍ରସନ୍ନ କୁମାର ପ୍ରଧାନ କହିଛନ୍ତି। ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ଅଧିଶ୍ୱରୀ ଦେବୀ ମା' କାଉଁରୀଙ୍କ ଉଦ୍ଦେଶ୍ୟରେ ଚଳିତବର୍ଷ ମହୋତ୍ସବର ନାମ 'ରାଜସୁନାଖଳା ମହୋତ୍ସବ କାଉଁରୀ-୨୦୨୨' ରଖାଯାଇଛି। ଏହି ଅବସରରେ ଏକ ବାର୍ଷିକ ସ୍ମରଣିକା 'କାଉଁରୀ' ପ୍ରକାଶ କରାଯିବ ବୋଲି କମିଟି ଅଧ୍ୟକ୍ଷ ପ୍ରଧାନ କହିଛନ୍ତି। ଏଥିନିମନ୍ତେ ରାଜ୍ୟର କବି, ଲେଖକ ତଥା ଗବେଷକ ସେମାନଙ୍କ ଲେଖା ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ପଠାଇବା ପାଇଁ ପତ୍ରିକା ସମ୍ପାଦକ ଅନୁରୋଧ କରିଛନ୍ତି। ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଏହି ମହୋତ୍ସବ କରୋନା ସମୟରେ ମଧ୍ୟ ଡିଜିଟାଲରେ ଆୟୋଜିତ ହୋଇଥିଲା। ଉପାଧ୍ୟକ୍ଷ ପ୍ରସନ୍ନ ପ୍ରଧାନ ଧନ୍ୟବାଦ ଦେଇଥିବା ବେଳେ ସାମାଜିକ କର୍ମୀ ରାଜେନ୍ଦ୍ର ସାହୁ ପରିଚାଳନା କରିଥିଲେ। ମହୋତ୍ସବ କମିଟି ସଦସ୍ୟ ଜୟେନ୍ଦ୍ର ବେହେରା, ପ୍ରଦୀପ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# 'ଦେଶ ପ୍ରଗତିର ପ୍ରତୀକ ହେଉଛନ୍ତି ଶିଶୁ'

**ବେଗୁନିଆ,୧୪।୧୧(ଡି.ଏନ୍.ଏ.)**

ଶିଶୁ ଦିବସ ଅବସରରେ ବେଗୁନିଆ ବ୍ଲକସ୍ତରୀୟ ଶିଶୁ ଉତ୍ସବ-୨୦୨୨ ସୋମବାର ଅଟ୍ଟିସ୍ଥିତ ହଟକେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଉତ୍ସବ ପାଳନ କମିଟି ତଥା ଶିଶୁ ବିକାଶ ପାଣ୍ଠି ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଯୋଗଦେଇଥିଲେ। ସଭାପତି ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଅତିଥିଭାବେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ପ୍ରବକ୍ତା ବୀରକିଶୋର ପଣ୍ଡା, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଦାଶରଥି ବେହେରା, ମିଳିତ ଶିକ୍ଷକ ସଂଘର ସମ୍ପାଦକ ବସନ୍ତ କୁମାର ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସନ୍ତୋଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିକାଶ ପାଣ୍ଠିର ସମ୍ପାଦକ ରବୀନ୍ଦ୍ର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶିଶୁମାନଙ୍କର ଯତ୍ନ ଶ୍ରଦ୍ଧାର ସହ ନେବା ଆବଶ୍ୟକ। ଶିଶୁ ହେଉଛନ୍ତି ଦେଶ ପ୍ରଗତିର ପ୍ରତୀକ ବୋଲି ଅତିଥି ଲେଙ୍କା କହିଥିଲେ। ବ୍ଲକର




ଶିଶୁ ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ୩୦ ଛାତ୍ରୀଛାତ୍ରଙ୍କୁ ମେଧାବୀ ସମ୍ମାନ

୧୫ଟି କ୍ଲଷ୍ଟରରୁ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ୩୦ ଜଣ ଛାତ୍ରୀଛାତ୍ରଙ୍କୁ ମେଧାବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଯୁଧିଷ୍ଠିର ହୋତା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସରୋଜ ବେହେରା, ମାନସ ବେହେରା, ନିରଞ୍ଜନ ମାଟି, ଗୋଲକ ସାହୁ, ଶିକ୍ଷୟିତ୍ରୀ ଝୁନୁବାଳା ପୃଷ୍ଟି, ସୁଜାତା ସାହୁ, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଜରାଜୀର୍ଣ୍ଣ ଯାତ୍ରୀ ନିବାସ, ଅସୁରକ୍ଷିତ ଅତିଥି

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ):**

ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଦ୍ୱାରା ପରିଚାଳିତ ସ୍ଥାନୀୟ କଟକ ରୋଡ଼ସ୍ଥିତ ଯାତ୍ରୀ ନିବାସ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। କେଉଁଠି ଛାତରୁ ସିଲିଂ ଖସି ରଡ୍ ଦେଖାଯାଉଛି ତ ଆଉ କେଉଁଠି ଖଣ୍ଡଖଣ୍ଡ ପଲସ୍ତରା ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି। କେଉଁ କୋଠରୀର କବାଟ, ଝରକା ନାହିଁ ତ ଆଉ କେଉଁଟା ମାଲ୍ଖାନା ଭଳି ଦୃଶ୍ୟମାନ ହେଉଛି। କାନ୍ଥ ଓ ଛାତ ଫାଟି ଆଁ ମେଲିଥିବାବେଳେ କୋଠାର ବିଭିନ୍ନ ସ୍ଥାନରେ ଗଛ ଉଠି ବଢ଼ିବାକୁ ଲାଗିଛି। ଫଳରେ ଅସୁରକ୍ଷିତ ଅବସ୍ଥାରେ ଅତିଥି ରହୁଥିଲେ ମଧ୍ୟ ଆବଶ୍ୟକ ମରାମତି ନ କରି ଦଦରା ଭିତ୍ତିଭୂମିରେ ବିଏମ୍ସିକୁ ରୋଜଗାର ନିଶା ଘାରିଛି। ସହରର ପ୍ରମୁଖ ସ୍ଥାନରେ ଥିବା ଏହି ଯାତ୍ରୀ ନିବାସରେ ରାଜ୍ୟ ତଥା ବାହାରୁ ଆସୁଥିବା ପର୍ଯ୍ୟଟକ ଆଶ୍ରୟ ନେଇଥା'ନ୍ତି। ବିଶେଷକରି ପ୍ରଦର୍ଶନୀ ପଡ଼ିଆରେ ବିଭିନ୍ନ ମେଳା ଓ ପ୍ରଦର୍ଶନୀ ଆୟୋଜିତ ହେଲେ ଏଠାରେ ଯାତ୍ରୀଙ୍କ ସଂଖ୍ୟା ବଢ଼ିଥାଏ। ଅନ୍ୟ ହୋଟେଲ ଓ ଲଜ୍ ତୁଳନାରେ କମ୍ ଭଡ଼ା ସହ ଅଧିକ ସୁବିଧା ଆଶାରେ ଲୋକେ ଏଠାରେ ରହିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ମାତ୍ର ଇତିମଧ୍ୟରେ ବିଏମ୍ସି ଯାତ୍ରୀ ଭଡ଼ା ବଢ଼ାଇଥିଲେ ମଧ୍ୟ ସେଭଳି ସେବା ପ୍ରଦାନ କରୁ ନ ଥିବା ଅଭିଯୋଗ ହେଉଛି। ବିଏମ୍ସି



### ବିଏମ୍ସି ଖୋଲିଛି ୱାର୍ଡ ଅଫିସ, ଗୋଦାମ ଘର

ନିର୍ଦ୍ଧାରିତ ଦେୟ ନେଉଥିଲେ ମଧ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦେଉ ନ ଥିବାରୁ ପର୍ଯ୍ୟଟକ ବା ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଅନ୍ୟପକ୍ଷରେ ଯାତ୍ରୀନିବାସ ଅଗଣାରେ ଅତିଥିମାନେ କିଛିସମୟ ବିତାଇ ମନକୁ ହାଲ୍କା କରିଥାନ୍ତି। ହେଲେ ଏବେ ସେଠାରେ ପାର୍କ ସାମଗ୍ରୀ ଗଦା ହୋଇ ରହିଛି। କୋଭିଡ୍ କାଳରେ ଏହାକୁ କୋଭିଡ୍ ସେଣ୍ଟର କରାଯାଇଥିବାବେଳେ ଯାତ୍ରୀ ନିବାସର ହଲରେ କୋଭିଡ୍ ସରଞ୍ଜାମ ଭରି ରହିଛି। କେତେକ କୋଠରୀରେ ଯାତ୍ରୀ ରହୁଥିବାବେଳେ ସନ୍ଧ୍ୟା ହେବା ମାତ୍ରେ ମଶାଙ୍କ ପ୍ରାଦୁର୍ଭାବ ସହିବାକୁ ପଡୁଛି। ତଳ ମହଲାରେ ଥିବା ୧୪ଟି କୋଠରୀ ଓ ହଲ୍ ରହିଥିବାବେଳେ ଏଠାରେ ବିଏମ୍ସି ୱାର୍ଡ ନଂ.୩୧, ୩୨ ଓ ୩୩ର ୱାର୍ଡ ଅଫିସ୍ ଚାଲିଛି। ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଉପର ମହଲାର ୧୪ଟି କଠୋରୀ ମଧ୍ୟରୁ ଗୋଟିଏରେ ଯାତ୍ରୀନିବାସ କାର୍ଯ୍ୟାଳୟ ରହିଛି। ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରୁ ଜବତ ହୋଇଥିବା ପଲିଥିନ୍ ସହ ଆହାର କେନ୍ଦ୍ରର ସରଞ୍ଜାମ ଗଦା ହୋଇ ରହିଛି। ତଳ ମହଲାରେ ପ୍ରତି କୋଠରୀ ସଂଲଗ୍ନ ଶୌଚାଳୟ ରହିଥିବାବେଳେ ଉପର ମହାଲାରେ ଏ ସୁବିଧା ନାହିଁ। କିନ୍ତୁ ତଳ ମହଲା ପରିବର୍ତ୍ତେ ଉପର ମହଲାରେ ହିଁ ଅଧିକାଂଶ ଯାତ୍ରୀଙ୍କୁ ରଖାଯାଉଥିବାରୁ ସେମାନେ ହଇରାଣ ହେଉଛନ୍ତି। ପୁଣି ଶୌଚାଳୟରେ ଅନେକ ସମୟରେ ପାଣି ଓ ମଳ ନିଷ୍କାସନଜନିତ ସମସ୍ୟା ଉପୁଜୁଛି। ଅନ୍ୟପଟେ କୋଭିଡ୍ ପରବର୍ତ୍ତୀ ସମୟରେ ଏଠାରେ ଭଡ଼ା ବୃଦ୍ଧି କରାଯାଇଛି। ପୂର୍ବରୁ ଯେଉଁ କୋଠରୀରେ ଶଯ୍ୟା ପିଛା ୧୨ ଘଣ୍ଟା ପାଇଁ ୫୦୦ ଟଙ୍କା ଦେବାକୁ ପଡୁଥିଲା, ତାହା ବର୍ତ୍ତମାନ ୧୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୩୫୦ ଟଙ୍କାରେ ଉପଲବ୍ଧ ହେଉଥିବା ଶଯ୍ୟାର ଦେୟ ୫୦୦ଟଙ୍କାକୁ ବର୍ଦ୍ଧିତ କରାଯାଇଛି। ଯାତ୍ରୀ ନିବାସକୁ ଅସୁରକ୍ଷିତ ଘୋଷଣା କରିବା ପାଇଁ ଯନ୍ତ୍ରୀ ଖଣ୍ଡ-୧ ଏବଂ ରାଜ୍ୟସରକାରଙ୍କ ରାସ୍ତା ଓ ଗୃହନିର୍ମାଣ ବିଭାଗକୁ ଅବଗତ କରାଯାଇଥିବା ସୂଚନା ମିଳିଥିଲେ ମଧ୍ୟ ଏନେଇ ବିଏମ୍ସି ଅଧିକାରୀ ମୁହଁ ଖୋଲୁନାହାନ୍ତି।

### 'ଯାତ୍ରୀଙ୍କ ସଂଖ୍ୟା କମିଛି, ସୁରକ୍ଷାକୁ ଗୁରୁତ୍ୱ ଦେଉଛୁ'

ପୂର୍ବଠାରୁ ଯାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ କମିଯାଇଛି। ଏବେ ଯେଉଁମାନେ ଆସୁଛନ୍ତି ସେମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଗତବର୍ଷ ଯାତ୍ରୀ ନିବାସର ମରାମତି କରାଯାଇଥିଲା। ବର୍ତ୍ତମାନ ମଧ୍ୟ କିଛି କିଛି ସମସ୍ୟା ରହିଛି। ତେବେ ମରାମତି ବା ଅସୁରକ୍ଷିତ ଘୋଷଣା କରାଯିବା ନେଇ କୌଣସି ସୂଚନା ମୋ ପାଖରେ ନାହିଁ। ଯେତେବେଳେ ମରାମତିର ଆବଶ୍ୟକତା ପଡ଼ିଥାଏ ତାହା କରାଯାଇଥାଏ। ଯାତ୍ରୀଙ୍କ ହିତକୁ ଦୃଷ୍ଟିରେ ରଖି ଯେକୌଣସି ପଦକ୍ଷେପ ନିଆଯିବ। ଯେଉଁ ସରଞ୍ଜାମ ଯାତ୍ରୀ ନିବାସରେ ରହିଛି ତାହା ଅସ୍ଥାୟୀ ଭାବେ ରଖାଯାଇଛି। ଏହାକୁ ଖୁବ୍ଶୀଘ୍ର ସ୍ଥାନାନ୍ତରିତ କରାଯିବ।
**-ବିଜୟ ପ୍ରଧାନ, ମ୍ୟାନେଜର, ଯାତ୍ରୀ ନିବାସ**

## ସଂକ୍ଷେପରେ

### ଧମକ ଦେଇ ଟଙ୍କା ଆଦାୟ କରୁଥିଲେ କିନ୍ନର, ୩ଗିରଫ



ଭୁବନେଶ୍ୱର,୧୪।୧୧(ବ୍ୟୁରୋ): ରେଳଷ୍ଟେସନ ନିକଟରେ ଯାତ୍ରୀଙ୍କଠାରୁ ଜୋର ଜବରଦସ୍ତି ଟଙ୍କା ଆଦାୟ କରି ହଇରାଣ କରୁଥିବା ୩ଜଣ କିନ୍ନରଙ୍କୁ ଖାରବେଳ ନଗର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପିଙ୍କି କର(୪୨), ଆଲିଆ ବେହେରା(୨୩) ଓ ଲିପ୍ସା ଗୁଡୁ(୨୦)। ସମସ୍ତେ ଖଣ୍ଡଗିରି ଥାନା କୋଲଥିଆରେ ରୁହନ୍ତି। ଜାମିନ ନାମଞ୍ଜୁର ହୋଇବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ମାଷ୍ଟରକ୍ୟାଣ୍ଟିନ ଜୟ ନାରାୟଣ ପାର୍କ ନିକଟରେ ଗତ କିଛିଦିନ ହେବ ୩ଜଣ କିନ୍ନର ଏକଜୁଟ ହୋଇ ଜୋରଜବରଦସ୍ତ ଟଙ୍କା ମାଗୁଥିଲେ। ଯିଏ ଟଙ୍କା ନ ଦେଲା ତାକୁ ମାଡ଼ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଥିଲେ। ଖାଲି ସେତିକି ନୁହେଁ, ଟ୍ରେନରେ ଆସୁଥିବା ଅନେକ ଯୁବକଙ୍କୁ ଟାର୍ଗେଟ କରୁଥିଲେ। ଯିଏ ଟଙ୍କା ନଦିଏ ତାହେଲେ ଯୌନ ଶୋଷଣ କେଶ୍ରେ ଫସାଇ ଦେବାକୁ ଧମକ ଦିଅନ୍ତି । ଏନେଇ ଅଭିଯୋଗ ହେବା ପରେ ଖାରବେଳ ନଗର ଥାନା ପୋଲିସ ଘଟଣାସ୍ଥଳକୁ ଯାଇ କିନ୍ନରଙ୍କୁ ଉପରେ ନଜର ରଖିଥିଲେ। ପୋଲିସ ଉପସ୍ଥିତିରେ ସେମାନେ ସେହିପ୍ରକାର ଧମକଚମକ ଦେଇ ଟଙ୍କା ମାଗିବାରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

### ୨ ଆନ୍ତଃରାଜ୍ୟ ଲୁଟେରା ଗିରଫ, ମୋବାଇଲ ଜବତ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ): ଚୋରା ମୋବାଇଲକୁ କମ୍ ଟଙ୍କାରେ ବିକ୍ରି ପାଇଁ ଯୋଜନା କରୁଥିବା ୨ ଆନ୍ତଃରାଜ୍ୟ ଲୁଟ୍ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ ମହାରାଷ୍ଟ୍ରର ମୁରେସ ଅରୁଣ ପାୱାର, ଅମିତ ଶରମିତ ଭୋସ୍ଲେ । ତାଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ କରାଯାଇଛି । ଏନେଇ ପୋଲିସ ମାମଲା (ନଂ ୪୨୨/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା । ସୂଚନାନୁସାରେ ରସୁଲଗଡ ଛକରେ ଅଭିଯୁକ୍ତଦ୍ୱୟ ଚୋରା ମୋବାଇଲ ଫୋନ କମ୍ ମୂଲ୍ୟରେ ବିକ୍ରି କରିବା ନିମନ୍ତେ ଗ୍ରାହକ ଖୋଜୁଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା।

### କାର କାଚ ଭାଙ୍ଗି ଲୁଟ୍ ଘଟଣା,ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୧୧(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ୩ଟି କାର କାଚ ଭାଙ୍ଗି ଲୁଟ ଘଟଣାରେ ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେ ହେଲେ ନୀଳାଦ୍ରିବିହାର ଅଞ୍ଚଳରେ ରହୁଥିବା ଶିବରାଜ କୁମାର ବେଶ୍ର ଓରଫ ବାବୁ। ତାଙ୍କଠାରୁ ସମସ୍ତ କାଗଜପତ୍ର ଜବତ କରାଯାଇଛି। ସୂଚନାଯୋଗ୍ୟ, ବିଡିଏ କଲୋନୀରେ ରହୁଥିବା ୩ଟି କାର୍ର କାଚ ଭାଙ୍ଗି ବିଭିନ୍ନ କାଗଜପତ୍ର ସହିତ ଗାଡ଼ିରେ ଥିବା ମ୍ୟୁଜିକ୍ ସିଷ୍ଟମ ଓ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ମୈତ୍ରେୟୀ ଲେଖିକା ସଂଗଠନର ମାସିକ ଆସର

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)- ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଦ୍ଦଶତମ ମାସିକ ଆସର ଆଭାସୀ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଲକ୍ଷ୍ମୀ-ଏକ ବିଦ୍ରୋହର ସ୍ୱର' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲେଖିକା ତଥା ଔପନାସିକା ପ୍ରବୀଣା ମହାନ୍ତି ଯୋଗଦେଇ ବଳରାମ ଦାସଙ୍କର 'ଲକ୍ଷ୍ମୀପୁରାଣ' ଉପରେ ଆଲୋକପାତ କରିଥିଲେ। ଏହା କିପରି ଉତ୍କଳୀୟ ସଂସ୍କୃତିରେ ନାରୀର କୋମଳ ବିଦ୍ରୋହର ସ୍ୱରକୁ ମହିମାମଣ୍ଡିତ କରିଛି ସେ ନେଇ ବ୍ୟାଖ୍ୟା କରିଥିଲେ। ନାରୀ କୋମଳ ହୃଦୟର ଅଧିକାରିଣୀ ହେଲେ ମଧ୍ୟ ସ୍ଥଳ ବିଶେଷରେ ସିଏ ଅନ୍ୟାୟ, ଅନାଚାର ବିରୋଧରେ ବିଦ୍ରୋହର ସ୍ୱର ମଧ୍ୟ ଉତ୍ତୋଳନ କରିପାରେ। ଲକ୍ଷ୍ମୀମନ୍ତ ହେବାର ଅର୍ଥ କେବଳ ଧନଧାନ୍ୟରେ ନୁହେଁ, ବରଂ ମାନସିକତାରେ ଧନୀ ହେବା ବୋଲି ସେ କହିଥିଲେ। ଜୟଶ୍ରୀ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରି ଲକ୍ଷ୍ମୀପୁରାଣ ଉପରେ ବକ୍ତବ୍ୟ ରଖିଥିଲେ। ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ ପ୍ରଥମ କବିତା ସଂକଳନ 'ଅନନ୍ୟା'ର ସମୀକ୍ଷା କରାଯାଇଥିଲା। ପ୍ରଭାତୀ ମଞ୍ଜରୀ ବେହେରା ମଞ୍ଚ ସଞ୍ଚାଳନା କରିଥିଲେ।

## ୬ ଗାଡ଼ି ଜବତ, ୪ ଗିରଫ

**ବେଗୁନିଆ,୧୪।୧୧(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅଞ୍ଚଳର ବେଆଇନ ଖଣିରେ ପୋଲିସ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିବା ସହ ୪ଟି ମିନିଟ୍ରକ୍, ଗୋଟିଏ ଜେସିବି ଓ ଟ୍ରାକ୍ଟର ଜବତ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବରପଦା ଗ୍ରାମର ସୁଶାନ୍ତ ରଣସିଂହ ଏବଂ ବାଲିପାଟଣା ଗ୍ରାମର ସ୍ୱପ୍ନେଶ୍ୱର ବେହେରା, ବେଗୁନିଆ ଥାନା ବାରବାଟୀ ଗ୍ରାମର ଅର୍ଜୁନ ପାଇକରାୟ ଏବଂ ଗଡ଼ମାଣତୀର ଗ୍ରାମର ଗୋବିନ୍ଦ ମାର୍ଥା। ସୂଚନା ମୁତାବକ, ବେଗୁନିଆ ତହସିଲ ଅଞ୍ଚଳରେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ବଢ଼ିଚାଲିଛି। ଏହାକୁ ରୋକିବା ପାଇଁ ଖୋର୍ଦ୍ଧା ଏସ୍ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ,ଏସ୍ଆଇ ମାଧବାନନ୍ଦ ବସ୍ତିଆଙ୍କ ସମେତ ପୋଲିସ କର୍ମଚାରୀ ଏବଂ ଏକ ପ୍ଲାଟୁନ ଫୋର୍ସ ନେଇ ବିଭିନ୍ନ ବେଆଇନ ଖଣିରେ ଚଢ଼ାଉ କରାଯାଇଥିଲା। ଡିଙ୍ଗରସ୍ଥିତ ବେଆଇନ ମାଙ୍କଡ଼ା ଖଣିରେ ଚଢ଼ାଉ କରାଯାଇ ୪ଟି ମିନିଟ୍ରକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯୫/୨୨)ରୁଜୁ ହୋଇଛି। ସେହିପରି ଗଡ଼ମାଣତୀର ନିକଟରୁ ଗୋଟିଏ ଜେସିବି ଓ ଟ୍ରାକ୍ଟର ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୯୬/୨୨) ରୁଜୁକରି ତଦନ୍ତ ଚଳାଇଛି।





ରାଜାରାଣୀ ସଙ୍ଗୀତ ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ଡ.ଏମ୍.ବାଲମୁରଲୀ କ୍ରୀଷ୍ଣନ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଦୁଇ ଭଉଣୀ ଏସ୍. ଶୁଭଲକ୍ଷ୍ମୀ ଓ ଏସ୍. ସ୍ୱର୍ଣ୍ଣଲତା ବେହେଲା ବାଦନ କରୁଛନ୍ତି ।

## ମନ୍ତ୍ରମୁଗ୍ଧ କଲା କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ, ବେହେଲା ବାଦନ

**ପୁରୁଣା ଭୁବନେଶ୍ୱର, ୧୪।୧୧(ଡି.ଏନ୍.ଏ.):**

### ସରିଲା ରାଜାରାଣୀ ସଙ୍ଗୀତ ମହୋତ୍ସବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଚାଲିଥିବା ରାଜାରାଣୀ ସଙ୍ଗୀତ ମହୋତ୍ସବ ସୋମବାର ଉଦ୍ଯାପିତ ହୋଇଯାଇଛି। କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଓ କର୍ନାଟକୀ ବେହେଲା ବାଦନରେ ରାଜାରାଣୀ ମନ୍ଦିର ପରିସର ମୁଖରିତ ହୋଇଉଠିଥିଲା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତର ଗାୟକ ଡ.ଏମ୍.ବାଲମୁରଲୀ କ୍ରୀଷ୍ଣନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ପ୍ରଥମ କାର୍ଯ୍ୟକ୍ରମ। ସଙ୍ଗୀତର ବିଭିନ୍ନ ବିଭବକୁ ଉଚ୍ଚସ୍ୱରରେ ଗାନ କରି ଉପସ୍ଥିତ ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତାଙ୍କୁ ବେହେଲାରେ କାର୍ତ୍ତିକ ଏବଂ ମୃଦଙ୍ଗମ୍ରେ ପତ୍ରି ସତିଶ୍ କୁମାର ସହଯୋଗ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମରେ ଥିଲା ଯୁଗ୍ମ ବେହେଲା ବାଦନ। ବିଖ୍ୟାତ କର୍ନାଟକୀ ବେହେଲା ବାଦକ ଆକ୍କାରାୟୀ ଭଗିନୀଦ୍ୱୟ ଏସ୍. ଶୁଭଲକ୍ଷ୍ମୀ ଓ ଏସ୍. ସ୍ୱର୍ଣ୍ଣଲତା। ପ୍ରଥମେ ସେମାନେ ରାଗ କନକାଙ୍ଗୀ ଓ ଅଦିତାଳ ଉପରେ ଆଧାରିତ କର୍ନାଟକୀ ଶୈଳୀରେ ବେହେଲା ବାଦନ କରିଥିଲେ। ପରେ ଯୁଗଳବନ୍ଦୀରେ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତକୁ ବେହେଲା ଦ୍ୱାରା ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ମୃଦଙ୍ଗମ୍ କୁଲର୍ ଜୟଚନ୍ଦ୍ର ରାଓ ଏବଂ ଘଟମ୍ରେ ଗରିଧର ଉଡୁପା।

ଉଦ୍ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀର ସଭାପତି ଅରୁଣା ମହାନ୍ତି, ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ସଚିବ କ୍ଷୀରୋଧ ପଟ୍ଟନାୟକ ଯୋଗଦେଇଥିଲେ। ଡ. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଅଟୋ ଚାଳକଙ୍କୁ ମାଡ଼ ମାରି ଲୁଟ୍ ଘଟଣା, ଯୁବକ ଗିରଫ

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଜଣେ ଅଟୋ ଚାଳକଙ୍କୁ ଅଟକାଇ ମାରଧରି କରି ଟଙ୍କା ଛଡ଼ାଇନେବା ଅଭିଯୋଗରେ ଭରତପୁର ଥାନା ପୋଲିସ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଅମ୍ରିତ ସିଂହ। ସୂଚନାନୁସାରେ, ଗତ ଅଗଷ୍ଟ ମାସରେ ସନ୍ତୋଷ କୁମାର ପ୍ରଧାନ ବିଳମ୍ବିତ ରାତିରେ ୨ଜଣ ବଙ୍ଗୀୟ ଯାତ୍ରୀଙ୍କୁ ଏମ୍ସ ନିକଟରୁ ଭୁବନେଶ୍ୱର ରେଳ ଷ୍ଟେସନ୍କୁ ଯାଉଥିଲେ। ଏହି ସମୟରେ ଅମ୍ରିତ ଏକ ମୋଟରସାଇକେଲରେ ଆସି ତାଙ୍କ ଅଟୋକୁ ଫାୟାର ଷ୍ଟେସନଠାରେ ଅଟକାଇବା ସହିତ ତାଙ୍କୁ ମାରଧର କରିଥିଲେ। ତାଙ୍କ ପାଖରେ ଥିବା ୫,୮୦୦ ଟଙ୍କା, ଏକ ପାୱାର ବ୍ୟାଙ୍କ ଏବଂ ତାଙ୍କ ପରିଚୟପତ୍ର ଛଡାଇ ନେଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ।

## ଖୁସି ବାଣ୍ଟିଲେ ଖୁସି ବଢ଼େ

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**

### ଉତ୍ତ୍ର ପକ୍ଷରୁ 'ତାରେ ଜମିନ୍ ପର୍' କାର୍ଯ୍ୟକ୍ରମ

ଉତ୍ତ୍ର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ 'ତାରେ ଜମିନ୍ ପର୍' ଏକ ନିଆରା କାର୍ଯ୍ୟକ୍ରମ ଉତ୍କଳ କନିକା ଗ୍ୟାଲେରିଆ ମଲ୍ର ଗେମ୍ ଜୋନ୍ଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଦସ୍ୟମାନେ ମଧୁରମୟୀ ଆଶ୍ରମର ପିଲାଙ୍କୁ ଏକ ବସ୍ ଯୋଗେ ମଲ୍କୁ ଆଣିଥିଲେ। ସେଠାରେ ଥିବା ଗେମ୍ଜୋନ୍ରେ ପିଲାମାନେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଖେଳ ସାମଗ୍ରୀର ଭରପୂର ମଜାନେବା ସହିତ ଖୁସି ମନାଇଥିଲେ। ମଲ୍ରେ ଥିବା ପିଜାହଟ୍ ଓ ଡୋମିନେଟ୍ରେ ପିଲାମାନେ ନିଜ ମନପସନ୍ଦର ଖାଦ୍ୟ ଖାଇଥିଲେ। ଖୁସି ବାଣ୍ଟିଲେ ଖୁସି ବଢେ ବୋଲି ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସ ନାୟକ କହିଥିଲେ। ଟ୍ରଷ୍ଟ ଅନେକ ସମୟରେ ସମାଜରେ ଅବହେଳିତ ହୋଇ ରହିଥିବା ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅନେକ ଭିନ୍ନ ଧରଣର କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଆଶ୍ରମର ପିଲାମାନେ ଏହି କାର୍ଯ୍ୟକ୍ରମର ଭରପୂର ମଜା ନେବା ସହିତ ଖୁସି ମନାଇଥିଲେ। ଶେଷରେ ପିଲାମାନଙ୍କୁ ସେହି ବସ୍ ଯୋଗେ ଆଶ୍ରମରେ ଛାଡ଼ି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମଲ୍ର ଡାଇରେକ୍ଟର ପୂର୍ଣ୍ଣିମା ବୈଦ୍ୟ, ମଧୁରମୟୀ ଆଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ନିରୋଜା ଲକ୍ଷ୍ମୀ ମହାପାତ୍ର, ଅଭିନେତ୍ରୀ ପୁନମ ମିଶ୍ର, ଟ୍ରଷ୍ଟର ସମ୍ପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଉପସଭାପତି ଡ. ସୂର୍ଯ୍ୟପ୍ରକାଶ ଏସ୍. ଚୌଧୁରୀ, ଆଦିତ୍ୟ ଚୌଧୁରୀ ପ୍ରମୁଖଙ୍କ ସମେତ ଟ୍ରଷ୍ଟର ସମସ୍ତ କମକର୍ତ୍ତା ଉପସ୍ଥିତ ଥିଲେ।



ଉତ୍କଳ କନିକା ଗ୍ୟାଲେରିଆ ମଲ୍ରେ ମଧୁରମୟୀ ଆଶ୍ରମର ପିଲାଙ୍କ ସହ ଉତ୍ତ୍ର ଚାରିଟେବୁଲ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସ ନାୟକ ଓ ଅନ୍ୟମାନେ ।

## ସଜଲେନ୍ଦୁ, ସସ୍ମିତାଙ୍କୁ 'ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ'



**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ୧୫ତମ ସାଂସ୍କୃତିକ ବାର୍ଷିକ ଉତ୍ସବ ସ୍ଥାନୀୟ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଲ୍କୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ସଭାପତି ଡ. ସୁଭାଷ ଚନ୍ଦ୍ର ମୁଖାର୍ଜୀ, ସାଧାରଣ ସମ୍ପାଦକ ତପନ କୁମାର ରାହା ପ୍ରମୁଖ ଯୋଗଦେଇଥିଲେ। ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୀରବଚ୍ଛିନ୍ନ ଭାବେ 'ଗୀତାଞ୍ଜଳି' ବିଭିନ୍ନ କାର୍ଯ୍ୟ କରିଆସିଛି ବୋଲି ଅତିଥିମାନେ ମତ ରଖିଥିଲେ। ସମାଜକୁ ଭାଇଚାରାର ଏକ ବାର୍ତ୍ତା ପ୍ରଦାନ କରିବା ଉଦ୍ଦେଶ୍ୟରେ 'ଗୀତାଞ୍ଜଳି' ପକ୍ଷରୁ ସଂଗୀତ ଓ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡ. ସଜଲେନ୍ଦୁ ମାଲକାର ଓ ସସ୍ମିତା ପାତ୍ରଙ୍କୁ 'ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ସଙ୍ଗୀତ ସନ୍ଧ୍ୟାରେ ବହୁ ଉଚ୍ଚକୋଟିର କଳାକାର ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୧ଲକ୍ଷ ପରିବାରକୁ ମିଳିବ ଭୂମି ଅଧିକାର ପ୍ରମାଣପତ୍ର

**ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)**

ଓଡ଼ିଶା ସରକାରଙ୍କର ଫ୍ଲାଗସିପ୍ କାର୍ଯ୍ୟକ୍ରମ ଜାଗା ମିଶନ୍ ଅଧୀନରେ ହିତାଧିକାରୀଙ୍କୁ ରାଜ୍ୟର ବିଭିନ୍ନ ମହାନଗର ନିଗମ ତଥା ସହରାଞ୍ଚଳରେ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ମଧ୍ୟ ଏନେଇ ତତ୍ପରତା ପ୍ରକାଶ ପାଇଛି। ସୋମବାର କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସଭାପତିତ୍ୱରେ ଡ୍ରୋନ୍ ସର୍ଭେଜନିତ କ୍ଷେତ୍ରକର୍ମୀଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମର ସମସ୍ତ ୱାର୍ଡ଼ ଅଫିସର, କମ୍ୟୁନିଟି ଅର୍ଗାନାଇଜର୍, ଜୋନାଲ୍ କମ୍ୟୁନିଟି ଅର୍ଗାନାଇଜର୍, ଅମିନ୍, ଜାଗା କୋର୍ଡିନେଟର୍ ପ୍ରମୁଖଙ୍କ ନିମନ୍ତେ ଏହି ପ୍ରଶିକ୍ଷଣ କରାଯାଇଥିଲା। ସହରାଞ୍ଚଳ ବସ୍ତିରେ 'ଅର୍ବାନ ସ୍ଲମ ହାଉସ୍ ହୋଲ୍ଡ ଏରିଆ' (ଉଷା) ସର୍ଭେ କରିବା ପୂର୍ବରୁ ଡ୍ରୋନ୍ ସର୍ଭେ କରିବାର ବ୍ୟବସ୍ଥା ଜାଗା ମିଶନ ଧାର୍ଯ୍ୟ କରିଛି। ଏହାକୁ ଭିତ୍ତି କରି ଓଡ଼ିଶା ସରକାରଙ୍କ ତରଫରୁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରତ୍ୟେକ ବସ୍ତିରେ ଡ୍ରୋନ୍ ସର୍ଭେ ହୋଇ ବ୍ୟକ୍ତିଗତ ଘରଗୁଡ଼ିକର ନକ୍ସା ଚିତ୍ର ଉତ୍ତୋଳନ କରାଯିବ। ଏହାକୁ ଭିତ୍ତିକରି ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ନିମନ୍ତେ 'ଉଷା' ସର୍ଭେ କରାଯିବ। ସର୍ଭେ ନିୟମ ଅନୁସାରେ ନିର୍ଦ୍ଦିଷ୍ଟ ବସ୍ତିର ସ୍ଲମ୍ ଡୁଏଲର୍ସ ଆସୋସିଏଶନ୍ (ଏସ୍ଡିଏ)ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସମ୍ପୃକ୍ତ ୱାର୍ଡ଼ ଅଫିସର, କମ୍ୟୁନିଟି ଅର୍ଗାନାଇଜର୍, ଗୋଷ୍ଠୀ ସଞ୍ଚାଳନ ପ୍ରକ୍ରିୟାକୁ ଆଗେଇ ନେବେ।

ବିଏମ୍ସିର ୩ ଜୋନ୍ରେ ୪୩୬ଟି ବସ୍ତି ଜାଗା ମିଶନ ଅନ୍ତର୍ଭୁକ୍ତ ହୋଇଥିବାବେଳେ ପ୍ରତ୍ୟେକ ବସ୍ତିରେ ଗୋଟିଏ ଲେଖାଏଁ ଏସ୍ଡିଏ ରହିଛି। ଦକ୍ଷିଣ-ପୂର୍ବ ଜୋନ୍ରେ ୧୩୯ଟି ଏସ୍ଡିଏ, ଦକ୍ଷିଣ-ପଶ୍ଚିମ ଜୋନ୍ରେ ୧୪୨ଟି ଏସ୍ଡିଏ ଏବଂ ନର୍ଥ ଜୋନ୍ରେ ୧୫୫ଟି ଏସ୍ଡିଏ ରହିଛି।

### ଡ୍ରୋନ୍ ସର୍ଭେ ପାଇଁ କ୍ଷେତ୍ରକର୍ମୀଙ୍କ ପ୍ରଶିକ୍ଷଣ

ଏହି ସମସ୍ତ ଏସ୍ଡିଏରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରକୁ ଜାଗା ମିଶନ ଅଧୀନରେ ଭୂମି ଅଧିକାର ପ୍ରମାଣପତ୍ର ଦେବାର ଲକ୍ଷ୍ୟ ରଖାଯାଇଛି। ସର୍ଭେ ପରେ ଭୂମି ଅଧିକାର ପ୍ରମାଣପତ୍ର ପାଇ ସମ୍ପୃକ୍ତ ହିତାଧିକାରୀ ଆବାସ ଯୋଜନାରେ ଘର କରିବାର ଯୋଗ୍ୟତା ମଧ୍ୟ ହାସଲ କରିପାରିବେ। ପ୍ରତ୍ୟେକ ହିତାଧିକାରୀ ପରିବାରଙ୍କୁ ମୌଳିକ ଭାବେ ୩୦ବର୍ଗମିଟରରୁ ୪୫ ବର୍ଗମିଟର ପରିସୀମାର ଭୂମି ଅଧିକାର ପ୍ରମାଣପତ୍ର ଦିଆଯିବାର ବ୍ୟବସ୍ଥା ରହିଛି। ଭୁବନେଶ୍ୱରରେ ପ୍ରଥମକରି ଏହି ପ୍ରଶିକ୍ଷଣ ଆରମ୍ଭ ହୋଇଛି। ମଙ୍ଗଳବାରଠାରୁ ଅନ୍ୟ ସହରରେ ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ କରାଯିବ। ପ୍ରଶିକ୍ଷଣରେ ବିଏମ୍ସି ଅତିରିକ୍ତ କମିଶନର ତଥା ଜାଗା ମିଶନ୍ର ନୋଡାଲ୍ ଅଫିସର ଲକ୍ଷ୍ମୀକାନ୍ତ ସେଠୀ ସଂଯୋଜନା ଅଧିକାରୀ ଭାବେ ରହିଥିବା ବେଳେ ଟାଟାଷ୍ଟିଲ୍ ଫାଉଣ୍ଡେଶନ୍ର ରାଜ୍ୟ ମୁଖ୍ୟ ଅମ୍ବିକା ନନ୍ଦ, ଅତିରିକ୍ତ ସଚିବ ଜାଗା ମିଶନ୍ ସୌରେନ୍ଦ୍ର ରାଉତ, ଉପନିର୍ଦ୍ଦେଶକ ଜାଗା ମିଶନ୍ ସଞ୍ଜୟ କୁମାର ରାଉତ, ବିଏମ୍ସି ଉପ ଆୟୁକ୍ତ ହାଉସିଂ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଡ୍ରୋନ୍ ସର୍ଭେ ପାଇଁ ବିଏମ୍ସି କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ କ୍ଷେତ୍ରକର୍ମୀଙ୍କ ପ୍ରଶିକ୍ଷଣ ଶିବିର ।

**ଶିଶୁ ଦିବସ ପାଳିତ**

ଡେଲାଙ୍ଗ,(ଡି.ଏନ୍.ଏ): କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱମୁକ୍ତି ପକ୍ଷରୁ ଅମୃତ କା ମହୋତ୍ସବ ଓ ଶିଶୁ ଦିବସ ପାଳିତ ହୋଇଛି। ପୂର୍ବତନ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ସଭାପତିତ୍ୱରେ ଅତିଥି ଭାବେ ବିଦ୍ୟାଳୟର ସ୍ଥାୟୀ ସମ୍ପାଦକ ଶଶାଙ୍କ ଶେଖର ଚୁଡାମଣି, ମାନବସମ୍ବଳ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର, ଜିନ୍ଦେଗୀ ଫାଉଣ୍ଡେଶନ ଅଧକ୍ଷ ଅଜୟ ବାହାଦୁର ଯୋଗଦେଇଥିଲେ। ପରେ ବିଶ୍ୱମୁକ୍ତି ପୁସ୍ତକ ଉନ୍ମୋଚନ ସହିତ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବର୍ଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦିଲୀପ ଛୋଟରାୟ, ସୁଦର୍ଶନ ପ୍ରଧାନ, ବିଷ୍ଣୁପ୍ରିୟା ପ୍ରଧାନ, ଆଶୁତୋଷ ସାମନ୍ତ ସିଂହାର, ସବିତା ଦାଶ, ଜଟାଧାରୀ ପ୍ରଧାନ, କୁନ୍ତଳା ବିଶ୍ୱାଳ, ଶେଷଦେବ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ, ଜଣେ ଗିରଫ

ଡେଲାଙ୍ଗ,୧୪।୧୧(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ପକ୍ଷ ମଧରେ ଗଣ୍ଡଗୋଳ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ୨ଟି ପୃଥକ ମାମଲା (ନଂ.୩୪୨, ୩୪୩/୨୨) ରୁଜୁ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗତ ୧୨ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଆଳିପଡା ଗ୍ରାମର କେତେଜଣ ନାବାଳକ ମଢ ପଞ୍ଚୁପଲା ଗ୍ରାମ ମୁଣ୍ଡରେ ଥିବା ବାଙ୍କେଶ୍ୱର ମନ୍ଦିର ନିକଟକୁ ଆସି ସେହି ଗ୍ରାମର ଚନ୍ଦନ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଚନ୍ଦନ ଆହତ ହେବାରୁ ତାଙ୍କ ବାପା ଘଟଣା ସମ୍ପର୍କରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ବସନ୍ତ କୁମାରୀ ଛାଟୋଇଙ୍କ ପୁଅ ଓ ତାଙ୍କ ସାଥୀଙ୍କୁ ମଧ ଚନ୍ଦନ ଆକ୍ରମଣ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଏହି ଗଣ୍ଡଗୋଳ ଉଭୟ ପକ୍ଷରୁ ଏକାଧିକ ଆହତ ହୋଇଥିବା ବେଳେ ପୋଲିସ ୨ଟି ଅଭିଯୋଗକୁ ଭିତ୍ତି କରି ପ୍ରାଥମିକ ତଦନ୍ତରେ ଚନ୍ଦନଙ୍କୁ ଗିରଫ କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

### ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଲେ ୫୦ ପିଲା

ପୁରୀ ଅଫିସ, ୧୪।୧୧:ପୁରୀ ଜିଲା କୋର୍ଟ ପ୍ରାଙ୍ଗଣରେ ସୋମବାର ବିଭିନ୍ନ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ଧନେଶ୍ୱର ମଲ୍ଲିକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା।

### ପୁସ୍ତକ ପଠନ ଉପରେ ଗୁରୁତ୍ୱ ବହିମେଳା ବୁଲିଲେ ପିଲା

ପୁରୀ ଅଫିସ, ୧୪।୧୧: ଶିଶୁ ଦିବସ ଅବସରରେ ସୋମବାର ଶିକ୍ଷାଶ୍ରୀ ଶିଶୁ ପାଠାଗାର ଏବଂ ଭଗବତୀ ବିଦ୍ୟା ନିକେତନର ମିଳିତ ଆନୁକୂଲ୍ୟରେ ଶିଶୁଙ୍କ ମନଲାଖି ପୁସ୍ତକ ପ୍ରଦର୍ଶନୀ (ପିଲାଙ୍କ ବହିମେଳା) ଆୟୋଜିତ ହୋଇଯାଇଛି। ଭଗବତୀ ବିଦ୍ୟା ନିକେତନ ପରିସରରେ ଆୟୋଜିତ ଏହି ବହିମେଳାକୁ ଭାଷାବିତ୍ ଡ. ହରପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ସାହିତ୍ୟିକ କୈଳାସ ରାୟ ଓ ପ୍ରଭାତ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ପୁସ୍ତକ ପଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପିଲାଙ୍କ ପାଇଁ ବୋଧଗମ୍ୟ ଶିଶୁ ସାହିତ୍ୟ ରଚନା ଓ ମନଲାଖି ସଚିତ୍ର ପୁସ୍ତକ ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ପୁସ୍ତକ ମେଳା ପିଲାଙ୍କୁ ସୁନାଗରିକ କରି ଗଢିବାରେ ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଶିଶୁ ପାଠାଗାର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ଦାଶ, ବିଦ୍ୟାଳୟ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, କବିତା ମିଶ୍ର ଉପସ୍ଥିତ ଥିଲେ। ବହିମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ଲବ୍ଧ ପ୍ରତିଷ୍ଠିତ ଲେଖକଙ୍କ ପୁସ୍ତକମାନ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶତାଧିକ ବିଦ୍ୟାର୍ଥୀ, ଅଭିଭାବକ ଏବଂ ଅଞ୍ଚଳବାସୀ ଏହି ବହିମେଳା ବୁଲି ଦେଖିଥିଲେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ମକର୍ତ୍ତା ଚୟନ

କୋଣାର୍କ,୧୪।୧୧(ଡି.ଏନ୍.ଏ): କୋଣାର୍କସ୍ଥିତ ଅର୍କଶ୍ରୀ ଶିଳ୍ପୀ ବାଟିକା ପରିସରରେ ପୁରୀ ଜିଲା ଅନ୍ତର୍ଗତ ୧୧ଟି ବ୍ଲକର ଓଡ଼ିଶା ଆର୍ଦଶ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ନେଇ ଏକ ସାଂଗଠନିକ ଓ କର୍ମକର୍ତ୍ତା ଚୟନ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖବର ଅନୁଯାୟୀ, ବ୍ରହ୍ମଗିରି ବ୍ଲକ ଓଡିଶା ଆର୍ଦଶ ବିଦ୍ୟାଳୟର ଅଧକ୍ଷ ଯଶୋବନ୍ତ ନାରାୟଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରୀ ଜିଲା ଆର୍ଦଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଅମରଜିତ ପାଇକରାୟ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ପୁରୀ ଜିଲା ଓଡ଼ିଶା ଆର୍ଦଶ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଭାବେ ଯଶୋବନ୍ତ ନାରାୟଣ ବେହେରା, ଉପସଭାପତି ଭାବେ ସ୍ୱର୍ଣ୍ଣଲତା ଦାସ, ସମ୍ପାଦକ ଭାବେ ସତ୍ୟଜିତ ସ୍ୱାଇଁ, ସହସମ୍ପାଦକ ଭାବେ ସୁଶ୍ରୀ ନିବେଦିତା ସାବତ ଏବଂ କୋଷାଧକ୍ଷ ଭାବେ ରାମଚନ୍ଦ୍ର ବେହେରାଙ୍କୁ ନିର୍ବାଚିତ କରାଯାଇଥିଲା। କାକଟପୁର ବ୍ଲକ ଆର୍ଦଶ ବିଦ୍ୟାଳୟର ଅଧକ୍ଷ ସତ୍ୟଜିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଜରୁରୀ

**ରାଜ୍ୟସ୍ତରୀୟ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ପୁରୀ ଅଫିସ, ୧୪।୧୧:

ପ୍ରତ୍ୟେକ ଜୀବନ ମୂଲ୍ୟବାନ। ତେଣୁ ସଡ଼କ ସୁରକ୍ଷା ସହ ଜୀବନ ରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଗୁରୁତ୍ୱ ଦେଇଛନ୍ତି। ସୋମବାର ସଦ୍‌ଭାବନା ସଭାଗୃହରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପୋଲିସ ଓ ପରିବହନ ଅଧିକାରୀମାନଙ୍କର ଦୁଇଦିନିଆ ରାଜ୍ୟସ୍ତରୀୟ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ ଦୁର୍ଘଟଣା ପାଇଁ ବୈଷୟିକ ତ୍ରୁଟି ଓ ମଣିଷକୃତ ତ୍ରୁଟି ଦାୟୀ ହୋଇଥାଏ ବୋଲି କହିଥିଲେ। ବିଶେଷ ଭାବେ ରାସ୍ତା ନିର୍ମାଣ ସମୟରେ ବୈଷୟିକ ତ୍ରୁଟିକୁ ସଂଶୋଧନ କରାଯାଇପାରେ। କିନ୍ତୁ ମାଦକ ଦ୍ରବ୍ୟ ସେବନ କରି ଡ୍ରାଇଭିଂ, ଡ୍ରାଇଭିଂ ସମୟରେ ମୋବାଇଲ ବ୍ୟବହାର, ହେଲମେଟ, ସିଟବେଲ୍ଟ ବ୍ୟବହାର ନ କରିବା, ଭୁଲ ରୁଟରେ ଗାଡ଼ିଚାଳନା, ଓଭର ଲୋଡିଂ ଇତ୍ୟାଦି ପାଇଁ ହେଉଥିବା ଦୁର୍ଘଟଣା ପାଇଁ ବ୍ୟାପକ ସଚେତନତା ବା ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସେ କହିଥିଲେ। ଦୁର୍ଘଟଣାର କାରଣ ଓ ନିରାକରଣର ଅନୁସନ୍ଧାନ ପାଇଁ ଏହି ପ୍ରଶିକ୍ଷଣ ବେଶ ଉପାଦେୟ ହୋଇପାରିବ ବୋଲି ସାହୁ ମତ ଦେଇଥିଲେ। ପରିବହନ ବିଭାଗର ଯୁଗ୍ମ ସଚିବ ସଞ୍ଜୟ କୁମାର ବିଶ୍ୱାଳ ଯୋଗଦେଇ ବର୍ତ୍ତମାନ ଉନ୍ନତମାନର ରାସ୍ତା ନିର୍ମାଣ ସହ ଦୁର୍ଘଟଣାକୁ ବୈଜ୍ଞାନିକ ଓ ବୈଷୟିକ ଭାବେ ଅନୁସନ୍ଧାନ କରାଯାଉଛି। ଉଦ୍ଧାର କର୍ତ୍ତାଙ୍କୁ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ସହ ଗୋଲଡେନ୍ ସମୟ ବା ଦୁର୍ଘଟଣା ପରେ ଯଥାଶୀଘ୍ର ଚିକିତ୍ସା ପାଇଁ ନାଗରିକଙ୍କୁ ସଚେତନ କରାଯାଉଛି ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା ଯୋଗଦେଇ ବର୍ତ୍ତମାନ ରାସ୍ତା ନିର୍ମାଣରେ ବୈଷୟିକ ଓ ବୈଜ୍ଞାନିକ ପଦ୍ଧତି ଯୋଗୁ ଦୁର୍ଘଟଣାକୁ ହ୍ରାସ କରାଯାଉଥିଲେ ମଧ ମାନବକୃତ ତ୍ରୁଟିର ସୁଧାର ପାଇଁ ବ୍ୟାପକ ସଚେତନତା ଜରୁରୀ ବୋଲି କହିଥିଲେ। ଟ୍ରାଫିକ ଡିଏସ୍‌ପି ମନୋବ୍ରତା ଶତପଥୀ, ଆର୍‌ଟିଓ ରବିନ ପଟ୍ଟନାୟକ କହିଥିଲେ, ସଡ଼କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଏହି ପ୍ରଶିକ୍ଷଣ ତାହାକୁ ଅଧିକ କ୍ରିୟାଶୀଳ କରିବ ବୋଲି ସେ କହିଥିଲେ। ବିଷୟ ବିଶାରଦ ଭାବେ ଗୁଜରାଟର ଜିଗର ସୋନି ଓ ମହାରାଷ୍ଟ୍ରର ରବି ଶଙ୍କର ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏମ୍‌ଭିଆଇ ବାମଦେବ ସାହୁ ଧନ୍ୟବାଦ ଦେଇଥିଲେ।

## ‘ମଧୁମେହ ଅନ୍ୟ ରୋଗକୁ ଆମନ୍ତ୍ରଣ କରିଥାଏ’

ପୁରୀ ଅଫିସ, ୧୪।୧୧:

ପୁରୀ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଗିରିଜା ଶଙ୍କର ରଥଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ଦେବଦାସ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଭାରପ୍ରାପ୍ତ ଅଧକ୍ଷ ଡ.ମିହିର ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ମଧୁମେହ ଏକ ରୋଗ ନୁହେଁ ଏହା ଏକ ଅବସ୍ଥାର ସ୍ଥିତି, ଯାହା ଅନ୍ୟ ରୋଗକୁ ଆମନ୍ତ୍ରଣ କରିଥାଏ। ଡ. ଗିରଜାଶଙ୍କର ରଥ, ଡ. ଲଳିତ କୁମାର ଦାସ, ଡ. ଅର୍ଦ୍ଧେନ୍ଦୁ ମିଶ୍ର, ରବିନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କହିଥିଲେ, ମଧୁମେହ ଏକ ଅଣସଂକ୍ରାମକ ରୋଗ ଯାହାକି ବର୍ତ୍ତମାନ କାୟା ବିସ୍ତାର କରୁଛି। ମଧୁମେହର ଲକ୍ଷଣ ଓ ପ୍ରତିରୋଧ ଯେପରି ପରିମିତ ଭୋଜନ, ଓଜନ ହ୍ରାସ, ଶାରୀରିକ ଶ୍ରମ, ବ୍ୟାୟାମ, ଯୋଗାଭ୍ୟାସ ଉପରେ ନିର୍ଭର କରିଥାଏ। ୩୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ରକ୍ତଶର୍କରାକୁ ପରୀକ୍ଷା କରାଇ ନିଅନ୍ତୁ ଓ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ରକ୍ତ ଶର୍କରା ପରୀକ୍ଷା କରାଇଥିଲେ। ଡ. ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ।



ନିମାପଡ଼ା ସେଣ୍ଟ ଜାଭିୟର୍ ହାଇସ୍କୁଲର ବାର୍ଷିକୋତ୍ସବରେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ସେଣ୍ଟ ଜାଭିୟର୍ ହାଇସ୍କୁଲର ବାର୍ଷିକୋତ୍ସବ

ନିମାପଡ଼ା,୧୪।୧୧(ଡି.ଏନ୍.ଏ.)

ନିମାପଡ଼ାସ୍ଥିତ ସେଣ୍ଟ ଜାଭିୟର୍ ହାଇସ୍କୁଲର ୧୪ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ସୋମବାର ପାଳିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ଗଣପରିଷଦ (ଓଡ଼ିଶା) ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ତଥା ମାତୃଶକ୍ତି ଫାଉଣ୍ଡେଶନ ଟ୍ରଷ୍ଟବୋର୍ଡ (ନିମାପଡ଼ା) ମୁଖ୍ୟ ଉପଦେଷ୍ଟା ଜ୍ୟୋସ୍ନାରାଣୀ ତ୍ରିପାଠୀ, ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, ଜାଭିୟର୍ ବିଦ୍ୟାଳୟ ଅଧକ୍ଷ ସତ୍ୟନାରାୟଣ ମିଶ୍ର, ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ମିଶ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମ, ଶିକ୍ଷାଦାନ ପଦ୍ଧତି, ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକସ୍ତର ବିକାଶରେ ଏହି ସ୍କୁଲର ପ୍ରୟାସ ଓ ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ବିଜ୍ଞାନମେଳାରେ ସଫଳତା ପାଇଁ ସୂର୍ଯ୍ୟନାରାୟଣ ସାହୁ, କ୍ରୀଡ଼ାରେ ଶ୍ରେୟାଂଶୁ ଶେଖର ବେହେରା, ରଞ୍ଜିତା ପରିଡା, ରାଜଲକ୍ଷ୍ମୀ ବାରିକ୍‌ଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୯୦ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୁନି କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ, କଳା କୌଶଳ ଦର୍ଶକଙ୍କୁ ବିମୋହିତ କରିଥିଲା। ସମାରୋହରେ ବହୁ ଶିକ୍ଷାବିତ୍, ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ର ଏବଂ ଅଭିଭାବକ ଯୋଗଦେଇଥିଲେ।



ଆପଣଙ୍କ ସେବାରେ ଏବଂ ଭାରତୀୟ ଚତୁର୍ଦ୍ଧାମ ବେଦ ଭବନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ପିଲା

ପୁରୀ ଅଫିସ, ୧୪।୧୧

ବାଲିସାହିସ୍ଥିତ ଭାରତୀୟ ଚର୍ତୁଧାମ ବେଦ ଭବନ ବିଦ୍ୟାଳୟରେ ସୋମବାର ଆପଣଙ୍କ ସେବାରେ ଏବଂ ଭାରତୀୟ ଚତୁର୍ଧାମ ବେଦ ଭବନ ବିଦ୍ୟାଳୟ ମିଳିତ ଆନୁକୁଲ୍ୟରେ ଏକ ସମାରୋହ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚତୁର୍ଧାମ ବେଦ ଭବନର ଟ୍ରଷ୍ଟି ଡା. ସରୋଜ କୁମାର ମହାପାତ୍ର, ପ୍ରଫେସର ଦିବାକର ମହାପାତ୍ର, ଚର୍ତୁଧାମ ବେଦ ଭବନ ବିଦ୍ୟାଳୟର ଅଧକ୍ଷ ପଣ୍ଡିତ ଅରୁଣ କୁମାର ମିଶ୍ର, ସମ୍ପାଦକ ମହାବୀର ରୁଦ୍ରନାରାୟଣ ସାହୁ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଅବସରପ୍ରାପ୍ତ ବିଚାରପତି ରବୀନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଆପଣଙ୍କ ସେବାରେ ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଜିତେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଗତ ଦୁଇଦିନ ଧରି ପୁରୀ ସହରର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା, ଗୀତା ପାଠ ଓ ଫ୍ୟାନସି ଡ୍ରେସ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଦତ୍ତତୋଟାସ୍ଥିତ ବଚନ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା, ଗୀତ, ନାଚ, ଚିତ୍ରାଙ୍କନ, ରାଇମ୍‌ସ ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ମିଶ୍ର ଏବଂ ଶିକ୍ଷୟିତ୍ରୀମାନେ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ବିଷୟରେ ଆଲୋକପାତ କରିଥିଲେ। ବାଲିଘାଟସ୍ଥିତ ରାମକୃଷ୍ଣ ବିଦ୍ୟା ନିକେତନ ପରିସରରେ ଶିଶୁ ଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପିଲାଙ୍କ ମଧରେ ଦୌଡ଼, ଗୀତ, ନାଚ ପ୍ରତିଯୋଗିତା ହୋଇଥିଲା। ଶ୍ରୀକ୍ଷେତ୍ର କଲୋନୀସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ହରେରାମକୃଷ୍ଣ ଜେନା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନଚାର୍ଯ୍ୟା ସଂଘମିତ୍ରା ଜେନା ନେହେରୁଙ୍କ ଜୀବନୀ ସମ୍ପର୍କରେ ଶିଶୁମାନଙ୍କୁ ସୂଚନା ଦେଇଥିଲେ। ଶିଶୁଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ସନଫ୍ଲାଓାର ଇଂଲିଶ ମିଡିୟମ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଥିଲା। ବିଦ୍ୟାଳୟର ସଭାପତି ହରେରାମକୃଷ୍ଣ ଜେନା ଉଦ୍‌ବୋଧନ ଦେଇଥିଲେ। ଶିଶୁମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା।

## ସୁରକ୍ଷିତ ସାମ୍ବିଧାନିକ ବ୍ୟବସ୍ଥା ପାଇଁ ରହିଛି ଆଇନସେବା



ସଭାରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ସାକ୍ଷୀଗୋପାଳ,୧୪।୧୧ (ଡି.ଏନ୍.ଏ/ସ.ପ୍ର.):

ଶିଶୁ ଦିବସ ଉପଲକ୍ଷେ ପୁରୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ଆଇନ ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଦେବଶିଷ ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଥିଲେ, ସର୍ବିଙ୍କର ସାମ୍ବିଧାନିକ ଅଧିକାର ରହିଛି। ଏହି କ୍ରମରେ ୧୪ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କର ଶିକ୍ଷା ଅଧିକାର ଆଇନସମ୍ମତ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସୁରକ୍ଷିତ ସାମ୍ବିଧାନିକ ବ୍ୟବସ୍ଥାକୁ ଠିକ୍ ଢଙ୍ଗରେ ନିୟନ୍ତ୍ରିଣ କରିବା ପାଇଁ ଆଇନସେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ଏଣୁ ଆଇନସେବା ସମ୍ପର୍କରେ ପିଲାଟି ଦିନୁ ସଚେତନ ରହିବା ନେଇ ଦାଶ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ, ପରିଚାଳନା କମିଟି ସଭାପତି ସନାତନ ସାହୁ, ଆଲୁମ୍ନି ଆସୋସିଏଶନ ସଭାପତି କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ଦିବସ ଓ ଶିଶୁଙ୍କ ସୁରକ୍ଷା ପାଇଁ ରହିଥିବା ଆଇନର ବିଭିନ୍ନ ଦିଗ ଉପରେ କହିଥିଲେ। ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ସତ୍ୟବାଦୀର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିଶୁ ଦିବସ ପାଳନ ସହ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବାମଦେବ ପାତ୍ର ସ୍ମୃତି ସମ୍ମାନ ସମାରୋହ

ପୁରୀ ଅଫିସ, ୧୪।୧୧:

ବ୍ରହ୍ମଗିରି ରେଣ୍ଟୀଗଡ଼ସ୍ଥିତ ବାମଦେବ ପାତ୍ର ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ବ୍ରହ୍ମଗିରି ଅଞ୍ଚଳର ସାମାଜିକ କର୍ମୀ ତଥା ସୁପରିଚିତ ପଖଉଜ ବାଦକ ବାମଦେବ ମହାପାତ୍ରଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଗବତୀ ବିଦ୍ୟା ନିକେତନରେ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମେଶ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ଉତ୍ସବରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ସାରଙ୍ଗଧର ରାୟଗୁରୁ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଭାତ ଚନ୍ଦ୍ର ରଥ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମହେନ୍ଦ୍ର ବିଶୋଇ ପ୍ରାରମ୍ଭିକ ସୂଚନା ଓ ସ୍ମୃତି ସଂସଦର ସମ୍ପାଦକ ପର୍ଶୁରାମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ନେତା ବିଜୟ କୁମାର ପଲାଇଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଯୋଗେଶ ଚନ୍ଦ୍ର ନାୟକ, ନଟବର ମନ୍ତ୍ରୀ, ନନ୍ଦକୁମାର ବଡ଼ଦଳାଇ, ବିପିନ ଦଳାଇ ଉଦ୍‌ବୋଧନ ଦେଇ ବ୍ରହ୍ମଗିରି ଅଞ୍ଚଳର ସାମୂହିକ ବିକାଶରେ ସ୍ୱର୍ଗତଃ ପାତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ସୁରେନ୍ଦ୍ରନାଥ ଜେନା, ପାଲାଗାୟକ ବସନ୍ତ କୁମାର ରାଉତ, ଅଭିମନ୍ୟୁ ଦୀକ୍ଷିତ, ସାହିତ୍ୟିକ ସୁରେଶ ଚନ୍ଦ୍ର ପଟ୍ଟନାୟକ, ଭାଗବତ ପ୍ରଚାରକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଏବଂ ମୃଦଙ୍ଗ ବାଦକ ଶ୍ରୀବତ୍ସ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ହେମାଙ୍ଗିନୀ ମହାନ୍ତି, କବିତା ମିଶ୍ର, ଶିବନାରାୟଣ ମିଶ୍ର, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଶ୍ଚିମବଙ୍ଗ ମନ୍ତ୍ରୀଙ୍କ ମନ୍ତବ୍ୟକୁ ବିରୋଧ

ନିମାପଡ଼ା,୧୪।୧୧(ଡି.ଏନ୍.ଏ.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଳ ଗିରି ଦେଇଥିବା ଅଶାଳୀନ ମନ୍ତବ୍ୟକୁ ରାଜ୍ୟ ଗଣପରିଷଦ (ଓଡ଼ିଶା) ଏବଂ ମାତୃଶକ୍ତି ଫାଉଣ୍ଡେଶନ ଟ୍ରଷ୍ଟ ବୋର୍ଡ (ନିମାପଡ଼ା) ବିରୋଧ କରିଛି। ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବା ସହ ତାଙ୍କୁ ଗିରଫ କରାଯିବା ଏବଂ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ସୋମବାର ରାଜ୍ୟ ଗଣପରିଷଦ ଓ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏଥିସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ନିମାପଡ଼ା ଥାନାରେ ଏତଲା ଦେଇଥିଲେ। ଗଣପରିଷଦର ରାଜ୍ୟ ସଭାପତି ଦିନେଶ ତ୍ରିପାଠୀ, ସମ୍ପାଦକ ମାଧବ ମଲ୍ଲିକ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ଟ୍ରଷ୍ଟ ବୋର୍ଡ ମୁଖ୍ୟ ଉପଦେଷ୍ଟା ଜ୍ୟୋସ୍ନାରାଣୀ ତ୍ରିପାଠୀ, ସଭାପତି ଜ୍ୟୋସ୍ନାରାଣୀ ସ୍ୱାଇଁ, ସମ୍ପାଦିକା ଜୟଶ୍ରୀ ପାତ୍ର, ଉପସଭାପତି ମୀନାରାଣି ମହାନ୍ତି, ବେବିନା ବାରିକ୍, ମଧୁସ୍ମିତା ମହାନ୍ତି ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ରାଷ୍ଟ୍ରପତିଙ୍କ ବିରୋଧରେ ମନ୍ତବ୍ୟକୁ ନିମାପଡ଼ାର ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଇଛି।


ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଳ ଗିରିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ଝାଡ଼ଖଣ୍ଡକୁ ହରାଇ ଭୁବନେଶ୍ୱର ବିଜୟୀ


ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ସୋମବାର ଅନୁଷ୍ଠିତ ମ୍ୟାଚ ଅବସରରେ ଖେଳାଳିଙ୍କ ସହ ଅତିଥି।

**ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତରାୟ ସ୍ମାରକୀ ଫୁଟବଲ୍**

ନିମାପଡ଼ା,୧୪।୧୧(ଡି.ଏନ୍.ଏ.)

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତରାୟ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଧାନବାଦ ଫୁଟବଲ୍ କ୍ଲବ (ଝାଡ଼ଖଣ୍ଡ)କୁ ୩-୧ ଗୋଲରେ ପରାସ୍ତ କରି ଜଗା ୟୁନାଇଟେଡ୍ କ୍ଲବ (ଭୁବନେଶ୍ୱର) ବିଜୟ ହାସଲ କରି ସେମିରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ବିଜୟୀ ଦଳର ଖେଳାଳି ଜିତେନ୍ଦ୍ର ଗୋଟିଏ ଗୋଲ କରିଥିବାବେଳେ ୨ୟାର୍ଦ୍ଧରେ ଧାନବାଦ କ୍ଲବର ଖେଳାଳି ଜିତେନ୍ଦ୍ର ଗୋଟିଏ ଗୋଲ ଓ ବିଜୟୀ ଦଳର ଖେଳାଳି ସୋମନାଥ ମହାନ୍ତି ଗୋଟିଏ ଗୋଲ ଏବଂ ଅନ୍ତର୍ଯାମୀ ଗୋଟିଏ ଗୋଲ କରିଥିଲେ। ରେଫରି ଭାବେ ରାଜେନ୍ଦ୍ର ବାରିକ୍, ସୁଦୀପ୍ତ ଦାସ, ପ୍ରିୟବ୍ରତ ବାହିନୀପତି, ସମର ବରାଳ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ବିଜୟୀ ଦଳର ଖେଳାଳି ସୋମନାଥଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବ୍ଲକ ଶିକ୍ଷାଧିକାରୀ (ବିଇଓ) ଦ୍ୱିତିକାନ୍ତ ପ୍ରଧାନ, ଶିକ୍ଷାବିତ୍ ଅମରେଶ ନନ୍ଦନ ସାହୁ, କ୍ରୀଡ଼ାବିତ୍ ଧୀରେନ ବରାଳ, ଏସ୍‌ଡିପିଓ ଦେବାଶିଷ୍ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ, ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳବାର ମ୍ୟାଚ୍‌ରେ ୱାଇବିସି (ରାଉରକେଲା) ଦଳ ୟୁଏଫ୍‌ସି ଗଣ୍ଡରପୁର (ଭୁବନେଶ୍ୱର)କୁ ଭେଟିବ।

# 'ଅକ୍ଷର' ଅନିଶ୍ଚିତତା: ହୋଇପାରୁନି ନିଷ୍ପତ୍ତି

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ଆୟୋଜନ ନେଇ ଅନିଶ୍ଚିତତା ଲାଗି ରହିଛି। ଏ ନେଇ ସୋମବାର ଦୁଇଥର ବୈଠକ ଓ ଆଲୋଚନା ସତ୍ତ୍ୱେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଏହି ମହୋତ୍ସବ ପାଇଁ ଭୁବନେଶ୍ୱରରେ ଜାଗା ମିଳୁନାହିଁ ବୋଲି ଆୟୋଜନ କମିଟି କହୁଥିବାବେଳେ ସମାଧାନର ବାଟ ବାହାରିପାରୁ ନାହିଁ। ଦୁଇବର୍ଷ ଧରି 'ଅକ୍ଷର' ବନ୍ଦ ରହିଥିବାବେଳେ ଚଳିତ ବର୍ଷ ମଧ୍ୟ ସୃଷ୍ଟି ହୋଇଥିବା ଏ ପରିସ୍ଥିତି ପାଇଁ ସଂସ୍କୃତି ନିର୍ଦ୍ଦେଶାଳୟର ସ୍ଥାଣୁତା ଓ ଅଦୂରଦର୍ଶିତାକୁ ଦାୟୀ କରିଛନ୍ତି ପାଠକ, ପ୍ରକାଶକ, ଲେଖକ ଓ ବୁଦ୍ଧିଜୀବୀ ମହଲ।

ପ୍ରଦର୍ଶନୀ ପଡ଼ିଆରେ ଆସନ୍ତା ଡିସେମ୍ବର ୯ରୁ ୧୮ ତାରିଖ ଯାଏ ୧୦ ଦିନ ଧରି ୪ର୍ଥ ରାଜ୍ୟ ପୁସ୍ତକମେଳା ହେବ ବୋଲି ସଂସ୍କୃତି ବିଭାଗ ନିଷ୍ପତ୍ତି ନେଇଥିଲା। ୨୦୨୩ ଜାନୁୟାରୀ ହକି ବିଶ୍ୱକପ୍ ସମୟରେ ପ୍ରଦର୍ଶନୀ ପଡ଼ିଆରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଡଟ୍ ଫେଷ୍ଟ ହେବ। ଏଥିପାଇଁ ପୁସ୍ତକ ମହୋତ୍ସବ ସ୍ଥାନରେ ମାସକ ପୂର୍ବରୁ ଅର୍ଥାତ୍ ଡିସେମ୍ବରରୁ ହିଁ ପ୍ରସ୍ତୁତି ଚାଲିବ। ଯେଉଁଥିପାଇଁ ଇଡ୍‌କୋ ପୁସ୍ତକ ମହୋତ୍ସବ ପାଇଁ ଅନୁମତି ଦେଉ ନ ଥିବା କୁହାଯାଉଛି। ଏପଟେ ଅନ୍ୟ ସ୍ଥାନରେ ମହୋତ୍ସବ ଆୟୋଜନ ହେଲେ ପାଠକ ଜାଣିପାରିବେ ନାହିଁ ବୋଲି କହି ଚୁପ୍ ବସିଛି ଆୟୋଜକ ସଂସ୍କୃତି ନିର୍ଦ୍ଦେଶାଳୟ। ତେଣୁ 'ଅକ୍ଷର' ପାଇଁ ସମସ୍ୟା ସୃଷ୍ଟି କରୁଥିବା ପଡ଼ିଆ ଓ ସମୟ ସ୍ଥିର ପାଇଁ ସୋମବାର ରାଜଧାନୀ ପୁସ୍ତକମେଳା କମିଟି ସମ୍ପାଦକ ଉପେନ୍ଦ୍ର କୁମାର ଜେନା ଓ ମହୋତ୍ସବ ଆୟୋଜନ କମିଟିର ଅନ୍ୟ ୩ଜଣ ସଦସ୍ୟ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କାର୍ଯ୍ୟାଳୟ ଯାଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ଦ୍ଧାରିତ ସମୟର ୮/୧୦ଦିନ ପୂର୍ବରୁ ମହୋତ୍ସବ କରିବାକୁ ଜାଗା ଦେବାକୁ ପ୍ରସ୍ତାବ ରଖିଥିଲେ। ହେଲେ ଏନେଇ ବିଡିଏ ପକ୍ଷରୁ କିଛି ବି ସ୍ପଷ୍ଟ କରାଯାଇ ନ ଥିଲା। ପରେ ସନ୍ଧ୍ୟାରେ ମେଳା କମିଟିର ସଦସ୍ୟମାନେ ସଂସ୍କୃତି ନିର୍ଦ୍ଦେଶକ ଓ ସଂସ୍କୃତି ନିର୍ଦ୍ଦେଶାଳୟର ଅନ୍ୟ ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ପୁସ୍ତକମେଳା ଆୟୋଜନ ନେଇ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କୌଣସି ସ୍ପଷ୍ଟ ମନ୍ତବ୍ୟ ରଖି ନ ଥିଲେ ମଧ୍ୟ ଏ ସମ୍ପର୍କରେ ମଙ୍ଗଳବାର ଜଣାଇବେ ବୋଲି ରାଜଧାନୀ ପୁସ୍ତକମେଳା କମିଟି ସମ୍ପାଦକ ଉପେନ୍ଦ୍ର କୁମାର ଜେନା କହିଛନ୍ତି।

## ବିଡିଏ, ସଂସ୍କୃତି ନିର୍ଦ୍ଦେଶକଙ୍କୁ ଭେଟିଲେ କମିଟି ସଦସ୍ୟ




## ଅଧିକାରୀଙ୍କ ଅଦୂରଦର୍ଶିତାକୁ ଦାୟୀ କଲେ ପ୍ରକାଶକ

କଥାକାର ତଥା ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି, ପୁସ୍ତକମେଳା ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ସୁଯୋଗ ଓ ସାଧନ ଯୋଗାଇଛନ୍ତି। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ଖାମଖିଆଲ ନୀତି ଓ ଅଦୂରଦର୍ଶିତା ଯୋଗୁ ରାଜ୍ୟ ପୁସ୍ତକ ମହୋତ୍ସବ ବାରମ୍ବାର ବାତିଲ ହେଉଛି ଓ ସରକାର ନିନ୍ଦିତ ହେଉଛନ୍ତି। ଆମ ପ୍ରକାଶକ ସଂଘର ବାରମ୍ବାର ଅନୁରୋଧ ସତ୍ତ୍ୱେ ଭୁବନେଶ୍ୱରର ପ୍ରକାଶକଙ୍କୁ ମେଳା ଆୟୋଜନ ଓ ତତ୍‌ସମ୍ପର୍କିତ ନିଷ୍ପତ୍ତି ବୈଠକରୁ ଜାଣିଶୁଣି ଦୂରେଇ ରଖାଯାଉଛି। ଏପରିକି ପୁସ୍ତକମେଳା ଆଦୌ ନ ହୋଇ ବ୍ୟାପକ ଅର୍ଥ ତୋସାରପାତର ଅଭିଯୋଗ ମଧ୍ୟ ଉଠିଛି। ବିଶ୍ୱକପ୍ ହକି ହେବାନେଇ ବର୍ଷେ ଆଗରୁ ସ୍ଥିର ହୋଇଛି। ସେହି ସମୟରେ ଡଟ୍ ଫେଷ୍ଟ ଭଳି ଏକ ଆନ୍ତର୍ଜାତିକ ଉତ୍ସବ ଆୟୋଜନ ପାଇଁ ମଧ୍ୟ ବହୁ ଆଗରୁ ବିଡିଏ ନିଷ୍ପତ୍ତି ନେଇଛି। ନିଜର ଅବହେଳା ଓ ଅନ୍ୟ ବିଭାଗ ସହ ସମନ୍ୱୟ ଅଭାବରୁ ସଂସ୍କୃତି ନିର୍ଦ୍ଦେଶାଳୟ ଏବେ 'ଅକ୍ଷର'କୁ ଅନିଶ୍ଚିତତା ଭିତରକୁ ଠେଲି ଦେଇଛନ୍ତି ବୋଲି ପଣ୍ଡା ଅଭିଯୋଗ କରିଛନ୍ତି। ପ୍ରଦର୍ଶନୀ ପଡ଼ିଆ ଭଳି ଭୁବନେଶ୍ୱର ସହର ଭିତରେ ପୁସ୍ତକ ମହୋତ୍ସବ ପାଇଁ ବହୁ ସ୍ଥାନ ରହିଛି। ସଂସ୍କୃତି ନିର୍ଦ୍ଦେଶାଳୟ ପୂର୍ବରୁ ଏକଥା ଚିନ୍ତା ନ କରି ନିଘୋଡ଼ ନିଦରେ ଶୋଇଯାଇଥିଲା। ଏବେ ଅସନ୍ତୋଷ କୁହୁଳିବା ପରେ ନିଦ ଭାଙ୍ଗୁଛି। ଏଥିପାଇଁ ଅନ୍ୟତ୍ର ସ୍ଥାନ ସ୍ଥିର କରାଯିବା ସହ ଭୁବନେଶ୍ୱରର ପ୍ରମୁଖ ପ୍ରକାଶକଙ୍କୁ 'ଅକ୍ଷର' ଆୟୋଜନରେ ସାମିଲ କରାଯାଉ ବୋଲି ସେ ଦାବି କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଗବାନ ଶହୀଦ ବିର୍ସା ମୁଣ୍ଡାଙ୍କ ୧୪୭ତମ ଜୟନ୍ତୀ, ମୈତ୍ରୀବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୭ଟା ୩୦।
- ଓଡ଼ିଶା ଭୂଦାନ ଯଜ୍ଞ ସମିତି ପକ୍ଷରୁ ସନ୍ଥ ବିନୋବା ଭାବେଙ୍କ ୪୦ତମ ସ୍ମୃତିଚାରଣ ସଭା, ଆଇଆର୍‌ସି ଭିଲେଜ୍, ଘର ନଂ.-୧୩ ସ୍ଥିତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଇଣ୍ଡଲ ସେଲୁନ ଉଦ୍‌ଘାଟନ, ଉତ୍କଳ କନିକା ଗ୍ୟାଲେରିଆ, କଳ୍ପନା, ଅପରାହ୍ନ ୪ଟା ୩୦।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ୩ ଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଅପରାହ୍ନ ୫ଟା।
- ନୃତ୍ୟାଶା ଟ୍ରଷ୍ଟ ପକ୍ଷରୁ ୪ର୍ଥ ନୃତ୍ୟାଶା ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଆଦି ବଜାର, ଏକାମ୍ର ହାଟ, ସନ୍ଧ୍ୟା ୬ଟା ୩୦।

କଟକ

- ଓଡ଼ିଶା ରିସର୍ଚ୍ଚ କନକ୍ଲେଭ୍‌ର ଉଦ୍‌ଘାଟନୀ ଉତ୍ସବ, ରେଭେନ୍ସା ମହାବିଦ୍ୟାଳୟ, ସକାଳ ୮ଟା।
- ବାଲିଯାତ୍ରା କଟକ ଉତ୍ସବ ୮ମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଗଣକବି ବୈଷ୍ଣବ ପାଣି ମଞ୍ଚ, ବାଲିଯାତ୍ରା ତଳପଡ଼ିଆ, ଅପରାହ୍ନ ୪ଟା ୩୦।
- ନଦିଆ ବିହାରୀ ମହାନ୍ତିଙ୍କ ୯୨ତମ ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଅପରାହ୍ନ ୫ଟା ୩୦।





ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ସୋମବାର ଉଦ୍‌ଘାଟିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ଶିଶୁଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବାକୁ ଆହ୍ୱାନ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୨' ସୋମବାର ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରୁଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାକୁ ଉଦ୍‌ଘାଟନ କରି କହିଲେ, ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ଏହା ଏକ ସୁନ୍ଦର ପ୍ରୟାସ ଓ ବିଭାଗର ଏକ ବିକଶିତ କାର୍ଯ୍ୟକ୍ରମ। ଏଭଳି କାର୍ଯ୍ୟକ୍ରମ ରାଜ୍ୟର ଶିଶୁଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବ। ଶିଶୁଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିଲେ ଦେଶ ପ୍ରଗତି କରିପାରିବ ବୋଲି ସେ ପ୍ରକାଶ କରିଥିଲେ। ବିଭାଗୀୟ ଶାସନ ସଚିବ ଅଶ୍ୱଥୀ. ଏସ୍ କହିଲେ, ପିଲାଙ୍କୁ ଏକ ଆନନ୍ଦମୟ ପରିବେଶରେ ଶିକ୍ଷାଦାନ ଦ୍ୱାରା ସେମାନଙ୍କ ଶିକ୍ଷଣ ଦୀର୍ଘସ୍ଥାୟୀ ହୋଇଥାଏ। ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପ୍ରତ୍ୟେକ ଶିକ୍ଷାୟତନର ମୂଳଲକ୍ଷ୍ୟ। ଏହାକୁ ସଫଳ କରିବାକୁ ହେଲେ ଆମ ସମସ୍ତଙ୍କୁ ଏକାଠି ହୋଇ ସହଯୋଗ ଓ ସହମତି ଭିତ୍ତିରେ କାର୍ଯ୍ୟ କରିବାକୁ ପଡ଼ିବ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ସ୍ୱାଗତ ଭାଷଣ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ



ମହୋତ୍ସବକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

### ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଘାଟିତ

ପ୍ରତିଯୋଗିତାର ପ୍ରଥମ ଦିନରେ କୃତିତ୍ୱ ଅର୍ଜନ କରିଥିବା ସୃଜନଶୀଳ ଲିଖନ ପାଇଁ ୭ଜଣ, ଚିତ୍ରାଙ୍କନ ନିମନ୍ତେ ୭ ଜଣ ଏବଂ ଶ୍ରୁତଲିଖନ ଓ ହସ୍ତାକ୍ଷର ପାଇଁ ୩ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ବର୍ଜ୍ୟବସ୍ତୁରୁ ସୃଜନୀ କଳା, ମନର ଚିତ୍ରକୁ ମାଟିରେ ରୂପଦେବା, ଚିତ୍ରକଳା, ଧନ୍ଦାମୂଳକ ଶିକ୍ଷା ଇତ୍ୟାଦି ଉପରେ କର୍ମଶାଳା କରାଯାଇଛି। ଏହାବ୍ୟତୀତ ପିଲାଙ୍କ ପାଇଁ ଶିକ୍ଷା ସମ୍ପର୍କିତ ୨୪ଟି ପ୍ରଦର୍ଶନୀ କେନ୍ଦ୍ର ରହିଛି। ରାଜ୍ୟର ୩୦ ଜିଲାରୁ ପ୍ରତି ବିଭାଗ ପାଇଁ ଜଣେ ଲେଖାଏ ଛାତ୍ରୀଛାତ୍ର ମନୋନୀତ ହୋଇ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ତିନିଦିନିଆ ରାଜ୍ୟସ୍ତରୀୟ ଉତ୍ସବରେ ବିଭିନ୍ନ ଜିଲାରୁ ଆସିଥିବା ସାଂସ୍କୃତିକ ଦଳ ଦ୍ୱାରା ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

# ନଦୀରେ ବୁଡ଼ି ଯୁବକ ମୃତ

ବାରଙ୍ଗ,୧୪।୧୧(ଡି.ଏନ୍.ଏ.)

ଗୋଡିସାହି ଫାଣ୍ଡି ଅନ୍ତର୍ଗତ ବିଦ୍ୟାଧରପୁର ନୂଆସାହି ନିକଟ କାଠଯୋଡି ନଦୀରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ସାଲେପୁର ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ, ସିଡିଏ ୧୧ନଂ. ପଟୁ ସକାଳ ୯ଟାରେ ୨ଜଣ କାଠଯୋଡିନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନେ ବିଦ୍ୟାଧରପୁର ଗ୍ରାମ ନୂଆସାହି ତୁଠରେ ଗାଧୋଇବା ପାଇଁ ନଦୀ ପାର ହେଉଥିବାବେଳେ ଜଣେ ଭାସି ନିଖୋଜ ହୋଇଥିଲେ। ସାଙ୍ଗରେ ଥିବା ବୃଦ୍ଧ ଜଣକ ପହଁରି କୂଳକୁ ପଳାଇ ଆସିଥିଲେ। ଖବରପାଇ ପୋଲିସ ଓ ଦମକଳ ବାହିନୀ ଘଣ୍ଟାଏ ଧରି ଖୋଜାଖୋଜି କରିବା ପରେ ନିଖୋଜ ଯୁବକକୁ ପାଇ ଡାକ୍ତରଖାନାକୁ ପଠାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୨ ଦିନ ବଢ଼ିପାରେ କଟକ ବାଲିଯାତ୍ରା

କଟକ ଅଫିସ, ୧୪।୧୧

ପ୍ରାୟ ଦୁଇ ବର୍ଷ ପରେ ବାଲିଯାତ୍ରା ହେବା ଓ ପର୍ଯ୍ୟଟକଙ୍କ ବୁଲିବା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆଗକୁ ଆଉ ୨ ଦିନକୁ ବୃଦ୍ଧି ହୋଇପାରେ କଟକ ବାଲିଯାତ୍ରା। ପର୍ଯ୍ୟଟକ ଓ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଟକ ସିଏମ୍‌ସି ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ସିଏମ୍‌ସି ମେୟରଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସ୍ଥାନୀୟ ପ୍ରତିନିଧିମାନେ କଟକ ବାଲିଯାତ୍ରାକୁ ଆଉ ଦୁଇଦିନ ବଢ଼ାଇବାକୁ ପ୍ରସ୍ତାବ ଦେଇଥିଲେ। ତେବେ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବକୁ ଅନୁମୋଦନ କରିବା ଲାଗି ରାଜ୍ୟ ସରକାରଙ୍କ ନିକଟକୁ ଲକ ଚିଟି ପଠାଯାଇଛି । ଏହି ପ୍ରସ୍ତାବ ପାଳିତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଛୋଟ ବଡ଼ ବ୍ୟବସାୟ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା କରିବା। ଆସନ୍ତା ୧୬ ତାରିଖରେ ବାଲିଯାତ୍ରା ଶେଷ ହେବାକୁ ଥିଲାବେଳେ ଆଉ ଦୁଇଦିନକୁ ବୃଦ୍ଧି ହୋଇପାରେ ବୋଲି କଟକ ମେୟର ସୁବାସ ସିଂ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବ୍ରହ୍ମଶ୍ରୀ



@ ସୁନୀଲ



@ ବବୁଲ



@ ବାଦଲ



@ ମାଧବାନନ୍ଦ



@ ଶିବାନନ୍ଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକଙ୍କୁ ନିୟମିତ କରିବା, ସମାନ ମାନ୍ୟତା ଓ ଛଟେଇଙ୍କୁ ନିଯୁକ୍ତି ଦାବି କରି ୨୦୦୩-୦୪ ବ୍ୟାଚ୍‌ର କ୍ଷତିଗ୍ରସ୍ତ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ସଂଘ ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିକ୍ଷୋଭ।



ନାଟ୍ୟାନୁଷ୍ଠାନ ମିରର ଗ୍ରୁପ୍ ପକ୍ଷରୁ ସୋମବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ପରିବେଷିତ ନାଟକ 'ଶୁଭ ବିବାହ'ର ଏକ ଦୃଶ୍ୟ।



ପୂଜ୍ୟପୂଜା ଏବଂ ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ୧୩୩ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# ମୋଷ୍ଟ ଭ୍ୟାଲୁଏବଲ ଟିମ୍‌ରେ କୋହଲି, ସୂର୍ଯ୍ୟକୁମାର




**ମେଲ୍‌ବୋର୍ନ,୧୪।୧୧(ପି.ଟି.)**

ଅଷ୍ଟ୍ରେଲିଆରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ଶେଷ ହୋଇଥିବା ବେଳେ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିବାରେ ସମର୍ଥ ହୋଇଛି ଇଂଲଣ୍ଡ। ଟୁର୍ଣ୍ଣାମେଣ୍ଟ ଶେଷହେବାର ଗୋଟିଏ ଦିନ ପରେ ଆଇସିସି ପକ୍ଷରୁ ଚଳିତ ଟୁର୍ଣ୍ଣାମେଣ୍ଟର ମୋଷ୍ଟ ଭ୍ୟାଲୁଏବଲ ଖେଳାଳିଙ୍କ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ବିରାଟ କୋହଲି ଏବଂ ସୂର୍ଯ୍ୟକୁମାର ଯାଦବଙ୍କୁ ସ୍ଥାନ ମିଳିଛି। ଭାରତୀୟ ସୁପର ଷ୍ଟାର କୋହଲି

## ପାଣ୍ଡ୍ୟା ଦ୍ୱାଦଶ ଖେଳାଳି

ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋରର ରହିଛନ୍ତି। ୬ ମ୍ୟାଚ୍‌ରୁ ୯୮.୬୬ର ଆଭରେଜ୍ ସହିତ ସେ ୨୯୬ ରନ୍ ସ୍କୋର କରିଥିଲେ। ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍‌ରୁ ଅପରାଜିତ ୮୨ ରନ୍‌ର ଇନିଂସ ଖେଳ କୋହଲି ନିଜର କ୍ୟାମ୍ପେନ ଆରମ୍ଭ କରିଥିଲେ। ଏହାପରେ ବାଂଲାଦେଶ ବିପକ୍ଷରେ ଅପରାଜିତ ୬୪, ନେଦରଲାଣ୍ଡସ ବିପକ୍ଷରେ ଅପରାଜିତ ୬୨ ଓ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୫୦ ରନ୍‌ର ଇନିଂସ ଖେଳିଥିଲେ। ଭାରତ ସେମିଫାଇନାଲ ବାଧା ଅତିକ୍ରମ କରିବାରେ ବିଫଳ ହୋଇଥିଲେ ହେଁ ସୀମିତ ଓଭର କ୍ରିକେଟ୍‌ର ସର୍ବଶ୍ରେଷ୍ଠ କ୍ରିକେଟର ଭାବେ କୋହଲି ନିଜକୁ ପ୍ରତିଷ୍ଠା କରିଥିଲେ। ଏହି ଦଳରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ଖେଳାଳି ହେଉଛନ୍ତି ସୂର୍ଯ୍ୟକୁମାର ଯାଦବ। ଟି୨୦ କ୍ରିକେଟ୍‌ରେ ଏକ ନମ୍ବର ବ୍ୟାଟର ସୂର୍ଯ୍ୟକୁମାର ଟୁର୍ଣ୍ଣାମେଣ୍ଟର ତୃତୀୟ ସର୍ବାଧିକ ରନ୍ ହାସଲକାରୀ ଭାବେ ୩ ଅର୍ଦ୍ଧଶତକ ସହିତ ୨୩୯ ରନ୍ ସ୍କୋର କରିଛନ୍ତି। ନେଦରଲାଣ୍ଡସ ବିପକ୍ଷରେ ଅପରାଜିତ ୫୧, ଦକ୍ଷିଣ ଆଫ୍ରିକା ବିପକ୍ଷରେ ୬୮ ଓ ଜିମ୍ବାୱେ ବିପକ୍ଷରେ ୨୫ ବଲ୍‌ରୁ ୬୧ ରନ୍‌ର ଧୂଆଁଧାର ଇନିଂସ ଖେଳିଥିଲେ ସୂର୍ଯ୍ୟକୁମାର। ୬ ଇନିଂସରେ ସୂର୍ଯ୍ୟକୁମାରଙ୍କ ଷ୍ଟ୍ରାଇକ୍‌ରେଟ୍ ୧୮୯.୬୮ ରହିଥିଲା। ଅନ୍ୟତମ ଭାରତୀୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଏହି ଦଳର ଦ୍ୱାଦଶ ଖେଳାଳି ଭାବେ ଘୋଷଣା କରାଯାଇଛି। ୬ ଅଲଗା ଦେଶର ୧୧ ଜଣ ଖେଳାଳିଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲରଙ୍କୁ ଏହି ଦଳର ଅଧିନାୟକ, ଉଇକେଟ୍‌କିପର ଏବଂ ଓପ୍‌ନର ରଖାଯାଇଛି। ଅନ୍ୟତମ ଓପ୍‌ନର ଭାବେ ଆଲେକ୍ସ ହେଲ୍ସଙ୍କୁ ରଖାଯାଇଥିବା ବେଳେ ଇଂଲଣ୍ଡର ତୃତୀୟ ଖେଳାଳି ଭାବରେ ସାମ୍ କୁରାନ୍‌ଙ୍କୁ ସ୍ଥାନ ମିଳିଛି। ପଞ୍ଚମ ଓ ଷଷ୍ଠ ଖେଳାଳି ଭାବେ ଯଥାକ୍ରମେ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ଓ ଜିମ୍ବାୱେର ସିକନ୍ଦର ରାଜାଙ୍କ ନାମ ସାମିଲ କରାଯାଇଛି। ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସହିତ ଫିଲିପ୍ସ ୨୦୧ ରନ୍ କରିଥିବା ବେଳେ ରାଜା ୨୧୯ ରନ୍ ସ୍କୋର କରିବା ସହିତ ୧୦ ଉଇକେଟ ନେଇଛନ୍ତି। ପାକିସ୍ତାନ ଅଲ୍‌ରାଉଣ୍ଡର ଶଦାବ ଖାନ୍ ଏହି ଦଳରେ ୭ ନମ୍ବର ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ସେ ଚଳିତ ବିଶ୍ୱକପ୍‌ରେ ୧୧ ଉଇକେଟ ନେବା ସହିତ ୯୨ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ୮ ଓ ୯ ନମ୍ବର ସ୍ଥାନରେ ସାମ୍ କୁରାନ୍ ଓ ଏନ୍‌ରିଚ୍ ନର୍ଜେ ସ୍ଥାନ ପାଇଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟର ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ହୋଇଥିବା କୁରାନ୍ ୧୩ ଉଇକେଟ ନେଇଛନ୍ତି। ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲିଂ ଆଭରେଜ୍ ୮.୫୪ ସହିତ ୧୧ ଉଇକେଟ ନେଇଥିଲେ ନର୍ଜେ। ୧୦ ଓ ୧୧ ନମ୍ବର ଖେଳାଳିଭାବରେ ସ୍ଥାନ ପାଇଛନ୍ତି ଇଂଲଣ୍ଡର ମାର୍କ ଉଡ୍ ଓ ପାକିସ୍ତାନର ଶାହିନ ଶାହା ଆଫ୍ରିଦୀ। ଉଭୟ ଟୁର୍ଣ୍ଣାମେଣ୍ଟରେ ଯଥାକ୍ରମେ ୯ ଓ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ଦ୍ୱାଦଶ ଖେଳାଳି ରହିଥିବା ପାଣ୍ଡ୍ୟା ଚଳିତ ଟୁର୍ଣ୍ଣାମେଣ୍ଟରେ ୧୨୮ ରନ୍ କରିବା ସହିତ ୮ ଉଇକେଟ ଅକ୍ତିଆର କରିଛନ୍ତି।

ମୋଷ୍ଟ ଭ୍ୟାଲୁଏବଲ ଟିମ୍: ଆଲେକ୍ସ ହେଲ୍ସ, ଜୋସ୍ ବଟଲର, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଗ୍ଲେନ୍ ଫିଲିପ୍ସ, ସିକନ୍ଦର ରାଜା, ଶଦାବ ଖାନ୍, ସାମ୍ କୁରାନ୍, ଏନ୍‌ରିଚ୍ ନର୍ଜେ, ମାର୍କ ଉଡ୍, ଶାହିନ୍ ଶାହା ଆଫ୍ରିଦୀ, ହାର୍ଦ୍ଦିକ ପାଣ୍ଡ୍ୟା(ଦ୍ୱାଦଶ ଖେଳାଳି)।



ହରିୟାଣା ଷ୍ଟିଲର୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପ୍ରୋ କବାଡି: ଷ୍ଟିଲର୍ସର ସଂଘର୍ଷପୂର୍ଣ୍ଣ ବିଜୟ

**ପୁଣେ,୧୪।୧୧**

ପୁଣେର ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପ୍ରୋ କବାଡି ଲିଗ୍‌ର ହରିୟାଣା ଷ୍ଟିଲର୍ସ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ୩୩-୩୨ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଗୁଜରାଟ ଜାଏଣ୍ଟ୍ସକୁ ହରାଇଛି। ହରିୟାଣା ପକ୍ଷରୁ ରେଡର ମନ୍‌ଜିତ୍ ସର୍ବାଧିକ ୧୪ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମିତୁ ଶର୍ମା ୫ ପଏଣ୍ଟ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ରେଡର ରାକେଶ ୭ ଓ ଚନ୍ଦ୍ରନ ରଞ୍ଜିତ ୮ ପଏଣ୍ଟ ସ୍କୋର କରିଥିଲେ। ପ୍ରଥମ ହାଫରେ ହରିୟାଣା ୨୧-୧୬ରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟ ହାଫ୍‌ରେ ଗୁଜରାଟ ୧୬-୧୨ରେ ଆଗୁଆ ରହିଥିଲା। ଅନ୍ତିମ ୩ଟି ରେଡରେ ଜାଏଣ୍ଟ୍ସ ୩ ପଏଣ୍ଟ ହାସଲ କରିଥିଲେ ହେଁ ବିଜୟରୁ ଦୂରରେ ରହି ଯାଇଥିଲା। ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚରେ ବେଙ୍ଗଲ ୱାରିୟର୍ସକୁ ୪୩-୨୭ରେ ପରାସ୍ତ କରିଛି ପୁନେରୀ ପଲ୍‌ଟନ। ବେଙ୍ଗଲ ପକ୍ଷରୁ ସଫଳ ଖେଳାଳି ଭାବରେ ଅଧିନାୟକ ମନିନ୍ଦର ସିଂ ସର୍ବାଧିକ ୧୪ ପଏଣ୍ଟ ସ୍କୋର କରିଥିଲେ। ଏହି ବିଜୟ ସହିତ ପଲଟନ୍ ପଏଣ୍ଟ ଟେବଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି।

# କେକେଆରକୁ ଗଲେ ଶାର୍ଦ୍ଦୂଳ

**ନୂଆଦିଲ୍ଲୀ,୧୪।୧୧:** ଭାରତର ଫାଷ୍ଟ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁରଙ୍କୁ କୋଲକାତା ନାଇଟ ରାଇଡର୍ସ (କେକେଆର) ସହିତ ଟ୍ରେଡ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ନଭେମ୍ବର ୧୫ ତାରିଖ ରିଟେନ୍ ଖେଳାଳିଙ୍କ ତାଲିକା ପ୍ରକାଶର ଅନ୍ତିମ ତାରିଖ ରହିଥିବା ବେଳେ ସୋମବାର ଅଲରାଉଣ୍ଡର ଅମନ୍ ଖାନଙ୍କ ସହିତ ଶାର୍ଦ୍ଦୂଳଙ୍କୁ ଟ୍ରେଡ କରିଛି କ୍ୟାପିଟାଲ୍ସ। ଶାର୍ଦ୍ଦୂଳଙ୍କୁ ୧୦.୭୫ କୋଟି ଟଙ୍କାରେ କିଣିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଶାର୍ଦ୍ଦୂଳ ୧୪ ମ୍ୟାଚରୁ ୧୫ ଉଇକେଟ ନେଇଥିବା ବେଳେ ତାଙ୍କର ଇକୋନୋମୀ କିନ୍ତୁ ୧୦ରୁ ଅଧିକ ରହିଥିଲା। ଅନ୍ୟପକ୍ଷରେ ସେ ୧୩୭ ଷ୍ଟ୍ରାଇକ ରେଟ୍‌ରେ ୧୨୦ ରନ୍ ସ୍କୋର କରିଥିଲେ। ତେବେ ଯେଉଁ ଖେଳାଳିଙ୍କ ସହିତ ଶାର୍ଦ୍ଦୂଳଙ୍କୁ ଟ୍ରେଡ କରାଯାଇଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୫ ବର୍ଷୀୟ ଯୁବ ଅଲରାଉଣ୍ଡର ଅମନ ଖାନଙ୍କ ସହିତ ଠାକୁରଙ୍କୁ ଟ୍ରେଡ କରାଯାଇଛି। ଅମନ୍ ଖାନଙ୍କୁ କେକେଆର୍ ମାତ୍ର ୨୦ ଲକ୍ଷର ବେସ୍ ପ୍ରାଇସ୍‌ରେ କିଣିଥିଲା। ଶାର୍ଦ୍ଦୂଳ ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜ ଖେଳିବା ପାଇଁ ଅଛନ୍ତି।

# ନାଡାଲଙ୍କୁ ହରାଇଲେ ଫ୍ରିଜ୍




**ଟୁରିନ୍, ୧୪।୧୧(ଏପି)**

## ଏଟିପି ଫାଇନାଲ୍ସ

ଟପ୍ ସିଡ୍ ରାଫାଲ ନାଡାଲ ସିଜନ ଶେଷ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ତାଙ୍କ ଓପ୍‌ନିଂ ମ୍ୟାଚ୍ ହାରିଯାଇଛନ୍ତି। ୮ମ ସିଡ୍ ଆମେରିକାର ଟେଲର ଫ୍ରିଜ୍ ତାଙ୍କୁ ୭-୬ (୩), ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ନାଡାଲ ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ଯେଉଁ ଅଳ୍ପକେତୋଟି ଟାଇଟଲ ଜିତିପାରିନାହାନ୍ତି ତନ୍ମଧ୍ୟରେ ଏଟିପି ଫାଇନାଲ୍ସ ଅନ୍ୟତମ। ଆଘାତଜନିତ ସମସ୍ୟା ସହ ସଂଘର୍ଷ ଚଳାଇଥିବା ନାଡାଲଙ୍କର ୟୁଏସ୍ ଓପନ୍ ପରେ ଏହା ହେଉଛି ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍। ଗତ ଅକ୍ଟୋବରରେ ସେ ପ୍ରଥମ ସନ୍ତାନର ଜନକ ହୋଇଛନ୍ତି। ନାଡାଲ ୧୦ଥର ପ୍ରଚେଷ୍ଟାରେ ଥରେ ହେଲେ ଏଟିପି ଫାଇନାଲ୍ସ ଜିତିପାରିନାହାନ୍ତି। ୨୦୧୦ ଓ ୨୦୧୩ରେ ସେ ରନର-ଅପ୍ ହୋଇପାରିଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଗତବର୍ଷ ସେମିଫାଇନାଲରୁ ବିଦାୟ ନେଇଥିବା କାସ୍ପର ରୁଡ୍ ସିଧାସଳଖ ସେଟ୍‌ରେ ଟୁର୍ଣ୍ଣାମେଣ୍ଟର ନବାଗତ ଫେଲିକ୍ସ ଅଗର-ଆଲିଆସିମ୍‌ଙ୍କୁ ହରାଇ ଦେଇଛନ୍ତି। ନରୱେର ଏହି ଖେଳାଳି କାନାଡ଼ାର ତଥା ୫ମ ସିଡ୍ ଫେଲିକ୍ସଙ୍କୁ ୭-୬ (୪), ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।



ଦିବ୍ୟାଙ୍ଗ ଆଥଲେଟ୍ସଙ୍କ ସହ ଓଡ଼ିଶା ଏଫ୍‌ସିର ଶିଶୁ ଦିବସ ପାଳନ।

# ପ୍ୟାରିସ୍ ଅଲିମ୍ପିକ୍ସ ମାସ୍କଟ ଉନ୍ମୋଚିତ



**ପ୍ୟାରିସ୍,୧୪।୧୧(ପି.ଟି):** ୨୦୨୪ରେ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ପାଇଁ ମାସ୍କଟ ଉନ୍ମୋଚିତ ହୋଇଛି। ଆଗାମୀ ସଂସ୍କରଣ ପାଇଁ ଫ୍ରିଜିଆନ୍ କ୍ୟାପ୍‌କୁ ଅଲିମ୍ପିକ୍ସ ମାସ୍କଟ ଭାବରେ ଘୋଷଣା କରାଯାଇଛି। ପାରମ୍ପରିକ ଭାବେ କୌଣସି ପଶୁପକ୍ଷୀଙ୍କୁ ମାସ୍କଟ ରୂପେ ଘୋଷଣା କରାଯାଉଥିବା ବେଳେ ଚଳିତ ବର୍ଷ ଏକ ବ୍ୟତିକ୍ରମରେ ଏହି ଟୋପିର ପ୍ରତୀକକୁ ମାସ୍କଟ ଭାବରେ ଗ୍ରହଣ କରାଯାଇଛି। କୋନ୍ ଆକୃତିର ଏହି ଟୋପିକୁ ପର୍ସିଆ, ବାଲକାନ୍ସ, ଥ୍ରେସ୍, ଡାସିଆ ଓ ଫ୍ରିଜିଆର ଅଧିବାସୀ ପରିଧାନ କରନ୍ତି। ଫରାସୀ ବିପ୍ଳବ ପରଠାରୁ ଏହି ଟୋପିକୁ ସ୍ୱାଧୀନତାର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ଅଲିମ୍ପିକ୍ସ ମାସ୍କଟ ରହିଥିବା ତ୍ରିଭୁଜ ଆକାରର ଏହି ଟୋପିରେ ଏକ ସ୍ମାଇଲ ରହିଥିବା ବେଳେ ନୀଳ ଆଖି ଓ ତିନିରଙ୍ଗର ରିବନ୍ ରହିଛି। ଅନ୍ୟପକ୍ଷରେ ପାରା ଅଲିମ୍ପିକ୍ସ ନିମନ୍ତେ ସମାନ ଡିଜାଇନ୍‌ର ମାସ୍କଟ ରହିଥିବା ବେଳେ ଏଥିରେ କେବଳ କୃତ୍ରିମ ଗୋଡ଼ ଲଗାଯାଇଛି। ଆଧୁନିକ ଫ୍ରାନ୍ସ ଏବଂ ପ୍ରାଚୀନ ବିଶ୍ୱ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏପରି ମାସ୍କଟ ରଖାଯାଇଥିବା ଆୟୋଜକ କମିଟି ନିର୍ଦ୍ଦେଶକ ଜୁଲି ମାଟିଖିନେ ପ୍ରକାଶ କରିଛନ୍ତି।

# ଶିଶୁ ଦିବସ ପାଳିଲେ ଓଏଫ୍‌ସି କୋଚ୍ ଓ ଖେଳାଳି

**ଭୁବନେଶ୍ୱର,୧୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଜାତୀୟ ଶିଶୁ ଦିବସ ସ୍ୱତନ୍ତ୍ର ଅଲିମ୍ପିକ ଭାରତ-ଓଡ଼ିଶା ଚାପ୍‌ଟରର ଆଥଲେଟ୍ସ ଓ କୋଚ୍‌ମାନଙ୍କ ସହ ପାଳନ କରିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ଏକ ଦାନ ଅଭିଯାନ ଆୟୋଜନ କରିଛି ଓଏଫ୍‌ସି। ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ଶିଶୁ ମାନଙ୍କ ସହ ଏହା ପାଳନ କରାଯାଇଛି । ଫୁଟ୍‌ବଲ ଖେଳର କୌଶଳ ଶିଖାଇବା ସହ ଦିବ୍ୟାଙ୍ଗ ଶିଶୁମାନଙ୍କ ଗହଣରେ କେକ୍ କଟାଯାଇଥିଲା । ଏହାସହ ଶିଶୁମାନଙ୍କୁ ଉପହାରରେ ସ୍ପୋର୍ଟ୍ସ ଜୋତା ଏବଂ ଓଏଫ୍‌ସିର ଜର୍ସି ପ୍ରଦାନ କରାଯାଇଥିଲା । ଓଏଫ୍‌ସିର ସଭାପତି ରାଜ୍ ଅଠୱାଲ ଉପସ୍ଥିତ ରହି ଦିବ୍ୟାଙ୍ଗ ଶିଶୁଙ୍କୁ ଉତ୍ସାହିତ କରିଥିଲେ । ଏହାସହ ଓଏଫ୍‌ସି ପୁରୁଷ ଦଳର ଖେଳାଳି ରେନିୟର୍ ଫର୍ନାଣ୍ଡିସ, ପେଡ୍ରୋ ମାର୍ଟିନ ଏବଂ ମହିଳା ଫୁଟ୍‌ବଲ ଦଳରୁ ଏନ୍. ସୁଇଟି ଦେବୀ ଓ ସତ୍ୟବତୀ ଖାଡିଆ ଉପସ୍ଥିତ ରହି ଦିବ୍ୟାଙ୍ଗ ପିଲାମାନଙ୍କ ସହ ଶିଶୁ ଦିବସ ପାଳନ କରିଥିଲେ । ସ୍ୱତନ୍ତ୍ର ଅଲିମ୍ପିକ ଭାରତ-ଓଡ଼ିଶା ଚାପ୍‌ଟରର ଆଥଲେଟ୍ସଙ୍କ ସହିତ ଚେତନା ଇନ୍‌ଷ୍ଟିଚ୍ୟୁଟ୍‌ର ମାନସିକ ଅନଗ୍ରସର ଶିଶୁ, ଓଏଲ୍‌ଏସ୍ ନିମାପଡ଼ା, ରମାଦେବୀ ଶିଶୁ ବିହାର କଟକ ଓ ବିବିଏମ୍‌ଏମ୍‌ଏମ୍‌ଆର୍‌ଟି ଆଠଗଡ଼ର ଶିଶୁମାନଙ୍କୁ ଏହି ଇଭେଣ୍ଟରେ ସାମିଲ କରାଯାଇଥିଲା।

# ବାଲିଯାତ୍ରା ପଡ଼ିଆରେ ଜିମ୍ନାଷ୍ଟିକ୍ ପ୍ରଦର୍ଶନ



**ଭୁବନେଶ୍ୱର,୧୪।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ତରଫରୁ ଜିମ୍ନାଷ୍ଟିକ କୌଶଳ ପ୍ରଦର୍ଶିତ ହୋଇଛି। ବାଲିଯାତ୍ରା କମିଟିର ଅନୁରୋଧ କ୍ରମେ ରବିବାର ସନ୍ଧ୍ୟାରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଜିମ୍ନାଷ୍ଟମାନେ ନିଜର କୌଶଳ ପ୍ରଦର୍ଶନ କରିଥିଲେ। ଜେଏମ୍‌ରିତିକା ଦାସ, ବିଘ୍ନେଶା ଦାସ, କୋମଲ ପ୍ରିୟଦର୍ଶିନୀ, ଦିବ୍ୟାଂଶ ପାଣିଗ୍ରାହୀ, ଯଶରାଜ ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ର ନିଜର କୌଶଳ ପ୍ରଦର୍ଶନ କରିଥିଲେ। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ, ସେକ୍ରେଟାରି ଯଶୋବନ୍ତ ଦାସ, ଆଇନ ଉପଦେଷ୍ଟା ସୁବ୍ରତ ମହାପାତ୍ର ଓ ଜେଏମ୍ ସ୍ପୋର୍ଟସ ଏକାଡେମୀର କୋଚ୍ ମହାଦେବ ସା ପ୍ରମୁଖ ଉପସ୍ଥିତ ଥିଲେ।

**NOTICE FOR ONLINE SPOT COUNSELING OF OUTR AGAINST VACANT SEATS IN B. Tech. / B. Arch./ B. Plan. / Int. M.Sc. COURSE**

**No: 3631/OUTR** **Date: 14.11.2022**

**No.KK-242:**Spot counseling of OUTR for the admission into 1st year B.Tech, B.Plan, B.Arch. & Int. M.Sc. courses for the Academic Year 2022-23 for both the unallotted seats as notified by OJEE and the non-reported seats after the final allotment. Interested candidates are advised to visit the website of OUTR i.e. www.cet.edu.in for detailed information regarding the admission process, schedules, vacant seat matrix, etc. and participate accordingly.

**Sd./- Officer on Special Duty**
**OUTR, Bhubaneswar**
**OIPR-16005/11/0045/2223**

No. C-1568

**OFFICE OF THE**
**MUNICIPAL COUNCIL, BHAWANIPATNA**
**Tender Call Notice**

**No. 4521/BPM** **Date: 11.11.2022**

1. Executive Officer, Bhawanipatna Municipality, Kalahandi invites sealed Tenders from the intending reputed Suppliers/Dealers for supply of material in annexure-I for Bhawanipatna Municipality.
2. Tender papers required for the tender can be obtained from the website http:/www.kalahandi.nic.in.
3. The Tender Paper form must be submitted with the cost of tender paper for an amount of Rs.6000/- (Rupees Six Thousand) and EMD for an amount of Rs. 10,000/- (Rupees Ten Thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna.
4. The tender shall reach the Office of the Executive Officer, Bhawanipatna Municipality, Kalahandi by Registered post / Speed post only on or before 23.11.2022 at 04:00 PM. The tender received beyond the date and time mentioned above shall not be taken into consideration.
5. Tender paper must be accompanied with the cost of tender paper, EMD and other relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.
6. The sealed tenders will be opened on 25.11.2022 at 11.00 AM by the undersigned in this Office in presence of the tenderers or their authorized representatives and members of the District level purchase Committee constituted for the purpose.
7. The undersigned reserves the right to cancel or reject any or all the tenders without assigning any reason thereof.
8. The detail of this tender is available in the Notice Board/ District Website **http://www.kalahandi.nic.in**.

**Sd./- Executive Officer,**
**Bhawanipatna Municipality**
OIPR-13100/11/0022/2223

Govt. of Odisha
**Government of Odisha**
**"e" Procurement Notice**
**Bid Identification No.PWDK-23/2022-23**
**No.B-822:** **No.G2/8838, Dt. 03.11.2022**
**e-mail: eepwdkeonjhar@yahoo.com**

| | | | |
|---|---|---|---|
| 1 | No. of the work | :- | 03 Nos. Building Work |
| 2 | Estimated cost | :- | From Rs.20.90 Lakh to Rs.78.60 Lakh |
| 3 | Period of completion | :- | 6 (Six) Calendar Months |
| 4 | Date and Time of availability of Bid document in the portal | :- | From 10.00 Hrs of 15.11.2022 to 17.00 Hrs of 24.11.2022 |
| 5 | Last date / Time for receipt of bids in the portal | :- | 17.00 Hrs of 24.11.2022 |
| 6 | Date of opening of Bid from Portal | :- | 11.30 Hrs of 25.11.2022 |
| 7 | Name and address of the Officer inviting Bid | :- | Superintending Engineer Keonjhar (R&B) Division, Keonjhar |

Further details can be seen from the e-procurement portal **"http://tendersodisha.gov.in"**.

**Sd./- S.K. Behera**
**Superintending Engineer,**
**Keonjhar (R&B) Division**
**OIPR-34004/11/0008/2223**

**NOTICE REGARDING SPOT ADMISSION AGAINST VACANT SEATS IN B. Tech./ B.Arch./ B. Plan./ Int. M.Sc. COURSE IN DIFFERENT GOVERNMENT TECHNICAL UNIVERSITIES / COLLEGES/ INSTITUTES OF ODISHA**

**No: 3632/OUTR** **Date: 14.11.2022**

**No.KK-241:**This is for the information of all concerned that Spot Admission against vacant seats in **B.Tech./ B.Arch./ B.Plan./ Int.M.Sc. Course in the following Government Technical Universities / Colleges/ Institutes will be conducted by the respective institutes during 15.11.2022 to 20.11.2022.**

1. Odisha University of Technology and Research(OUTR), (formerly, known as CET), Bhubaneswar
2. Veer Surendra Sai University of Technology (VSSUT), Burla
3. Centre for Advanced PG Studies (CAPGS), BPUT, Rourkela, Odisha.
4. Indira Gandhi Institute of Technology (IGIT), Sarang
5. Parala Maharaja Engineering College (PMEC), Berhampur
6. Govt. College of Engineering (GCE), Keonjhar
7. Govt. College of Engineering (GCE), Kalahandi, Bhawanipatna

Interested candidates are advised to visit the websites of the concerned institutes and OJEE website i.e. ojee.nic.in for detailed information regarding the admission process, schedules, vacant seat matrix, etc. and participate accordingly.

**Sd./- Officer on Special Duty**
**OUTR, Bhubaneswar**
**OIPR-16005/11/0043/2223**

**GOVERNMENT OF ODISHA**
**"e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**
**WORKS DEPARTMENT**
**Tender Call Notice**
**E-mail: rbcirclekhurda@gmail.com**
**Bid Identification No. CCE-Khordha (R&B) Circle-19/2022-23**
**Memo No.2191, Dt.11.11.2022**

**No.B-820:**The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below:

| | | | |
|---|---|---|---|
| 1. | Nature of Work | : | Building Work |
| 2. | No. of Work | : | 1 No. |
| 3. | Tender Cost | : | Rs.10000.00 (On-Line) |
| 4. | Class of Contractor | : | B Class & A Class |
| 5. | Available of Bid document in the Website | : | From 10.00 AM of Dt.17.11.2022 upto 05.00 P.M. of Dt.28.11.2022 upto 5.00 P.M. |
| 6. | Date of opening of Bid | : | Dt.29.11.2022 at 11.30 AM |

7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum / Cancellation of tender can also be seen in the said website.

**Sd./- Chief Construction Engineer**
**Khordha (R&B) Circle, Khordha**
**OIPR-34127/11/0028/2223**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**PHULBANI (R&B) CIRCLE, PHULBANI**
**Phone:06842-254004, Email: sernbphulbani@gmail.com**
**INVITATION FOR BIDS (IFB)**
**Bid Identification No. CCE_R and B_PLB_07 of 2022_23**
**No.B-826:** **No.1839, Dated 11.11.2022**

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building, Road & Bridge works as detailed in the table below from eligible contractors. | | |
| 2 | Nature of Work | : | Building, Road & Bridge Works |
| 3 | No. of tenders | : | Four Nos. |
| 4 | Tender Cost | : | Rs.10,000/- (through online) only |
| 5 | Class of Contractor | : | B Class, A Class & Special Class |
| 6 | Date & Time of sale & receipt of bids | : | 10.00 AM of 21.11.2022 to 5.00 PM of 06.12.2022 |
| 7 | Date of Opening of Bid | : | 11.00 AM of 07.12.2022 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Chief Construction Engineer**
**Phulbani (R&B) Circle, Phulbani**
**OIPR-34129/11/0011/2223**

ଧରିତ୍ରୀ DHARITRI
Bhubaneswar, Tuesday, November 15/2022



**ଖସିଲା ଶେୟାର ବଜାରର କାରବାର**

**ନୂଆଦିଲ୍ଲୀ:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଓ ମାନ୍ଦାବସ୍ଥା ଯୋଗୁ ଦଲାଲ ଷ୍ଟ୍ରିଟ କାରବାର କ୍ରମାଗତ ଭାବେ ହ୍ରାସ ପାଉଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନର ବଜାର କାରବାର ମଧ ହ୍ରାସ ପାଇଥିବା ଜଣାପଡିଛି। ସୋମବାର ଷ୍ଟକ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୧ (୧୭୦.୮୯) ପଏଣ୍ଟ ଖସି ୬୧,୬୨୪ (୬୧,୬୨୪.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ ୨୧ (୨୦.୫୫) ପଏଣ୍ଟ ହ୍ରାସ ଘଟି ୧୮,୩୨୯ (୧୮,୩୨୯.୧୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୬.୭୭%

## ପାଇକାରୀ ମୁଦ୍ରାସ୍ଫୀତି ୮.୩୯%



**ନୂଆଦିଲ୍ଲୀ,୧୪।୧୧**

ଗତ କିଛି ମାସ ହେବ ଦରଦାମ ବୃଦ୍ଧି ଓ ମାନ୍ଦାବସ୍ଥା ଉଭୟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏପରିକି ସରକାରଙ୍କ ସମସ୍ତ ପଦକ୍ଷେପ ଦରବୃଦ୍ଧିକୁ ନିୟନ୍ତ୍ରଣ କରିପାରିନାହିଁ। ବିଶେଷ କରି ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଅକ୍ଟୋବରରେ ସାମାନ୍ୟ ହ୍ରାସ ପାଇ ୬.୭୭%ରେ ପହଞ୍ଚିଛି। ସୋମବାର କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ (ସିପିଆଇ) ତଥ୍ୟ ଜାରି ଅନୁଯାୟୀ ଖାଦ୍ୟ ଉତ୍ପାଦ ଦାମ୍ କମ୍ ହେବା ଦ୍ୱାରା ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୬.୭୭%କୁ କମିଥିବା ଜଣାପଡିଛି। ସେହିଭଳି ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ପାଇଥିବାରୁ ଚଳିତ ବର୍ଷ ଅକ୍ଟୋବରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଗତ ୩ ମାସ ମଧ୍ୟରେ ସାମାନ୍ୟ ହ୍ରାସ ଘଟି ୬.୭୭%ରେ ରହିଛି। ସେହିପରି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ସୋମବାର ପ୍ରକାଶିତ ତଥ୍ୟରେ ଦର୍ଶାଯାଇଛି ଯେ ଖାଦ୍ୟ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ୮.୬% ରୁ ୭.୦୧% କୁ ହ୍ରାସ ପାଇଥିବାବେଳେ ଇନ୍ଧନ ମୁଦ୍ରାସ୍ଫୀତି ୯.୯୩%କୁ ବୃଦ୍ଧି ପାଇଛି। ହେଲେ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୭% ତଳକୁ ଆସିବ ବୋଲି ନିକଟରେ ଆରବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଆଶାବ୍ୟକ୍ତ କରିଥିଲେ। ରିଟେଲ ମୁଦ୍ରାସ୍ଫୀତି କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ନୀତି କମିଟିର ସହନଶୀଳତା ବ୍ୟାଣ୍ଡ ବାହାରେ-୬% କ୍ରମାଗତ ତିନି ତ୍ରୈମାସିକରୁ ଅଧିକ ରହିଛି, ଯାହା ପ୍ୟାନେଲର ଆଇନଗତ ଭାବରେ ଧାର୍ଯ୍ୟ ମୁଦ୍ରାସ୍ଫୀତି ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଛି। ୩ ନଭେମ୍ବରରେ ଏମପିସି ଏକ ସ୍ୱତନ୍ତ୍ର ବୈଠକ କରି ମୁଦ୍ରାସ୍ଫୀତି ଲକ୍ଷ୍ୟରେ ବିଫଳତା ସମ୍ପର୍କରେ ସରକାରଙ୍କ ନିକଟକୁ ପଠାଯିବାକୁ ଥିବା ଏକ ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅପରପକ୍ଷରେ ଶିଳ୍ପ ବିଭାଗ ଦ୍ୱାରା ପୃଥକ ଭାବେ ପ୍ରକାଶିତ ତଥ୍ୟରେ ଦର୍ଶାଯାଇଛି ଯେ ପାଇକାରୀ ମୁଦ୍ରାସ୍ଫୀତି ୧୯ମାସର ସର୍ବନିମ୍ନସ୍ତରରେ ରହିଛି। ଚଳିତ ବର୍ଷ ଅକ୍ଟୋବରରେ ଏହା ୮.୩୯%ରେ ପହଞ୍ଚିଛି। ଖୁଚୁରା ମୁଦ୍ରାସ୍ଫୀତି ହ୍ରାସକୁ ସମର୍ଥନ କରି ଉତ୍ପାଦକମାନଙ୍କ ଦ୍ୱାରା ଇନପୁଟ୍ ମୂଲ୍ୟ ଚାପର ପାସ୍-ଇନ୍ ମନ୍ଥର ହେବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ, ଖୁଚୁରା ମୁଦ୍ରାସ୍ଫୀତି ଦର ୨୦୨୨ ଅକ୍ଟୋବରରେ ଗତ ୩ ମାସ ମଧ୍ୟରେ ସବୁଠୁ କମ୍ ସ୍ତରରେ ପହଞ୍ଚିଛି। ଚଳିତ ବର୍ଷ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୭.୪୧% ରହିଥିଲା। ଆରବିଆଇ ମୁଦ୍ରାସ୍ଫୀତି ଦରକୁ ୨ରୁ ୬% ମଧ୍ୟରେ ରଖିବାକୁ ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଜାନୁୟାରୀଠାରୁ ହିଁ ଖୁଚୁରା ମୁଦ୍ରାସ୍ଫୀତି ଦର ୬% ରୁ ସନ୍ତୋଷଜନକ ସୀମା ଉପରେ ରହିଛି।

## ଆଧାରରେ ହେବ ଫୋନ୍‌ପେ ଆକ୍ଟିଭେସନ

**ନୂଆଦିଲ୍ଲୀ,୧୪।୧୧**

ଦେଶର ପ୍ରମୁଖ ଫିନଟେକ ପ୍ଲାଟଫର୍ମ ଫୋନ୍ ପେ ସୋମବାର ଘୋଷଣା କରିଛି ଯେ, ଆଧାର କାର୍ଡ ଆଧାରିତ ଓଟିପି ଅଥେଣ୍ଟିକେଶନର ବ୍ୟବହାର କରି ଫୋନ୍ ପେ ୟୁପିଆଇ ଆକ୍ଟିଭେଶନ ସକ୍ଷମ କରିଛି। ଆଧାର କାର୍ଡ ଆଧାରିତ ୟୁପିଆଇ ଅନବୋର୍ଡିଂ ଫ୍ଲୋ ଆରମ୍ଭ କରିବାରେ ଫୋନ ପେ ହେଉଛି ପ୍ରଥମ ୟୁପିଆଇ ଟିପିଏପି ଆପ୍, ଯାହା ପ୍ରଥମ କରି ଲକ୍ଷ ଲକ୍ଷ ଭାରତୀୟଙ୍କୁ ସହଜ ଏବଂ ସୁରକ୍ଷିତ ଭାବେ ଏହି ୟୁପିଆଇ ଇକୋସିଷ୍ଟମର ଅଂଶ ହେବାରେ ସକ୍ଷମ କରିବ। ପୂର୍ବରୁ ୟୁପିଆଇ ଅନବୋର୍ଡିଂ ଫ୍ଲୋ ଅନୁଯାୟୀ ୟୁପିଆଇ ପଞ୍ଜୀକରଣ ପ୍ରକ୍ରିୟା ସମୟରେ ଜଣେ ଉପଭୋକ୍ତାଙ୍କର ୟୁପିଆଇ ପିନ ସେଟ ଅପ କରିବା ପାଇଁ ଏକ ବୈଧ ଡେବିଟ କାର୍ଡ ବାଧ୍ୟତାମୂଳକ ଥିଲା। ଏ ସମ୍ପର୍କରେ ଫୋନପେର ପେମେଣ୍ଟ ମୁଖ୍ୟ ଶ୍ରୀଦୀପ ଅଗ୍ରୱାଲ କହିଛନ୍ତି, ଆମର ଉପଭୋକ୍ତାଙ୍କ ପାଇଁ ଆଧାର କାର୍ଡ ଆଧାରିତ ଅଥେଣ୍ଟିକେଶନ ପ୍ରଦାନ କରିବାରେ ପ୍ରଥମ ଫିନଟେକ ପ୍ଲାଟଫର୍ମ ହୋଇଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ।

## ବାଲିଯାତ୍ରାରେ ଶ୍ୟାମ ଷ୍ଟିଲର ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୧୪।୧୧**

ଦେଶର ପ୍ରମୁଖ ଟିଏମ୍‌ଟି ବାରର ଉତ୍ପାଦନକାରୀ ଓ ବିନିର୍ମାଣକାରୀ ସଂସ୍ଥା ଶ୍ୟାମ ଷ୍ଟିଲ ଚଳିତ ବର୍ଷ କଟକ ବାଲିଯାତ୍ରାରେ ଅଂଶ ଗ୍ରହଣ କରିଛି। ଏପରିକି ବାଲିଯାତ୍ରା ପଡିଆରେ ଏକ ବୃହତ ମଣ୍ଡପ ସହ ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ଜାରି ରଖିଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ୟାମ ଷ୍ଟିଲ ଅପନା ଘର ଆପ ଦ୍ୱାରା ବ୍ୟକ୍ତିଗତ ବାସଗୃହ ନିର୍ମାତାଙ୍କୁ ଯୋଗାଇ ଦେଉଥିବା ପୂର୍ଣ୍ଣାଙ୍ଗ ସମାଧାନ ସମ୍ପର୍କରେ ସଚେତନତା କରାଉଛି। ଉକ୍ତ ମଣ୍ଡପରେ ନିୟୋଜନକାରୀ ଖେଳ ସହିତ ସାମର୍ଥ୍ୟ ଭିକ ଟାସ୍କ ଏବଂ 'କିଏ ହୋବେ ଗୃହପତି' ଶୀର୍ଷକ କୁଇଜ ପ୍ରତିଯୋଗିତାର ଆୟୋଜନ ମଧ୍ୟ କରାଯାଉଛି। ବିଶେଷ କରି ନିର୍ମାଣ ଓ ଉତ୍ପାଦ ଉପରେ ଆଧାରିତ ପ୍ରଶ୍ନୋତ୍ତର ଜରିଆରେ ବିଜେତାଙ୍କୁ ଏକ ଗ୍ରାଣ୍ଡ ପୁରସ୍କାର ମଧ୍ୟ ଦିଆଯାଉଛି। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲର ଡାଇରେକ୍ଟର ଲଳିତ ବେରିୱାଲା କହିଛନ୍ତି, ଅପନା ଘର ଆପ ଉପରେ ଆମେ ଆମ ଗ୍ରାହକଙ୍କ ନିକଟରୁ ଅତ୍ୟନ୍ତ ସକାରାତ୍ମକ ପ୍ରତିକ୍ରିୟା ପାଇଛୁ। ଓଡ଼ିଶାରେ ବାଲିଯାତ୍ରା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଏବଂ ଗ୍ରାହକଙ୍କୁ ଅପନା ଘର ଆପ ଏବଂ ତାହାର ଫାଇଦା ସମ୍ପର୍କରେ ସଚେତନ କରାଇବା ଉପରେ ଦୃଷ୍ଟିନିବଦ୍ଧ କରି ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ଜିଓର ଟ୍ରୁ-୫ଜି ସମାଧାନ ପ୍ରଦର୍ଶିତ



**ମୁମ୍ବାଇ,୧୪।୧୧**

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓର ଟ୍ରୁ-୫ଜି ସମ୍ପର୍କିତ ସମାଧାନ ପ୍ରଦର୍ଶନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ପଶ୍ଚିମବଙ୍ଗ ସରକାରଙ୍କ ସୂଚନା ପ୍ରଯୁକ୍ତି (ଆଇଟି) ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ଦୂରସଞ୍ଚାର ବିଭାଗ ପକ୍ଷରୁ କୋଲକାତାଠାରେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ ରିଲାଏନ୍ସ ଜିଓ ପକ୍ଷରୁ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସ୍ମାର୍ଟ ଅଫିସ ଭଳି ଅତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସହ ସମ୍ପର୍କିତ ବହୁ ନୂଆ ୫ଜି ସମାଧାନକୁ ପ୍ରଦର୍ଶିତ କରାଯାଇଛି। ସେହିଭଳି କୋଲକାତାଠାରେ ରିଲାଏନ୍ସ ଜିଓର ଏକ ୫ଜି ଏକ୍ସପେରିଏନ୍ସ ସେଣ୍ଟର ମଧ୍ୟ ସ୍ଥାପନ କରାଯାଇଛି। ଉକ୍ତ ସେଣ୍ଟରରେ ଟ୍ରୁ-୫ଜି ସମ୍ପର୍କିତ ସମସ୍ତ ସୂଚନା ପ୍ରଦାନ କରାଯାଉଛି। ୫ଜିର ନୂଆ ବ୍ୟବହାରକୁ ଯେଭଳି ରାଜ୍ୟ ସରକାରଙ୍କ ଅଧିକାରୀମାନେ ଦେଖିପାରିବେ ଏବଂ ତାହାକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ଲାଗି ଯୋଜନା ପ୍ରସ୍ତୁତ କରିପାରିବେ, ସେଥିପାଇଁ ଉକ୍ତ କର୍ମଶାଳାକୁ ବେଶ୍ ଗୁରୁତ୍ୱ ପ୍ରଦାନ କରାଯାଉଛି। ସାରା ପଶ୍ଚିମବଙ୍ଗରେ କମ୍ପାନୀ ତା'ର ଟ୍ରୁ-୫ଜି ସେବାକୁ ପର୍ଯ୍ୟାୟ କ୍ରମେ ଶୁଭାରମ୍ଭ କରୁଛି। ପଶ୍ଚିମବଙ୍ଗର ସିଲିଗୁଡ଼ି ସହରରେ ରିଲାଏନ୍ସ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରିବା ଲାଗି ପ୍ରସ୍ତୁତ ମଧ ହେଉଛି। ପଶ୍ଚିମବଙ୍ଗରେ କୋଲକାତା ପରେ ସିଲିଗୁଡ଼ି ୨ୟ ସହର ଭାବେ ଜିଓର ଟ୍ରୁ-୫ଜି ନେଟ୍‌ୱର୍କରେ ଯୋଡ଼ି ହେବାକୁ ଯାଉଛି। କୋଲକାତାରେ ଜିଓ ୫ଜି ୱେଲକମ୍ ଅଫର ମାଧ୍ୟମରେ ଗ୍ରାହକମାନଙ୍କୁ ଆମନ୍ତ୍ରିତ କରାଯାଉଛି। ଏହି ଅଫରରେ ଗ୍ରାହକମାନଙ୍କୁ ବିନା କୌଣସି ମୂଲ୍ୟରେ ୧ଜିବିପିଏସ୍ ସ୍ପିଡ୍ ଏବଂ ଅସୀମିତ ୫ଜି ଡାଟା ମିଳୁଛି। ୱେଲକମ୍ ଅଫରର ଗ୍ରାହକମାନେ ଡାଟାକୁ ବହୁଳ ମାତ୍ରାରେ ବ୍ୟବହାର ମଧ୍ୟ କରୁଛନ୍ତି।

## ନୟାପଲ୍ଲୀରେ ରୁଚି ଫ୍ରୋଜିଟର ୪ର୍ଥ ଆଉଟ୍‌ଲେଟ

**ଭୁବନେଶ୍ୱର,୧୪।୧୧**

ରାଜ୍ୟର ପ୍ରମୁଖ ବାଣିଜ୍ୟିକ ସଂସ୍ଥା (କମ୍ପାନୀ) ରୁଚି ଫୁଡ଼ଲାଇନ୍‌ର ସହଯୋଗୀ ସଂସ୍ଥା ରୁଚି ଫ୍ରୋଜିଟର ଆଉ ଏକ ଏକ୍ସକ୍ଲୁସିଭ ଆଉଟ୍‌ଲେଟର ଶୁଭାରମ୍ଭ ହୋଇଯାଇଛି। ସୋମବାର ସ୍ଥାନୀୟ ନୟାପଲ୍ଲୀଠାରେ ରୁଚି ଫ୍ରୋଜିଟର ୪ର୍ଥ ଆଉଟଲେଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଦିଲ୍ଲୀପ ଟିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚି ଫୁଡ଼ଲାଇନ୍‌ର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ବିଶିଷ୍ଟ ସମାଜସେବୀ ତଥା ରୁଚି ଫୁଡ଼ଲାଇନ୍‌ର ସ୍ୱାଧୀନ ନିର୍ଦ୍ଦେଶକ ଡ.ସୌରେନ୍ଦ୍ର ମହାପାତ୍ରଙ୍କ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଉକ୍ତ ଆଉଟ୍‌ଲେଟର ସ୍ୱତ୍ୱାଧିକାରୀ ଶୁଚିସ୍ମିତା ଦାସ ମଧ୍ୟ କାର୍ଯ୍ୟକ୍ରମ ପରିଶେଷରେ ଟିର୍କୀଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଫ୍ରୋଜିଟ୍ ପକ୍ଷରୁ ସଙ୍ଗୀତା ସ୍ୱତନ୍ତ୍ର ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ସେହିଭଳି ଉକ୍ତ ଆଉଟ୍‌ଲେଟରେ ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ସ, ରେଡ଼ି-ଟୁ-ଇଟ୍, ରେଡ଼ି-ଟୁ-କୁକ୍, ସ୍ୱାସ୍ଥ୍ୟୋପଯୋଗୀ ଜିନିଷ, ପ୍ରିମିୟମ୍ ପ୍ରଡକ୍ଟସ୍, ମୃଦୁପାନୀୟ ଓ ବିଭିନ୍ନ ପାରମ୍ପରିକ ଖାଦ୍ୟ ଉପଲବ୍ଧ ରହିଛି। ବର୍ତ୍ତମାନ ସମୟର ବ୍ୟସ୍ତବହୁଳ ସମାଜ ଓ ଯୁବପିଢ଼ିମାନଙ୍କର ଚାହିଦାକୁ ଦେଖି ଫ୍ରୋଜିଟ୍ ଭେଜ୍‌ବିରିୟାନୀ, ନନ୍‌ଭେଜ୍‌ବିରିୟାନୀ, ଘି-ମଟନ୍, ପାସ୍ତା, ପିଜା, ବର୍ଗର, ସ୍ୱାଣ୍ଡୱିଚ୍, ଲଚ୍ଛା ପରଟା, ପନିର, ମସରୁମ୍, ଡାଲଫ୍ରାଏ ଆଦି ସ୍ୱତନ୍ତ୍ର ଖାଦ୍ୟ ମଧ ବିଭିନ୍ନ ଗ୍ରାହକମାନଙ୍କୁ ଆଉଟ୍‌ଲେଟରେ ପରିବେଷଣ କରିବା ସହ ଓଡ଼ିଶାର ପାରମ୍ପରିକ ପିଠା ଓ ଖିରି ମଧ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ ଯେ ଉଦଘାଟନୀ ଅଫର ଭାବେ ଫ୍ଲାଟ୍ ୧୦% ରିହାତି ସୁବିଧା ଡିସେମ୍ବର ୧ତାରିଖ ପର୍ଯ୍ୟନ୍ତ ଖାଉଟିମାନେ ଉକ୍ତ ଆଉଟଲେଟରୁ ପାଇ ପାରିବେ। ଏପରିକି ସାରା ଓଡ଼ିଶାରେ ରୁଚି ଫ୍ରୋଜିଟର ଏହା ୧୪ ତମ ଏବଂ ଭୁବନେଶ୍ୱର ୪ର୍ଥ ଆଉଟ୍‌ଲେଟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



ରୁଚି ଫ୍ରୋଜିଟର ନୂତନ ଷ୍ଟୋରକୁ ଦିଲ୍ଲୀପ ଟିର୍କୀ ଉଦ୍‌ଘାଟନ କରୁଛନ୍ତି।

## 'ଗୃହ ଋଣ ହ୍ରାସ ସହ ପ୍ରୋସେସିଂ ଫି ଛାଡ଼'

**ନୂଆଦିଲ୍ଲୀ,୧୪।୧୧**

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ନିକଟରେ ଗୃହ ଋଣ ହ୍ରାସ ସହ ପ୍ରୋସେସିଂ ଫି ଛାଡ଼ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବିଓବି ଗୃହ ଋଣ ସୁଧ ହାରକୁ ୨୫ ବିପିଏସ ହ୍ରାସ କରି ବାର୍ଷିକ ୮.୨୫% କରିଥିବା ବେଳେ ପ୍ରୋସେସିଂ ଫି'କୁ ମଧ ଛାଡ଼ କରିଛି। ଏହି ସୁବିଧା ୨୦୨୨ ନଭେମ୍ବର ୧୪ ରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସେହିଭଳି ଋଣଗ୍ରହୀତାଙ୍କ ନିମନ୍ତେ ଫ୍ରେସ୍ ଗୃହ ଋଣ ତଥା ବାଲାନ୍ସ ଟ୍ରାନ୍ସଫରରେ ମଧ ଉକ୍ତ ସୁବିଧା ଉପଲବ୍ଧ ରହିଛି। ଏ ସମ୍ପର୍କରେ ବିଓବିର ଜେନେରାଲ୍ ମ୍ୟାନେଜର (ମର୍ଟଗେଜେସ୍ ଆଣ୍ଡ ଅଦର ରିଟେଲ୍ ଆସେଟ୍‌ସ) ଏଚ.ଟି ସୋଲାଙ୍କି କହିଛନ୍ତି, ଏପରି ଏକ ପରିସ୍ଥିତି ଯେଉଁଠାରେ ସୁଧ ହାର ସର୍ବଦା ବୃଦ୍ଧି ହେଉଛି। ଆମେ ଆମର ସୁଧ ହାରକୁ କମ୍ କରି ଅତ୍ୟନ୍ତ ଆନନ୍ଦିତ ଓ ଏହା ସହିତ ଏକ ସ୍ପେଶିଆଲ୍, ଲିମିଟେଡ୍ ପିରିୟଡ୍‌ର ଗୃହ ଋଣ ସୁଧ ୮.୨୫% ହାରରେ ପ୍ରଦାନ କରୁଛୁ, ଯାହା ସହାୟତାରେ କ୍ରେତାମାନେ ସୁଲଭ ମୂଲ୍ୟରେ ଗୃହକୁ କିଣି ପାରିବେ। ଆମେ ଚଳିତ ବର୍ଷ ଗୃହ ଋଣରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ପାଇଛୁ ଓ ବିଭିନ୍ନ ସହରରେ ଏହାର ଚାହିଦା ବୃଦ୍ଧି ହୋଇଛି ଓ ଗ୍ରାହକମାନେ ଏଥିରେ ନିଜର ଆଗ୍ରହ ପ୍ରକାଶ କରିଛନ୍ତି।

## ଡାଲମିଆ ସିମେଣ୍ଟର 'ପ୍ରୋଜେକ୍ଟ ହସ୍ତକଳା'

**ଭୁବନେଶ୍ୱର,୧୪।୧୧**

ଦେଶର ପ୍ରମୁଖ ଘରୋଇ ସିମେଣ୍ଟ କମ୍ପାନୀ 'ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ' ପକ୍ଷରୁ ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ହସ୍ତକଳା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଝଗରପୁର ଗ୍ରାମର ମହିଳାଙ୍କ ପାଇଁ ଏହି ଅର୍ଥନୈତିକ ଉତ୍ଥାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପ୍ରୋଜେକ୍ଟ ହସ୍ତକଳା ଝଗରପୁର ଗ୍ରାମର ମହିଳାଙ୍କୁ ବିଶ୍ୱସ୍ତରରେ ଆଦୃତ ଟାଇ ଆଣ୍ଡ ଡାଇ ବାଟିକ କଳାର ଜ୍ଞାନ ଓ କୁଶଳୀ ପ୍ରୟୋଗ ସମ୍ପର୍କରେ ତାଲିମ ପ୍ରଦାନ କରିବ। ଏହି ପ୍ରୋଜେକ୍ଟ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ଆର୍ ଆଣ୍ଡ ଆର୍ ଟିମ ପକ୍ଷରୁ ସୁନ୍ଦରଗଡର କଳାୟତନ ଇନ୍‌ଷ୍ଟିଚ୍ୟୁଟ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ ସହଭାଗିତାରେ କାର୍ଯ୍ୟକାରୀ କରାଯାଉଛି। ପାରିପାର୍ଶ୍ୱିକ ଗୋଷ୍ଠୀଗୁଡିକର ପାରିବାରିକ ଆୟ ବୃଦ୍ଧି ନିମନ୍ତେ ଡିସିବିଏଲ ବିବିଧ ଜୀବିକା ଉପାର୍ଜନକାରୀ କାର୍ଯ୍ୟକ୍ରମ ସୃଷ୍ଟି କରୁଛି। ଡିସିବିଏଲର ଆର୍ ଆଣ୍ଡ ଆର୍ ଟିମ୍ ଉକ୍ତ ଅଞ୍ଚଳରେ ଚାହିଦା ଓ ଯୋଗାଣ ମଧ୍ୟରେ ଉଲ୍ଲେଖନୀୟ ପାର୍ଥକ୍ୟ ରହୁଥିବା ଚିହ୍ନଟ କରିଛି ଏବଂ ଏଥିପାଇଁ କୁଶଳୀ କାରିଗରି ଲୋକଙ୍କ ଅଭାବ ଏହାର ମୂଳ କାରଣ ଭାବେ ନିରୂପଣ କରାଯାଇଛି।

**ଫୁର୍‌ସତ୍**

# ସୂର୍ଯ୍ୟଙ୍କ ରହସ୍ୟ ଫିଟାଇବ ଚାଇନାର ଦୂରବୀକ୍ଷଣ ବଳୟ

**ବେଜିଂ:** ମହାକାଶ ଗବେଷଣା କ୍ଷେତ୍ରରେ ଚାଇନା ରୀତିମତ ନୂଆ ଆବିଷ୍କାର କରିବାରେ ଲାଗିଛି। ବିଭିନ୍ନ ଦେଶର ବୈଜ୍ଞାନିକମାନେ ସୂର୍ଯ୍ୟ ସମ୍ପର୍କିତ ଅଧିକ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଥିବାବେଳେ ଚାଇନା ମହାକାଶ ବିଜ୍ଞାନୀଙ୍କୁ ସଫଳତା ମିଳିଛି। ସୂର୍ଯ୍ୟଙ୍କ ରହସ୍ୟ ଉପରୁ ପର୍ଦ୍ଦା ହଟାଇବା ପାଇଁ ସେମାନେ 'ରିଙ୍ଗ ଅଫ୍ ଟେଲିସ୍କୋପ୍ସ' ବା 'ଦୂରବୀକ୍ଷଣ ବଳୟ' ତିଆରି କରିଛନ୍ତି।

ପୃଥିବୀର ସବୁଠାରୁ ଉଚ୍ଚତମ କ୍ଷେତ୍ର ତିବ୍ବତ ମାଳଭୂମିରେ ଏହି ଦୂରବୀକ୍ଷଣ ବଳୟ ତିଆରି କରାଯାଇଛି। ଏହାର ନାଁ ଡାଓଚେଙ୍ଗ ସୋଲାର ରେଡିଓ ଟେଲିସ୍କୋପ (ଡିଏସ୍‌ଆର୍‌ଟି) ରଖାଯାଇଛି। ଦୁର୍ବଳରୁ ଅତି ଦୁର୍ବଳ ନେଟ୍‌ୱର୍କ କ୍ୟାପ୍‌ଚର କରିବା ପାଇଁ ଏହି ଟେଲିସ୍କୋପ ବଳୟ ସକ୍ଷମ। କିଛିଦିନ ପୂର୍ବେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବୈଜ୍ଞାନିକମାନେ ବର୍ତ୍ତମାନ ଡିଏସ୍‌ଆର୍‌ଟିର କାର୍ଯ୍ୟକାରିତା ନେଇ ପରୀକ୍ଷାନିରୀକ୍ଷା କରୁଛନ୍ତି। ଏହି ମିଶନ ସଫଳ ହେଲେ ଆସନ୍ତାବର୍ଷ ଜୁନ୍‌ରେ ଏହା କାର୍ଯ୍ୟକ୍ଷମ ହେବ। ଡିଏସ୍‌ଆର୍‌ଟି ତିଆରିରେ ମୋଟ ୧୪ ନିୟୁତ ଡଲାର ଖର୍ଚ୍ଚ ହୋଇଛି। ସୂର୍ଯ୍ୟ ସମ୍ପର୍କିତ ଅଜଣା ରହସ୍ୟ ସାଙ୍ଗକୁ ଭବିଷ୍ୟତରେ ମହାକାଶ ଓ ପୃଥିବୀ ଉପରେ ଏହାର ପ୍ରଭାବ କିପରି ରହିବ ସେ ନେଇ ସାଟେଲାଇଟ୍ ଅଧିକ ତଥ୍ୟ ପ୍ରଦାନ କରିବ। ଏହି ଟେଲିସ୍କୋପରେ ମୋଟ ୩୧୩ ଡିସ୍ ବ୍ୟବହାର କରାଯାଇଥିବାବେଳେ ଏହାର ଦୈର୍ଘ୍ୟ ରହିଛି ୬ ମିଟର, ୩,୧୪ କିଲୋମିଟର ଆୟତନ ବିଶିଷ୍ଟ ଗୋଲାକାର କ୍ଷେତ୍ର ତିଆରି କରୁଛି।


ଚାଇନା ତିଆରି କରିଥିବା 'ରିଙ୍ଗ ଅଫ୍ ଟେଲିସ୍କୋପ୍ସ'।

ସୂର୍ଯ୍ୟରୁ ହେଉଥିବା କରୋନାଲ ମାସ୍ ଇଜେକ୍ସନ୍ସ ବା ସିଏମ୍‌ଇ (ସୂର୍ଯ୍ୟଙ୍କ ବାହ୍ୟ ଆବରଣରୁ ଚୁମ୍ବକୀୟ ଶକ୍ତି ଥିବା ପ୍ଲାଜ୍ମା) ଉପରେ ସାଟେଲାଇଟ୍ ରିଙ୍ଗ୍ ଅଧିକ ତଥ୍ୟ ଖୋଜି ବାହାର କରିବ। ପୃଥିବୀ ପାଇଁ ସିଏମ୍‌ଇ ଘାତକ ବୋଲି ବୈଜ୍ଞାନିକଙ୍କ ପକ୍ଷରୁ କୁହାଯାଇଛି। ସିଏମ୍‌ଇ ଦ୍ୱାରା ପାୱାର୍ ଗ୍ରିଡ୍ସ, ଟେଲି କମ୍ୟୁନିକେଶନ୍, ସାଟେଲାଇଟ୍ ସାଙ୍ଗକୁ ମହାକାଶ ଯାତ୍ରା କରୁଥିବା ମହାକାଶଚାରୀଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ଅନେକ ସମୟରେ ମେରୁ ଅଞ୍ଚଳରେ ଦୃଶ୍ୟମାନ ହେଉଥିବା ରଙ୍ଗିନ ଆକାଶମାଳା ପାଇଁ ସିଏମ୍‌ଇ ଦାୟୀ।

ରେଡିଓ ୱେଭ୍ ସାହାଯ୍ୟରେ ସୌର ମଣ୍ଡଳରେ ଘଟୁଥିବା ପରିବର୍ତ୍ତନ ଉପରେ ମଧ ନଜର ରଖିବ। ଭୂତଳଭିତ୍ତିକ ମହାକାଶ ନିରୀକ୍ଷଣ ଭିତ୍ତିରେ ଏହି ଟେଲିସ୍କୋପ ତିଆରି କରାଯାଇଛି। ମିଙ୍ଗାଣ୍ଟୁ ଇଣ୍ଟରପ୍ଲାନେଟାରୀ ସାଇଣ୍ଟିଲେଶନ୍ ଟେଲିସ୍କୋପ ଡିଏସ୍‌ଆର୍‌ଟିରେ ବ୍ୟବହାର କରାଯାଇଛି, ଯାହା ସେନ୍ସର ଜରିଆରେ ପବନ ଓ ହେଲିଓସ୍ପିୟରରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବ। ଅନ୍ତର୍ଜାତୀୟ ଗବେଷଣା ପାଇଁ ଟେଲିସ୍କୋପ ବଳୟ ଦ୍ୱାରା ସଂଗୃହୀତ ରହସ୍ୟଜନକ ତଥ୍ୟ ସବୁ ସହଜରେ ଉପଲବ୍ଧ କରାଯିବ ବୋଲି ନ୍ୟାଶନାଲ ସ୍ପେସ୍ ସାଇନ୍ସ ସେଣ୍ଟରର ଚିଫ୍ ଇଞ୍ଜିନିୟର ଜିଙ୍ଗୟେ ୟାନ୍ କହିଛନ୍ତି।

# ମିଥୁନଙ୍କ ଗୀତରେ ଝୁମିଲେ ପ୍ରିୟଙ୍କା



**ମୁମ୍ବାଇ:** ତିନି ବର୍ଷ ପରେ ବିଦେଶରୁ ଭାରତ ଆସିଥିବା ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ ଏବେ ଭାରି ବ୍ୟସ୍ତ। ଗୋଟିଏ ଦିନରେ ତାଙ୍କୁ ଏକାଧିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ପଡୁଛି। ୟୁନିସେଫର ବ୍ରାଣ୍ଡ ଆମ୍ବାସଡର ହେବା କାରଣରୁ ଉତ୍ତର ପ୍ରଦେଶର ବିଭିନ୍ନ ଗ୍ରାମାଞ୍ଚଳ ବୁଲି ପିଲା ଓ ଲୋକଙ୍କ ସହ ଭେଟୁଛନ୍ତି ଏବେ ପ୍ରିୟଙ୍କା। ଅନ୍ୟପଟେ ସେ ନିଜର ହେୟାରକେୟାର୍ ବ୍ରାଣ୍ଡ ଲଞ୍ଚ କରିଛନ୍ତି। ଏସବୁ ଭିତରେ ପ୍ରିୟଙ୍କାଙ୍କର ଏକ ରିଲ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ ସେ ୮୦ ଦାଶକର ସୁପରଷ୍ଟାର ମିଥୁନ ଚକ୍ରବର୍ତ୍ତୀଙ୍କ ହିଟ୍ ଗୀତ 'ୟେ ରାତ୍ ମେ ଜୋ ମଜା ହୈ'ରେ ନାଚୁଥିବାର ଦେଖିବାକୁ ମିଳିଛି। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ରୁହି ଦୋଶାନିଙ୍କ ସହ ପ୍ରିୟଙ୍କା ଏହି ରିଲ୍ କରିଛନ୍ତି। ଦୁହେଁ ବାଥ୍‌ରୋବ୍ ପିନ୍ଧିଥିବା ଭିଡିଓରେ ଦେଖିବାକୁ ମିଳିଛି। ଆଗାମୀ ଦିନରେ ପ୍ରିୟଙ୍କା ହଲିଉଡ୍‌ରେ ରୁସୋ ବ୍ରଦର୍ସଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଇଟ୍ସ ଅଲ୍ କମିଂ ବ୍ୟାକ୍ ଟୁ ମି'ରେ ନଜରକୁ ଆସିବେ। ବର୍ତ୍ତମାନ ସୁଦ୍ଧା ପ୍ରିୟଙ୍କାଙ୍କ ବଲିଉଡ୍ ପ୍ରୋଜେକ୍ଟ ବିଷୟରେ କୌଣସି ଖରବ ପ୍ରକାଶ ପାଇନାହିଁ।

# ହିନ୍ଦୁ ରୀତିନୀତିରେ କୁକୁରଙ୍କ ବାହାଘର




ସବିତା

**ଚଣ୍ଡିଗଡ଼:** ବରଯାତ୍ରୀ ଧରି କନିଆ ଘରକୁ ଆସିଥିଲା ବର। ବେଦି ବି ସଜ୍ଜା ହୋଇଥିଲା ଆଉ ବାହାଘରରେ ସାମିଲ ହେବା ପାଇଁ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହରିୟାଣା ଗୁରୁଗ୍ରାମର ଏକ ଦମ୍ପତି ହିନ୍ଦୁ ରୀତିନୀତି ଅନୁସାରେ ଦୁଇଟି କୁକୁରଙ୍କ ବାହାଘର କରିଛନ୍ତି, ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ଘଟଣା ପାଲଟିଛି। ସୋମବାର ଶେରୁ ଓ ସ୍ୱିଟିର ବାହାଘର ଅନୁଷ୍ଠିତ ହୋଇଯାଇଛି। ଅମୃତସର ପାଲାମ ବିହାରରେ ଥିବା ଜିଲେ ସିଂ କଲୋନୀର ସବିତା ନିଜ ପାଳିତ କୁକୁର ସ୍ୱିଟିର ବାହାଘର ତାଙ୍କ ପଡ଼ୋଶୀ ଘରର କୁକୁର ଶେରୁ ସହ କରିଥିଲେ। ସବିତା ଓ ତାଙ୍କ ସ୍ୱାମୀ ବହୁତ କୁକୁରପ୍ରେମୀ। ରାସ୍ତାଘାଟରେ ବୁଲା କୁକୁରମାନଙ୍କୁ ପ୍ରତିଦିନ ଖାଇବାକୁ ଦିଅନ୍ତି। ସବିତାଙ୍କ ବାହାଘରକୁ ଗୁଡ଼ାଏ ବର୍ଷ ବିତିଯାଇଥିଲେ ହେଁ ତାଙ୍କର କୌଣସି ପିଲାଛୁଆ ନାହାନ୍ତି। କୁକୁର ସ୍ୱିଟିକୁ ସେ ତାଙ୍କ ଝିଅ ପରି ପାଳିଥିବା ସବିତା କହିଛନ୍ତି। ତେବେ ତିନିବର୍ଷ ପୂର୍ବେ ସବିତାଙ୍କ ସ୍ୱାମୀ ବୁଲା କୁକୁରଙ୍କୁ ଖାଇବାକୁ ଦେଉଥିବାବେଳେ ସ୍ୱିଟି ତାଙ୍କ ପିଛା ଛାଡ଼ି ନ ଥିଲା। ଶେଷରେ ତାକୁ ଘରେ ଆଣି ସବିତା ରଖିଲେ। ତା' ପରେ ସେ ତାକୁ ନିଜ ଝିଅର ସ୍ନେହ ଦେଇ ପାଳୁଥିବା କହିଛନ୍ତି। ଏହି ବାହାଘର ବେଶ୍ ଜାକଜମକରେ ହୋଇଥିବାବେଳେ ୧୦୦ ଜଣ ଲୋକ ଏହି ବାହାଘରରେ ଯୋଗ ଦେଇଥିଲେ। ବାହାଘର ପୂର୍ବ ଦିନ ସ୍ୱିଟିର ମେହେନ୍ଦି କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଶେରୁ ଆଉ ସ୍ୱିଟିଙ୍କ ବାହାଘର ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି।

**ବିଧାନସଭାରେ ବିରୋଧୀ ଉଠାଇବେ ଅର୍ଚ୍ଚନା ନାଗ ଘଟଣା**

ଭୁବନେଶ୍ୱର, (ବ୍ୟୁରୋ): ଅର୍ଚ୍ଚନା ନାଗ ଘଟଣାରେ ଶାସକ ଦଳକୁ ଘେରିବା ଲାଗି ବିରୋଧୀଙ୍କ ପକ୍ଷରୁ ସଜବାଜ ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଉତ୍ତର ରଖନ୍ତୁ ବୋଲି ଉଭୟ କଂଗ୍ରେସ ଏବଂ ଭାଜପା ବିଧାନସଭାରେ ଦାବି କରିବେ। କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଓ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ବିଧାନସଭାରେ ଅର୍ଚ୍ଚନା ନାଗ ବ୍ଲାକମେଲିଂ ପ୍ରସଙ୍ଗକୁ ଜୋରଦାର କରାଯିବ।

**ପଦ୍ମପୁର ଉପନିର୍ବାଚନ**

# ଦରଦ ନା ରାଜନୈତିକ ଚାଲ୍

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୪।୧୧

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ୫ତାରିଖରେ ମତଦାନ ହେବ। ଉପନିର୍ବାଚନ ପୂର୍ବରୁ ରାଜନୈତିକ ଦଳ ମଧ୍ୟରେ ଛକାପଞ୍ଝା ଚାଲିଛି। ଏହି ସମୟରେ ଅଞ୍ଚଳବାସୀ ମଧ୍ୟ ସେମାନଙ୍କ ପ୍ରମୁଖ ଦାବିଗୁଡ଼ିକୁ ଉପସ୍ଥାପନ କରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲବୀମା ସହାୟତା ଏବଂ ପଦ୍ମପୁର ଜିଲା ଗଠନ ଦାବିକୁ ନେଇ ଅଞ୍ଚଳର ଚାଷୀ ଏବଂ ସଚେତନ ନାଗରିକମାନେ ଧାରଣାକୁ ଓହ୍ଲାଇଛନ୍ତି। ଉଭୟ ଦାବିକୁ ସବୁଦଳ ସମର୍ଥନ କରୁଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅଞ୍ଚଳର ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏଯାଏ ବୀମା ସହାୟତା ମିଳିପାରିନାହିଁ। ଏହାକୁ ନେଇ ଭାଜପା ଓ ବିଜେଡି ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିବାବେଳେ କଂଗ୍ରେସ ଉଭୟ କେନ୍ଦ୍ର, ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛି। ଉପନିର୍ବାଚନରେ ସବୁ ରାଜନୈତିକ ଦଳ ପାଇଁ ଏହା ଏବେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ବହୁଦିନ ତଳୁ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ବୀମା ନାହିଁ ତ ଭୋଟ୍ ନାହିଁ ଡାକରା ଦେବା ସହିତ ଉପନିର୍ବାଚନରେ ନାମାଙ୍କନ ଦାଖଲ ନ କରିବାକୁ ଅନୁରୋଧ କରିଥିଲା। ସୋମବାର ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ପାଇଁ ଭାଜପାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଥିଲା। ମାତ୍ର ଚାଷୀଙ୍କ ଦାବିକୁ ସମ୍ମାନ ଜଣାଇ ନାମାଙ୍କନପତ୍ର ଦାଖଲରୁ ଭାଜପା ବିରତ ରହିଛି। ନାମାଙ୍କନପତ୍ର ଦାଖଲ କରିବାକୁ ଯାଇ ଅନ୍ୟ କୌଣସି ରାଜନୈତିକ ଦଳ ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଫେରିବାର ନଜିର ଜିଲାରେ ନାହିଁ। ତେବେ ଭାଜପାର ଏଭଳି ଆଭିମୁଖ୍ୟ ଚାଷୀଙ୍କ ପ୍ରତି ବାସ୍ତବରେ ଦରଦ ନା ଉପନିର୍ବାଚନକୁ ନେଇ ଭୁଆଁ ବୁଲାଇବା ପାଇଁ ଏକ ରାଜନୈତିକ ଚାଲ୍ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

## ପୁଣି ଲଗ୍ନ ଦେଖି ନାମାଙ୍କନ ଭରିବୁ



ନାମାଙ୍କନ ଦାଖଲ ପାଇଁ ଆଜି ଲଗ୍ନ ଥିଲା। ସେହି ହିସାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ ପ୍ରମୁଖଙ୍କ ଗହଣରେ ନାମାଙ୍କନପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଥିଲା। ଆଜି ନାମାଙ୍କନ ଦାଖଲ କରିପାରିଥାନ୍ତୁ। ହେଲେ କୃଷକମାନେ ନାମାଙ୍କନପତ୍ର ଦାଖଲରୁ ଓହରିବା ପାଇଁ ହାତଯୋଡ଼ି ଅନୁରୋଧ କଲେ। କୃଷକଙ୍କ ପ୍ରତି ସମ୍ମାନ ଜଣାଇ ନାମାଙ୍କନପତ୍ର ଦାଖଲ କରିନାହିଁ। ଏ ନେଇ ଦଳର ରାଜ୍ୟ ନେତୃତ୍ୱକୁ ବି ଜଣାଇ ସାରିଛି। କୃଷକଙ୍କ ଦାବି, ଆନ୍ଦୋଳନକୁ ସବୁବେଳେ ମୋର ପୂର୍ଣ୍ଣ ସମର୍ଥନ ରହିଆସିଛି। ପରବର୍ତ୍ତୀ ସମୟରେ ପୁଣି ଲଗ୍ନ ଦେଖି ନାମାଙ୍କନପତ୍ର ଦାଖଲ କରିବି।

**–ପ୍ରଦୀପ ପୁରୋହିତ, ଭାଜପା ପ୍ରାର୍ଥୀ**

## ଚାଷୀଙ୍କୁ ଭାଜପାର ଏପ୍ରିଲ ଫୁଲ୍



ଆମ ଦଳ ଚାଷୀଙ୍କ ଦଳ। ଚାଷୀଙ୍କ ସହ ଆମେ ସବୁବେଳେ ଅଛୁ। ଚାଷୀଙ୍କ ସମସ୍ୟା ଏବଂ ହକ୍ ପାଇଁ ଆମେ ସବୁବେଳେ ଲଢୁଛୁ। ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବହୁବିଧ ଯୋଜନା ମଧ୍ୟ ହାତକୁ ନେଇଛନ୍ତି। ଚାଷୀମାନେ ସେଥିରେ ଉପକୃତ ହେଉଛନ୍ତି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଅପାରଗତା ଯୋଗୁ ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। କିନ୍ତୁ କିଛି ସୁଫଳ ମିଳିନାହିଁ । ଉପନିର୍ବାଚନରେ ଭାଜପା ଏପ୍ରିଲ ଫୁଲ୍ ଭଳି ଚାଷୀଙ୍କୁ ଭୁଆଁ ବୁଲାଉଛି।

**–ପ୍ରସନ୍ନ ଆଚାର୍ଯ୍ୟ, ରାଜ୍ୟ ଉପସଭାପତି, ବିଜେଡି**

## କେନ୍ଦ୍ର, ରାଜ୍ୟ ସରକାରଙ୍କ ପ୍ରତାରଣା



ଚାଷୀଙ୍କୁ ଯଦି ସମ୍ମାନ ଜଣାଉଛନ୍ତି, ତେବେ ସେମାନଙ୍କ ହକ୍ ବୀମା ସହାୟତା ପ୍ରଦାନ କରନ୍ତୁ। ବୀମା ସହାୟତା ପାଇଁ ଚାଷୀ ରାଜରାସ୍ତାଠାରୁ ଆରମ୍ଭ କରି ରେଲରୋକୋ କରିଛନ୍ତି। ତଥାପି ଉଭୟ କେନ୍ଦ୍ର କିମ୍ବା ରାଜ୍ୟ ସରକାର ନିର୍ବିକାର ରହିଲେ। ଅନ୍ୟପଟେ ହକ୍ ପାଇଁ ଲଢ଼େଇ କରୁଥିବା ଚାଷୀଙ୍କ ବିରୋଧରେ ମାମଲା ରୁଜୁ ହେଲା। ଉପନିର୍ବାଚନ ଆସିଥିବାବେଳେ ଏବେ ଚାଷୀଙ୍କ ଦାବିକୁ ଯଥାର୍ଥ ଏବଂ ଅନୁରୋଧକୁ ସମ୍ମାନ ଜଣାଉଛୁ ବୋଲି କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡ଼ି ନେତାମାନେ କହୁଛନ୍ତି। କିନ୍ତୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଚାଷୀକୁଳକୁ ପ୍ରତାରଣା କରିଆସୁଛନ୍ତି। ଉପନିର୍ବାଚନରେ ଚାଷୀମାନେ ଏହାର ଉଚିତ ଜବାବ ଦେବେ।

**–ନୀହାର ରଞ୍ଜନ ମହାନନ୍ଦ, ଜିଲା କଂଗ୍ରେସ ସଭାପତି**

## ନାମାଙ୍କନପତ୍ର ଦାଖଲ କଲେନି ପ୍ରଦୀପ



ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦଙ୍କ ସହ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ।

ପଦ୍ମପୁର,୧୪।୧୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ସୋମବାର ନାମାଙ୍କନପତ୍ର ଦାଖଲ କରିବାର ଥିଲା। ଭାଜପାର ତୁଙ୍ଗ ନେତା ଓ ହଜାର ହଜାର କର୍ମୀଙ୍କ ଗହଣରେ ପ୍ରଦୀପ ମଧ୍ୟ ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍‌କୁ ପ୍ରାର୍ଥିପତ୍ର ଦାଖଲ କରିବାକୁ ଗଲେ। ମାତ୍ର ସେଠାରେ ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରିବା ପରେ ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ପ୍ରାର୍ଥିପତ୍ର ଦାଖଲ ନ କରି ଫେରିଆସିଥିଲେ। ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ନାମାଙ୍କନପତ୍ର ଦାଖଲ ନ କରି ଫେରିଆସିବାକୁ ନେଇ ରାଜନୀତିକ ଚର୍ଚ୍ଚା ଜୋର୍ ଧରିଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ, ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ପଦ୍ମପୁର କପସିଲା ପଡିଆରେ ଭାଜପାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ବରିଷ୍ଠ ଭାଜପା ନେତା କନକବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ବରଗଡ଼ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମେତ ବହୁ ତୁଙ୍ଗ ନେତା ଯୋଗଦେଇ ଚାଷୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଥିଲେ। ଏହାପରେ ସେମାନେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ନାମାଙ୍କନପତ୍ର ଦାଖଲ କରିବା ପାଇଁ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ଦାବି ନେଇ ୧୪ଦିନ ହେଲା ଧାରଣାରେ ବସିଥିବା ରାଜବୋଡାସମ୍ବର କୃଷକ ସଙ୍ଗଠନର ସଦସ୍ୟମାନଙ୍କ ସହିତ ସେମାନେ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଧାରଣାରେ ବସିଥିବା ଚାଷୀଙ୍କ ଦାବି ଯଥାର୍ଥ। ବୀମା ସମ୍ପର୍କରେ କେନ୍ଦ୍ର ସରକାର ତାଙ୍କ କାମ କରିସାରିଛନ୍ତି। ତେବେ ରାଜ୍ୟ ସରକାର ନିଜ ଦୋଷକୁ ଲୁଚାଉଛନ୍ତି। ଆଜି ଶୁଭମୁହୂର୍ତ୍ତ ଦେଖି ଆମେ ନାମାଙ୍କନପତ୍ର ଦାଖଲ କରିବା ପାଇଁ ଆସିଥିଲୁ। ଯେହେତୁ ଏହା ଚାଷୀମାନଙ୍କ ସମସ୍ୟା, ତେଣୁ ସେମାନଙ୍କୁ ସମ୍ମାନ ଜଣାଇ ଆମେ ନାମାଙ୍କନପତ୍ର ଦାଖଲ ନ କରି ଫେରିଯାଉଛୁ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ଆଲୋଚନାରେ ବାଞ୍ଛାନିଧି ନାୟକ, ଅଜିତ ଶତପଥୀ, ଅଶୋକ ସାହୁ, ରୋହିତ ପଧାନ, କୈଳାସ ବାରିକ ପ୍ରମୁଖ ଚାଷୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହାପରେ ଭାଜପା ନେତୃବୃନ୍ଦ ଜିଲା ଦାବି କରି ଧାରଣାରେ ବସିଥିବା କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ପାଖକୁ ଯାଇ ସେମାନଙ୍କ ସହିତ ଆଲୋଚନା କରି ନିଜର ସମର୍ଥନ ଜଣାଇଥିଲେ।

## ପ୍ରସଙ୍ଗକୁ ସବୁ ଦଳର ଗୁରୁତ୍ୱ



ଫସଲବୀମା କିମ୍ବା ଇନପୁଟ୍ ସହାୟତା କେବଳ କୃଷକଙ୍କ ସମସ୍ୟା ନୁହେଁ। ଏହା ସାଧାରଣ ଜନତାଙ୍କ ସମସ୍ୟା। ଏହି ପ୍ରସଙ୍ଗକୁ ସବୁଦଳ ଗୁରୁତ୍ୱ ଦେଇଛନ୍ତି। ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଛନ୍ତି। ଉପନିର୍ବାଚନରେ ନାମାଙ୍କନ ନ ଭରିବା ପାଇଁ ଆମେ ସବୁ ରାଜନୈତିକ ଦଳକୁ ଅନୁରୋଧ କରିଛୁ। ଆମ ଅନୁରୋଧକୁ ହୃଦୟଙ୍ଗମ କରି ଭାଜପା ଆଜି ନାମାଙ୍କନପତ୍ର ଦାଖଲ କରି ନ ଥିବା ଅନୁଭବ କରିଛୁ । ସଙ୍ଗଠନ ପକ୍ଷରୁ ଧନ୍ୟବାଦ ମଧ୍ୟ ଜଣାଉଛୁ । ଆଗକୁ ଅନ୍ୟ ଦଳ ମଧ୍ୟ ନାମାଙ୍କନ ଦାଖଲ କରିବେ ନାହିଁ ବୋଲି ଆଶା ରଖିଛୁ।

**–ରମେଶ ମହାପାତ୍ର, ଚାଷୀନେତା**

# କ୍ଷମା ମାଗିଲେ ମମତା

**ରାଷ୍ଟ୍ରପତିଙ୍କୁ ଟିଏମ୍‌ସି ମନ୍ତ୍ରୀଙ୍କ ଅପମାନଜନକ ମନ୍ତବ୍ୟ**



ମମତା ବାନାର୍ଜୀ

କୋଲକାତା,୧୪।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମନ୍ତ୍ରୀଙ୍କ ଅପମାନଜନକ ମନ୍ତବ୍ୟ ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କ୍ଷମା ମାଗିଛନ୍ତି। ବ୍ୟକ୍ତିଗତ ଆକ୍ଷେପ କରିବା ତାଙ୍କ ଦଳର ସଂସ୍କୃତି ନୁହେଁ। ମନ୍ତ୍ରୀ ଅଖିଳ ଗିରିଙ୍କୁ ତାଙ୍କ ମନ୍ତବ୍ୟ ପାଇଁ ତାଗିଦା କରାଯାଇଛି। ଦଳ ମଧ ଏଭଳି ମନ୍ତବ୍ୟ ପାଇଁ କ୍ଷମା ମାଗୁଛି ବୋଲି ମମତା କହିଛନ୍ତି। ଗିରିଙ୍କ ବିବାଦୀୟ ମନ୍ତବ୍ୟକୁ ସେ ନିନ୍ଦା କରିଛନ୍ତି। ମନ୍ତ୍ରୀ ଭୁଲ୍ କରିଛନ୍ତି। ତାଙ୍କ ମନ୍ତବ୍ୟକୁ ଦଳ ସମର୍ଥନ କରେନି। ଦଳ ପକ୍ଷରୁ କ୍ଷମା ମାଗୁଛି ବୋଲି ଟିଏମ୍‌ସି ସୁପ୍ରିମୋ କହିଛନ୍ତି। ରାଷ୍ଟ୍ରପତିଙ୍କ ସମ୍ପର୍କରେ ଗିରିଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ମମତା ବାନାର୍ଜୀ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲା। ସୋମବାର ଅପରାହ୍ନରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ଭାଜପା ବିଧାୟକମାନେ ଟିଏମ୍‌ସି ମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରତିବାଦରେ ରାଜଭବନ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲେ। ପୂର୍ବରୁ ଗିରି ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗିଥିଲେ।

## କଶ୍ମୀରବାସୀ ଏକାଠି ହେଲେ ଅଧିକ ଦାବି ହାସଲ ହେବ



ମେହବୁବା ମୁଫ୍‌ତି

ଶ୍ରୀନଗର,୧୪।୧୧

ବ୍ରିଟିଶ ଶାସନ ବିରୋଧରେ ସାରା ଭାରତ ଯେପରି ଏକାଠି ହୋଇଥିଲା, ସେହିପରି ଜମ୍ମୁ-କଶ୍ମୀର ଜନସାଧାରଣ ଏକଜୁଟ୍ ହେଲେ ସ୍ୱତନ୍ତ୍ର ମାନ୍ୟତା ଫେରିବା ସହ ଆହୁରି ବହୁତ କିଛି ହାସଲ କରାଯାଇପାରିବ ବୋଲି ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସୋମବାର କହିଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୧୯ରେ ଉଚ୍ଛେଦ କରିବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଛି। ଆମର ପରିଚୟ ଓ ଉପସ୍ଥିତି ପ୍ରତି ବିପଦ ସୃଷ୍ଟି ହୋଇଛି। ଏହା କେବଳ ଅନୁଚ୍ଛେଦ ୩୭୦ ଏବଂ ୩୫ଏ ପ୍ରସଙ୍ଗ ନୁହେଁ ଏହା ଜମ୍ମୁ-କଶ୍ମୀର ପ୍ରସଙ୍ଗ ବୋଲି ମେହବୁବା କହିଛନ୍ତି। କଶ୍ମୀର ପ୍ରସଙ୍ଗ ପାଇଁ ତାଙ୍କ ଦଳ ଲଢ଼େଇ ଜାରି ରଖିବ ବୋଲି ପିଡିପି ନେତ୍ରୀ କହିଛନ୍ତି।

**ମୈନପୁରୀ ଉପନିର୍ବାଚନ**

## ନାମାଙ୍କନ ଦାଖଲ କଲେ ଡିମ୍ପଲ



ମୈନପୁରୀ,୧୪।୧୧

ଉତ୍ତରପ୍ରଦେଶର ମୈନପୁରୀ ଲୋକ ସଭା ଆସନ ଉପନିର୍ବାଚନ ଲାଗି ସମାଜବାଦୀ ପାର୍ଟି ପ୍ରାର୍ଥୀ ଡିମ୍ପଲ ଯାଦବ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ପ୍ରତି ଶ୍ୱଶୁର ମୁଲାୟମ ସିଂ ଯାଦବଙ୍କ ଆଶୀର୍ବାଦ ରହିଥିବା ଡିମ୍ପଲ କହିଛନ୍ତି। ଗତ ଅକ୍ଟୋବର ୧୦ରେ ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମଙ୍କ ଦେହାନ୍ତ ଯୋଗୁ ମୈନପୁରୀ ଆସନ ଖାଲି ପଡ଼ିଥିଲା। ଡିସେମ୍ବର ୫ରେ ଉକ୍ତ ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଡିମ୍ପଲ ନାମାଙ୍କନପତ୍ର ଦାଖଲ କଲାବେଳେ ସାଙ୍ଗରେ ସ୍ୱାମୀ ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଏମ୍‌ପି ରାମଗୋପାଳ ଯାଦବ ଉପସ୍ଥିତ ଥିଲେ। ତେବେ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ)ର ମୁଖ୍ୟ ଶିବପାଲ ସିଂ ଯାଦବଙ୍କ ପରିବାରରୁ କେହି ଉପସ୍ଥିତ ନ ଥିଲେ।

# ରାଜନୈତିକ ଦଳ ପାଇଁ ଚାଷୀ ମୋହରା

ଭୁବନେଶ୍ୱର,୧୪।୧୧(ବ୍ୟୁରୋ)

ଆସନ୍ତା ଡିସେମ୍ବର ୫ରେ ପଦ୍ମପୁର ଉପନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସେଠାକାର ରାଜନୀତି ସରଗରମ ହୋଇଛି। ଭୋଟ ହାତେଇବା ପାଇଁ ରାଜନୈତିକ ଦଳଗୁଡିକ ଚାଷୀଙ୍କୁ ମୋହରା ବନାଇଛନ୍ତି। ଫସଲ ବୀମା ବିଳମ୍ବକୁ ନେଇ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ପରସ୍ପର ଦୋଷ ଲଦାଲଦିରେ ମାତିଛନ୍ତି। ରବି ଫସଲ ଅମଳ ହେବାର ୪ ମାସ ପରେ ମଧ ଚାଷୀଙ୍କୁ ଫସଲ ବୀମା

**ଫସଲ ବୀମାକୁ ନେଇ ବିଜେଡି-ଭାଜପା ଦୋଷ ଲଦାଲଦି**

ମିଳିନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ବରଗଡ଼ର ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ଫସଲ ବୀମା ମିଳିବାରେ ବିଳମ୍ବ ରାଜ୍ୟର କୃଷକମାନଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୀମା ପ୍ରସଙ୍ଗରେ ବହୁବାର କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ଏହାସତ୍ତ୍ୱେ ଚାଷୀଙ୍କୁ କୌଣସି ସୁଫଳ ମିଳିପାରୁନାହିଁ। ପଶ୍ଚିମ ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଯେବେଠାରୁ ଫସଲ ବୀମାର ନାମ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫ୍‌ବିୱାଇ) ହେଲାଣି ସେବେଠାରୁ ଚାଷୀଙ୍କୁ ଠିକ୍ ସମୟରେ ବୀମା ରାଶି ଦେବା ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରିବା ଉଚିତ୍ କି ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଚାଷୀମାନଙ୍କୁ ଅମଳ ପୂର୍ବରୁ ଫସଲ କ୍ଷତିର ଭରଣା ପାଇଁ ୨୦୧୬ରୁ ପିଏମ୍‌ଏଫ୍‌ବିୱାଇ ଆରମ୍ଭ କରାଯାଇଛି। ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଫସଲ ବୀମା ବିଳମ୍ବକୁ ନେଇ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ସାକ୍ଷାତ୍ କରିଥିଲେ। ଠିକ୍ ସମୟରେ ଫସଲ ବୀମା ମିଳୁ ନ ଥିବାରୁ ପରବର୍ତ୍ତୀ ଚାଷ ପାଇଁ କୃଷକମାନେ ନିଜକୁ ପ୍ରସ୍ତୁତ କରିପାରୁନାହାନ୍ତି। ବୀମା ରାଶି ତୁରନ୍ତ ଯୋଗାଇ ଦେବା ପାଇଁ ପଦକ୍ଷେପ ନେବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଅପରପକ୍ଷେ ଚାଷୀମାନେ କିପରି ସେମାନଙ୍କ ବୀମା ଅର୍ଥ ପାଇବେ ସେନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଭାଜପା ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦି ଚାଲିଛି।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଚାଷୀମାନେ ଫସଲ ବୀମା ପାଇପାରୁନାହାନ୍ତି। ବୀମା ପାଇବା ପାଇଁ ଯାହାସବୁ କ୍ରାଇଟେରିଆ ରହିଛି ରାଜ୍ୟ ସରକାର ସେସବୁ ପୂରଣ କରିବାରେ ବିଫଳ ହୋଇଛନ୍ତି। ଫଳରେ ଚାଷୀମାନେ ସେମାନଙ୍କ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ସରକାର ନିର୍ଦ୍ଧାରିତ ସମୟରେ ବୀମା ପ୍ରିମିୟମ ରାଶି ପଇଠ କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷୀମାନେ କିପରି ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେନେଇ କେନ୍ଦ୍ର ସରକାର ଏକ ସଂଶୋଧିତ ଗାଇଡ୍‌ଲାଇନ୍ ଜାରି କରିଛନ୍ତି ବୋଲି ହରିଚନ୍ଦନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବୀମା ରାଶି ମିଳୁ ନ ଥିବାରୁ ପଶ୍ଚିମ ଓଡ଼ିଶାର ବହୁଚାଷୀ ବିଭିନ୍ନ ସମୟରେ ବିକ୍ଷୋଭ ମଧ କରିଛନ୍ତି। ମାତ୍ର ବୀମା ରାଶି ମିଳିପାରୁନାହିଁ। ଅନ୍ୟ ପକ୍ଷରେ ଉଭୟ ରାଜନୈତିକ ଦଳ ଭୋଟ ପାଇଁ ଚାଷୀଙ୍କୁ ବ୍ୟବହାର କରିବାକୁ ପଛାଉ ନାହାନ୍ତି।

# 'ଦେଶକୁ ଭାଗ କରୁଥିବା ଲୋକଙ୍କ ବିରୋଧରେ ଯାତ୍ରା'



ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ କଂଗ୍ରେସ ନେତୃବୃନ୍ଦ।

**ଭାରତ ଯୋଡ଼ୋ ଯାତ୍ରା**

ପାଟଣା, ୧୪।୧୧ (ସ୍ୱ.ପ୍ର.)

କଂଗ୍ରେସର ଭାରତ ଯୋଡୋ ପଦଯାତ୍ରା ସୋମବାର ସନ୍ଧ୍ୟାରେ କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗାରେ ପହଞ୍ଚିଛି। ପାଟଣା କଂଗ୍ରେସ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ପଦଯାତ୍ରାରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଗହଣରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ରାଜ୍ୟ ସଭା ସଦସ୍ୟା ସୁଶୀଳା ତିରିଆ, ଗଣେଶ୍ୱର ବେହେରା, ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ମିଶ୍ର, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ମିଡିଆ ସେଲ୍ ଉପସଭାପତି ବିନୋଦ ବିହାରୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ପଦଯାତ୍ରା ପୂର୍ବରୁ ତୁରୁମୁଙ୍ଗା ଡୁମୁରିଗୋଡ଼ା ଛକରେ କେହି ଦୁର୍ବୃତ୍ତ ସ୍ୱାଗତ ପୋଷ୍ଟର ଚିରିଦେବା ନେଇ ପିସିସି ସଭାପତି ପଟ୍ଟନାୟକ କହିଛନ୍ତି, ଏସବୁ ନୀଚ ସ୍ତର ନୀଚମନା ଲୋକଙ୍କ କାମ। ଆମେ ଆମ ସଫଳତା ପଥରେ ଅଗ୍ରସର ହେଉଛୁ। ଜାତି ଧର୍ମ ନାଁରେ ଦେଶକୁ ଭାଗ କରୁଥିବା ଲୋକଙ୍କ ବିରୋଧରେ ଏହି ଯାତ୍ରା। ପଦଯାତ୍ରା ତୁରୁମୁଙ୍ଗା ବଜାର ପରିକ୍ରମା କରିଥିଲା। କଂଗ୍ରେସ ନେତା ମନୋରଞ୍ଜନ ରାଉତ, ଲିଙ୍ଗରାଜ ସାହୁ, ଜିଲା ମହିଳା ସଭାନେତ୍ରୀ ଆଇନଜୀବୀ ସଙ୍ଗୀତା ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ଭାରତ ଯୋଡୋ ଯାତ୍ରାର ଜିଲା ସଂଯୋଜକ ଉତ୍ତମ କୁମାର ସାହୁ, ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘ୍ନ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରହରି ନାଏକ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ଦାଶ ପ୍ରମୁଖ ଏଥିରେ ସାମିଲ ଥିଲେ।

## ସ୍ୱାଗତ ପୋଷ୍ଟର ଚିରିଲେ ଦୁର୍ବୃତ୍ତ

ପାଟଣା,୧୪।୧୧(ସ୍ୱ.ପ୍ର.): କଂଗ୍ରେସ ପକ୍ଷରୁ ଭାରତ ଯୋଡୋ ଯାତ୍ରା ଅବସରରେ କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ସନ୍ନିକଟ ୪୯ ନଂ. ଜାତୀୟ ରାଜପଥର ଡୁମୁରିଗୋଡା ନିକଟରେ ଲଗାଯାଇଥିବା ସ୍ୱାଗତ ପୋଷ୍ଟରକୁ କେହି ଦୁର୍ବୃତ୍ତ ଚିରି ଦେଇଥିବା ସୋମବାର ଦେଖିବାକୁ ମିଳିଛି। ଏହାକୁ ନେଇ ପାଟଣା କଂଗ୍ରେସ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ତୁରୁମୁଙ୍ଗା ଦେଇ କଂଗ୍ରେସର ପଦଯାତ୍ରା ଆସିବା କାର୍ଯ୍ୟକ୍ରମ ଥିବାରୁ ଡୁମୁରିଗୋଡା ନିକଟରେ ପାଟଣା କଂଗ୍ରେସ ପକ୍ଷରୁ ସ୍ୱାଗତ ପୋଷ୍ଟର ଲଗାଯାଇଥିଲା। ଏନେଇ ଆଇନର ଆଶ୍ରୟ ନେବେ ବୋଲି ପିସିସି ମିଡିଆ ସେଲ୍ ଉପସଭାପତି ବିନୋଦ ବିହାରୀ ନାଏକ କହିଛନ୍ତି।

## ଭୋଟ ଗ୍ରହଣ ୨ ଘଣ୍ଟା ହ୍ରାସ

**ପଦ୍ମପୁର ଉପନିର୍ବାଚନ ଲାଗି ସର୍ବଦଳୀୟ ବୈଠକ**

- ସକାଳ ୭ରୁ ଅପରାହ୍ନ ୪
- ବିଧାୟକଙ୍କ ନିର୍ବାଚନୀ ଖର୍ଚ୍ଚ ୪୦ ଲକ୍ଷ
- ୨୭୯ ବୁଥ୍‌ରେ ମତଦାନ

ଭୁବନେଶ୍ୱର,୧୪।୧୧ବ୍ୟୁରୋ)

ପଦ୍ମପୁର ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ ଭୋଟ ଗ୍ରହଣ ସମୟ ୨ ଘଣ୍ଟା ହ୍ରାସ କରିଛନ୍ତି। ଏଠାକାର ନିର୍ବାଚନ ଲାଗି ସକାଳ ୭ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ପାଇଁ ନିର୍ବାଚନ ଆୟୋଗ ସମୟ ଧାର୍ଯ୍ୟ କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅବଗତ କରାଇଛନ୍ତି। ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପନିର୍ବାଚନରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକ ୪୦ ଜଣ ଏବଂ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ୨୦ ଜଣ ତାରକା ପ୍ରଚାରକଙ୍କୁ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିପାରିବେ। ଏଥର ଉପନିର୍ବାଚନରେ ଜଣେ ବିଧାୟକ ପ୍ରାର୍ଥୀ ସର୍ବାଧିକ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିର୍ବାଚନୀ ଖର୍ଚ୍ଚ କରିପାରିବେ। ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ନିମନ୍ତେ କରୁଥିବା ଖର୍ଚ୍ଚର ହିସାବ ଏକ ଅଲଗା ରେଜିଷ୍ଟରରେ ରଖିବେ। ଉକ୍ତ ନିର୍ବାଚନ ମଣ୍ଡଳୀରେ ୨୭୯ ଗୋଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ଭୋଟ ଗ୍ରହଣ ଦିବସ ଅର୍ଥାତ୍ ଡିସେମ୍ବର ୫କୁ ସର୍ବୈତନିକ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଡୋରେମନ ପରିବାରବର୍ଗ


ଦେବାଂଶୀ ପରିବାରବର୍ଗ


ସତ୍ୟବ୍ରତ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରକ୍ତତୀର୍ଥ କୁଦୋପାଳି ସୁରକ୍ଷାରେ 'ରଣଭୂମି'

## ଯୁଦ୍ଧରେ ୫୩ ଶହୀଦ, ୧୧ ଗିରଫ, ୪ଜଣଙ୍କୁ ଫାଶୀ ହୋଇଥିଲା


କୁଦୋପାଲି ଐତିହ୍ୟସ୍ଥଳ ସଫେଇ କରୁଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା।

ସମ୍ବଲପୁର,୧୪।୧୧(ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠରେ ରହିଛି କୁଦୋପାଲି ପାହାଡ଼। ଇଂରେଜ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ଯୁଦ୍ଧର ମୂକସାକ୍ଷୀ ଏହି ଐତିହ୍ୟସ୍ଥଳ ଆଜି ଅବହେଳିତ। ଅବହେଳା ଯୋଗୁ ରକ୍ତତୀର୍ଥ କୁହାଯାଉଥିବା ଏହି ସ୍ଥାନର ପ୍ରାଚୀନ କୀର୍ତ୍ତି, ମନ୍ଦିର, ଗୁମ୍ଫା, ମୂର୍ତ୍ତି ଅସ୍ତିତ୍ୱ ହରାଇବାକୁ ବସିଛି। ଏହାର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ଆଗେଇ ଆସିଛନ୍ତି ଯୁବଗୋଷ୍ଠୀ। ରଣଭୂମି ନାମରେ ଅନୁଷ୍ଠାନ ଗଠନକରି ସଫେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାସହ ଏକ ବୈଠକ କରି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିଛନ୍ତି। ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଯୁବକ, ମହିଳା, ରାଜନେତା ଏହି ଅନୁଷ୍ଠାନରେ ସାମିଲ ହୋଇଛନ୍ତି।

ଅନୁଷ୍ଠାନର କର୍ମକର୍ତ୍ତା ରବିବାର ପାହାଡ଼ ଶୀର୍ଷରୁ ଆରମ୍ଭ କରି ପାଦଦେଶ ପର୍ଯ୍ୟନ୍ତ ରହିଥିବା ଅନାବନା ଗଛଲତା କାଟି ସଫା କରିଥିଲେ। ନିୟମିତ ଭାବେ ଏହି ସଫେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି ମତପ୍ରକାଶ ପାଇଥିଲା। ଏହାସହ ଏହାର ପୁନରୁଦ୍ଧାର କରି ଏକ ପର୍ଯ୍ୟଟନସ୍ଥଳ କରାଯିବାକୁ ସରକାରଙ୍କ ପାଖରେ ଦାବି କରିବାକୁ ସ୍ଥିର କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଇ ସ୍ୱାଧୀନତା ସଂଗ୍ରାମୀଙ୍କ ବାସଭବନର ପୁନରୁଦ୍ଧାର ଓ ତାଙ୍କ ଜୀବନୀ ବିଷୟରେ ପ୍ରଚାର ପ୍ରସାର କରାଯାଉଛି। ରାଜ୍ୟ ସରକାର ମଧ୍ୟ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି। ସମ୍ବଲପୁରର ଏହି ଐତିହ୍ୟ କୀର୍ତ୍ତିରାଜିର ପୁନରୁଦ୍ଧାର କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଐତିହାସିକ ତଥ୍ୟ ଅନୁସାରେ ପ୍ରାୟ ୧୮୫୭ ଡିସେମ୍ବର ୩୦ରେ ବୀର ସୁରେନ୍ଦ୍ର ସାଏ, ଭାଇ ଛବିଳ ସାଏ ଓ ତାଙ୍କ ସାଥୀ କୁଦୋପାଲିର ଏହି ଦୁର୍ଗ ନିକଟରେ ଥିବା ଗାଁ ପାଖ ଆମ୍ବତୋଟାରେ ବିଶ୍ରାମ ନେଉଥିଲେ। ଭୋର ସମୟରେ ହଠାତ୍ ଘୋଡ଼ା ଟାପୁ ଶବ୍ଦ ଶୁଭିଥିଲା। ସୁରେନ୍ଦ୍ର ସାଏ ଓ ସାଥୀମାନେ କୁଦୋପାଲି ଦୁର୍ଗରେ ଥିବାବେଳେ ଶତାଧିକ ଇଂରେଜ ସୈନିକ ଚାରିପଟରୁ ଘେରିଯାଇଥିଲେ। ପରସ୍ପର ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କୁ ଆହତକରି ଫେରାର ହୋଇଯାଇଥିଲେ। ହେଲେ ତାଙ୍କ ଭାଇ ଛବିଳ ସାଏଙ୍କ ସମେତ ୫୩ଜଣ ସଂଗ୍ରାମୀ ଜୀବନ ହାରିଥିଲେ। ୧୧ଜଣଙ୍କୁ ଇଂରେଜମାନେ ଗିରଫ କରିଥିଲେ। ସେମାନଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ ୪ଜଣଙ୍କୁ ଫାଶୀ ଦିଆଯାଇଥିଲା। ଗୋଟିଏ ସ୍ଥାନରେ ୫୩ ଜଣ ବୀର ପୁରୁଷ ନିଜ ଦେଶ ପାଇଁ ଜୀବନ ହାରିଥିଲେ। ପାହାଡ଼ ଓ ଗାଁଖୁଲି ମାଟି ରକ୍ତରଞ୍ଜିତ ହୋଇଥିଲା। ତେଣୁ ସେହିଦିନଠାରୁ ଉକ୍ତ ସ୍ଥାନକୁ ରକ୍ତତୀର୍ଥ ବୋଲି କୁହାଯାଇଆସୁଛି। ଏଭଳି ଜଘନ୍ୟକାଣ୍ଡ ଘଟାଇବା ପରେ ମଧ୍ୟ ଇଂରେଜ ସୈନିକ ଗାଁର ପ୍ରତ୍ୟେକ ଘରକୁ ଯାଇ ସୁରେନ୍ଦ୍ର ସାଏଙ୍କୁ ଖୋଜିଥିଲେ। ମହିଳା ଓ ବୃଦ୍ଧଙ୍କ ଉପରେ ଅତ୍ୟାଚାର କରିଥିଲେ। ଆଜି ସେ ସମୟର ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି। ହେଲେ ସେମାନଙ୍କ ଦାୟାଦ ବସବାସ କରୁଛନ୍ତି। ପ୍ରଶାସନ ପକ୍ଷରୁ କେବଳ ଜୟନ୍ତୀ ପାଳନ କରାଯାଇଥାଏ।

# କିସ୍ ଢାଞ୍ଚାରେ ବାଂଲାଦେଶରେ ଖୋଲିଲା 'ଡିସ୍'



ଡିସ୍‌ର ଛାତ୍ରୀଛାତ୍ରଙ୍କ ସହ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

## ଉଦ୍‌ଘାଟନ କଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ବିଶ୍ୱର ସର୍ବବୃହତ ଆବାସିକ ଜନଜାତି ବିଦ୍ୟାଳୟ ଭୁବନେଶ୍ୱରସ୍ଥିତ 'କିସ୍' ଢାଞ୍ଚାରେ ବାଂଲାଦେଶରେ ଖୋଲିଛି ଡାଫୋଡିଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍(ଡିସ୍)। ଢାକାଠାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୋମବାର ଏହାର ଉଦ୍‌ଘାଟନ କରିଛନ୍ତି। ଡାଫୋଡିଲ୍ ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ହେଉଛି ବାଂଲାଦେଶର ସର୍ବବୃହତ ବିଶ୍ୱବିଦ୍ୟାଳୟ। ଅଚ୍ୟୁତ ସାମନ୍ତଙ୍କ ସହ ଏହି ବିଶ୍ୱବିଦ୍ୟାଳୟର ଦୀର୍ଘ ଦିନର ସୁସମ୍ପର୍କ ରହିଆସିଛି। କିଛିବର୍ଷ ତଳେ ଡାଫୋଡିଲ୍ ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟିର ପ୍ରତିଷ୍ଠାତା ଡ. ମହମ୍ମଦ ସବୁର ଖାଁ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସେ କିସ୍‌ର ଶିକ୍ଷାଦାନ, ସୁବିଧା ସୁଯୋଗ ଓ ପରିସରକୁ ଦେଖି ବିମୋହିତ ହୋଇପଡ଼ିଥିଲେ। ବାଂଲାଦେଶରେ କିସ୍ ଢାଞ୍ଚାରେ ଗରିବ ପିଲାଙ୍କ ପାଇଁ ଏକ ଆବାସିକ ବିଦ୍ୟାଳୟ ଖୋଲିବା ପାଇଁ ଡ. ସବୁର ଖାଁ ଇଚ୍ଛା ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସେ ଜଣାଇବା ପରେ ଅଚ୍ୟୁତ ସାମନ୍ତ ଏଥିପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୋମବାର ଢାକାଠାରେ 'ଡିସ୍'କୁ ସାମନ୍ତ ଉଦ୍‌ଘାଟନ କରି ବେଶ୍ ଆନନ୍ଦ ପ୍ରକାଶ କରିଛନ୍ତି। ସେ କହିଛନ୍ତି, କିସ୍ କାର୍ଯ୍ୟରେ ପ୍ରଭାବିତ ହୋଇ ବାଂଲାଦେଶର ଜଣେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ ଉଦ୍ୟୋଗୀ ଢାକାଠାରେ କିସ୍ ଢାଞ୍ଚାରେ ଏକ ଅନୁଷ୍ଠାନ ଖୋଲି ପାରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏଠାରେ ୬୦୦ ଗରିବ ଛାତ୍ରୀଛାତ୍ର ବିନାଦେୟରେ ପାଠ ପଢ଼ିବେ। 'ଡିସ୍' ପାଇଁ 'କିସ୍' କେବଳ ଆବଶ୍ୟକ ବୈଷୟିକ ପରାମର୍ଶ ପ୍ରଦାନ କରିଛି। ଏହା ବ୍ୟତୀତ କିସ୍‌କୁ ଅନ୍ୟ କୌଣସି ଦାୟିତ୍ୱ ବହନ କରିବା ପାଇଁ ପଡ଼ିବ ନାହିଁ। ଏହି ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟର ପଦାଧିକାରୀମାନେ ଯୋଗ ଦେଇଥିଲେ।

# ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

## ହେତୁବାଦୀଙ୍କ ବିରୋଧରେ ୩ ସଙ୍ଗଠନର ଏତଲା


ହେତୁବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ମନ୍ଦିର ସେବାୟତ ସଂଘ, ଶ୍ରୀମନ୍ଦିର ସେବାୟତ ଏବଂ ବ୍ରାହ୍ମଣ ସମାଜ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦାବି କରାଯାଉଛି।

ପୁରୀ ଅଫିସ, ୧୪।୧୧

ଓଡ଼ିଶା ମନ୍ଦିର ସେବାୟତ ସଂଘ, ଶ୍ରୀମନ୍ଦିର ସେବାୟତ ଏବଂ ବ୍ରାହ୍ମଣ ସମାଜ ତରଫରୁ ସୋମବାର ହେତୁବାଦୀଙ୍କ ବିରୋଧରେ ପୁରୀ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

ହେତୁବାଦୀମାନେ ହିନ୍ଦୁ ପରମ୍ପରା ଭଙ୍ଗ କରିବା, ହିନ୍ଦୁ ଦେବଦେବୀଙ୍କୁ କଟୁ ମନ୍ତବ୍ୟ ଦେବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆକ୍ଷେପ କରିବା ନେଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି ଏତଲା ଦିଆଯାଇଛି। ଆଗାମୀ ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଓଡ଼ିଶା ମନ୍ଦିର ସେବାୟତ ସଂଘ ଏବଂ ଛତିଶା ନିଯୋଗର ସେବାୟତଙ୍କ ପକ୍ଷରୁ ବିଶାଳ ବିରୋଧ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଉପରୋକ୍ତ ୩ ସଙ୍ଗଠନ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ ପରେ ଥାନାରେ ଏତଲା ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ସୂର୍ଯ୍ୟୋପରାଗ ବେଳେ ହେତୁବାଦୀମାନେ ସର୍ବସମ୍ମୁଖରେ ବିରିୟାନୀ ଖାଇବା, ହିନ୍ଦୁ ରୀତିନୀତିକୁ କଟାକ୍ଷ କରିବା, ଚନ୍ଦ୍ରଗ୍ରହଣ ଦିନ ବିଭିନ୍ନ ସ୍ଥାନରେ ଭୋଜନ ଆୟୋଜନ, ହିନ୍ଦୁ ଦେବଦେବୀଙ୍କ ସମେତ ଶଙ୍କରାଚାର୍ଯ୍ୟଙ୍କୁ ସମାଲୋଚନା କରିବା ପ୍ରଭୃତି ଅଗଣିତ ଜଗନ୍ନାଥପ୍ରେମୀଙ୍କ ହୃଦୟକୁ ମର୍ମାହତ କରିଛି। ହିନ୍ଦୁ ଧାର୍ମିକ ଭାବନା ଓ ବିଶ୍ୱାସ ପ୍ରତି ଏହା କୁଠାରାଘାତ। ତେଣୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରାଯିବାକୁ ଦାବି କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ମନ୍ଦିର ସେବାୟତ ସଂଘର ସଭାପତି ତଥା ବାରିପଦା ଜଗନ୍ନାଥ ମନ୍ଦିର ସେବାୟତ କାମେଶ୍ୱର ତ୍ରିପାଠୀ, ସମ୍ପାଦକ ତଥା ସାକ୍ଷୀଗୋପାଳ ମନ୍ଦିର ସେବାୟତ ସିଂହାରୀ ଆଲୋକ ଖୁଣ୍ଟିଆ, ଦାଣ୍ଡମୁକୁନ୍ଦପୁର ମନ୍ଦିର ସେବାୟତ ସୁବାସ ମିଶ୍ର, ଅଲାରନାଥ ମନ୍ଦିର ସେବାୟତ ନୀଳମଣି ସୁଆର, ଜଗମୋହନ ସୁଆର, ନୀଳଗିରି ଜଗନ୍ନାଥ ମନ୍ଦିର ସେବାୟତ ପୁଣ୍ୟଶ୍ଳୋକ ନନ୍ଦ, ହରିବନ୍ଧୁ କର, ମଧୁସୂଦନ ପୂଜାପଣ୍ଡା, ପୁରୀ ଜଗନ୍ନାଥ ମନ୍ଦିର ସେବାୟତ ଭବାନୀ କୁମାର ଦାସ, ଆଦିତ୍ୟ ବାହିନୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କ ସମେତ ବହୁ ସେବାୟତ ଓ ବ୍ରାହ୍ମଣ ଉପସ୍ଥିତ ଥିଲେ।

# ୧୫ ଡିଗ୍ରୀ ତଳେ ୮ ସହର

## ୧୧ ଡିଗ୍ରୀ ତଳକୁ ଖସିଲା ପାରଦ

ଭୁବନେଶ୍ୱର,୧୪।୧୧(ବ୍ୟୁରେ)

ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇଛି। ଗତ ଦୁଇଦିନ ହେବ ପାରଦ ତଳମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ତଳକୁ ଖସିଛି। ରାଜ୍ୟର ୮ଟି ସହର ୧୫ ଡିଗ୍ରୀ ସେଲସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ଓ ଦାରିଙ୍ଗବାଡିରେ ୧୨, ଝାରସୁଗୁଡା ୧୨.୬, ଭବାନୀପାଟଣା ୧୨.୮, କେନ୍ଦୁଝର ୧୩.୨, ଦେବଗଡ଼ ୧୩.୬, ସୁନ୍ଦରଗଡ଼ ୧୪, ହୀରାକୁଦ ୧୪.୭, ସୋନପୁର ୧୫.୪, ବୌଦ୍ଧ ୧୪, ଅନୁଗୋଳ ୧୫, ସମ୍ବଲପୁର ୧୫.୬, ବାରିପଦା ୧୬, ବାଲେଶ୍ୱର ୧୬.୧, କଟକ ୧୭ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ର ୧୭.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ମଙ୍ଗଳବାରଠାରୁ ପୁଣି ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି। ୨୨ ତାରିଖରୁ ପୁଣି ପାରଦ ଉପର ମୁହାଁ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ତାଲିମ ପାଇଁ 'ଇ-ଅରୁଣିମା' ଆପ୍ ଲୋକାର୍ପିତ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରଥମକରି ଏକ ସମ୍ପୂର୍ଣ୍ଣ ଆପ୍ 'ଇ-ଅରୁଣିମା' ମାଧ୍ୟମରେ ତାଲିମ ବ୍ୟବସ୍ଥାକୁ ସୋମବାର ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ବିଭାଗର ନୂତନ ପଦକ୍ଷେପ କ୍ଷେତ୍ରରେ ଏହାଏକ ମାଇଲଖୁଣ୍ଟ। ଏହି ଆପ୍ ମାଧ୍ୟମରେ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର ଓ ଶିଶୁ ବିକାଶ ଅଧିକାରୀମାନେ ଆଦ୍ୟଶୈଶବ ଯତ୍ନ ଓ ଅନନ୍ୟ ଶିକ୍ଷା କାର୍ଯ୍ୟକ୍ରମ 'ଇ-ଅରୁଣିମା' ସମ୍ବନ୍ଧରେ ଉପାଦେୟ ଶିକ୍ଷା ଓ ତାଲିମ ପାଇବେ। ଶୈଶବ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ଆଦ୍ୟବର୍ଷଗୁଡ଼ିକରେ ଶିଶୁଙ୍କ ଦ୍ରୁତ ବିକାଶ ଓ ବୃଦ୍ଧି ଘଟୁଥିବାରୁ ଏହି ବର୍ଷଗୁଡ଼ିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହି ସମୟରେ ସେମାନଙ୍କ ଜୀବନର ମୂଳଦୁଆ ପଡ଼ିଥାଏ। ଶିଶୁଙ୍କର ଏହି ପ୍ରାରମ୍ଭିକ ସୋପାନ ଦୃଢ଼ ହେଲେ ବିକାଶର ପରବର୍ତ୍ତୀ ସୋପାନରେ ଉନ୍ନତି ଘଟିଥାଏ। ତେଣୁ ଏହି ଲକ୍ଷ୍ୟ ଓ ଆଭିମୁଖ୍ୟକୁ ନିଷ୍ଠା ଓ ଦାୟିତ୍ୱର ସହ ସମ୍ପାଦନ କରିବା ନିମନ୍ତେ ଗୁଣାତ୍ମକ ତାଲିମର ବ୍ୟବସ୍ଥା ନିହାତି ଆବଶ୍ୟକ। ସମସ୍ତ ଆଇସିଡିଏସ୍ କର୍ମକର୍ତ୍ତା ସେଥିପାଇଁ ନିଯୁକ୍ତି ସମୟରୁ ହିଁ ବିଭିନ୍ନ ତାଲିମ ନେଇଥାନ୍ତି। ଡିଜିଟାଲ ଶିକ୍ଷଣ ସମ୍ବନ୍ଧୀୟ ତାଲିମକୁ ଆଗ୍ରହ ଓ ସଫଳତାର ସହ ସମ୍ପନ୍ନ କରିଥିବାରୁ ସମସ୍ତ ଆଇସିଡିଏସ୍ କର୍ମକର୍ତ୍ତା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କୁ ମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। 'ଇ-ଅରୁଣିମା' ମାଧ୍ୟମରେ ପ୍ରଶିକ୍ଷଣକୁ ସଫଳତାର ସହିତ ଶେଷ କରି ଶିଶୁଙ୍କ ପାଇଁ ହେଉଥିବା କାର୍ଯ୍ୟକ୍ରମକୁ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର ଓ ଶିଶୁ ବିକାଶ ଅଧିକାରୀମାନେ ଆହୁରି ସୁଦୃଢ଼ ଓ ବଳିଷ୍ଠ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାସନ ସଚିବ ଶୁଭା ଶର୍ମା, ୟୁନିସେଫ୍‌ର ଦିଲ୍ଲୀ ପ୍ରତିନିଧି ସୁନିଶା ଆହୁଜା, ୟୁନିସେଫ୍ ରାଜ୍ୟ କାର୍ଯ୍ୟାଳୟ ଅଧିକାରୀ ସୁଗତ ରାୟ, ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ରୁ ତୃତୀୟରୁ ନବମ ଶ୍ରେଣୀ ମିଡ୍-ଟର୍ମ ଆସେସ୍‌ମେଣ୍ଟ

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ତୃତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମିଡ୍-ଟର୍ମ ଆସେସ୍‌ମେଣ୍ଟ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ। ଏ ନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସୋମବାର ସମସ୍ତ ଜିଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ଏକାଡେମିକ) ଏବଂ ସମଗ୍ର ଶିକ୍ଷାକୁ ଚିଠି ଲେଖିଛନ୍ତି। ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପରୀକ୍ଷା ସଂକ୍ରାନ୍ତରେ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଜଣାଇବା ପାଇଁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ରେଜଲ୍ଟ ଏକ ପ୍ରୋଗ୍ରେସ କାର୍ଡରେ ଦିଆଯିବ ଏବଂ ଲର୍ଣ୍ଣିଂ ରିକଭରି ପ୍ରୋଗ୍ରାମ(ଏଲ୍ଆର୍‌ପି) ଡ୍ୟାସ୍‌ବୋର୍ଡରେ ଅପ୍‌ଲୋଡ୍ କରାଯିବ। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ରଖିବା ଏବଂ ପରୀକ୍ଷା ସୁପରିଚାଳନାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମିଡ୍-ଟର୍ମ ଆସେସ୍‌ମେଣ୍ଟ ପ୍ରସ୍ତୁତି ନେଇ ଜିଲାସ୍ତରରେ ଏକ ସମୀକ୍ଷା ବୈଠକ କରିବା ପାଇଁ ପରାମର୍ଶ ଦିଆଯାଇଛି।

ସୂଚନାଯୋଗ୍ୟ, ମିଡ୍-ଟର୍ମ ଆସେସ୍‌ମେଣ୍ଟ ତୃତୀୟରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅନୁଷ୍ଠିତ ହେବ। ୧୭ ତାରିଖରେ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଓଡ଼ିଆ ଓ ଚତୁର୍ଥରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଇଂଲିଶ ପରୀକ୍ଷା ହେବାକୁ ଥିବାବେଳେ ୧୮ ତାରିଖରେ ତୃତୀୟରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଗଣିତ ଏବଂ ୧୯ରେ ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଇଭିଏସ୍ ଓ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ବିଜ୍ଞାନ ବିଷୟ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ।


# classified Everyday
0674-2580101, 2549302


REAL ESTATE

SALE

ସତ୍ୟନଗରରେ 20000sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73662

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

Gharabari plot sale. Jhintisasan, Balakati, 8700 sqft., road side. 6372755567. D-1912

CV Raman କଲେଜ ନିକଟରେ 3150sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73661

କଟକ-ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

ଭୁବନେଶ୍ୱର ଜଟଣୀଗେଟ୍‌ଠାରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ (sqft.-370/699)ରେ ମିଳୁଛି। 9658891108, 8114994259. D-1916

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166. D-74142

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658. D-74145


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-74140




Newly open SPA positively health benefits expert therapist, Jagamara. 7849011931. D-73664

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995

Newly open full body massage ladies and gents. 8327740003, 8093860513. D-73999

Newly open Spa positively health benefit with expert. Contact: 7749976301. D-73894

Newly open health benefits SPA Diwali Offer @ 999/- Jaidevbihar. 9439676695. D-73663

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


BUSINESS

Get professional Hair, Nail, Beauty Training Classes at affordable fees. Contact- 9692671608. D-1957

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଜନ୍ମ ଦିନର ହାର୍ଦ୍ଦିକ ଶୁଭେଚ୍ଛା

(ଡୋରେମନ)
ଆଦ୍ୟ ପ୍ରକାଶ
କଣ୍ଡିଲୋ ଶ୍ରୀ ନୀଳମାଧବ ପୀଠ, ହାଟମୁଣ୍ଡପାଟଣା
ସାଗର ମୋତି ସମ୍ପର୍କ ଜ୍ୟୋତି ମାଧବଙ୍କ ଗଳାହାର, ଏତିକି ଆଶିଷ ଶରଧା ବିଶେଷ ଝରୁ ହୋଇ ଝରାଫୁଲ। ୨ୟ ଜନ୍ମ ବାର୍ଷିକରେ ତୋର ସୁସ୍ଥ, ନିରାମୟ ଜୀବନ ନିମନ୍ତେ ମା' ନାରାୟଣୀ ଓ ପ୍ରଭୁ ଶ୍ରୀନୀଳମାଧବଙ୍କ ପଦ କମଳରେ ଗୁହାରି । ଆଶୀର୍ବାଦ ସହ: ମାମା, ପାପା, ଜେଜେମା, ଜେଜେବାପା, ପିଉସା, (ଜୟନ୍ତୀ, ଉଷା, କୁନା, ଚୁଇଁ) ନାନୀମାନେ, ଗୁଡ୍ଡୁ, ସାନ୍ତୁ, ଇଷାଶ୍ରୀ, ସାଇଶ୍ରୀ, ଅଜା, ଆଈ, ମାମୁ, ବନ୍ଧୁ ପରିଜନ ।
ଧ-୨୦୦୬

ଜନ୍ମଦିନ ଶୁଭେଚ୍ଛା

ସତ୍ୟବ୍ରତ ସୂର୍ଯ୍ୟରାଜ
ଭୁଆସୁଣୀ ପାଟଣା, ଖୋର୍ଦ୍ଧା
ଆଜି ତୋର ପବିତ୍ର ପ୍ରଥମ ଜନ୍ମବାର୍ଷିକ (ସ୍ୱନକ୍ଷତ୍ର) ଦିବସ ଅବସରରେ ଦୀର୍ଘାୟୁ ତଥା ସୁସ୍ଥ, ନିରାମୟ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଜେଜେବାପା: କସ୍ତୁରୀ ପରିଡ଼ା, ମାତା: ସବିତା, ପିତା: ସୂର୍ଯ୍ୟକାନ୍ତ ଓ ଅଜା, ଆଈ, ମାମୁ, ମାଇଁ, କୁସୁମ, ନନ୍ଦିତା, ନୟନ, ଚିଉନ, ଭିପୁଲ, ସମସ୍ତ ଆତ୍ମୀୟ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୦୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଫ୍ୟାଶନ

# କିପରି ଲାଗିବେ ଷ୍ଟାଇଲିଶ୍



ଶୀତଦିନ ଆସିଗଲାଣି । ଏହି ଦିନରେ କପଡ଼ାର ବିକଳ୍ପ ବଦଳିଯାଏ । ଏବେ ଜ୍ୟାକେଟ୍ ସ୍ୱେଟର ଆଦି ପିନ୍ଧିବା ଆରମ୍ଭ ହୋଇଗଲାଣି । ଷ୍ଟାଇଲିଶ୍ ଦେଖାଯିବା ସହ ଶୀତଦାଉରୁ ନିଜକୁ ରକ୍ଷା କରିବା ମଧ୍ୟ ଜରୁରୀ । କଲେଜ ଯିବା ଝିଅଠୁ ଆରମ୍ଭ କରି ଅଫିସ୍ ଯାଉଥିବା ମହିଳା ଆରାମଦାୟକ କପଡ଼ା ସହିତ ଆକର୍ଷକ ଦେଖାଯିବାକୁ ମଧ୍ୟ ଚାହାନ୍ତି । ହେଲେ ଏସବୁ ପିନ୍ଧିବା ଦ୍ୱାରା ଡ୍ରେସ୍‌ର ଡିଜାଇନ ଲୁଚିଯାଏ ।

**ଲଙ୍ଗ୍ ଓଭର କୋର୍ଟ:** ଅଫିସ୍‌କୁ ଯଦି ଶାଢ଼ି କିମ୍ବା କୁର୍ତ୍ତି ପିନ୍ଧି ଯାଉଥାନ୍ତି ତେବେ ପାରମ୍ପରିକ ଭାରତୀୟ ପରିଧାନ ସହ ଲଙ୍ଗ୍ ଓଭର କୋର୍ଟ ପିନ୍ଧିପାରିବେ । ଏହିପରି ଡ୍ରେସିଂ ଷ୍ଟାଇଲ ଆପଣଙ୍କ ଅଫିସ୍ ଲୁକ୍‌କୁ ଅଧିକ ପ୍ରଭାବଶାଳୀ କରିଥାଏ ।

**ଶର୍ଟ ବ୍ଲେଜର:** ଭାରତୀୟ ପରିଧାନ ଉପରେ ଓଭରକୋର୍ଟ ବ୍ୟତୀତ ଆପଣ ଶର୍ଟ ବ୍ଲେଜର କ୍ୟାରି କରିପାରିବେ । ଶାଢ଼ି ସହିତ ମ୍ୟାଚିଂ ବ୍ଲେଜର ମଡର୍ନ ଟଚ୍ ଦେଇଥାଏ । ଏହିପରି ଆଉଟ୍‌ଫିଟ୍ ଶୀତଦିନରେ ଆପଣଙ୍କୁ ଥଣ୍ଡା ଦାଉରୁ ରକ୍ଷାଦେବା ସହ ଆପଣଙ୍କୁ ଆକର୍ଷକ ଲୁକ୍ ଦେଇଥାଏ ।

**ଉଲ୍ ସ୍ୱେଟର:** କଲେଜରୁ ଆରମ୍ଭକରି ଅଫିସ୍ ପର୍ଯ୍ୟନ୍ତ ଆରାମଦାୟକ, ସିମ୍ପଲ ଦେଖାଯିବାକୁ ହେଲେ ଆପଣ ଉଲ୍ ସ୍ୱେଟର ପିନ୍ଧିପାରିବେ ।



ଦିନସାରା ଅଫିସ୍‌ରେ ବସି କାମ କରିବାର ଅଛି ଯଦି ଏହିପରି ସ୍ୱେଟରକୁ ଆପଣ ଜିନ୍ସ ପ୍ୟାଣ୍ଟ ସହ କ୍ୟାରି କରିପାରିବେ । ଚାହିଁଲେ ବି ଆପଣ କାର୍ଡିଗନ୍ ପିନ୍ଧିପାରିବେ ।

**ପ୍ୟାଣ୍ଟ ସୁଟ୍ :** ଅଫିସ୍‌ରେ ଫର୍ମାଲ କପଡ଼ା ପିନ୍ଧିବାକୁ ପସନ୍ଦ କରୁଥିଲେ ପ୍ୟାଣ୍ଟ ସୁଟ୍ ସହିତ ନିଜକୁ ଷ୍ଟାଇଲିଶ୍ ଲୁକ୍ ଦିଅନ୍ତୁ । ଆଜିକାଲିର ଝିଅମାନେ ବ୍ଲେଜର ପିନ୍ଧିବାକୁ ପସନ୍ଦ କରୁଛନ୍ତି । ବ୍ଲେଜର ସହିତ ମ୍ୟାଚିଂ ପ୍ୟାଣ୍ଟ ଟ୍ରେଣ୍ଡରେ ଚାଲୁଛି । ଆପଣ ସୁଟ୍ ପ୍ୟାଣ୍ଟ କିମ୍ବା ଜିନ୍ସ ସହିତ ବ୍ଲେଜରକୁ ଆପଣାଇ ପାରିବେ ।

# ବେଡ୍‌ରୁମ୍ ସଜାଉଥିଲେ...

ବେଡ୍‌ରୁମ୍‌ର ପରିବେଶ ଶାନ୍ତ ରହିବା ନିହାତି ଦରକାର। ଏହି ରୁମ୍‌ର ଭିତର ଭାଗକୁ ଏଭଳି ସଜାନ୍ତୁ ଯେମିତି ତାହାର ସକାରାତ୍ମକ ପ୍ରଭାବ ମନ ଉପରେ ପଡୁଥିବ । ଏହାକୁ ସଜାଉଥିଲେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି।



❖ବେଡ୍‌ରୁମ୍‌ର କାନ୍ଥଗୁଡ଼ିକରେ ହାଲ୍‌କା ରଙ୍ଗ ଦିଅନ୍ତୁ । ତା' ଉପରେ ଲାଇଟ ପଡ଼ିଲେ ଯେମିତି ମନକୁ ଶାନ୍ତି ଆସୁଥିବ ।

❖ବେଡ୍‌ରୁମ୍‌ରେ ଲାଇଟ୍ ଲଗାଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ଏହି ଘରେ ଆଦୌ ଉଜ୍ଜ୍ୱଳ ଆଲୋକ ଲଗାନ୍ତୁ ନାହିଁ । ଏଭଳି ଲଗାନ୍ତୁ ଯେମିତି ତାହାର ପ୍ରଭାବ ଆଖି ଉପରେ ପଡିବ ନାହିଁ । କାରଣ ଉଜ୍ଜ୍ୱଳ ଆଲୋକ ଆଖିରେ ପଡିଲେ ତାହା ନିଦରେ ବ୍ୟାଘାତ ସୃଷ୍ଟି କରିଥାଏ ।

❖ବେଡ୍‌ରୁମ୍‌ର ପରିବେଶ ଶାନ୍ତ ରହିବା ଦରକାର ।

❖ଏହି ରୁମ୍‌ର ସାଜସଜ୍ଜା ପ୍ରତି ଧ୍ୟାନଦେବା ସହ ଇନ୍‌ଡୋର ପ୍ଲାଣ୍ଟ ମଧ୍ୟ ରଖିପାରନ୍ତି । ଏହା ରୁମ୍‌ର ସୌନ୍ଦର୍ଯ୍ୟ ବଢ଼ାଇବା ସହ ମନର ଭାବନାକୁ ପଜିଟିଭ୍ ରଖିଥାଏ ।

❖ବେଡ୍‌ରୁମ୍ କାନ୍ଥକୁ ଏଭଳି ସଜାନ୍ତୁ ଯାହାର ସୁପ୍ରଭାବ ମନ ଉପରେ ପଡିବ । ଘରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବା ପାଇଁ ଭଲ ଭଲ ୱାଲ୍ ପେଣ୍ଟିଂ ଲଗାନ୍ତୁ । ବେଡ୍‌ରୁମ୍‌ରେ ଟିଭି ରଖନ୍ତୁ ନାହିଁ ।

ଖାଦ୍ୟରୁଚି

# ଚୁଡ଼ା କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ:** ଚୁଡ଼ା ୧୦୦ ଗ୍ରାମ୍, ସିଝା ଆଳୁ ୩୦୦ଗ୍ରାମ୍, ହଳଦୀ ଏକଚତୁର୍ଥାଂଶ, ଲଙ୍କାଗୁଣ୍ଡ ଅଧା ଚାମଚ, ଗରମ ମସଲା ଅଧା ଚାମଚ, ଆମ୍ବୁଚୁର ପାଉଡର ଏକଚତୁର୍ଥାଂଶ, ଚାଟ୍ ମସଲା ଅଧା ଚାମଚ, ଅଳ୍ପ ଗୋଲମରିଚ ଗୁଣ୍ଡ, ଅଦା ରସୁଣ ପେଷ୍ଟ ଅଧା ଚାମଚ, କର୍ନଫ୍ଲୋର ଏକ ଚାମଚ, ସ୍ୱାଦାନୁସାରେ ଲୁଣ, ମଇଦା ଏକଚାମଚ, ବିଟଲୁଣ, ଆବଶ୍ୟକ ଅନୁସାରେ ବ୍ରେଡ୍ କ୍ରମ୍ବସ୍, ଛାଣିବା ପାଇଁ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ବାଓଲ ନେଇ କଟ୍‌ଲେଟ୍‌ର ସବୁ ସାମଗ୍ରୀକୁ ପକାଇ ମିକ୍ସ କରିଦିଅନ୍ତୁ । ଏବେ ଏହି ମିକ୍ସଚରକୁ ହାତରେ ନେଇ କଟ୍‌ଲେଟ୍ ଶେପ୍ ଦିଅନ୍ତୁ । ଏହାକୁ ଏକ ପ୍ଲେଟ୍‌ରେ ରଖନ୍ତୁ । ଏବେ ଏକ ପାତ୍ରରେ ଦୁଇ ଚାମଚ କର୍ନଫ୍ଲୋର, ଏକ ଚାମଚ ମଇଦା, ଏକଚତୁର୍ଥାଂଶ ଲୁଣ, ଏକଚତୁର୍ଥାଂଶ ଗୋଲମରିଚ ପାଉଡର, ଆବଶ୍ୟକ ଅନୁଯାୟୀ ପାଣି ଦେଇ ଭଲଭାବେ ମିକ୍ସ କରିଦିଅନ୍ତୁ । ଏହା ପରେ ବ୍ରେଡ୍ କ୍ରମ୍ବକୁ କାଢ଼ି ରଖିଦିଅନ୍ତୁ । କଟ୍‌ଲେଟ୍‌କୁ କର୍ନଫ୍ଲୋର ପେଷ୍ଟରେ ବୁଡ଼ାଇ ବ୍ରେଡ୍ କ୍ରମ୍ବସ୍‌ରେ ରୋଲ୍ କରି ନିଅନ୍ତୁ । ଫଳରେ ଏହାଦ୍ୱାରା ବ୍ରେଡ୍ କ୍ରମ୍ବସ୍ ଲାଗିଯିବ । ଏକ କଡ଼େଇରେ ତେଲ ଗରମକରି କଟ୍‌ଲେଟ୍‌କୁ ଏଥିରେ ଗୋଲଡେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏବେ ଚୁଡ଼ା କଟ୍‌ଲେଟ୍ ପ୍ରସ୍ତୁତ ହୋଇଗଲା । ଏହାକୁ ଚଟଣି କିମ୍ବା ଟମାଟୋ ସସ୍ ସହ ପରଷିପାରିବେ ।



ସୌନ୍ଦର୍ଯ୍ୟ

# ଶୀତଦିନେ ତ୍ୱଚାର ଯତ୍ନ

ଶୀତଦିନେ ତ୍ୱଚା ସମ୍ବନ୍ଧୀୟ କେତେକ ସମସ୍ୟା ଦେଖାଯାଏ । ଏହି ଋତୁରେ ତ୍ୱଚାର ଚମକ ବଜାୟ ରଖିବାକୁ ହେଲେ କେତେକ କଥାକୁ ଗୁରୁତ୍ୱ ଦେବା ନିହାତି ଜରୁରୀ। କଂକସେ ସମ୍ବନ୍ଧରେ କେତୋଟି ଟିପ୍ସ....

➤ଏହିଦିନେ ଅଧିକ ସମୟ ଗାଧାନ୍ତୁ ନାହିଁ । ଏହା ବ୍ୟତୀତ ସାବୁନ୍‌ର ବ୍ୟବହାର ଯେତେ କମ୍ ସମ୍ଭବ ସେତେ କରନ୍ତୁ । ସ୍କ୍ରବ୍‌ର ବ୍ୟବହାର ଜମା ବି କରନ୍ତୁ ନାହିଁ । ଏହି ସିଜନ୍‌ରେ ତ୍ୱଚାର ଚମକ ବଜାୟ ରଖିବାକୁ ହେଲେ ନଖ ଉଷୁମ ପାଣିର ବ୍ୟବହାର କରିପାରନ୍ତି ।

➤ଯଦି ତ୍ୱଚା ଅଧିକ ଡ୍ରାଏ ହୋଇଥାଏ ତେବେ ସାବୁନ୍ ବଦଳରେ ମଶ୍ଚରାଇଜର କ୍ଲିଞ୍ଜର ବ୍ୟବହାର କରନ୍ତୁ । ଏହା ତ୍ୱଚାକୁ ଡ୍ରାଏ ହେବାକୁ ଦିଏନି କି ତ୍ୱଚାକୁ କ୍ଷତି ପହଞ୍ଚାଏନାହିଁ ।

➤ଏହି ସିଜନ୍‌ରେ ଆପଣ ଗାଧୋଉଥିବା ପାଣିରେ ଏକ କପ୍ କଞ୍ଚାକ୍ଷୀର ପକାଇବା ଦ୍ୱାରା ତ୍ୱଚା କୋମଳ ହୋଇଥାଏ ।

➤ତ୍ୱଚାକୁ ନାଚୁରାଲ କ୍ଲିନ୍ କରିବାକୁ ହେଲେ ଅଳ୍ପ ତୁଳା ନେଇ କ୍ଷୀରରେ ବୁଡ଼ାଇ ମୁହଁକୁ ତୁଳା ସାହାଯ୍ୟରେ ଭଲଭାବେ ସଫା କରନ୍ତୁ । ଏହାକୁ ସଫା କରିବା ପରେ କିଛି ସମୟ ତାକୁ ଏମିତି ଛାଡି ଦିଅନ୍ତୁ । ମୁହଁ ଶୁଖିଗଲାପରେ ଏହାକୁ ନଖ ଉଷୁମ ପାଣିରେ ଭଲଭାବେ ଧୋଇ ଦିଅନ୍ତୁ ।




# ଆତ୍ମନିର୍ଭରଶୀଳ ମା'



ଦିନ ଥିଲା ମହିଳାମାନେ ଘର ଭିତରେ ନିଜକୁ ସୀମାବଦ୍ଧ କରି ରଖୁଥିଲେ । ହେଲେ ଏବେ ସବୁ କିଛି ବଦଳିଯାଇଛି । ଅନେକ ମହିଳା ନିଜକୁ ଆତ୍ମନିର୍ଭରଶୀଳ କରିବାକୁ ଆଗେଇ ଆସୁଛନ୍ତି । ଏପରି ମହିଳା ଅଛନ୍ତି ଯେଉଁମାନେ ନିଜେ କିଛି ରୋଜଗାର କରିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜୁଛନ୍ତି । ଜଣେ ମହିଳା କର୍ମଜୀବୀ ହେବା ପରେ ତାଙ୍କୁ ଗୋଟିଏ ପଟେ ପରିବାର ଅନ୍ୟପଟେ ନିଜ ଚାକିରିକୁ ସମାନ୍ତରାଳ ଭାବରେ ଚଳାଇନେବାକୁ ପଡ଼ିଥାଏ । ଅନେକ ମହିଳା କର୍ମଜୀବୀ ହୋଇ ମଧ୍ୟ ନିଜ ପରିବାରକୁ ବେଶ୍ ସୁରୁଖୁରୁରେ ଚଳାଇନେବାରେ ସକ୍ଷମ ହୋଇଛନ୍ତି । ଏଥିରେ ପରିବାର ସଦସ୍ୟଙ୍କ ସହଯୋଗର ମଧ୍ୟ ଆବଶ୍ୟକତା ରହିଛି । ତେବେ ଜଣେ ଗୃହିଣୀ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଦେଇପାରନ୍ତି ।

**ଜୀବନଶୈଳୀ ପ୍ରତି ଧ୍ୟାନଦିଅନ୍ତୁ:** ଦିନକୁ ଦିନ ପ୍ରତି ଜିନିଷର ଦରଦାମ୍ ବଢ଼ିବାରେ ଲାଗିଛି । ହୁଏତ ଏଥିରେ ଆପଣ ହାଉସ୍ ରେଣ୍ଟ, ରାଶନ ସାମଗ୍ରୀ, ପନିପରିବା, ଫଳ ଦାମ ଏବଂ ପିଲାଙ୍କ ସ୍କୁଲ ଫି' ଏସବୁ ଏତେ ବଢ଼ିଗଲାଣି ଯେ ପରିବାରକୁ ସିଙ୍ଗଲ ୱାର୍କିଂ ମ୍ୟାନ୍ ପାଇଁ ଖର୍ଚ୍ଚ କରିବାକୁ ବହୁ କଷ୍ଟସାଧ ହେଉଛି । ଏମିତିରେ ଯଦି ଆପଣ ଫାଇନାନ୍ସିଆଲ ରୂପରେ ନିଜକୁ ଷ୍ଟ୍ରଙ୍ଗ୍ କରିବାକୁ ପାଦ ଆଗକୁ ବଢ଼ାଉଛନ୍ତି ତେବେ ନିଜର ଜୀବନଶୈଳୀ ପ୍ରତି ଧ୍ୟାନଦେବା ନିହାତି ଜରୁରୀ । ଏହି ସମୟରେ ଏପରି ଯୋଜନା ପ୍ରସ୍ତୁତ କରନ୍ତୁ, ଯାହାଦ୍ୱାରା ଆପଣ ନିଜ ପରିବାରକୁ ସୁରୁଖୁରୁରେ ଚଳାଇ ପାରିବେ । ଏ ନେଇ ସ୍ୱାମୀ ଏବଂ ନିଜ ପରିବାର ସଦସ୍ୟଙ୍କ ସହ ଆଲୋଚନା କରନ୍ତୁ । ଘରର ଖର୍ଚ୍ଚ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ । ଯଦି ନିଜେ କିଛି ରୋଜଗାର କରିବାକୁ ଚାହୁଁଛନ୍ତି ତେବେ ସେଥିପାଇଁ ନିଜକୁ ମାନସିକ ସ୍ତରରେ ପ୍ରଥମେ ପ୍ରସ୍ତୁତ କରନ୍ତୁ ।

**ଅସୁବିଧା ସମୟରେ:** ଜୀବନରେ କେତେବେଳେ କ'ଣ ଘଟିଯିବ ତାହା ଆକଳନ କରିବା କଷ୍ଟକର । ଗତ ୨-୩ ବର୍ଷ ଧରି କରୋନା ମହାମାରୀ ଲାଗି ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବହୁ କର୍ମଜୀବୀ ମହିଳା ନିଜ ଚାକିରି ହରାଇଛନ୍ତି । ତେଣୁ ସେମାନଙ୍କର ଭବିଷ୍ୟତ ଯୋଜନାଗୁଡ଼ିକ ଓଲଟପାଲଟ ହୋଇଯାଇଛି । ଏବେ ତ ସମୟ ସୁଧୁରିବା ଆରମ୍ଭ କରିଛି । ଯଦି ପୁଣି ଥରେ ନିଜକୁ ଚାକିରି କ୍ଷେତ୍ରରେ ପ୍ରବେଶ କରାଇବାକୁ ଚାହୁଁଛନ୍ତି ତେବେ ସେ ନେଇ ଆଗାନ୍ତୁ । କାରଣ ଆପଣ ଦି' ପଇସା ରୋଜଗାର କଲେ ତାହା ପରିବାରକୁ ଚଳାଇବାରେ ଅନେକ ସହାୟ ହୋଇପାରିବ । ଯଦି ଆପଣ ଆତ୍ମନିର୍ଭରଶୀଳ ହେବେ ତେବେ ସହଜରେ ଏସବୁ ପରିସ୍ଥିତିରୁ ବାହାରି ପାରିବେ । ଏହାଦ୍ୱାରା ନିଜକୁ ସମ୍ଭାଳିବା ସହ ପରିବାରକୁ ସମ୍ଭାଳିପାରିବେ ।



**ନିଜକୁ ଭାବନ୍ତୁନି ଅସହାୟ:** ଭାରତରେ ୩୦ ପ୍ରତିଶତ ମହିଳା ସ୍ୱାମୀଙ୍କ ରୋଜଗାରରେ ନିର୍ଭରଶୀଳ ହୋଇଥାନ୍ତି । ଫଳରେ ଏମାନେ ଅଧିକାଂଶ ଡୋମେଷ୍ଟିକ୍ ଭାଓଲେନ୍ସର ଶିକାର ହୁଅନ୍ତି । ଆପଣ ନିଜେ ଯଦି ଆତ୍ମନିର୍ଭରଶୀଳ ହୋଇପାରିଲେ ଯେଉଁ ସ୍ୱାମୀ ଆପଣଙ୍କୁ ନିର୍ଯାତନା ଦେଉଛି ତାଙ୍କଠାରୁ ଆପଣ ସହଜରେ ନିଜକୁ ରକ୍ଷା କରିପାରିବେ ।

ଆଜିକାଲି ଅନେକ ମହିଳା ଆତ୍ମନିର୍ଭରଶୀଳ ହେବାକୁ ଆଗେଇ ଆସୁଛନ୍ତି । କିନ୍ତୁ ଏହି ସମୟରେ ସେମାନଙ୍କୁ କେତୋଟି ବିଷୟ ପ୍ରତି ଦୃଷ୍ଟିଦେବା ଦରକାର...

**କାହା ଉପରେ ନିର୍ଭର କରନ୍ତୁନି:** ଯେତେବେଳେ ଜଣେ ମହିଳା ଅନ୍ୟ ଉପରେ ନିର୍ଭର କରନ୍ତି, ସେତେବେଳେ ନା ସେ ସ୍ୱତନ୍ତ୍ର ହୋଇ ନିଜେ କିଛି ନିଷ୍ପତ୍ତି ନେଇପାରନ୍ତି ନା ସୋସାଇଟିରେ କିଛି ସମ୍ମାନ ପାଇପାରନ୍ତି, ଯାହା ତାଙ୍କୁ ମିଳିବାର ଥାଏ । ଯେତେବେଳେ ଜଣେ ନାରୀ ଆର୍ଥିକ ରୂପେ ସ୍ୱତନ୍ତ୍ର ହେବେ ସେତେବେଳେ ସେ କାହା ଉପରେ ବୋଝ ହୋଇ ରହିବେ ନାହିଁ । ଏପରିକି ଯଦି କୌଣସି କାରଣରୁ ନିଜ ପାର୍ଟନରଠୁ ଆପଣ ଅଲଗା ହୋଇଗଲେ ତେବେ ଏଥିପାଇଁ ଆପଣଙ୍କୁ ହଇରାଣ କି ବ୍ୟସ୍ତ ହେବାକୁ ପଡ଼ି ନ ପାରେ । କାରଣ ଆପଣ ନିଜେ ରୋଜଗାରକ୍ଷମ । ଏହାଦ୍ୱାରା ଆପଣ ନିଜର ସ୍ୱପ୍ନକୁ ପୂରଣ କରିପାରିବେ, ନିଜେ ଇଚ୍ଛା ଅନୁସାରେ ଜିନିଷ କିଣି ପାରିବେ । ଯେତେବେଳେ ମନ ହେବ ବୁଲିବାକୁ ପ୍ଲାନ୍ କରିପାରିବେ ।



**ଅନ୍ୟଙ୍କ ପାଇଁ ମୋଟିଭେଶନ ହୋଇପାରିବେ:** ଯେତେବେଳେ ମହିଳା ନିଜ ଗୋଡ଼ରେ ନିଜେ ଠିଆ ହେବେ ସେତେବେଳେ ନିଜର ଆତ୍ମବିଶ୍ୱାସ ବଢ଼ିବ । ତା' ସହ ଅନ୍ୟମାନଙ୍କ ପାଇଁ ଆପଣ ରୋଲ୍ ମଡେଲ ମଧ୍ୟ ହୋଇପାରିବେ । ସମସ୍ତେ ଆପଣଙ୍କୁ ଦେଖି କହିପାରିବେ- ଦେଖ ସେ କିପରି ଘର ବାହାର ଦୁଇଟି ଯାକ ମ୍ୟାନେଜ୍ କରୁଛନ୍ତି । ଜୀବନରେ ଏମିତି କାମ କରନ୍ତୁ ଯାହାଦ୍ୱାରା ସମସ୍ତେ ଆପଣଙ୍କ ଦ୍ୱାରା ମୋଟିଭେଟ୍ ହୋଇପାରିବେ । ଏମିତିରେ ମା'ମାନେ ଫାଇନାନ୍ସିଆଲ ଇଣ୍ଡିପେଣ୍ଡେଣ୍ଟ ହେବା ଜରୁରୀ ହୋଇଗଲାଣି ।

**ଡବଲ ଇନ୍‌କମ୍ ଅଧିକ ସପୋର୍ଟ:** ପ୍ରତିଦିନର ଆବଶ୍ୟକତା ପୂରଣ କରୁ କରୁ ମାସର ଦରମାର ହିସାବ ରୁହେନାହିଁ । ଯଦି କିଛି ନୂଆ ଖର୍ଚ୍ଚ ଆସିଲା ଲାଗେ ଯେମିତି ବଡ଼ ସମସ୍ୟା ପହଞ୍ଚିଲା । ଏମିତିରେ ଯଦି ଦୁଇଜଣ ଇନ୍‌କମ୍ କରୁଛନ୍ତି ତେବେ ଅସୁବିଧା ସମୟରେ ଜଣେ ଆଉ ଜଣକୁ ଫାଇନାନ୍ସିଆଲ ସପୋର୍ଟ ମଧ୍ୟ ଦେଇଥାନ୍ତି । ଯାହା ଜଣେ ଜଣଙ୍କ ପ୍ରତି ରେସ୍‌ପେକ୍ଟ ବଢ଼ାଇବା ସହ ଆପଣଙ୍କୁ ହୃଦ୍‌ବୋଧ କରାଇଥାଏ କି ଦୁଇଜଣଙ୍କ ରୋଜଗାର କରିବା କେତେ ଜରୁରୀ ।

**ପିଲାଙ୍କ ଭଲ କେୟାର ପାଇଁ :** କର୍ମଜୀବୀ ହେଲେ ମଧ୍ୟ ପିଲାମାନଙ୍କ ପାଇଁ ସମୟ ଦିଅନ୍ତୁ । ସେମାନଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ, ଖାଇବାପିଇବା ପ୍ରତି ନଜର ଦିଅନ୍ତୁ । ଯଦି ଆପଣଙ୍କ ସ୍ୱାମୀ ବାହାରେ ରହୁଛନ୍ତି କିମ୍ବା ଚାକିରି କରିଛନ୍ତି ସେହି ସମୟରେ ପିଲାଙ୍କ ପ୍ରତି ମା'ମାନଙ୍କର ଦାୟିତ୍ୱ ଆହୁରି ବଢ଼ିଯାଇଥାଏ । ତେଣୁ ଏହି ସମୟରେ ନିଜର ମାନସିକ ଭାରସ୍ୟାମ ସନ୍ତୁଳିତ ରଖନ୍ତୁ । ନିଜ ଚାକିରି ପ୍ରତି ଯେତିକି ଯତ୍ନବାନ ରହୁଛନ୍ତି ଠିକ୍ ସେମିତି ନିଜ ପରିବାର ପ୍ରତି ଧ୍ୟାନ ଦିଅନ୍ତୁ । ଏପରି ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ, ଯାହାର ପ୍ରଭାବ ଆପଣଙ୍କ ପିଲା ଏବଂ ପରିବାର ଉପରେ ପଡ଼ିବ ।



**ବିକଳ୍ପ ରହିଛି:** କେବେକେବେ ଅନେକେ ଅଧିକ ଦିନ ପର୍ଯ୍ୟନ୍ତ କାମ କରୁଥିବା ସ୍ଥାନକୁ ଫେରିବାକୁ ଟିକେ କୁଣ୍ଠାବୋଧ କରିଥାନ୍ତି । ସେମାନଙ୍କୁ ଲାଗିଥାଏ ଯେ ସେ ଆଗରୁ ଯେଉଁ କାମ କରୁଥିଲେ ତା'ର କନ୍‌ଫିଡେନ୍ସ ଫୁର୍ତ୍ତି, ଏକ୍ସପେରିଏନ୍ସ ଆଉ ତାଙ୍କଠାରେ ନାହିଁ । ଏମିତିରେ ଆପଣ ଯଦି ଆଗକୁ ବଢ଼ିବାକୁ ଚାହୁଁଥାନ୍ତି ତେବେ ଡରିକି ପାଦକୁ ପଛକୁ ନ ନେଇ ପାଦ ଆଗକୁ ବଢ଼ାନ୍ତୁ । ଏହାଦ୍ୱାରା ଆପଣଙ୍କୁ କିଛି ବୋଝ ପରି ଲାଗିବ ନାହିଁ । କେବଳ ବାହାରେ ଚାକିରି ନ କରି ଘରେ ଟ୍ୟୁଶନ୍, କୁକିଂ କ୍ଲାସ୍, କେକ୍ ମେକିଂ, ଜୁଏଲେରି ମେକିଂ, ଫ୍ରିଲାନ୍ସ କଣ୍ଟେଣ୍ଟ ରାଇଟିଂ ଆଦି କାମ କରି ଭଲ ରୋଜଗାର କରିପାରିବେ । ଏହାବ୍ୟତୀତ ଆହୁରି ବହୁତ କିଛି ଅଛି ନିଜର ଇଣ୍ଟରେଷ୍ଟ ଏରିଆକୁ ନଜରରେ ରଖି ଆଗକୁ ବଢ଼ିପାରିବେ ।

## ଏମାନେ କ'ଣ କରନ୍ତି

### କର୍ମଜୀବୀ ହେବା ମୋତେ ନୂଆ ଆଶା ଦେଇଛି



**(ସୁପ୍ରିୟା ପଟ୍ଟନାୟକ, ଶିକ୍ଷୟିତ୍ରୀ, ନ୍ୟୁ ଟାଉନ୍, କୋଲକାତା)**

ମ୍ୟାରେଜ ପୂର୍ବରୁ ଚାକିରି କରୁଥିଲି । ହେଲେ ଘରସଂସାର କରିବା ପରେ ଯେତେବେଳେ ମା' ହେଲି ସେତେବେଳେ ବାଧହୋଇ ଚାକିରି ଛାଡ଼ିବାକୁ ପଡ଼ିଲା । ଏବେ ପିଲା ବଡ଼ ହେଲାଣି । ତେଣୁ ପୁଣି ଥରେ ମାଇଣ୍ଡ ମେକ୍‌ଅପ୍ କରି ପୁଣି ଥରେ ଚାକିରି କରିଛି । ମୋ ମତରେ ଜଣେ ଜବ୍ କରିବା ଦ୍ୱାରା ଫାଇନାନ୍ସିଆଲି ଷ୍ଟ୍ରଙ୍ଗ୍ ହେବା ସହ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ । ମୋତେ ଏବେ ବହୁତ ଭଲ ଲାଗୁଛି । କର୍ମଜୀବୀ ହେବା ଦ୍ୱାରା ତାହା ମୋତେ ଏକ ନୂଆ ଆଶା ଦେଇଛି ବୋଲି କହିବି । ବାହାରକୁ ନ ବାହାରିଲେ ବାହାର ଦୁନିଆ ସମ୍ପର୍କରେ କିଛି ଜାଣିହେବ ନାହିଁ । ଜବ୍ କରିବା ଦ୍ୱାରା ପରିବାର ଓ କର୍ମ ଦୁଇଟି ଜିନିଷକୁ ବାଲାନ୍ସ କରିବା ଦରକାର । ନିଜେ ଘରୁ ବାହାରି ଜବ୍ କରିବା ଦ୍ୱାରା କିଛି ନୂଆ ଜିନିଷ ଆପଣ ଶିଖିପାରିବେ ।

### ପରିବାରକୁ ଆର୍ଥିକ ସହାୟତା ଦେଇପାରିବେ



**ୱାଇ.ପଦ୍ମାବତୀ, ଅଧ୍ୟାପିକା, ବାଣିଜ୍ୟ ବିଭାଗ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା**

ଜଣେ ମହିଳା ନିଜେ କର୍ମଜୀବୀ ହେବା ଦ୍ୱାରା ପରିବାରକୁ ଫାଇନାନ୍ସିଆଲି ସପୋର୍ଟ କରିପାରିବେ । ଏବେ ପରିବାରରେ ଦୁଇଟି ଇନ୍‌କମ୍ ଜରୁରୀ ହୋଇଗଲାଣି । ଆଜିକାଲି ଦରଦାମ୍ ଏତେ ବଢ଼ିଗଲାଣି ଯେ ଟଙ୍କା ଖର୍ଚ୍ଚ କରିବାକୁ ଭୟ ଲାଗୁଛି । ଯଦି ପରିବାରରେ ୨ଜଣ କର୍ମଜୀବୀ ହୁଅନ୍ତି ତେବେ ଆପଣଙ୍କୁ ଏତେଟା ଭୟ ରହିବନି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୫/୨୦୨୨ Bhubaneswar, Tuesday, November 15/ 2022

# ଶରଥ କମଲ ପାଇବେ ଖେଳରତ୍ନ

ନୂଆଦିଲ୍ଲୀ, ୧୪।୧୧(ପି.ଟି)

ଭାରତର ଟେବଲ ଟେନିସ କିମ୍ବଦନ୍ତୀ ଅଚନ୍ତା ଶରଥ କମଲଙ୍କୁ ମିଳିବ ସମ୍ମାନଜନକ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର। ନଭେମ୍ବର ୩୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ତାଙ୍କୁ ପୁରସ୍କାର ପ୍ରଦାନ କରିବେ। ଶରଥ କମଲ ଏକମାତ୍ର ଆଥଲେଟ ଭାବରେ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବେଳେ ୨୫ ଜଣ ଆଥଲେଟଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଛି।




## ୨୫ କ୍ରୀଡାବିତଙ୍କୁ ଅର୍ଜୁନ

■ କିଟ୍‌କୁ ରାଷ୍ଟ୍ରୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର

ସେହିପରି ଯୁବ ପ୍ରତିଭା ଓ କ୍ରୀଡାର ବିକାଶ ପାଇଁ ଓଡ଼ିଶାର କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ (କିଟ୍)କୁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ(ସିଏସ୍ଆର) ଓ କ୍ରୀଡା ବିକାଶ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ୧୯୯୨ରେ ପ୍ରତିଷ୍ଠା କରାଯାଇଥିବା ଅନୁଷ୍ଠାନରେ ୩୦ ହଜାରରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ପାଠପଢା ସହିତ ବିଭିନ୍ନ କ୍ରୀଡା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଅର୍ଜୁନ ପୁରସ୍କାର ପାଇଥିବା ୨୫ ଆଥଲେଟଙ୍କ ମଧ୍ୟରେ ସଟଲର ଲକ୍ଷ୍ୟ ସେନ୍, ଏଚ୍ ଏସ୍ ପ୍ରଣୟ, ମହିଳା ବକ୍ସର ନିଖତ ଜରିନ୍, ଆଥଲେଟ୍ ଏଲଧୋସ ପଲ୍ ଅବିନାଶ ସାବଲେ ପ୍ରମୁଖ ରହିଛନ୍ତି। ନଭେମ୍ବର ୩୦ ତାରିଖରେ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ ଆଥଲେଟ ମାନଙ୍କୁ ସମ୍ମାନିତ କରାଯିବ। ଜୀଓନଜୋତ ସିଂ ତେଜା(ତୀରନ୍ଦାଜୀ), ମହମ୍ମଦ ଅଲୀ କମର(ବକ୍ସିଂ), ସୁମା ସିଦ୍ଧାର୍ଥ ଶିରୁର(ପାରା ଶୁଟିଂ) ଓ ସୁଜିତ୍ ମାନ(କୁସ୍ତି) ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସାଧାରଣ ବର୍ଗରେ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ସମାନ ବର୍ଗରେ ଜୀବନବ୍ୟାପୀ ସାଧନା ପାଇଁ ଦୀନେଶ ଜୱାହାର ଲାଡ(କ୍ରିକେଟ), ବିମଲ ପ୍ରଫୁଲ୍ଲ ଘୋଷ (ଫୁଟବଲ) ଏବଂ ରାଜ ସିଂଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଅଶ୍ୱିନୀ ଅକୁଞ୍ଜି ସି (ଆଥଲେଟିକ୍ସ), ଧରମବୀର ସିଂ(ହକି), ବି ସି ସୁରେଶ (କବାଡି) ଓ ନିର ବାହାଦୂର ଗୁରୁଙ୍ଗ (ପାରା ଆଥଲେଟିକ୍ସ)ଙ୍କୁ କ୍ରୀଡାରେ ଜୀବନବ୍ୟାପୀ ସାଧନା ପାଇଁ ଧ୍ୟାନଚାନ୍ଦ ପୁରସ୍କାର ପ୍ରଦାନ କରାଯିବ। ଟ୍ରାନଷ୍ଟାଡିଆ ଏଣ୍ଟରପ୍ରାଇଜ ପ୍ରାଇଭେଟ୍ ଲିମିଟେଡ୍‌କୁ ରାଷ୍ଟ୍ରୀ ଖେଳରତ୍ନ ପ୍ରୋତ୍ସାହନ ପୁରସ୍କାର ୨୦୨୨ ପ୍ରଦାନ କରାଯିବ। କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ (କିଟ୍) ଓ ଲଦାଖ ସ୍କି ଆଣ୍ଡ ସ୍ନୋ ବୋର୍ଡ ଆସୋସିଏଶନକୁ ରାଷ୍ଟ୍ରୀୟ କ୍ରୀଡ଼ା ପ୍ରୋତ୍ସାହନ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ମୌଲାନା ଆବୁଲ କାଲାମ ଆଜାଦ ଟ୍ରଫି ପାଇଁ ଅମ୍ରିତସରର ଗୁରୁ ନାନକ ଦେବ ବିଶ୍ୱ ବିଦ୍ୟାଳୟକୁ ମନୋନୀତ କରାଯାଇଛି।

ଅର୍ଜୁନ ପୁରସ୍କାର ସମ୍ପୂର୍ଣ୍ଣ ତାଲିକା: ସୀମା ପୁନିଆ (ଆଥଲେଟିକ୍ସ), ଏଲଧୋସ ପଲ୍ (ଆଥଲେଟିକ୍ସ), ଅବିନାଶ ମୁକୁନ୍ଦ ସାବଲେ (ଆଥଲେଟିକ୍ସ), ଲକ୍ଷ୍ୟ ସେନ୍ (ବ୍ୟାଡମିଣ୍ଟନ), ଏଚ୍ ଏସ୍ ପ୍ରଣୟ (ବ୍ୟାଡମିଣ୍ଟନ), ଅମିତ (ବକ୍ସିଂ), ନିଖତ ଜରିନ୍ (ବକ୍ସିଂ), ଭକ୍ତି ପ୍ରଦୀପ କୁଲକର୍ଣ୍ଣୀ (ଚେସ୍), ଆର. ପ୍ରଜ୍ଞାନନ୍ଦ (ଚେସ୍), ଦୀପଗ୍ରେସ୍ ଏକ୍କା (ହକି), ସୁଶୀଳା ଦେବୀ (ଜୁଡୋ), ସାକ୍ଷୀ କୁମାରୀ (କବାଡି), ନୟନ ମୋନି ସାଇକିଆ (ଲନ୍ ବୋଲ୍), ସାଗର କୈଳାଶ ଓଭାଲକର (ମଲ୍ଲଖମ୍ବ), ଏଲାଭେନିଲ ଭାଲାରିଭାନ୍ (ଶୁଟିଂ), ଓମ୍ ପ୍ରକାଶ ମିଥାର୍ଭାଲ (ଶୁଟିଂ), ଶ୍ରୀଜା ଆକୁଳା (ଟିଟି), ବିକାଶ ଠାକୁର (ଭାରୋତ୍ତୋଳନ), ଅଂଶୁ (କୁସ୍ତି), ସରିତା (କୁସ୍ତି), ପ୍ରବୀଣ (ଉଷ୍ଣୁ), ମାନସୀ ଗିରିଶଚନ୍ଦ୍ର ଯୋଶୀ (ପାରା ବ୍ୟାଡମିଣ୍ଟନ), ତରୁଣ ଧିଲୋନ୍ (ପାରା ବ୍ୟାଡମିଣ୍ଟନ), ସ୍ୱପ୍ନିଲ ସଞ୍ଜୟ ପାଟିଲ ((ପାରା ସନ୍ତରଣ), ସୁଜିତ୍ ମାନ୍ (କୁସ୍ତି)।

# ଦୀପ୍‌ଗ୍ରେସ୍‌ଙ୍କୁ ଅର୍ଜୁନ ପୁରସ୍କାର

ଭୁବନେଶ୍ୱର, ୧୪।୧୧
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ମହିଳା ହକି ତାରକା ଦୀପ୍‌ଗ୍ରେସ୍ ଏକ୍କା ଅର୍ଜୁନ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ସମ୍ପ୍ରତି ଭାରତୀୟ ଦଳର ଉପଅଧିନାୟିକା ଦାୟିତ୍ୱ ତୁଲାଉଥିବା ଦୀପ୍‌ଗ୍ରେସ୍ ଓଡ଼ିଶାର ଦ୍ୱାଦଶ ଖେଳାଳି ଭାବେ ଏହି ସମ୍ମାନଜନକ ପୁରସ୍କାର ପାଇବେ। ଚଳିତ ମାସ ୩୦ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପ୍ରତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ।

ସୁନ୍ଦରଗଡ଼ ଜିଲା ଲୁଲକିଡିହିରେ ୧୯୯୪ ଜୁନ୍ ୩ରେ ଜନ୍ମିତା ଦୀପ୍‌ଗ୍ରେସ୍ ୨୦୧୧ରୁ ଏପର୍ଯ୍ୟନ୍ତ ଭାରତ ପକ୍ଷରୁ ୨୪୦ରୁ ଊର୍ଦ୍ଧ୍ୱ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିସାରିଛନ୍ତି। ସେ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ଏବଂ ୨୦୧୪ ଇଞ୍ଚିଅନରେ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳର ସଦସ୍ୟା ଥିଲେ। ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତ ପକ୍ଷରୁ ମଧ୍ୟ ସେ ଖେଳିଥିଲେ। ଏହା ବ୍ୟତୀତ ୨୦୧୭ (ଗିଫୁ) ଏସିଆ କପ୍‌ରେ ସ୍ୱର୍ଣ୍ଣ ଏବଂ ୨୦୧୩ (କୁଆଲାଲମ୍ପୁର) ଓ ୨୦୨୨ (ମସ୍କଟ)ରେ ବ୍ରୋଞ୍ଜ ପଦକ ବିଜୟିନୀ ହେବାର ସୌଭାଗ୍ୟ ମଧ୍ୟ ସେ ପାଇଥିଲେ। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସେ ୨୦୧୬ (ସିଙ୍ଗାପୁର)ରେ ସ୍ୱର୍ଣ୍ଣ, ୨୦୧୩ (କାକାମିଗାହାରା) ଓ ୨୦୧୮ (ଡୋଙ୍ଘାଇ)ରେ ରୌପ୍ୟ ଏବଂ ୨୦୧୩ ମନଚେନ୍‌ଗ୍ଲାଡବ୍ୟାକ୍ ଜୁନିୟର ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ।

ପୂର୍ବରୁ ପ୍ରମୋଦଙ୍କ ସମେତ ଓଡ଼ିଶାର ୧୧ ଜଣ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇଥିଲେ। ୧୯୮୦ରେ ସାଇକ୍ଲିଷ୍ଟ ମିନତି ମହାପାତ୍ର ପ୍ରଥମ ଓଡ଼ିଆ ଭାବେ ପାଇଥିଲେ ଅର୍ଜୁନ ସମ୍ମାନ। ପରେ ୧୯୮୨ରେ ଭାରୋତ୍ତୋଳକ ବିଜୟ କୁମାର ଶତପଥୀ, ୧୯୯୮ରେ ଆଥ୍‌ଲେଟ ରଚିତା ମିସ୍ତ୍ରି (ପଣ୍ଡା), ୨୦୦୨ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ, ୨୦୦୭ରେ ପୂର୍ବତନ ଭାରତୀୟ ମହିଳା ହକି ଅଧିନାୟିକା ଜ୍ୟୋତି ସୁନୀତା କୁଲୁ, ୨୦୦୯ରେ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଇଗ୍ନେଶ ତିର୍କୀ, ୨୦୧୦ରେ ଭାରୋତ୍ତୋଳକ କେ. ରବିକୁମାର ଏବଂ ୨୦୧୯ରେ ଓଡ଼ିଶାର ପ୍ରଥମ ପାରା ଆଥ୍‌ଲେଟ ଭାବେ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଥିଲେ। ୨୦୨୦ରେ ଅର୍ଜୁନ ପୁରସ୍କାରରେ ପୁରସ୍କୃତ ହୋଇଥିଲେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ସେହିପରି ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ଅର୍ଜୁନ ପୁରସ୍କାର ପାଇଁ ଯୋଗ୍ୟ ହୋଇଥିଲେ। ତେଣୁ ଓଡ଼ିଶାର ଦ୍ୱାଦଶ ଖେଳାଳି ହିସାବରେ ଦୀପ୍‌ଗ୍ରେସ୍ ଅର୍ଜୁନ ପୁରସ୍କାର ପାଇବାକୁ ଯାଉଛନ୍ତି।



ଦୀପ୍‌ଗ୍ରେସ୍ ଏକ୍କା

### ଓଡ଼ିଶାର ଦ୍ୱାଦଶ ଅର୍ଜୁନ

- ୧୯୮୦: ସାଇକ୍ଲିଷ୍ଟ ମିନତି ମହାପାତ୍ର
- ୧୯୮୨: ଭାରୋତ୍ତୋଳକ ବିଜୟ କୁମାର ଶତପଥୀ
- ୧୯୯୮: ଆଥ୍‌ଲେଟ୍ ରଚିତା ମିସ୍ତ୍ରି (ପଣ୍ଡା)
- ୨୦୦୨: ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ
- ୨୦୦୭: ପୂର୍ବତନ ଭାରତୀୟ ମହିଳା ହକି ଅଧିନାୟିକା ଜ୍ୟୋତି ସୁନୀତା କୁଲୁ
- ୨୦୦୯: ପୂର୍ବତନ ଭାରତୀୟ ହକି ଅଧିନାୟକ ଇଗ୍ନେଶ ତିର୍କୀ
- ୨୦୧୦: ଭାରୋତ୍ତୋଳକ କେ. ରବିକୁମାର
- ୨୦୧୯: ଓଡ଼ିଶାର ପ୍ରଥମ ପାରା ଆଥଲେଟ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ପ୍ରମୋଦ ଭଗତ
- ୨୦୨୦: ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ
- ୨୦୨୧: ହକି ତାରକା ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ
- ୨୦୨୨: ହକି ଖେଳାଳି ଦୀପ୍‌ଗ୍ରେସ୍ ଏକ୍କା

## ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ

ଭୁବନେଶ୍ୱର, ୧୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଆସାମର ଗୁଆହାଟୀଠାରେ ଚାଲିଥିବା ୩୭ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ରେ ସୋମବାର ଓଡ଼ିଶା ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛି। ତେଜସ୍ୱିନୀ ଧଳ ୩୩.୬୦ ମିଟର ଥ୍ରୋ କରି କିଡ୍ସ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଜାତୀୟ ପ୍ରତିଯୋଗିତାରେ ନୂତନ ଭାବେ ଏହି ଇଭେଣ୍ଟକୁ ସାମିଲ କରାଯାଇଛି। ଗୁଜରାଟର ଆପିକ୍ଷା କୁମାରା ଗାମିଟ୍ (୩୩.୨୩ ମିଟର) ରୌପ୍ୟ ଏବଂ ପଞ୍ଜାବର ମନପ୍ରୀତ୍ କୌର (୩୩.୧୫ ମିଟର) ବ୍ରୋଞ୍ଜ ପାଇଛନ୍ତି। ଭୀମ ସର୍ଦ୍ଦାର, ଅଭିଷେକ ଦଳବେହେରା, ଲାଲୁ ପ୍ରସାଦ ଭୋଇ ଓ ଆର୍ଯ୍ୟନ୍ ଏକ୍କାଙ୍କୁ ନେଇ ଓଡ଼ିଶାର ୨୦ ବର୍ଷରୁ କମ୍ ବାଳକ ଦଳ ୪x-୧୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ପାଇଁ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲା। ଦଳ ମାତ୍ର ୦୩ ସେକେଣ୍ଡ ପାଇଁ ମିଟ୍ ରେକର୍ଡ ହାସଲରୁ ବଞ୍ଚିତ ହୋଇଥିଲା। ଓଡ଼ିଶା ଟିମ୍ ୩୧.୩୧ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲା। ମିଟ୍ ରେକର୍ଡ କେରଳ ଟିମ୍ (୪୧.୨୮ ସେକେଣ୍ଡ) ନାମରେ ରହିଛି। ଏହି ଇଭେଣ୍ଟରେ କେରଳ ଟିମ୍ ରୌପ୍ୟ ଜିତିଥିବା ବେଳେ ତାମିଲନାଡୁ ବ୍ରୋଞ୍ଜ ପାଇଛି। ମେରୀ ମୁକ୍ତା ସୋରେଙ୍ଗ୍ ଓଡ଼ିଶା ଖାତାରେ ଆଉ ଏକ ରୌପ୍ୟ ଯୋଡ଼ିଛନ୍ତି। ସେ ୧୨.୩୭ ମିଟର ପ୍ରଦର୍ଶନ ସହ ଜାଇଲ୍ସ-୨୦ ଟ୍ରିପଲ ଜମ୍ପ ଇଭେଣ୍ଟରେ ଏହି ପଦକ ହାସଲ କରିଛନ୍ତି। ମହାରାଷ୍ଟ୍ରର ପୂର୍ବ ହିତେଶ ସାମନ୍ତ (୧୨.୯୮ ମିଟର) ସ୍ୱର୍ଣ୍ଣ ଜିତିଥିବା ବେଳେ ମଧ୍ୟପ୍ରଦେଶର ନିମିଶ ଦାମ୍ୟା (୧୨.୩୪ ମିଟର) ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସୋମବାର ଚାମ୍ପିୟନଶିପ୍‌ର ୪ର୍ଥ ଦିବସ ସୁଦ୍ଧା ଓଡ଼ିଶା ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ ଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ (ଓଏଏ)ର ସଦସ୍ୟଗଣ ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ତେଜସ୍ୱିନୀ ଧଳ


ମେରୀ ମୁକ୍ତା ସୋରେଙ୍ଗ୍


୪x୧୦୦ ମିଟର ରିଲେ ରେସ୍ ବିଜୟୀ ଓଡ଼ିଶା ଦଳ।

# ମେରୀକମ୍, ସିନ୍ଧୁ, ମୀରାବାଈ, କେଶବନ ନିର୍ବାଚିତ

ନୂଆଦିଲ୍ଲୀ, ୧୪।୧୧ (ପି.ଟି.): ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଆଥଲେଟ୍ସ କମିଶନକୁ ଦେଶର ୧୦ ଜଣ ବିଶିଷ୍ଟ କ୍ରୀଡ଼ାବିତ୍ ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ୫ ଥର ବିଶ୍ୱ ଚାମ୍ପିୟନ ବକ୍ସର ଏମ୍.ସି. ମେରୀକମ୍, ଡବଲ ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ, ୱିଣ୍ଟର ଅଲିମ୍ପିଆନ ଶିବ କେଶବନ ଓ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜୟୀ ମୀରବାଈ ଚାନୁ ଅନ୍ୟତମ। ଏଥିରେ ସ୍ଥାନ ପାଇଥିବା ଅନ୍ୟ ୬ ସଦସ୍ୟ ହେଲେ ୨୦୧୨ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଗଗନ ନାରଙ୍ଗ, ଭେଟରାନ ଟେବୁଲ ଟେନିସ ଖେଳାଳି ଅଚନ୍ତା ଶରଥ କମଲ, ହକି ଖେଳାଳି ରାଣୀ ରାମପଲ, ଫେନ୍‌ସର ଭବାନୀ ଦେବୀ, ରୋୟର ବଜରଙ୍ଗ ଲାଲ୍ ଏବଂ ପୂର୍ବତନ ଶଟ୍‌ପୁଟର ଓପି କରହାନା। ଏହି ସମସ୍ତ ୧୦ଜଣଙ୍କ ମଧ୍ୟରୁ ୫ଜଣ ସଦସ୍ୟା ହେଉଛନ୍ତି ମହିଳା ଓ ଅଲିମ୍ପିଆନ। କେବଳ କେଶବନ ହେଉଛନ୍ତି ୱିଣ୍ଟର ଅଲିମ୍ପିଆନ୍। ଆଥଲେଟ୍ସ କମିଶନରେ ସମସ୍ତ ୧୦ଟି ଆସନ ପାଇଁ ସମାନ ସଂଖ୍ୟକ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ରିଟର୍ନିଂ ଅଫିସର ଉମେଶ ସିହ୍ନା ସମସ୍ତଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା କରିଥିଲେ।

# ମର୍ସିଡିଜ୍ ସହ ପ୍ରଥମ ଫର୍ମୁଲା ୱାନ୍ ରେସ୍ ଜିତିଲେ ରସେଲ

ସାଓ ପାଓଲୋ, ୧୪।୧୧(ଏପି)

ବ୍ରାଜିଲିଆନ ଗ୍ରାଁ ପ୍ରିରେ ଜର୍ଜ ରସେଲ ମର୍ସିଡିଜ୍ ଟିମ୍ ସହ ପ୍ରଥମ ଫର୍ମୁଲା ୱାନ୍ ରେସ୍ ଜିତିଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଟିମ୍‌ମେଟ୍ ଲୁଇସ୍ ହାମିଲଟନ୍‌ଙ୍କୁ ୧.୫ ସେକେଣ୍ଡ ପଛରେ ପକାଇ ଦେଇଥିଲେ। ଏହି ସିଜନରେ ହାମିଲଟନ୍‌ଙ୍କ ନୈରାଶ୍ୟଜନ ପ୍ରଦର୍ଶନ ପରେ ମର୍ସିଡିଜ୍‌ର ମଧ୍ୟ ଏହା ପ୍ରଥମ ଗ୍ରାଁ ପ୍ରି ବିଜୟ। ଫେରାରିର କାର୍ଲୋସ ସେଞ୍ଜ୍ ଜୁନିୟର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଓ ପାଓଲୋଠାରେ ୨୪ ବର୍ଷୀୟ ରସେଲ ରେସ୍ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିଲେ। ରବିବାର ବିଜୟ ପୂର୍ବରୁ ଏହା ଥିଲା ତାଙ୍କର ୭ମ ପୋଡିୟମ ଫିନିଶ। ଏହା ତାଙ୍କର ଆରମ୍ଭ ମାତ୍ର ବୋଲି ସେ କହିଛନ୍ତି। ୭ମ ଲାପ୍‌ରେ ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ହାମିଲଟନଙ୍କ କାର୍ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କ ସଂସ୍ପର୍ଶରେ ଆସିବାରୁ ୮ମ ସ୍ଥାନକୁ ଖସିଆସିଥିଲେ। କିନ୍ତୁ ଡଚ୍ ଡ୍ରାଇଭର ଭର୍ଷ୍ଟାପେନ୍‌ଙ୍କୁ ଏଥିପାଇଁ ୫ ସେକେଣ୍ଡ ପେନାଲ୍ଟି ହୋଇଥିଲା, ଯାହାଫଳରେ ସେ ରେସ୍‌ରେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।



ଜର୍ଜ ରସେଲ



## ଫିଫା ବିଶ୍ୱକପ୍



# ଡୋପିଙ୍ଗ୍ ପାଇଁ ମୋୱାଲାଦ୍ ବାଦ୍

କାତାର ବିଶ୍ୱକପ୍ ପାଇଁ ୨୬ ଜଣିଆ ସୌଦି ଆରବ ଫୁଟ୍‌ବଲ ଦଳ ଘୋଷଣାର ୪୮ ଘଣ୍ଟା ନ ପୂରୁଣୁ ଡୋପିଙ୍ଗ୍ ମାମଲା ଯୋଗୁ ୱିଙ୍ଗର ଫହାଦ୍ ଅଲ୍-ମୋୱାଲାଦ୍ ବାଦ୍ ପଡ଼ିଛନ୍ତି। ସତର୍କତାମୂଳକ ପଦକ୍ଷେପସ୍ୱରୂପ ମୋୱାଲାଦ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଥିବା କୋଚ୍ ହର୍ଭେ ରେନାର୍ଡ ତାଙ୍କ ଟୁଇଟର ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଗତ ଫେବୃୟାରୀରେ ଡୋପିଙ୍ଗ୍ ପଦାର୍ଥ ଫୁରୋସେମାଇଡ୍ ପାଇଁ ଏହି ଖେଳାଳିଙ୍କୁ ମେ'ରେ ୧୮ ମାସ ପାଇଁ ସସ୍‌ପେଣ୍ଡ କରାଯାଇଥିଲା। ସୌଦି ମିଡିଆ ରିପୋର୍ଟ ପକ୍ଷରୁ କୁହାଯାଇଛି, ୨୮ ବର୍ଷୀୟ ମୋୱାଲାଦ୍ ଯେପରି କାତାରରେ ଖେଳିବା ପାଇଁ ମନୋନୀତ ହେବେ ସେଥିପାଇଁ ତାଙ୍କ ବାସନ୍ଦ ଦଣ୍ଡକୁ ହ୍ରାସ କରାଯାଇଥିଲା। ସେ ଦ୍ୱିତୀୟଥର ବିଶ୍ୱକପ୍ ଖେଳିବାକୁ ଯାଉଥିଲେ। ମାତ୍ର ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି(ୱାଡା) ସୌଦି ଆରବ ଦଳ ମନୋନୟନ ପୂର୍ବରୁ ଏହି ମାମଲାରେ ହସ୍ତକ୍ଷେପ କରିଥିଲା। ମୋୱାଲାଦ୍‌ଙ୍କୁ ଦୀର୍ଘ ସମୟ ଅଯୋଗ୍ୟ ଘୋଷଣା କରିବା ଲାଗି କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଅପିଲ କରିଛି। କାତାର ଫୁଟ୍‌ବଲ ବିଶ୍ୱକପ୍ ଗ୍ରୁପ୍-'ସି'ରେ ସୌଦି ଆରବ ଏହାର ପ୍ରଥମ ମ୍ୟାଚ୍ ଟୁର୍ନାମେଣ୍ଟର ଅନ୍ୟତମ ଫେଭରାଇଟ୍ ଆର୍ଜେଣ୍ଟିନାକୁ ଭେଟିବ। ଏହାର ଅଳ୍ପ ଦିନ ପୂର୍ବରୁ ମୋୱାଲାଦ୍ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ସୌଦି ଆରବ ପରେ ନଭେମ୍ବର ୨୬ରେ ପୋଲାଣ୍ଡ ଓ ୩୦ରେ ମେକ୍ସିକୋ ସହ ମୁକାବିଲା କରିବ। ରେନାର୍ଡ ବର୍ତ୍ତମାନ ଅଲ୍-ଶାବାବରେ ମୋୱାଲାଦଙ୍କ ଜଣେ କ୍ଲବ ଟିମ୍‌ମେଟ୍ ନାୱାଫ୍ ଅଲ୍ ଆବିଦ୍‌ଙ୍କୁ ସୌଦି ଆରବ ଫୁଟ୍‌ବଲ ଦଳରେ ସାମିଲ କରିଛନ୍ତି। ମୋୱାଲାଦ ଦଶନ୍ଧି ଧରି ଅଲ୍ ଇତିହାଦ୍ ଦଳରେ ଖେଳିବା ପରେ ଏହି ସିଜନରେ ଅଲ୍ ଶାବାବ୍ ଦଳରେ ଯୋଗଦେଇଛନ୍ତି। ୨୦୧୮ ବିଶ୍ୱକପ୍ ପରେ କିଛିଦିନ ସେ ଲୋନ୍‌ଭିତ୍ତିରେ ସ୍ପେନ୍‌ର ଲେଭାଣ୍ଟି ଦଳରେ ଖେଳିଥିଲେ। ଗତ ବିଶ୍ୱକପ୍‌ରେ ମୋୱାଲାଦ ଗ୍ରୁପ୍ ପର୍ଯ୍ୟାୟର ସମସ୍ତ ତିନୋଟି ମ୍ୟାଚ୍ ଖେଳିଥିଲେ। ଇଜିପ୍ଟକୁ ପରାସ୍ତ କରିବା ପୂର୍ବରୁ ରୁଷିଆ ଓ ଉରୁଗୁଏଠାରୁ ହାରିଯାଇଥିଲା ସୌଦି ଆରବ।


ଫହାଦ୍ ଅଲ୍-ମୋୱାଲାଦ୍




# ଶ୍ରଦ୍ଧା ବାଳିକା, ଓପନରେ ଶ୍ରୀହାନ୍ ଚାମ୍ପିୟନ

ଭୁବନେଶ୍ୱର, ୧୪।୧୧
(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ପଟିଆସ୍ଥିତ ଆର୍‌ଏମ୍‌ଡି ଡିଗ୍ରୀ କଲେଜ ପରିସରରେ ଓଡ଼ିଶା ରାଜ୍ୟ (୧୩ ବର୍ଷରୁ କମ୍) ଓପନ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ୨୦୨୨ ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗରେ ୩ୟ ସିଡ୍ କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଦ୍ୱିତୀୟ ସିଡ୍ ଆରୁଷି ଶ୍ରୀଚନ୍ଦନଙ୍କ ସହ ଡ୍ର ରଖି ଚାମ୍ପିୟନଶିପ୍ ଟ୍ରଫି ହାସଲ କରିଛନ୍ତି। ସେ ୫ ବିଜୟ ଓ ଗୋଟିଏ ଡ୍ର ସହ ମୋଟ ୬ ପଏଣ୍ଟରୁ ୫.୫ ପଏଣ୍ଟ ଅର୍ଜନ କରିଛନ୍ତି। ଖୋର୍ଦ୍ଧାର ଆରୁଷି ଶ୍ରୀଚନ୍ଦନ ରନର-ଅପ୍ ହୋଇଛନ୍ତି। ଓପନ ବିଭାଗରେ ସମସ୍ତ ଟପ୍ ଖେଳାଳିଙ୍କୁ ସଂଘର୍ଷ କରିବାକୁ ହୋଇଥିଲା। ଟପ୍ ସିଡ୍ ଗଞ୍ଜାମର ଶ୍ରୀହାନ୍ ସାବତ ଚତୁର୍ଥ ସିଡ୍ ତଥା କଟକର ପ୍ରତୀକ କୁଶାଲଙ୍କୁ ପରାସ୍ତ କରି ଚାମ୍ପିୟନଶିପ୍ ଟ୍ରଫି ହାସଲ କରିଛନ୍ତି। ସାଇ ଶକ୍ତି ପଣ୍ଡା ୬ଷ୍ଠ ସିଡ୍ ତଥା କଟକର ପ୍ରତ୍ୟୁଷ ନାୟକଙ୍କୁ ପରାସ୍ତ କରି ରନର-ଅପ୍ ହୋଇଛନ୍ତି। ଏଥିରୁ ଉଭୟ କାଟେଗୋରି (ଓପନ୍ ଓ ବାଳିକା)ରୁ ୨ ଜଣ ଲେଖାଏ ଶୀର୍ଷ ଖେଳାଳି ଆଗାମି ୧୩ବର୍ଷରୁ କମ୍ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେବେ। ଏହା ଡିସେମ୍ବର ୧୦ରୁ ୧୮ପର୍ଯ୍ୟନ୍ତ ପୁଡୁଚେରୀରେ ହେବ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଷ୍ଟକୋଷ୍ଟ ରେଲୱେର ଫାଇନାନ୍‌ସିଆଲ ଆଡଭାଇଜର ଓ ଚିଫ୍ ଆକାଉଣ୍ଟ୍ସ ଅଫିସର ହର ପ୍ରସାଦ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜା ମଧୁସୂଦନ କଲେଜର ପ୍ରିନ୍ସିପାଲ ପ୍ରଶାନ୍ତ ରାଉତ, ମାଷ୍ଟର ଚେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ସୁଭାଶିଷ ପଟ୍ଟନାୟକ, କୋଷାଧକ୍ଷ ପ୍ରଦୀପ ବେହେରା ଚିଫ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୧୧।୨୦୨୨

| ୪,୯୨,୬୪୨ ଟଙ୍କା | |
|---|---|
| ସୁନା | ମିଳି ନାହିଁ |
| ରୁପା | ୪୮.୫୦୦ ଗ୍ରାମ |

### ଉତ୍କଳ ବାଳାଶ୍ରମରେ ହେବ ନୂତନ ହଷ୍ଟେଲ

ପୁରୀ ଅଫିସ, ୧୪।୧୧ : ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ ନରେନ୍ଦ୍ର କୋଣରେ ଥିବା ଉତ୍କଳ ବାଳାଶ୍ରମରେ ନୂତନ ହଷ୍ଟେଲ ନିର୍ମାଣ କରାଯିବ। ଏ ନେଇ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଜିଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରା ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ହଷ୍ଟେଲ ଜି+୩ ବିଶିଷ୍ଟ ନିର୍ମାଣ ହେବ। ଏଠାରେ ୬୦ ଜଣ ଛାତ୍ରୀଛାତ୍ର ରହିପାରିବେ। ଅପରପକ୍ଷରେ ଶିଶୁ ଦିବସରେ ବାଳାଶ୍ରମର ପିଲାମାନେ ବସ୍ ଯୋଗେ ରାମଚଣ୍ଡୀ, ଚନ୍ଦ୍ରଭାଗା ଓ କୋଣାର୍କ ବୁଲିବାକୁ ଯାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

### ବନାଖଣ୍ଡି ପଞ୍ଚାୟତର ନୂତନ ଷ୍ଟାଣ୍ଡିଂ କମିଟି ଗଠିତ

କୋଣାର୍କ,୧୪।୧୧(ଡି.ଏନ୍.ଏ.): ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ତଥା ରକ୍ଷଣାବେକ୍ଷଣ ନିମନ୍ତେ ଗ୍ରାମ ପଞ୍ଚାୟତକୁ ଦାୟିତ୍ୱ ଦେଇଛନ୍ତି। ଗତ ସପ୍ତାହରେ ଗୋପ ବ୍ଲକ ଅନ୍ତର୍ଗତ ପ୍ରାଥମିକ ବିଦ୍ୟାଳୟଗୁଡିକର ପରିସରକୁ ପ୍ରଧାନ ଶିକ୍ଷକମାନେ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶରେ ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶିଲ ବ୍ରହ୍ମା କହିଛନ୍ତି। କୋଣାର୍କ ନିକଟ ବନାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତର ନୂତନ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି। ବନାଖଣ୍ଡି ସରପଞ୍ଚ ପ୍ରଜ୍ଞାପରମିତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅତିଥି ରୂପେ ବିଇଓ ବ୍ରହ୍ମା ଯୋଗଦେଇ ବିଦ୍ୟାଳୟର ବିକାଶରେ ପଞ୍ଚାୟତସ୍ତରୀୟ ଶିକ୍ଷା କମିଟିର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମିତିସଭ୍ୟା ଭାରତୀ ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନଦୀପ ଶତପଥୀ, ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ ଓ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଆଲୋଚନାରେ ଭାଗ ନେଇଥିଲେ। ପର୍ଯ୍ୟାୟକ୍ରମେ ସମସ୍ତ ବିଦ୍ୟାଳୟର ଶ୍ରେଣୀଗୃହ ଓ ରାସ୍ତାଘାଟର ମରାମତି, ପାଚେରି ନିର୍ମାଣ, ବିଦ୍ୟୁତ୍ ଆଲୋକ, ଟଏଲେଟ୍ ଓ ପାନୀୟ ଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ ବୋଲି ସରପଞ୍ଚ ନାୟକ କହିଛନ୍ତି।

# ଲକ୍ଷେ ଦୀପରେ ଝଲସିବ ବଡ଼ଦାଣ୍ଡ

ଭୁବନେଶ୍ୱର, ୧୪।୧୧ (ବ୍ୟୁରୋ)

## ୨୩ ତାରିଖ ସକାଳେ ଅଗ୍ନିହୋତ୍ରୀ ଯଜ୍ଞ, ସନ୍ଧ୍ୟାରେ ଦୀପାଞ୍ଜଳି

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଗତବର୍ଷ ସିଂହଦ୍ୱାରଠାରୁ ଶରଧାବାଲି ଯାଏ, ନୃସିଂହ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ବିଶ୍ୱବାସୀଙ୍କ ମଙ୍ଗଳ କାମନା ପାଇଁ ୧ଲକ୍ଷ ଦୀପ ଜଳାଯାଇଥିଲା। ଚଳିତ ବର୍ଷ ମଧ୍ୟ ମହାମାରୀମୁକ୍ତ ବିଶ୍ୱ ଏବଂ ଜଗତ୍‌କଲ୍ୟାଣ ପାଇଁ ବଡ଼ଦାଣ୍ଡରେ ଦେବ ଦୀପାବଳୀ ସନ୍ଧ୍ୟାରେ ପୁନର୍ବାର ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନଭେମ୍ବର ୨୩ ବୁଧବାର ସନ୍ଧ୍ୟା ୫ଟାରୁ ୭ଟା ମଧ୍ୟରେ ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀପ ଲଗାଯିବ। ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର, ଭୁବନେଶ୍ୱର, ଛତିଶା ନିଯୋଗ ଓ ପୁରୀର ସ୍ୱେଚ୍ଛାସେବୀ ସଂଗଠନ ସମୂହ ତଥା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ଭବନଠାରେ ଆୟୋଜିତ ସମ୍ମିଳନୀରେ ଦୀପଦାନ କାର୍ଯ୍ୟକ୍ରମର ଅଧ୍ୟକ୍ଷ ତଥା ସ୍ନାୟୁରୋଗ ବିଶେଷଜ୍ଞ ଡା. ଅଶୋକ କୁମାର ମହାପାତ୍ର, ଉପାଧ୍ୟକ୍ଷ ଶଙ୍କର ପରିଡ଼ା ଏବଂ ଦୀପଦାନ କମିଟିର ବରିଷ୍ଠ ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏହି ସୂଚନା ଦେଇଛନ୍ତି। ଛତିଶା ନିଯୋଗର ସେବାୟତମାନଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର ଭିତରୁ ଦୀପ ଆସି ବଡ଼ଦାଣ୍ଡରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦୀପଦାନ କାର୍ଯ୍ୟକ୍ରମ ପାଇଁ ୫୦ଟିଣ ଘିଅ ଓ ୧୦୦ ଟିଣ ତେଲ ବ୍ୟବହାର କରାଯିବ। ବିଭିନ୍ନ ମହାମାରୀରୁ ମାନବଜାତିକୁ ରକ୍ଷାକରିବା ପାଇଁ ୨୩ ତାରିଖ ପୂର୍ବାହ୍ନ ୧୦ଟାରେ ପୁରୀ ବଡ଼ଦାଣ୍ଡସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟ ରାଣୀସତୀ ମଣ୍ଡପଠାରେ ଶ୍ରୀଅଚ୍ୟୁତାୟ ନମଃ, ଶ୍ରୀଅନନ୍ତାୟ ନମଃ ଏବଂ ଶ୍ରୀଗୋବିନ୍ଦାୟ ନମଃ ମନ୍ତ୍ର ୧୦୮ ଥର ଜପ କରିବା ସହିତ ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ। ଏଥିସହ ଉକ୍ତ ଦିନ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରରେ ଦୀପଦାନ କରିବାକୁ କାର୍ଯ୍ୟକ୍ରମ ସଭାପତି ରମେଶ କୁମାର କେଜିରୱାଲ୍, ବରିଷ୍ଠ ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସମ୍ମିଳନୀରେ ଜଗନ୍ନାଥ ସଂସ୍କୃତି ଗବେଷକ ହରିହର କାନୁନ୍‌ଗୋ, ବିଶିଷ୍ଟ ସାମାଜିକକର୍ମୀ ସୁଦର୍ଶନ ପ୍ରଧାନ, ସେଣ୍ଟର ପରିଚାଳନା ଟ୍ରଷ୍ଟି ତଥା ଦୀପଦାନ କମିଟିର ଆବାହକ ଭାବଗ୍ରାହୀ ଶାନ୍ତି, ସଭାପତି ରତିକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଦୀପାଞ୍ଜଳି କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବରେ ନିର୍ମିତ ମାଟି ଦୀପର ଉନ୍ମୋଚନ ଅନୁଷ୍ଠାନର ଅଧ୍ୟକ୍ଷ ମହାପାତ୍ର ଏବଂ ଅତିଥିଙ୍କ ଦ୍ୱାରା ହୋଇଯାଇଛି। ଏହି ଦୀପ ତୈଳଚିତ୍ର ଶିଳ୍ପୀ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ସୁନାରାମ ସିଂହଙ୍କ ଦ୍ୱାରା ଡିଜାଇନ୍ କରାଯାଇଛି।

## ଚାଚା ନେହେରୁଙ୍କ 'ସମୟରେଖା' ଉନ୍ମୋଚିତ




କାର୍ଯ୍ୟକ୍ରମରେ 'ସମୟରେଖା' ଉନ୍ମୋଚନ କରାଯାଉଛି।

କୋଣାର୍କ,୧୪।୧୧(ଡି.ଏନ୍.ଏ.)

କୋଣାର୍କ ଏନ୍ଏସି ତଥା ଗୋପ ବ୍ଲକର ସମସ୍ତ ବିଦ୍ୟାଳୟରେ ସୋମବାର ଶିଶୁ ଦିବସ ପାଳିତ ହୋଇଛି। କୋଣାର୍କ ଏନ୍ଏସି ୪ନଂ. ୱାର୍ଡ ଅନ୍ତର୍ଗତ କରମଙ୍ଗା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶିଲ ବ୍ରହ୍ମା ଯୋଗଦେଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସାମଗ୍ରିକ ଜୀବନଚର୍ଯ୍ୟା ଉପରେ ପର୍ଯ୍ୟବସିତ 'ସମୟରେଖା'କୁ ଉନ୍ମୋଚନ କରିଥିଲେ। ଏହାକୁ ପ୍ରସ୍ତୁତ କରିଥିବା ଶିକ୍ଷକ ବିରଞ୍ଚି ନାରାୟଣ ଶତପଥୀଙ୍କୁ ସେ ସାଧୁବାଦ ଜଣାଇଥିଲେ। ଏହି ସମୟରେଖା ବିଦ୍ୟାଳୟରେ ମୂଲ୍ୟବାନ ଶିକ୍ଷଣ ସାମଗ୍ରୀ ରୂପେ ବ୍ୟବହୃତ ହେବ ବୋଲି ବିଇଓ କହିଥିଲେ। ବିଇଓ ବ୍ରହ୍ମା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଏବଂ ପିଲାମାନେ ଏସବୁର ଉତ୍ତର ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଶିକ୍ଷକ ବିରଞ୍ଚି ପୂର୍ବରୁ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳଗୌରବ ମଧୁସୂଦନ ଦାସ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ଅବଦୁଲ କଲାମ ଆଜାଦ, ସୁଭାଷଚନ୍ଦ୍ର ବୋଷ ପ୍ରମୁଖ ମହାପୁରୁଷଙ୍କ ଜୀବନୀ ଉପରେ ସମୟରେଖା ପ୍ରସ୍ତୁତ କରି ପ୍ରଶଂସିତ ହୋଇଛନ୍ତି।

# ପିପିଡବ୍ଲ୍ୟୁଓ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ନିମାପଡ଼ା,୧୪।୧୧(ଡି.ଏନ୍.ଏ.)

ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଶିଶୁ ଦିବସ ଅବସରରେ ସୋମବାର ୬ଷ୍ଠ ପ୍ରତିଭା ଅନ୍ୱେଷଣ-୨୦୨୨ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ଟାଉନହଲ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା, ରାଷ୍ଟ୍ରୀୟ ଦିବ୍ୟାଙ୍ଗଙ୍କ ପୁନର୍ବାସ ବିଶେଷଜ୍ଞ ଆର୍.କେ. ଶର୍ମା, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ,

### ୪୮ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର

ପିପିଡବ୍ଲ୍ୟୁଓ ସଭାପତି ଗଗନବିହାରୀ ଦାସ, ଉପସଭାପତି ପଦ୍ମଚରଣ ମହାନ୍ତି ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସଫଳତା ପାଇଁ ନୃତ୍ୟରେ ସି. ମାନ୍ୟତା ପ୍ରିୟଦର୍ଶିନୀ, ଗୀତରେ ସାଇଶ୍ରୀ ଜେନା, ଚିତ୍ରାଙ୍କନରେ ଆର୍ଯ୍ୟା ମହାନ୍ତି, ଫ୍ୟାଶନ ଶୋ'ରେ ଯାଜ୍ଞସେନୀ ସାହୁ, ଇଂଲିଶ୍ ବକ୍ତୃତାରେ ଓମ୍ ସାଇନନ୍ଦ, ଓଡ଼ିଆ ବକ୍ତୃତାରେ ଆଦ୍ୟାଶା ମହାନ୍ତିଙ୍କ ସମେତ ୪୮ଜଣ କୃତୀ ପ୍ରତିଭାଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି, ପିପିଡବ୍ଲ୍ୟୁଓର କର୍ମଚାରୀ, କୁନି କଳାକାର ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠାନର ଏକ ଅଭିନବ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖରେ ଏକ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାରୁ ପ୍ରାୟ ୪ଶହ ଶିଶୁ ଅଂଶଗ୍ରହଣ କରିଥିଲେ।

## ତାଳବଣିଆ ଶିଶୁ ଉଦ୍ୟାନ ଉଦ୍‌ଘାଟିତ

ପୁରୀ ଅଫିସ, ୧୪।୧୧

ଶିଶୁ ଦିବସ ଅବସରରେ ସୋମବାର ତାଳବଣିଆ ହେଲିପ୍ୟାଡ ନିକଟରେ ଶିଶୁ ଉଦ୍ୟାନ ଉଦ୍‌ଘାଟିତ ହୋଇଛି। ପିକେଡିଏ ପକ୍ଷରୁ ପ୍ରସ୍ତୁତ ଏହି ଉଦ୍ୟାନକୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ। ଶିଶୁ ଓ କିଶୋରମାନେ ଏହି ଉଦ୍ୟାନର ସୁବିଧା ନେଇ ସୁସ୍ଥ ଓ ସତେଜ ରହିପାରିବେ ବୋଲି ଅତିଥି ଦ୍ୱୟ କହିଥିଲେ। ସରକାର ଏବଂ ପ୍ରଶାସନ ସୁବିଧା ସୃଷ୍ଟି କରୁଛନ୍ତି, ଜନସାଧାରଣ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦାୟିତ୍ୱ ନେଲେ ଏହା ଦୀର୍ଘସ୍ଥାୟୀ ହେବା ସହ ଏହି ଅଞ୍ଚଳ ପାଇଁ ସମ୍ବଳ ହୋଇପାରିବ ବୋଲି ବିଧାୟକ ଷଡ଼ଙ୍ଗୀ ମତ ଦେଇଥିଲେ। ପିକେଡିଏ ସଚିବ ଲଲାଟେନ୍ଦୁ ସାହୁ, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ହେଲିପ୍ୟାଡ ଓ ହାଇମାଷ୍ଟ ଲାଇଟ ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଣ୍ଟ୍ରାକ୍ଟର ଲୋକନାଥ ପଣ୍ଡା, ଭାଜପା ଶରଧାବାଲି ମଣ୍ଡଳ ସଭାପତି ସଞ୍ଜୀବ ମୁଖାର୍ଜୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନିତା ପଟ୍ଟନାୟକ, ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ବାଦଲ ବେହେରା, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପରିମଳ ପ୍ରତି ଯତ୍ନଶୀଳ ହେବାକୁ ଆହ୍ୱାନ

ପୁରୀ ଅଫିସ, ୧୪।୧୧

ସ୍ୱଚ୍ଛତା ରକ୍ଷା ଦ୍ୱାରା ନିଜ ବୃତ୍ତିକୁ ସୁରକ୍ଷିତ କରିପାରିବା। ବଡ଼ଦାଣ୍ଡ ସଫେଇରେ ମାସକୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ବଡ଼ଦାଣ୍ଡର ବ୍ୟବହାରିକ ପରିଚାଳନା ହେବା ଦରକାର। ଖାଦ୍ୟ ବିକାଳିମାନଙ୍କର ଏ ନେଇ ଗୁରୁଦାୟିତ୍ୱ ରହିଛି। ଖାଦ୍ୟର ମାନ ଠିକ ରଖିବା ସହ ପରିମଳ ପ୍ରତି ଯତ୍ନଶୀଳ ହେବାକୁ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସରୋଜ ସ୍ୱାଇଁ କହିଛନ୍ତି। ପୁରୀ ସେବା ସଦନଠାରେ ସର୍ବଭାରତୀୟ ରାସ୍ତାପାର୍ଶ୍ୱ ଉଠା ଦୋକାନୀ ମହାସଂଘ ପକ୍ଷରୁ ସୁରକ୍ଷିତ ଖାଦ୍ୟ ପରିବେଷଣ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୌରସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଇଁ ଯୋଗଦେଇ କହିଥିଲେ, ପୁରୀ ବଡ଼ଦାଣ୍ଡର ଉନ୍ନତି କରାଯିବ। ଯେଉଁମାନେ ଏଠାକାର ପ୍ରକୃତ ଦୋକାନୀ ସେମାନେ ଥଇଥାନ ହେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସଭାପତି ମହେଶ୍ୱର ବଳ ସଭାପତିତ୍ୱ କରିଥିଲେ। ସଶକ୍ତୀ ଜାଗରଣ ମଞ୍ଚର ଶରତ ଜୟସିଂହ, ସିଦ୍ଧ ଡେଭଲପମେଣ୍ଟ ରିସର୍ଚ୍ଚ ଆଣ୍ଡ କନସଲ୍‌ଟାନ୍ସିର ନିର୍ଦ୍ଦେଶକ ଡ. ରତ୍ନାକର ପାଣିଗ୍ରାହୀ ଏବଂ ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଉଦବୋଧନ ଦେଇ ରାସ୍ତାପାର୍ଶ୍ୱ ଖାଦ୍ୟ ବିକାଳିଙ୍କୁ ସେମାନଙ୍କ ଗୁରୁ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ପ୍ରାରମ୍ଭରେ ତାଲିମ ସଂଯୋଜକ ରାଜୀବ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ନୀଳାଚଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘର ସଭାପତି କୁମରବର ସାହୁ ଧନ୍ୟବାଦ ଦେଇଥିଲେ। ଭାସ୍କର ସାହୁ ଓ ପୂର୍ଣ୍ଣଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୬ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ।

# ମଧୁମେହ ନିରାକରଣ ନେଇ ସଚେତନତା




ଏରିସ୍ ଲାଇଫ ଇନ୍‌ସ୍ୟୁରାନ୍ସ ଲିମିଟେଡ୍ ଏବଂ ଶ୍ରୀଜଗନ୍ନାଥ ହାର୍ଟ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶୋଭାଯାତ୍ରା।

ପୁରୀ ଅଫିସ, ୧୪।୧୧

ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ସୋମବାର ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏରିସ୍ ଲାଇଫ ଇନ୍‌ସ୍ୟୁରାନ୍ସ ଲିମିଟେଡ୍ ଏବଂ ଶ୍ରୀଜଗନ୍ନାଥ ହାର୍ଟ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ତଥା ଡ. ଅଶୋକ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରା ଶ୍ରୀମନ୍ଦିର ସମ୍ମୁଖରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଶେଷ ହୋଇଥିଲା। ପରେ ସେଠାରେ ସଭା ହୋଇଥିଲା। ଡ. ଗୋପାଳ ପତି, ଡ. ଗିରିଶ ବେହେରା, ଡ. ଶାନ୍ତନୁ ଜେନା, ପୁରୀ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର ସଭାପତି ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ମଧୁମେହଜନିତ ରୋଗର ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହ ଏଥିରୁ କିପରି ରକ୍ଷା ମିଳିପାରିବ ସେ ନେଇ ବୁଝାଇଥିଲେ। ସଭାରେ ଶକ୍ତି ନାୟକ, ହରେଶ ମିଶ୍ର, ସମରେନ୍ଦୁ ମହାନ୍ତି ଏବଂ କାବା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମଧୁମେହ ରୋଗ ପୁରୀ ଜିଲାରେ କିଭଳି ନିୟନ୍ତ୍ରଣ ହେବ ସେଥିଲାଗି ଅନୁଷ୍ଠାନର ସଚେତକ ମଧୁସୂଦନ ମିଶ୍ର କାର୍ଯ୍ୟଶୈଳୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଏରିସ ଲାଇଫ ଇନ୍ସୁରାନ୍ସର ରାଜ୍ୟ ପ୍ରବନ୍ଧକ ମାନସ ନାୟକ ପରିଚାଳନା କରିଥିଲେ।

## ଗାଡ଼ି ଚୋରି, ବଟି ଆଦାୟ କରି ଜଣେ ଗିରଫ

ପୁରୀ ଅଫିସ, ୧୪।୧୧

ଗାଡ଼ି ଚୋରି କରିବା ସହ ଦାଦାବଟି ମାଗିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କାଳିଆ ପୃଷ୍ଟି ଓରଫ ମହେନ୍ଦ୍ର ସାହୁ (୨୫)। ତାଙ୍କ ନିକଟରୁ ଚୋରି ବାଇକ ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୨୫୯/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୧ ତାରିଖରେ ରେଲୱେ କଲୋନୀର ବାପୁନି ମାଝିଙ୍କ ବାଇକ୍ ଚୋରି ହୋଇଥିଲା। ଏହାପରେ ଅଭିଯୁକ୍ତ ତାଙ୍କୁ ବାଇକ ଫେରାଇବା ପାଇଁ ୫୦ହଜାର ଟଙ୍କା ବଟି ମାଗିଥିଲେ। ଏନେଇ ବାପୁନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରିଥିଲା।

## ସାମୁଦ୍ରିକ କଇଁଛ ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

କୃଷ୍ଣପ୍ରସାଦ,୧୪।୧୧(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ନୂଆପଡ଼ା ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବନରକ୍ଷୀ ସୁନୀଲ କୁମାର ଲେଙ୍କା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ସାତପଡ଼ା ରେଞ୍ଜର ଶରତ ଜାନି, ରମ୍ଭା ରେଞ୍ଜର ନୃସିଂହ ଚରଣ ବେହେରାଙ୍କ ସମେତ ୩ଟି ରେଞ୍ଜ୍‌ର ସମସ୍ତ ବନପାଳ, ବନରକ୍ଷୀ ଓ ସୁରକ୍ଷାକର୍ମୀ ଯୋଗଦେଇଥିଲେ। ସାମୁଦ୍ରିକ କଇଁଛମାନଙ୍କର ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଡା. ସତ୍ୟରଞ୍ଜନ ବେହେରା, ଡା. ଶିବପ୍ରସାଦ ପରିଡ଼ା, ସମନ୍ୱୟ ଅଧିକାରୀ ସ୍ୱାଧୀସିଂଧୁରା ବେହେରା ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚିଲିକା ନୂଆପଡ଼ା ବନପାଳ ମୀନା କୁମାରୀ ନାୟକ, ବନପାଳ ବିଶ୍ୱନାଥ ଟୁଡୁ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# ଯୁବ ସମାଜ ହାତରେ ଦେଶର ଭବିଷ୍ୟତ

ପୁରୀ ଅଫିସ,୧୪।୧୧



ନେହେରୁ ଯୁବ କେନ୍ଦ୍ର ପ୍ରତିଷ୍ଠା ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

### ନେହେରୁ ଯୁବକେନ୍ଦ୍ରର ୫୦ତମ ପ୍ରତିଷ୍ଠା ଦିବସ

ନେହେରୁ ଯୁବ କେନ୍ଦ୍ରର ୫୦ତମ ପ୍ରତିଷ୍ଠା ଦିବସ ସୋମବାର ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ସଙ୍ଗଠନର ଜିଲା ସଂଯୋଜକ ଜୟଶଙ୍କର ଯୋଶୀଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାତ ପାଣିଗ୍ରାହୀ, ଅଧ୍ୟାପକ ଅଜିତ ଦଳାଇ, ସୁକାନ୍ତ ମହାନ୍ତି, ଶିକ୍ଷାବିତ ମାନସ ରଞ୍ଜନ ମହାପାତ୍ର, ବରିଷ୍ଠ ବୁଦ୍ଧିଜୀବୀ ଶରତ ଜୟସିଂ ପ୍ରମୁଖ ଯୋଗଦେଇଥିଲେ। ସମ୍ପର୍କ ଅନୁଷ୍ଠାନର ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଓ ଅଧ୍ୟାପକ ସୁକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଯୁବ ଦୃଷ୍ଟି ୨୦୪୭ (ବେଦ - ବିଜ୍ଞାନ ସମ୍ମତ ସଶକ୍ତ ଭାରତ ଶୀର୍ଷକ) ଏକ ବିକଶିତ ରାଷ୍ଟ୍ର ଗଠନରେ ଯୁବସମାଜର ପ୍ରମୁଖ ଭୂମିକା ରହିଛି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ସମାଜ ସେବା କ୍ଷେତ୍ରରେ ଅବଦାନ ଲାଗି ବିଭିନ୍ନ ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଭବୀ କଳାକେନ୍ଦ୍ରର କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସତ୍ୟକାମ ସାହୁ, କୃଷ୍ଣଚନ୍ଦ୍ର ସାହୁ, ବାସୁଦେବ ସେନାପତି, ରାକେଶ ସେଠୀ, ଆଲୋକ ପୂଜାରୀ, ଇପସିତା ଜେନା, ସବନମ ବରାଳ, ରଶ୍ମିତା ମାଝି, ରାଜଶ୍ରୀ ସେନାପତି, ନିବେଦିତା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରତିଯୋଗିତା ଦ୍ୱାରା ପିଲାଙ୍କ ଅନ୍ତର୍ନିହିତ ଗୁଣ ପ୍ରକାଶ ପାଏ'

କଣାସ,୧୪।୧୧(ସ୍ୱ.ପ୍ର.)

ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରିୟଙ୍କା ଶ୍ରୀଚନ୍ଦନ ଯୋଗଦେଇଥିଲେ। ସଭାରେ ସିଆର୍‌ସିସି ଭୂପତି ଭୂଷଣ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରାଟ ବଳିୟାରସିଂ, ଆଲୁମିନି ପ୍ରତିନିଧି ସଂଗ୍ରାମ ପାଲଟାସିଂ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ବାଳାଶ୍ରମ ପିଲାଙ୍କ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ ଜେନା ପୁରସ୍କାର ବଣ୍ଟନ କରିଥିଲେ। ତଇଲା ଭଗବତୀପଡା ବିଦ୍ୟାଳୟରେ ଶିଶୁଦିବସ ପାଳନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ବିଦ୍ୟାଧର ନାଥ ପୁରସ୍କାର ବଣ୍ଟନ କରିଥିଲେ। ସେହିପରି ଚଉଦାମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟାଯାଇଥିଲା। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ସାହୁ, ଅଧ୍ୟାପିକା ଡ. ଦିପ୍ତିମୟୀ ରାୟ, ଡ. ଲକ୍ଷ୍ମୀପ୍ରିୟା ସାହୁ, ରଶ୍ମିତା ନାୟକ, ତୃପ୍ତି ଦଳେଇ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମାନସିଂ ଉପସ୍ଥିତ ଥିଲେ। ଅଧ୍ୟାପକ ବିଜୟ ପଣ୍ଡା ସ୍ୱାଗତ ଭାଷଣ, ଅଧ୍ୟାପକ ରବୀନ୍ଦ୍ର ସୁନ୍ଦରାୟ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୀମାରାଣୀ ସାହୁ ଧନ୍ୟବାଦ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ କଣାସ-ଚଉଦମୌଜା ବିଦ୍ୟୁତ୍ ସ୍ନାତକ ମହାବିଦ୍ୟାଳୟରେ ଶିଶୁ ଦିବସ ପାଳନ କରାଯାଇଛି। ଅଧ୍ୟାପକ ରାଜେନ୍ଦ୍ର ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନେହେରୁଙ୍କ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ସାମନ୍ତରାୟ ଯୋଗଦେଇଥିଲେ। ଅଧ୍ୟାପିକା ସ୍ୱାଗତିକା ପଣ୍ଡା, ଅଧ୍ୟାପକ ଚନ୍ଦନ ଶ୍ରୀଚନ୍ଦନ, ମିହିର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଗଡ଼ସାନପୁଟସ୍ଥିତ ଚଉଦମୌଜା ବିଦ୍ୟୁତ୍ ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବିଦ୍ୟାର୍ଥୀମାନେ।